

ସୁପ୍ରିମକୋର୍ଟ ଯିବେ ଷ୍ଟାଲିନ୍ ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 221 | ଭାଗ ୩୩ | ସଂଖ୍ୟା ୨୨୧ | Tuesday 4 November 2025 | Page 8 Rs. 5.00 | ● ଭୁବନେଶ୍ୱର ମଙ୍ଗଳବାର ୪ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଓଡ଼ିଶାକୁ ୪୪୪ କୋଟିରୁ ଉର୍ଦ୍ଧ୍ୱ ଅନୁଦାନ

**ଭୁବନେଶ୍ୱର,୩।୧୧(ସଂଚାର ବ୍ୟୁରୋ):** ରାଜ୍ୟର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ପାଇଁ ଆଜି ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ଆକାରରେ ୪୪୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା କେନ୍ଦ୍ର ସରକାର ଜାରି କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ଏହି ଅର୍ଥ ଜାରି କରାଯାଇଛି। ଏଥି ମଧ୍ୟରୁ ରାଜ୍ୟର ୨୦ଟି ଯୋଗ୍ୟ ଜିଲ୍ଲା ପଞ୍ଚାୟତ (ଜିଲ୍ଲା ପରିଷଦ), ୨୯୬ଟି ଯୋଗ୍ୟ ବ୍ଲକ ପଞ୍ଚାୟତ (ପଞ୍ଚାୟତ ସମିତି) ଓ ୬୭୩୪ଟି ଯୋଗ୍ୟ ଗ୍ରାମ ପଞ୍ଚାୟତକୁ ଦ୍ୱିତୀୟ କିସ୍ତି ମୁକ୍ତ ଅନୁଦାନ ଆକାରରେ ୩୪୨ କୋଟି ୫୯ ଲକ୍ଷ ୬୪ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି





**୧୫ଶ ଅର୍ଥ ଆୟୋଗ ଅନୁଦାନ ଆକାରରେ ଦେଲେ କେନ୍ଦ୍ର ସରକାର**

ସମାନ ଆର୍ଥିକ ବର୍ଷ ପାଇଁ ପ୍ରଥମ କିସ୍ତି ମୁକ୍ତ ଅନୁଦାନର ସ୍ଥଗିତ ଅଂଶ ଆକାରରେ ୧୦୧ କୋଟି ୭୮ ଲକ୍ଷ ୧୫ ହଜାର କୋଟି ଟଙ୍କା ଓଡ଼ିଶାକୁ ମିଳିଛି। ଏହି ଅର୍ଥ ୨୦ଟି ଯୋଗ୍ୟ ଜିଲ୍ଲା ପରିଷଦ, ୨୩୩ଟି ଯୋଗ୍ୟ ପଞ୍ଚାୟତ ସମିତି ଓ ୬୪୯ଟି ଯୋଗ୍ୟ ଗ୍ରାମ ପଞ୍ଚାୟତକୁ ପ୍ରଦାନ କରାଯାଇଛି। କେନ୍ଦ୍ର ସରକାର, ପଞ୍ଚାୟତିରାଜ ମନ୍ତ୍ରଣାଳୟ ଓ ଜଳ ଶକ୍ତି ମନ୍ତ୍ରଣାଳୟ (ପାନୀୟ ଜଳ ଏବଂ ପରିମଳ ବିଭାଗ) ମାଧ୍ୟମରେ ପଞ୍ଚାୟତିରାଜ ଅନୁଷ୍ଠାନ ଓ ଗ୍ରାମୀଣ ସ୍ଥାନୀୟ ସଂସ୍ଥା ପାଇଁ ରାଜ୍ୟଗୁଡ଼ିକୁ ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ପ୍ରଦାନ କରିବାକୁ ସୁପାରିସ କରିଥାନ୍ତି। ଅର୍ଥ ମନ୍ତ୍ରଣାଳୟ ପରବର୍ତ୍ତୀ ସମୟରେ ପ୍ରତି ଆର୍ଥିକ ବର୍ଷରେ ଦୁଇଟି କିସ୍ତିରେ ଏହି ଅନୁଦାନ ପ୍ରଦାନ କରିଥାଏ।

ସେହିପରି ଦରମା ଓ ପ୍ରତିଷ୍ଠାନ ଖର୍ଚ୍ଚକୁ ବାଦ ଦେଇ ଏକାଦଶ ସୂଚୀରେ ତାଲିକାଭୁକ୍ତ ୨୯ଟି ବିଷୟ ଅଧୀନରେ ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ ➯ପୃଷ୍ଠା-୬

### କେନ୍ଦ୍ର କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଲା

# ବଢ଼ିଲା ପିଏମ ଅନ୍ନ ଯୋଜନା ଅବଧି

- ଉପକୃତ ହେବେ ୮୧.୩୫ କୋଟି ହିତାଧିକାରୀ
- ଡିସେମ୍ବର ୨୦୨୮ ପର୍ଯ୍ୟନ୍ତ ଚାଲିବ





**ନୂଆଦିଲ୍ଲୀ ୩।୧୧:** ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମଜିକେଏୱାଇ)ର ଅବଧିକୁ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଏବେ ଏହି ଯୋଜନାରେ ଦେଶର ପାଖାପାଖି ୮୧.୩୫ କୋଟି ହିତାଧିକାରୀଙ୍କୁ ଆଗାମୀ ଡିସେମ୍ବର ୨୦୨୮ ପର୍ଯ୍ୟନ୍ତ ମାଗଣାରେ ଖାଦ୍ୟଶସ୍ୟ ମିଳିବା ଜାରି ରହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଦେଶର କୌଣସି ଗରିବ ଲୋକ ଯେପରି ଅବହେଳିତ ନହେବ, ସେହି ଉଦ୍ଦେଶ୍ୟରେ କ୍ୟାବିନେଟ୍ ଏ ସଂକ୍ରାନ୍ତ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ପିଏମଜିକେୱାଇ ଭାରତ ସରକାରଙ୍କ ପ୍ରମୁଖ ଖାଦ୍ୟ ସୁରକ୍ଷା ଯୋଜନା ହୋଇଥିବା ବେଳେ ଗତ ୨୦୨୦ କରୋନା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆରମ୍ଭ କରିଥିଲେ, ଯେପରି ମହାମାରୀ କାଳରେ ଲକଡାଉନ ଓ ଆର୍ଥିକ ସଂକଟ ଯୋଗୁ କେହି ଖାଦ୍ୟ ସଂକଟରେ ନ ପଡ଼ନ୍ତି। ହେଲେ ପରବର୍ତ୍ତୀ ସମୟରେ ଏହାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଯୋଜନାକୁ ଲଗାତାର ଆଗକୁ ବଢ଼ାଇ ଆସିଛନ୍ତି। ଆଜି ମିଳିଥିବା ଅନୁମୋଦନ ଅନୁସାରେ, ଗତ ୨୦୨୪ ଜାନୁଆରୀ ୧ରୁ ପିଏମ୍‌ଜିକେଏୱାଇର କାର୍ଯ୍ୟକାଳ ଆରମ୍ଭ ହୋଇ ଆଗାମୀ ୨୦୨୮ ଡିସେମ୍ବରରେ ଶେଷ ହେବ।

ଏହି ଯୋଜନାରେ ହିତାଧିକାରୀଙ୍କୁ ନା କେବଳ ଖାଦ୍ୟ ଶସ୍ୟ ବରଂ ଅନ୍ୟ ଲାଭ ମଧ୍ୟ ଦିଆଯାଉଛି। ମାଗଣା ଖାଦ୍ୟ ଶସ୍ୟ ଏହି ଯୋଜନାର ସବୁଠୁ ବଡ଼ ଲାଭ। ପ୍ରାୟୋରିଟି ହାଉସ ହୋଲ୍ଡ (ପିଏଚଏଚ)ରେ ରାସନ କାର୍ଡଧାରୀଙ୍କୁ ପ୍ରତି ମାସରେ ବ୍ୟକ୍ତି ପିଛା ୫ କେଜି ଖାଦ୍ୟ ଶସ୍ୟ (ଗହମ ଅଥବା ଚାଉଳ) ସମ୍ପୂର୍ଣ୍ଣ ମାଗଣାରେ ମିଳିଥାଏ। ଏହା ଛଡ଼ା ଯୋଜନା ଅନ୍ତର୍ଗତ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ପ୍ରତି ପରିବାରକୁ ମାସିକ ୩୫ କେଜି ଖାଦ୍ୟ ଶସ୍ୟ ମାଗଣା ଯୋଗାଇ ଦିଆଯାଏ। ଏହି ଯୋଜନା ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା (ଏନଏଫଏସଏ)ରେ ଦିଆଯାଉଥିବା ➯ପୃଷ୍ଠା-୬

**ପଦ୍ମ ଧରିଲେ ଅମର**

# ବିଜେଡିରେ ନାହିଁ ବାକ୍ ସ୍ୱାଧୀନତା

- ଡବଲ୍ ଇଞ୍ଜିନ ସରକାରରେ ରାଜ୍ୟର ହୋଇଛି ଡବଲ ବିକାଶ: ମୁଖ୍ୟମନ୍ତ୍ରୀ
- ଅମରଙ୍କ ଅଭିଜ୍ଞତାରେ ସୁଦୃଢ଼ ହେବ ଦଳ: ମନମୋହନ
- ବଳଶାଳୀ ହେଉଛି ରାଜ୍ୟ ବିଜେପି





**ଭୁବନେଶ୍ୱର,୩।୧୧(ସଂଚାର ବ୍ୟୁରୋ):** ଆଗାମୀ ନୂଆପଡ଼ା ଉପନିର୍ବାଚନ ପୂର୍ବରୁ କ୍ରମାଗତ ଭାବେ ଶାସକ ବିଜେପି ବଳଶାଳୀ ହେଉଛି। କ୍ରମାଗତ ଭାବେ ଦଳରେ ବିରୋଧୀ ଦଳର ଅସନ୍ତୁଷ୍ଟ ନେତା ଓ କର୍ମୀ ସାମିଲ୍ ହେଉଥିବା ବେଳେ ଆଜି ବିଜେଡିର ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ଏହି ଧାରାରେ ବିଜେପିରେ ମିଶିଛନ୍ତି। ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ମିଶ୍ରଣ ପର୍ବରେ ଶ୍ରୀ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଶକ୍ତ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଦଳରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି ଉପସ୍ଥିତ ରହି ଅମରଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଦଳକୁ ସ୍ୱାଗତ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଓଡ଼ିଶା ରାଜନୈତିକ ଯାତ୍ରାରେ ଅମର ଜଣେ ପରିପକ୍ୱ ବ୍ୟକ୍ତିତ୍ୱ। ଚାକିରିରୁ ଅବସର ପରେ ଲୋକଙ୍କ ସେବା ପାଇଁ ରାଜନୀତିରେ ଯୋଗଦେଇଥିବା ଅମର ଏକ ଆଞ୍ଚଳିକ ଦଳ ସହ ଜଡ଼ିତ ଥିଲେ। ସାଂସଦ ଭାବେ ରାଜ୍ୟସଭାରେ ➯ପୃଷ୍ଠା-୬

### ଫୁସ୍ ହୋଇଗଲା ନିର୍ବାଚନ ପିଟିସନ

**ହାଇଜାକ ହେଲେ ପିଟିସନର**

ନବୀନ ନୂଆପଡାରେ ପ୍ରଚାର କରୁଥିବା ବେଳେ ଦଳର ଆଇଟି ସେଲ ଅଧ୍ୟକ୍ଷ ବିଜେପିରେ ଯୋଗ ଦେବା ସହ ନିର୍ବାଚନ କମିଶନଙ୍କ ପାଖରେ ବିଜେଡି ଫାଇଲ କରିଥିବା ନିର୍ବାଚନ ପିଟିସନର ଭବିଷ୍ୟତ ବି ଅନ୍ଧକାର ଭିତରକୁ ଠେଲି ହୋଇଯାଇଛି। ୨୦୨୪ ସାଧାରଣ ନିର୍ବାଚନରେ ଓଡିଶାର ବିଭିନ୍ନ ନିର୍ବାଚନମଣ୍ଡଳିରେ ଭୋଟ ହେରଫେର ହୋଇଥିବା ଅଭିଯୋଗ କରିଥିଲା ବିଜେଡି। ଆଉ ଅମର ➯ପୃଷ୍ଠା-୬

**ଦୋହଲିଲା ଆଫଗାନିସ୍ତାନ**

# ୨୦ ଜୀବନ ହାନି, ୩୨୦ରୁ ଉର୍ଦ୍ଧ୍ୱ ଆହତ




ରିକ୍ଟର ସ୍କେଲ୍‌ରେ ତୀବ୍ରତା ୬.୨ ରେକର୍ଡ

**କାବୁଲ୍,୩।୧୧:** ଆଜି ଭୟାବହ ଭୂମିକମ୍ପରେ ଦୋହଲିଯାଇଛି ଆଫଗାନିସ୍ତାନ। ହିନ୍ଦୁକୁଶ ଅଞ୍ଚଳରେ ଏହି ଶକ୍ତିଶାଳୀ ଭୂମିକମ୍ପ ଝଟ୍‌କା ଅନୁଭୂତ ହୋଇଥିବା ବେଳେ ଏହାର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୬.୩ ରେକର୍ଡ କରାଯାଇଛି। ଏହି ଭୂମିକମ୍ପରେ ଅଦ୍ୟାବଧି ହୋଇଥିବା କ୍ଷୟକ୍ଷତି ମଧ୍ୟରେ ୨୦ ଜଣଙ୍କ ଜୀବନ ଯାଇଥିବା ବେଳେ ୩୨୦ରୁ ଉର୍ଦ୍ଧ୍ୱ ମୃତ୍ୟୁବରଣ କରିଥିବା ଖବର ମିଳିଛି। ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ଆଫଗାନିସ୍ତାନର ଖୁଲମଠାରୁ ୨୨ କିମି ପଶ୍ଚିମ-ଦକ୍ଷିଣ ପଶ୍ଚିମରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଜନସଂଖ୍ୟାବିଶିଷ୍ଟ ମଜାର-ଏ-ଶରିଫ୍ ସହରଠାରୁ ୨୮ କିମି ଗଭୀରତାରେ ରହିଥିବା ସୂଚନା ମିଳିଛି।

ଏ ସଂକ୍ରାନ୍ତରେ ଦେଶର ସ୍ୱାସ୍ଥ୍ୟ ବିଭାଗ ମୁଖପାତ୍ର ସରଫତ୍ ଜମାନ୍ କହିଛନ୍ତି ଯେ ଆଜି ସକାଳେ ୨୦ ଜଣଙ୍କ ମୃତ୍ୟୁ ଖବର ମିଳିଥିଲା। ୧୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ୟୁଏସ୍‌ଜିଏସ୍ ଅନୁଯାୟୀ, ଆଜି ସ୍ଥାନୀୟ ସମୟ ୧୨.୫୯ ମିନିଟରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା। ଏହି ସମୟରେ ଅଧିକାଂଶ ଲୋକ ଶୋଇଥିଲେ। ତେବେ ଭୂମିକମ୍ପ ଝଟ୍‌କା ଅନୁଭୂତ ହେବା ମାତ୍ରେ ସେମାନେ ଭୟଭୀତ ହୋଇପଡ଼ିଥିଲେ। ସେମାନେ ଭୟରେ ବାହାରକୁ ଚାଲିଆସିଥିଲେ। ଏହି ଭୂମିକମ୍ପରେ ମଜାର-ଏ-ଶରିଫ୍‌ର ଐତିହାସିକ ମସଜିଦ୍ ବ୍ଲୁ ମସ୍କ୍ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ସେହିପରି ବଲ୍‌ଖ୍ ଓ ସାମଗାଁ ପ୍ରଦେଶ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଏତଦ୍ ଏହି ଭୂମିକମ୍ପ ପ୍ରଭାବରେ ➯ପୃଷ୍ଠା-୬

# ଭୋଟ୍ ପରେ ଶ୍ରୀମୟୀ ଓ ପ୍ରକାଶଙ୍କ ପାଳି

**ଭୁବନେଶ୍ୱର, ୩।୧୧ (ସଂଚାର ବ୍ୟୁରୋ):** ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକଙ୍କ ସହ ଶ୍ରୀମୟୀ ମିଶ୍ର ଓ ପ୍ରକାଶ ମିଶ୍ର ବିଜେପିରେ ମିଶିବା ନେଇ ସବୁ ପ୍ରସ୍ତୁତି ସରିଥିଲେ ବି କିଛି ରାଜନୈତିକ ଅଙ୍କକୁ ଅପେକ୍ଷା କରି ଏହି ଦୁଇ ନେତାଙ୍କ ମିଶ୍ରଣ ପର୍ବକୁ ଆଉ କିଛି ଦିନ ଘୁଞ୍ଚାଇଦିଆଯାଇଛି। ନୂଆପଡ଼ା ଭୋଟ ପରେ ଯେକୌଣସି ସମୟରେ ଏହି ଦୁଇ ନେତା ପଦ୍ମ ଧରିବେ। ଏନେଇ ବିଜେପି ନେତୃତ୍ୱ ସହ ସବୁ ପ୍ରକାର ଆଲୋଚନା ସରିଛି।



**ପଦ୍ମ ଧରିବେ ଦୁଇ ଅସନ୍ତୁଷ୍ଟ ବିଜେଡି ନେତା**



ପ୍ରକାଶ ବେହେରା ୨୦୨୪ ନିର୍ବାଚନ ପୂର୍ବରୁ ବିଜେପି ଛାଡି ବିଜେଡିରେ ଯୋଗଦେଇଥିଲେ। କିନ୍ତୁ ବିଜେଡିରୁ ସାଲେପୁର ଆସନ ପାଇଁ ଟିକେଟ ମିଳିବାରୁ କଟକ-ବାରବାଟୀ ଆସନରୁ ପ୍ରାର୍ଥୀ ହୋଇଥିଲେ। ସେପଟେ ବିଜେପିରେ ଅରିନ୍ଦମ ରାୟଙ୍କୁ ସାଲେପୁର ଆସନରୁ ➯ପୃଷ୍ଠା-୬

## ଫଲୋ କରୁଛନ୍ତି ଏଲିନା !

Elina Dash
1h ·
ଆଣିଥିଲା କିଏ
ପଠେଇଲା କିଏ
ଆଉ ଗୋଟେ ଡିଲ୍ ନୁହେଁ ତ 🤔
କରି କରାଉ ଥାଏ ମୁହିଁ
ମୋ ବିନୁ ଅନ୍ୟ ଗତି ନାହିଁ
*ଜୟ ଜଗନ୍ନାଥ*
👍😆 Adv Jayshree Patra + 20

ଶ୍ରୀମୟୀ ମିଶ୍ରଙ୍କୁ ଅନୁକରଣ କରୁଛନ୍ତି ଆଉ ଜଣେ ବିଜେଡି ନେତ୍ରୀ ଏଲିନା ଦାଶ। ଅମର ପଟ୍ଟନାୟକ ବିଜେପିରେ ମିଶିଯିବା ପରେ ସେ ମଧ୍ୟ ଶ୍ରୀମୟୀଙ୍କ ପରି ବିଜେଡି ନେତୃତ୍ୱକୁ ଚ୍ୟାଲେଞ୍ଜ କରିବା ଆରମ୍ଭ କରିଦେଇଛନ୍ତି। ଅମର ପଟ୍ଟନାୟକ ବିଜେପିରେ ଯୋଗଦେବା ପରେ ସାମାଜିକ ଗଣମାଧ୍ୟମରେ ତାଙ୍କୁ କିଏ ବିଜେପିକୁ ଆଣିଥିଲା, ପଠାଇଲା କିଏ ଏବଂ ଏହା ଏକ ଡିଲ ନୁହେଁ ତ ବୋଲି ପ୍ରଶ୍ନ କରିଛନ୍ତି ଏଲିନା। ଏମିତି ବି ଏଲିନା ଦାଶ ଗତ ୨୦୨୪ ନିର୍ବାଚନ ସମୟରେ ବିଜେଡିରେ ଥାଇ ବି ଅସନ୍ତୁଷ୍ଟ ଗୋଷ୍ଠୀରେ ଅଛନ୍ତି। କାରଣ ସେ ମଧ୍ୟ ଗତ ସାଧାରଣ ନିର୍ବାଚନରେ ଟିକେଟ ଆଶାୟୀ ଥିଲେ। ତାଙ୍କୁ ମଧ୍ୟ ସେ ସମୟରେ ହତାଶ ହେବାକୁ ପଡ଼ିଥିଲା। ଏବେ ବି ତାଙ୍କୁ ଦଳରେ ➯ପୃଷ୍ଠା-୬



## ଡମ୍ଫର ସାଜିଲା ଡ୍ରାଗନ୍

**ଚାଲିଗଲା ୩୧ ଜୀବନ**

**୪୦ ଗାଡ଼ି ଉପରେ ମାଡ଼ିଗଲା**

**ଜୟପୁର/ହାଇଦ୍ରାବାଦ,୩।୧୧:** ଆଜି ରାଜସ୍ଥାନ ଓ ତେଲଙ୍ଗାନାରେ ପୃଥକ୍ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଉଭୟ ଘଟଣାରେ ଡମ୍ଫର୍ ଡ୍ରାଗନ୍ ସାଜି ମୋଟ ୩୧ ଜଣଙ୍କ ଜୀବନ ନେଇଛି। ଗୋଟିଏ ଘଟଣାରେ ଏକ ବ୍ରେକ୍ ଫେଲ୍ ଡମ୍ଫର୍ ଏକକାଳୀନ ୪୦ରୁ ଉର୍ଦ୍ଧ୍ୱ ଗାଡ଼ି ଉପରେ ମାଡ଼ିଯିବା ଫଳରେ ୧୧ ଜଣଙ୍କ ଜୀବନ ଯାଇଛି। ସେହିପରି ତେଲଙ୍ଗାନାରେ ଏକ ପଥର ବୋଝେଇ ଡମ୍ଫର୍ ବସ୍ ସହ ଧକ୍କା ହେବା ଫଳରେ ୨୦ ଜଣଙ୍କ ପ୍ରାଣହାନି ହୋଇଥିବା ବେଳେ ୧୮ ଜଣ ଆହତ ହୋଇଛନ୍ତି। ଜୟପୁରର ହରମନ ଅଞ୍ଚଳରେ ଘଟିଥିବା ଅଘଟଣରେ ଆଗାମୀ ଦିନରେ ମୃତ୍ୟୁସଂଖ୍ୟା ଆହୁରି ଅଧିକ ହେବାର ଆଶଙ୍କା ରହିଛି। ଅଚାନକ ଉକ୍ତ ଡମ୍ଫର୍‌ର ବ୍ରେକ ➯ପୃଷ୍ଠା-୬

### ପୀତବାସ ହତ୍ୟା ମାମଲା

## ଶାର୍ପ ଶୁଟର୍ ଓ ମାଷ୍ଟର୍‌ମାଇଣ୍ଡ୍ ଗିରଫ



**ବ୍ରହ୍ମପୁର,୩।୧୧(ସଂଚାର ବ୍ୟୁରୋ):** ଗତ ମାସ ୬ ତାରିଖ ରାତିରେ ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା କରାଯାଇଥିବା ବେଳେ ଏହି ମାମଲାରେ ଅଦ୍ୟାବଧି ପୂର୍ବତନ ବିଜେଡି ବିଧାୟକ ବିକ୍ରମ ପଣ୍ଡାଙ୍କ ସମେତ ମୋଟ ୧୪ ଜଣଙ୍କୁ ଗିରଫ କରାଯାଇସାରିଛି। ତେବେ ଅତି ନିକଟରୁ ଗୁଳି କରି ପୀତବାସଙ୍କ ଜୀବନ ନେଇଥିବା ଦୁଇ ଶାର୍ପ ଶୁଟର୍ ପୁଲିସ୍ ଆଖିରେ ଧୂଳିଦେଇ ପାଖାପାଖି ମାସେ ଧରି ଅଣ୍ଡରଗ୍ରାଉଣ୍ଡ୍ ରହିଥିବା ବେଳେ ଶେଷରେ ସେମାନେ ଧରାପଡ଼ିଛନ୍ତି। ହତ୍ୟାକାଣ୍ଡର ପ୍ଲାନ୍ ପ୍ରସ୍ତୁତ କରିଥିବା ଉମା ବିଷୋୟୀ ଓ ଶୁଟର କୁରୁପତି ଭୂୟାଁଙ୍କୁ ଆଜି ବ୍ରହ୍ମପୁର ପୁଲିସ୍ ଗିରଫ କରିଛି। ଗିରଫ ପରେ ସେମାନଙ୍କୁ ପୁଲିସ୍ ଜେରା କରୁଥିବା ସୂଚନା ମିଳିଛି। ପୀତବାସଙ୍କୁ ହତ୍ୟା କରିବା ସକାଶେ ଉମା ଓ ପୂର୍ବରୁ ଗିରଫ ହୋଇସାରିଥିବା ଯୋଗୀ ରାଉତ ଶାର୍ପ ଶୁଟର କୁରୁପତି ଓ ଚିଣ୍ଟୁ ପ୍ରଧାନଙ୍କୁ ନିୟୋଜିତ କରିଥିଲେ। ଏହି ହତ୍ୟା ଷଡ଼ଯନ୍ତ୍ରକୁ ବାସ୍ତବ ରୂପ ଦେବା ସକାଶେ ଚିଣ୍ଟୁ ବେଙ୍ଗାଲୁରୁରୁ ଆସିଥିବା ବେଳେ କୁରୁପତି କୁକୁଡ଼ାଖଣ୍ଡି ବ୍ଲକ୍‌ର ବଢପଲ୍ଲୀରୁ ବ୍ରହ୍ମପୁର ଆସିଥିଲେ। ଉଭୟ ବେଶ୍ କିଛିଦିନ ପୀତବାସଙ୍କ ଯିବାଆସିବା ବାଟରେ ତାଙ୍କର ଗତିବିଧି ଲକ୍ଷ୍ୟ କରିଥିଲେ। ଘଟଣା ଦିନ ରାତିରେ ଯୋଗୀ ଉଭୟ ଚିଣ୍ଟୁ ଓ କୁରୁପତିଙ୍କୁ ଏକ ଜାଲ୍ ନମ୍ବରବିଶିଷ୍ଟ ମୋଟର ସାଇକେଲ୍ ଯୋଗାଇଦେଇଥିଲେ। ଏଥିସହ ସେମାନଙ୍କୁ ଗୋଟିଏ ପିସ୍ତଲ ଓ ଦୁଇ ହଳ ନୂଆ ପୋଷାକ ମଧ୍ୟ ସେ ଦେଇଥିଲେ। ରାତି ପାଖାପାଖି ➯ପୃଷ୍ଠା-୬



**କାନ ଡେରିଥା**

ମଦ ମାଉଁସର ଆସର
ଚାଲିଛି
ନୁଆଁପଡ଼ା ଯିବା ଚାଲ
ମଦୁଆ ଭାବୁଛି ନେତା
ମରିଗଲେ
ଉପ-ନିର୍ବାଚନ ଭଲ
ପକେଟେ ପଶୁଛି ମାଲ...
ନିର୍ବାଚନ ଦିନ ମଦୁଆ
କହିବ
ଶେଷ ଦିନେ ଟିକେ ଦେଲ।

■ ଦେବାଶିଷ

# ପଶ୍ଚିମ ଓଡ଼ିଶାବାସୀଙ୍କୁ ପୁଣି ନବୀନଙ୍କ ଉପହାସ

- ଧୂଆଁବାଣ ଥିଲା ପଦ୍ମପୁର ଉପନିର୍ବାଚନ ପ୍ୟାକେଜ୍
- ଜବାବ ମାଗନ୍ତୁ ପଶ୍ଚିମ ଓଡ଼ିଶାବାସୀ

**ଭୁବନେଶ୍ୱର,୩।୧୧(ସଂଚାର ବ୍ୟୁରୋ):** ନୂଆପଡ଼ା ଭୋଟ ପ୍ରଚାରରେ ଯାଇ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ପୁଣି ଥରେ ପଶ୍ଚିମ ଓଡ଼ିଶାବାସୀଙ୍କ ସହ ଉପହାସ କରିଛନ୍ତି। ମୁଖ୍ୟମନ୍ତ୍ରୀ ଥିବାବେଳେ ସେ ପଦ୍ମପୁରବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା କେତେ ପୂରଣ ହୋଇଛି ବୋଲି ଏବେ ପଶ୍ଚିମ ଓଡିଶାବାସୀ ଜବାବ ମାଗିବାର ବେଳ ବୋଲି କହିଛନ୍ତି ସୂଚନା ଅଧିକାର କର୍ମୀ ପ୍ରକାଶ ଦାସ।

ଶ୍ରୀ ଦାସ ସୂଚନା ଅଧିକାର ଆଇନ୍ ବଳରେ ନବୀନଙ୍କ ପଦ୍ମପୁର ପ୍ରତିଶ୍ରୁତି ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ କରିବାପରେ ଏଭଳି ମତ ଦେବା ସହିତ ପ୍ରତିଶ୍ରୁତିଗୁଡ଼ିକୁ ପୁଣିଥରେ ପ୍ରମାଣ ସହିତ ମନେ ପକାଇ ଦେଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ୨୦୨୨ରେ ବରଗଡ଼ ଜିଲ୍ଲା ପଦ୍ମପୁରରେ ଉପନିର୍ବାଚନ ହୋଇଥିଲା। ଭୋଟ ହାତେଇବାକୁ ବିଜେଡ଼ି ଓ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ପ୍ରକାର କଳ, ବଳ, ଅର୍ଥ, କୌଶଳ ଲଗେଇ ଜିତିବା ପାଇଁ ଚେଷ୍ଟା କରିଥିଲେ। ଠିକ୍ ଉପନିର୍ବାଚନର ପୂର୍ବରୁ ବିଜେଡି ଓ ନବୀନ ବାବୁଙ୍କ ପଦ୍ମପୁର ପ୍ରତି ଅଗାଢ଼ ମିଛ-ପ୍ରେମ ଜାଗ୍ରତ ହୋଇଥିଲା।

ବରଗଡ, ପଦ୍ମପୁର ପାଇଁ ସ୍ୱତନ୍ତ୍ର ୪୪୮ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଖବରକୁ ରାଜ୍ୟ ଓ ଜାତୀୟ ଗଣମାଧ୍ୟମରେ ବହୁଳ ପ୍ରଚାର ପ୍ରସାର କରାଯାଇଥିଲା। ଏହି ଖବରର ସତ୍ୟତା ଜାଣିବା ପାଇଁ ସୂଚନା ଅଧିକାର ଆଇନ ବଳରେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ତଥ୍ୟ ମଗାଯାଇଥିଲା। ୦୩.୧୨.୨୦୨୨ ରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀ ପ୍ରେସ୍ ରିଲିଜ୍ ଦେଲେ। କିନ୍ତୁ ନବୀନ ପଟ୍ଟନାୟକ କେଉଁ ନିର୍ଭରଯୋଗ୍ୟ ଦଲିଲ୍ / ଆଧାରରେ ଘୋଷଣା କଲେ ତାହାର ତଥ୍ୟ ଦେଲେ ନାହିଁ। କହିଲେ ଏହି ତଥ୍ୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନାହିଁ। ଏହା ଆହୁରି ସନ୍ଦେହ ବଢ଼ାଇଲା। ମାତ୍ର କିଛି ତଳେ ଘୋଷଣା ହୋଇଛି, ଆଶ୍ଚର୍ଯ୍ୟ ଜନକ ଭାବେ କୌଣସି ତଥ୍ୟ ନାହିଁ, ତଥ୍ୟ ଗାଏବ।



ଏଥିରୁ ପ୍ରମାଣିତ ହେଲା ଯେ ବରଗଡ, ପଦ୍ମପୁର ପାଇଁ ୪୪୮ କୋଟି ପ୍ୟାକେଜ ଏକ ଧୂଆଁ ବାଣ ଥିଲା। ପଦ୍ମପୁର ଏକ ସ୍ୱତନ୍ତ୍ର ଜିଲ୍ଲା ହେବ ବୋଲି ବିଜେଡି ଓ ନବୀନ ବାବୁ କହିଥିଲେ। କିନ୍ତୁ କଲେ ନାହିଁ, ବିଜେଡି ଓ ନବୀନ ପଶ୍ଚିମ ଓଡିଶାବାସୀଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି। ତେଣୁ ପଶ୍ଚିମ ଓଡ଼ିଶାବାସୀ ଏହାର ଜବାବ ମାଗନ୍ତୁ। ନବୀନ ପଟ୍ଟନାୟକ ଓ ବିଜେଡ଼ିକୁ ବିରୋଧ କରିବା ସହିତ ପ୍ରତ୍ୟାଖ୍ୟାନ କରନ୍ତୁ। ନୂଆପଡ଼ା ଉପନିର୍ବାଚନ ପାଇଁ ନବୀନ ବାବୁ ପଶ୍ଚିମ ଓଡିଶା ଯାଉଛନ୍ତି। ତେଣୁ ପଶ୍ଚିମ ଓଡ଼ିଶାବାସୀ ବିଜେଡି ଓ ନବୀନ ପଟ୍ଟନାୟକଙ୍କୁ ଏହାର ଜବାବ ମାଗନ୍ତୁ।

### ଭାଙ୍ଗିଗଲା ପାଇଖାନା ଟାଙ୍କି ଢାଙ୍କୁଣି

## ଚାଲିଗଲା ୩ ନିଷ୍ପାପ ଶିଶୁଙ୍କ ଜୀବନ

- ଅଜା ଘରେ ଅଘଟଣ



**ବଡ଼ମ୍ବା,୩।୧୧(ସଂଚାର ବ୍ୟୁରୋ):** ବଡ଼ମ୍ବା ରଗଡ଼ିପଡ଼ାରେ ଆଜି ଏକ ହୃଦୟ ବିଦାରକ ଘଟଣା ଘଟିଛି। ପାଇଖାନା ଟାଙ୍କିରେ ପଡ଼ି ୩ ଜଣ ନିଷ୍ପାପ ଶିଶୁଙ୍କ ଜୀବନ ଚାଲିଯାଇଛି। ସେମାନଙ୍କ ମଧ୍ୟରେ ୨ଟି ଝିଅ ଓ ଗୋଟିଏ ପୁଅ ରହିଥିବା ଜଣାପଡ଼ିଛି। ମୃତକମାନେ ହେଲେ ଶୁଭମ ନାଏକ (୩), ଶିବାନୀ ନାଏକ (୫) ଓ ଅଙ୍କିତ ନାଏକ (୭)। ମିଳିଥିବା ସୂଚନାନୁସାରେ, ଶୁଭମ, ଶିବାନୀ ଓ ଅଙ୍କିତ ସେମାନଙ୍କ ଅଜାଙ୍କ ଘରକୁ ବୁଲିବାକୁ ଆସିଥିଲେ। ତେବେ ସେମାନେ ଆଜି ଖେଳୁଥିବା ସମୟରେ ଅଚାନକ ପଡୋଶୀଙ୍କ ପାଇଖାନା ଟାଙ୍କିର ଢାଙ୍କୁଣୀ ଭାଙ୍ଗିଯାଇଥିଲେ। ଫଳରେ ➯ପୃଷ୍ଠା-୬

# ଭିତରକନିକା ଗେଟ ସମ୍ମୁଖରେ ଜବରଦଖଲ ଉଚ୍ଛେଦ




**ରାଜନଗର,୩।୧୧ (ସଂଚାର ବ୍ୟୁରୋ):** ଭିତରକନିକା ଜାତୀୟ ଉଦ୍ୟାନ ପ୍ରବେଶ ପଥ ନିକଟରେ ଥିବା ବେଆଇନ ଜବରଦଖଲ ଆଜି ଉଚ୍ଛେଦ କରାଯାଇଛି। ପ୍ରବେଶ ପଥ ନିକଟରେ ଥିବା ୩ଟି ହୋଟେଲକୁ ଆଜି ଉଚ୍ଛେଦ କରାଯାଇଛି। ରାଜନଗର ତହସିଲଦାର ଯୀଶୁକୃଷ୍ଣ ଦାସଙ୍କ ନେତୃତ୍ୱରେ ପୋଲିସ ଟିମ ପହଞ୍ଚି ଜେସିବି ସାହାଯ୍ୟରେ ହୋଟେଲ ଗୁଡିକୁ ଉଚ୍ଛେଦ କରିଛନ୍ତି। ଆଜି ଉଚ୍ଛେଦ ପାଇଁ ୮ ପରିବାରକୁ ନୋଟିସ ଦିଆଯାଇଥିଲା। ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ଭିତରକନିକା ପ୍ରବେଶ ପଥରେ ଥିବା ବାଙ୍କୁଆଳ ଗାଁରେ ଲୋକେ ଦୁଇ ଶହ ବର୍ଷରୁ ଅଧିକ ହେଲା ବସବାସ କରୁଛନ୍ତି। ଗାଁରେ ବସବାସ କରୁଥିବା ପରିବାର ମଧ୍ୟରୁ ୧୦ ପ୍ରତିଶତ ଲୋକଙ୍କର ସ୍ଥାୟୀ ପଟ୍ଟା ଥିବା ବେଳେ ଅନ୍ୟ ପରିବାର ଗୁଡିକୁ ସ୍ଥାୟୀ ପଟ୍ଟା ଯୋଗାଇ ଦେବା କ୍ଷେତ୍ରରେ ସରକାର ଦୀର୍ଘ ବର୍ଷ ହେଲା ସମୟ ଗଡ଼ାଇ ଚାଲିଛନ୍ତି। ବାଙ୍କୁଆଳ ଗ୍ରାମର ଅଧିବାସୀମାନେ ବାରମ୍ବାର ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଭେଟି ସ୍ଥାୟୀ ପଟ୍ଟା ପାଇଁ ଦାବି କରିଆସୁଥିଲେ ମଧ ପ୍ରଶାସନ ପକ୍ଷରୁ ଆଜି ଯାଏଁ ପଟ୍ଟା ଯୋଗାଇ ଦେଇ ନାହିଁ। ପର୍ଯ୍ୟଟନ ବିଭାଗ ପକ୍ଷରୁ ଭିତରକନିକାକୁ ପର୍ଯ୍ୟଟକଙ୍କ ପ୍ରବେଶ ପାଇଁ ନୂତନ ଗେଟ ନିର୍ମାଣ କରାଯିବ। ସେଥିପାଇଁ ପ୍ରବେଶ ପଥ ନିକଟରେ ଥିବା ଆଠଟି ପରିବାରକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ନୋଟିସ ଦିଆଯାଇଥିଲା। ଗତକାଲି ବାଙ୍କୁଆଳ ଗାଁର ଶତାଧିକ ମହିଳା ଓ ପୁରୁଷ ଭିତରକନିକା ପ୍ରବେଶ ପଥ ନିକଟରେ ଅନଶନରେ ବସିଥିଲେ। ଆଜି ପୁଣି ସକାଳୁ ଗ୍ରାମବାସୀ ଅନଶନରେ ବସିଥିଲେ। ତହସିଲଦାର ଶ୍ରୀଦାସ ଓ ଆଇଆଇସି ବିମଳ କୁମାର ମଲ୍ଲିକ ଅନଶନ ସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସହିତ ଆଲୋଚନା କରିଥିଲେ। ସ୍ଥାୟୀଭାବେ ବସବାସ କରୁଥିବା ପରିବାର ସମ୍ପର୍କରେ ତଦନ୍ତ କରି ବିଚାର କରାଯିବ ଆଜି କେବଳ ହୋଟେଲ ଗୁଡିକୁ ଭାଙ୍ଗିବୁ ବୋଲି କହିବା ପରେ ଗ୍ରାମବାସୀ ଅନଶନରୁ ଉଠି ଯାଇଥିଲେ। ଏହା ପରେ ପ୍ରଶାସନ ପକ୍ଷରୁ ସରକାରୀ ଜମିରେ ଥିବା ହୋଟେଲ ଗୁଡିକୁ ଉଚ୍ଛେଦ କରଯାଇଥିଲା।

# ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ



**ଡେରାବିଶ,୩।୧୧ (ସଂଚାର ବ୍ୟୁରୋ):** ଡେରାବିଶ ଥାନା ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି ଅବସରରେ ଡେରାବିଶ ଥାନା ଅଧିକାରିଣୀ ଅମ୍ବିକା ପ୍ରସାଦ ଦାସଙ୍କ ସଂଯୋଜନାରେ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଗୋଲରାହାଟ ବଜାର, ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଓଲଡ଼ି ବଜାର ଓ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ପଞ୍ଚୁପାଣ୍ଡବ ଠାରେ ଏହି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆଜି ଏହି ଉପଲକ୍ଷେ ଏକ ସଚେତନତା ରଥ ଡେରାବିଶ ଥାନା ପରିସରରୁ ବାହାରି ଉପରୋକ୍ତ ସ୍ଥାନ ମାନଙ୍କୁ ଯାଇଥିଲା। ସେଠାରେ ଏହି ରଥରେ ଲାଗିଥିବା ଏଲଇଡ଼ି ମାଧ୍ୟମରେ କ୍ଷୁଦ୍ର ନାଟିକା ପରିବେଶଣ କରାଯାଇ ଲୋକମାନେ କିପରି ସାଇବର ଠକଙ୍କ ଦ୍ୱାରା ଠକାମୀର ଶିକାର ହେଉଛନ୍ତି ଓ ଏଥିରୁ ରକ୍ଷା ପାଇବାର ବିଭିନ୍ନ ଉପାୟ ସମ୍ପର୍କରେ ବୁଝାଇଥିଲେ। ଏଥିସହିତ କୁନିକୁନି କଳାକାରମାନେ ସଙ୍ଗୀତ ଓ ନୃତ୍ୟନାଟିକା ଦ୍ୱାରା ଉପସ୍ଥିତ ଲୋକମାନଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଥାନାର କର୍ମଚାରୀମାନେ ପରିଚାଳନା କରିଥିବା ବେଳେ ବିଭିନ୍ନ ସ୍ଥାନରେ ଶହଶହ ଲୋକ ଉପସ୍ଥିତ ରହି ସଚେତନ ହୋଇଥିଲେ।

# ନାଗା ନାରାୟଣ ହାଇସ୍କୁଲରେ ଛାୟା ବିଧାନସଭା




**ରାଜନଗର,୩।୧୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ନାଗା ନାରାୟଣ ହାଇସ୍କୁଲରେ ଛାୟା ବିଧାନସଭା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ମାନସ ରଞ୍ଜନ ମିଶ୍ର ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଏହି ଛାୟା ବିଧାନସଭାରେ ବାଚସ୍ପତି, ମୁଖ୍ୟମନ୍ତ୍ରୀ, ବିରୋଧିଦଳ ନେତା, ସ୍ୱାସ୍ଥ୍ୟ ମନ୍ତ୍ରୀ, ଅର୍ଥ ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଭୂମିକରେ ଅବତିର୍ଣ୍ଣ ହୋଇଥିଲେ। ଏହି ଛାୟା ବିଧାନସଭାରେ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଆଲୋଚନା କରାଯିବା ସହିତ ସ୍ୱାସ୍ଥ୍ୟ ସମସ୍ୟାର ନିରାକରଣ ପାଇଁ ବିଲ ପାସ କରାଯାଇଥିଲା। ଏହି ଛାୟା ବିଧାନସଭାରେ ଭାଗ ନେଇଥିବା ସମସ୍ତ ଛାତ୍ର ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରଯାଇଥିଲା।

# କେନ୍ଦ୍ରାପଡ଼ା ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି



**କେନ୍ଦ୍ରାପଡ଼ା,୩।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ସୋମବାର ସନ୍ଧ୍ୟାରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମପାୟତର ମେହେନ୍ଦିପୁରସ୍ଥିତ ଲାଲବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ କେନ୍ଦ୍ରାପଡା ପୌରାଧକ୍ଷା ସରିତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ 'ସୁରଭି' ଏକ ସୁଯୋଗ ସୃଷ୍ଟି କରିଛି ବୋଲି ମତବ୍ୟକ୍ତ କରିଥିଲେ। ଯେଉଁ ପିଲାମାନେ ଆଜିର ପ୍ରତିଯୋଗିତାରେ ସଫଳ ହୋଇପାରିନାହାନ୍ତି ସେମାନେ ଏଥିପାଇଁ ଚିନ୍ତା ନକରି ଆଗାମୀ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ବତନ ସରପ ଜୀନତପ୍ରିୟଦର୍ଶିନୀ ରାଉତ ଯୋଗଦେଇ ପଡ଼ିଲେ ଉଠନ୍ତି ଓ ଅସଫଳତା ହିଁ ସଫଳତାର ଚାବିକାଠି ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ସମିତିସଭ୍ୟା ପ୍ରଣତି ବେହେରା, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶାରଦା ପ୍ରସନ୍ନ ରାଉତ, ସହମଣ୍ଡଳଶିକ୍ଷାଧିକାରୀ ବଳଦେବ ପ୍ରସାଦ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଲାଲବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରାକ୍ତନ ସି.ଆର.ସି.ସି. ଅନନ୍ତ କୁମାର ପରିଡା ଅତିଥି ପରିଚୟ ପ୍ରଦାନ ସହ ଉତ୍ସବ ସଂଚାଳନ କରିଥିଲେ।

# ପୀଠରେ ଉର୍ସ ଉତ୍ସବ ପାଳିତ

**ଡେରାବିଶ,୩।୧୧(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଗୋଲରାହାଟ ସ୍ଥିତ ହଜରତ ସୟଦ ଜମାଲ ଶାହା ପୀରବାବାଙ୍କ ପୀଠରେ ଉର୍ସ ଉତ୍ସବ ପାଳିତ ହୋଇଯାଇଛି। ହଜରତ ସୟଦ ଜମାଲ ଶାହା ପୀର ବାବା ଚାରିଟେବୁଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଦଶମ ବାର୍ଷିକ ଉର୍ସ ଉତ୍ସବରେ ଇସଲାମ ଧର୍ମଗୁରୁମାନେ ଯୋଗ ଦେଇଥିଲେ। ପୀର ବାବାଙ୍କ ଏହି ଉର୍ସ ଉତ୍ସବ ପାଇଁ ଗତକାଲି ସକାଳୁ ବ୍ଲକ ଅଧିନ ଗୋଲରାହାଟ, ଚଷାଖଣ୍ଡ, ଛଚିଣା, ଓଲଢି, ମନ୍ତ୍ରିପଡ଼ା, ସଦାନନ୍ଦପୁର, ସବଳଙ୍ଗ କଣିପଡ଼ା ଓ ହଳଦିଆ ଇତ୍ୟାଦି ମୁସଲମାନ ସାହିର ସୁନ୍ନି ବରେଲି ଗୋଷ୍ଠୀର ମୁସଲମାନ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଯାଇଥିଲା। ଗତକାଲିର ପ୍ରାତଃ ନଜାଜ ପାଠ ପରେ ଉକ୍ତ ପୀଠରେ କୋରାନ ପାଠ କରାଯାଇଥିଲା ଓ ସିରିଣି ବଣ୍ଟନ କରାଯାଇଥିଲା। ସେହିପରି ଅପରାହ୍ଣରେ ବିଭିନ୍ନ ମୁସଲମାନ ସାହିର ଲୋକମାନେ ଶୋଭାଯାତ୍ରରେ ଉକ୍ତ ପୀଠକୁ ଆସି ପୀର ବାବାଙ୍କ ସମାଧି ପୀଠରେ ଚାଦର ଚଢ଼ାଇଥିଲେ।

# ବିଭିନ୍ନ ସ୍ଥାନରେ ରାହାସ କାର୍ଯ୍ୟକ୍ରମ



**ଡେରାବିଶ,୩।୧୧ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଗତକାଲି ଦଶମୀ ତିଥି ଠାରୁ ପାଞ୍ଚଦିନ ବ୍ୟାପୀ ରାହାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ଏହି ଉପଲକ୍ଷେ ବ୍ଲକ ପଲେଇ ଅନ୍ତର୍ଗତ ଅନ୍ତର୍ଗତ ସବଳଙ୍ଗରେ ୪ଟି ସ୍ଥାନରେ ଓ ବାଲିଆ ପଞ୍ଚାୟତ ଅନ୍ତର୍ଗତ ଓଉଖଣ୍ଡ ୪ଟି ସ୍ଥାନ ଏବଂ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ୧୫ଟି ମଣ୍ଡପରେ ରାଧାକୃଷ୍ଣଙ୍କ ମୂର୍ତ୍ତି ପୂଜା ପାଉଛନ୍ତି। ଏହି ମଣ୍ଡପମାନଙ୍କରେ ରାଧାକୃଷ୍ଣଙ୍କ ସହିତ ଗୋପୀମାନଙ୍କର ମୃଣ୍ମୟ ମୂର୍ତ୍ତି କରାଯାଇ ୫ଦିନ ବ୍ୟାପୀ ଶୋଡ଼ଷ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଏ। ପ୍ରତ୍ୟେହ ସନ୍ଧ୍ୟାରେ ଆଳତୀ ପରେ ରାଧାକୃଷ୍ଣଙ୍କ ରାହାସ ଗାନ କରାଯାଇ ଭଜନ ସଂକୀର୍ତନ କରାଯାଇଥାଏ। ଏଥିସହିତ ସମସ୍ତ ପୂଜା ମଣ୍ଡପକୁ ସୁନ୍ଦର ଆଲୋକମାଳାରେ ସଜ୍ଜିତ କରାଯାଇଥିବାବେଳେ ସନ୍ଧ୍ୟାରେ ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି।

# କନ୍ଦରାସୁର ବଧ ଓ ତୁଳସୀ ବିବାହ ଉତ୍ସବ



**କେନ୍ଦ୍ରାପଡା, ୩।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳର ଭଗବାନପୁର ଅଯୋଧ୍ୟାନଗର ସଂଲଗ୍ନ ତୁଳସୀ ମନ୍ଦିର ପରିସରରେ କନ୍ଦରାସୁର ବଧ ଓ ତୁଳସୀ ବିବାହ ଉତ୍ସବ ମହା ସମାରୋହରେ ପାଳନ କରାଯାଇଛି। ପବିତ୍ର ଗରୁଡ ଦ୍ୱାଦଶୀ ତିଥିରେ ମହାପ୍ରଭୁ ଶ୍ରୀ ବଳଦେବଜୀଉ କନ୍ଦରାସୁର କୁ ବଧ କରିବା ସହ ତାର କନ୍ୟା ତୁଳସୀକୁ ବିବାହ କରିଥିଲେ ବୋଲି ପୌରାଣିକ ଓ ଧାର୍ମିକ ମତକୁ ଆଧାର କରି ପ୍ରାୟ ୩୦ ବର୍ଷରୁ ଉର୍ଦ୍ଧ୍ୱ ହେବ ତୁଳସୀ ମନ୍ଦିରରେ ପରମ୍ପରା ପାଳନ କରାଯାଇ ଆସୁଛି। ଶ୍ରୀ ବଳଦେବଜୀଉଙ୍କ ଚଳନ୍ତି ବିଗ୍ରହ ସ୍ୱତନ୍ତ୍ର ବିମାନ ରେ ଇଛାପୁରରୁ ଶୋଭାଯାତ୍ରା ରେ ଆସି ତୁଳସୀ ମନ୍ଦିରରେ ପହଁଚି ଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ସମାଜସେବୀ ରଂଜିତ୍ ସାହୁ କନ୍ଦରାସୁର ପ୍ରତିମୂର୍ତି ରେ ଅଗ୍ନି ସଂଯୋଗ କରିଥିଲେ। ଏହାପରେ ମନ୍ଦିରରେ ତୁଳସୀ ବିବାହ ଅନୁଷ୍ଠିତ ହୋଇଥିଲା। ୮ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଂଜନ ରାଉତ କନ୍ୟା ପିତା ଭାବେ ବିବାହ କାର୍ଯ୍ୟ ସଂପନ୍ନ କରିଥିବା ବେଳେ ପୂଜା ପଣ୍ଡା ଭଗବାନ କର ବର ପିତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ନବମ ଶ୍ରେଣୀ ଛାତ୍ରକୁ ଶାରୀରିକ ନିର୍ଯାତନା ଅଭିଯୋଗ

**କେନ୍ଦ୍ରାପଡ଼ା,୩।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା କପିଳମୁନି ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ରକୁ ସ୍କୁଲର ପ୍ରଧାନ ଶିକ୍ଷକ ଓ ପରିଚାଳନା କମିଟି ସଭ୍ୟଙ୍କ ଦ୍ୱାରା ଛାତ୍ରଙ୍କୁ ଆଣ୍ଠେଇବା ସହିତ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେଇଥିବା ଜିଲ୍ଲାପାଳଙ୍କ ନିକଟରେ ଛାତ୍ରର ମା ପ୍ରଗତିକା ସାହୁ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ କପିଳମୁନି ହାଇସ୍କୁଲରେ ତାଙ୍କ ପୁତ୍ର ନବମ ଶ୍ରେଣୀ ଛାତ୍ର ଅନ୍ୟ ସେକ୍ସନର ଛାତ୍ର ସହିତ ଖେଳୁଥିବାବେଳେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷୀପ୍ତ ହୋଇ ଛାତ୍ର ଦୁହେଁ ଠେଲାପେଲା ହୋଇଥିଲେ। ଏହାକୁ ଭିତ୍ତି କରି ତା ପରଦିନ ଛାତ୍ରର ପିତାଙ୍କୁ ଡାକି ସ୍କୁଲର ପ୍ରଧାନଶିକ୍ଷକ ଓ କମିଟି ସଦସ୍ୟ ଗାଳି ଗୁଲଜ କରିବା ସହିତ ଛାତ୍ରର ବାପା ଆଗରେ ଛାତ୍ରକୁ ପ୍ରାୟ ଅଧଘଣ୍ଟା ଆଣ୍ଠେଇ ରଖିଥିଲେ। ଏଥିସହିତ କାହାକୁ କହିଲେ ପରିଣାମ ଭୟାବହ ହେବ ବୋଲି ଧମକ ଦେଇଥିଲେ। ଏହି ଘଟଣାକୁ ନେଇ ମୋର ପୁତ୍ର ମାନସିକ ଓ ଶାରୀରିକ ନିର୍ଯ୍ୟାତନା ପାଇ ସ୍କୁଲକୁ ଯାଉନାହିଁ। ଯାହାଫଳରେ ତାର ଭବିଷ୍ୟତ ଅନ୍ଧାର ହୋଇ ପଡ଼ିଛି। ଏହି ଭୁଲ୍ ପାଇଁ ଛାତ୍ରଙ୍କୁ ୫ ହଜାର ଟଙ୍କା ଜୋରିମାନା ଦେବାକୁ ପଡ଼ିବ ବୋଲି ଶିକ୍ଷକ ଓ ସ୍କୁଲ କମିଟି ସଭ୍ୟ କହିଥିଲେ। ଛାତ୍ରର ମାତା ଘଟଣାର ବିଚାର କରି ତାଙ୍କ ପୁତ୍ର (ଛାତ୍ର) କୁ ନ୍ୟାୟ ଦେବା ସହିତ ପ୍ରଧାନ ଶିକ୍ଷକ ଓ ସ୍କୁଲ୍ ପରିଚାଳନା କମିଟି ସଭ୍ୟଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

# ଆଦର୍ଶ ଶିକ୍ଷକ ଜ୍ଞାନେନ୍ଦ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଡେରାବିଶ,୩।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବ୍ଲକ ଜମଧର ପଞ୍ଚାୟତ ଅନ୍ତର୍ଗତ ବଡ଼ଗାଁ ସ୍ଥିତ ରାଧାମୋହନଜୀୟୁ ବୈଷୟିକ ହାଇସ୍କୁଲର ଶିକ୍ଷକ ଜ୍ଞାନେନ୍ଦ୍ର ପ୍ରସାଦ ଜେନାଙ୍କୁ ତାଙ୍କ ଭାଗବତପୁର ସ୍ଥିତ ବାସଭବନରେ ଜିଲ୍ଲା ଶିକ୍ଷକଙ୍କ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଅବସରପ୍ରାପ୍ତ ଲିପିକ ରାଜକିଶୋର ଲେଙ୍କାଙ୍କ ନେତୃତ୍ୱରେ ଗଙ୍ଗାରାମପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଚିତରଞ୍ଜନ କବି, ପୁରୁଷୋତମପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ତୁଷାରକାନ୍ତ ନାୟକ, ଲକ୍ଷ୍ମୀନାରାୟଣପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବରାଳ ଏବଂ ବହୁ ଶିକ୍ଷକ ଶ୍ରୀ ଜେନାଙ୍କ ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ, ଉତରୀୟ ପ୍ରଦାନ ପୂର୍ବକ ଜେନା ଦମ୍ପତିଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର ଅବସରକାଳୀନ ଜୀବନ ସୁସ୍ଥ ଓ ନିରାମୟ ରହିବା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସୂଚନାଯୋଗ୍ୟ ଶିକ୍ଷକ ଶ୍ରୀ ଜେନା ଜଣେ ଆଦର୍ଶ ଓ ଛାତ୍ରବତ୍ସଳ ଶିକ୍ଷକ ଭାବରେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ।

# ପଞ୍ଚାୟତର ଦୁର୍ନୀତି ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି

**କେନ୍ଦ୍ରାପଡ଼ା,୩।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ଯଅଁରା ବାରିମୂଳ ପଞ୍ଚାୟତରେ ୨୦୨୩-୨୪, ୨୦୨୪-୨୫ ଆର୍ଥିକ ବର୍ଷରେ ପଞ୍ଚାୟତରେ ଅନୀୟମିତତା ଭାବରେ ଆଦୌ କାର୍ଯ୍ୟ ନ କରି ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପଞ୍ଚାୟତର ଅନେକ ଯୋଜନା ଗୁଡିକୁ ଅଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇ ସେମାନଙ୍କଠାରୁ ଲାଞ୍ଚ ନେଇଥିବା ପଞ୍ଚାୟତର ପିଇଓ ଏବଂ ଜେଇ ମିଳିତ ହୋଇ ଦୁର୍ନୀତି କରିଥିବା ଏହି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପଞ୍ଚାୟତରେ ରାସ୍ତା ଓ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ବ୍ୟାପକ ଦୁର୍ନୀତି ହୋଇଥିବାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଞ୍ଚାୟତର ଶିବ ପ୍ରସାଦ ବାରିକ, ଅକ୍ଷୟ କୁମାର ସ୍ୱାଇଁ, ନିର୍ମଳ ବଳ, ରତ୍ନାକର ମଲ୍ଲିକଙ୍କ ସହ ବହୁ ବ୍ୟକ୍ତି ଦାବି କରିଛନ୍ତି।

# ଭାରିଗଦା ପଞ୍ଚାୟତର ସାତଘରିଆ ଗାଁର ପାନୀୟ ଜଳ ଓ ରାସ୍ତା ସମସ୍ୟା

**କେନ୍ଦ୍ରାପଡ଼ା,୩।୧୧(ସଂଚାର ବ୍ୟୁରୋ):** ଗାଁ କୁ ଥିବା ରାସ୍ତା ଭାଙ୍ଗିରୁଜି ଗଲାଣି, ୧୧ବର୍ଷ ପୂର୍ବରୁ ପଞ୍ଚାୟତ ସମିତି ଅଧୀନରେ ନିର୍ମିତ ହୋଇଥିବା ରାସ୍ତା ଏବେ ମାଟିରେ ମିଶିଛି, ତା ସହ ଏହି ସାହିରେ ଥିବା ନଳକୂପରୁ ଲୁହା ଗୁଣ୍ଡ ମିଶା ପାଣି ବାହାରି କେବେ ଗୋଳିଆ ତ କେବେ ପଙ୍କୁଆ ହେଉଛି। ନାଁ ଗାଁ ରାସ୍ତାରେ ଚାଲି ହେଉଛି ନାଁ ପାଣି ମୁନ୍ଦାଏ ପିଇ ହେଉଛି, ଏମିତି ନାହି ନାହିରେ ବଞ୍ଚି ଆସୁଛନ୍ତି ସାତଘରିଆ ସାହି ଲୋକେ। ଭାରିଗଦା ପଞ୍ଚାୟତର ସଦରରେ ଥିବା ଏହି ସାହିକୁ ଯିବାଆସିବାର ରାସ୍ତା ବେହାଲ। ପିଇବା ପାଣି ପାଇଁ ଲୋକେ ହିନସ୍ତା ହେଉଥିବା ସମ୍ପର୍କରେ ବିଡ଼ିଓଙ୍କୁ ପଚାରିବାରୁ ସେଇ ଚିରାଚରିତ ଢଙ୍ଗରେ କଣ ହେଇଛି ଦେଖିବି କହି ବ୍ଲକ ପ୍ରଶାସନ ଚୁପ ରହିଛି।


## ସଦର ମହକୁମାରେ ଜିଲ୍ଲାସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର

# ୨୦୧ ଅଭିଯୋଗରୁ ୧୬ଟି ସାମୂହିକ ୧୮୫ ବ୍ୟକ୍ତିଗତ



**କେନ୍ଦ୍ରାପଡ଼ା, ୩।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ପୌରସଂସ୍ଥା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଗୁଡିକର ତ୍ୱରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଜିଲ୍ଲାପାଳ ରଘୁରାମ ଆର. ଆୟାର ଅଧକ୍ଷତା କରିଥିଲେ। ଶିବିରରେ ୨୦୧ ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୧୬ଟି ସାମୂହିକ ଏବଂ ୧୮୫ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୭ହଜାର ଏବଂ ରେଡ କ୍ରସରୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ହିତାଧିକାରୀଙ୍କୁ ଜିଲ୍ଲାପାଳ ପ୍ରଦାନ କରିଥିଲେ। ଅଭିଯୋଗ ଗୁଡିକ ମଧ୍ୟରେ ସାମାଜିକ ସୁରକ୍ଷା ବିଭାଗ, ସାମାଜିକ କଲ୍ୟାଣ, ଶିକ୍ଷା, ବିଦ୍ୟୁତ, ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ କୋଠାବାଡ଼ି, ଅବକାରୀ, ଯୋଗାଣ ବିଭାଗ, କ୍ରୀଡା, ସ୍ୱାସ୍ଥ୍ୟ ଆଦି ବିଭାଗର ଅଭିଯୋଗ ରହିଥିଲା। ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ଶ୍ରୀ ଆୟାର ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣିରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, କେନ୍ଦ୍ରାପଡ଼ା ବିଡ଼ିଓ ଅଭିଷେକ ସ୍ୱାଇଁ, ତହସିଲଦାର ରବିନାରାୟଣ ଆଚାର୍ଯ୍ୟ, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମନୋରଞ୍ଜନ ରାଉତଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ସୋମବାର ଅର୍ଥାତ ୧୦ ତାରିଖରେ ରାଜକନିକା ବ୍ଲକ କାର୍ଯ୍ୟାଳୟ, ୧୭ ନଭେମ୍ବରରେ ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ ଏବଂ ୨୪ ନଭେମ୍ବରରେ ଅଳି ବ୍ଲକ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦.୩୦ ଘଟିକାଠାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଫକୀର ମାଝୀ ସୂଚନା ଦେଇଛନ୍ତି।

# ଶ୍ରୀ ବଳଦେବଜୀଉଙ୍କ ଦ୍ୱିବିନ୍ଦ ବାନର ବେଶ



**କେନ୍ଦ୍ରାପଡା,୩।୧୧(ସଂଚାର ବ୍ୟୁରୋ):** ପବିତ୍ର କାର୍ତିକ ମାସର ଶେଷ ୫ ଦିନ ପଞ୍ଚୁକ ବା ଭୀଷ୍ମ ପଞ୍ଚକ ଭାବେ ଅତ୍ୟନ୍ତ ପବିତ୍ର ଓ ପୁଣ୍ୟ ଦିବସ ଭାବେ ଗ୍ରହଣ କରାଯାଇଛି। ଏହି ଭୀଷ୍ମ ପଞ୍ଚକରେ କ୍ଷେତ୍ରାଧିପତି ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ୫ଦିନରେ ୫ ପ୍ରକାର ବେଶ ଭକ୍ତ ଶ୍ରଦ୍ଧାଳୁ ମାନଙ୍କୁ ଆକୃଷ୍ଟ କରିଥାଏ। ଏହିବେଶ ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଭକ୍ତ ମନ୍ଦିର ରେ ଗହଳି କରିଥାନ୍ତି। ପଞ୍ଚକର ପ୍ରଥମ ଦିବସରେ ମଧୁଦୈତ୍ୟ ସଂହାର ବେଶ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସ ରେ ଏକାଦଶୀ ଓ ଦ୍ୱାଦଶୀ ତିଥି ପଡୁ ଥିବାରୁ ପ୍ରଥମେ ପ୍ରଳମ୍ବାସୁର ବଧ ବେଶ ଓ ଦ୍ୱାଦଶୀରେ ଗରୁଡ ବେଶ ଅନୁଷ୍ଠିତ ହୋଇଥିଲା। ଆଜି ତୃତୀୟ ଦିବସରେ ମହାପ୍ରଭୁ ଶ୍ରୀ ବଳଦେବଜୀଉ ଦ୍ୱିବିନ୍ଦ ବାନର ବେଶରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ ଦର୍ଶନ ଦେଇଛନ୍ତି। ଏହି ବେଶ ଦେଖିବା ପାଇଁ ଇଛାପୁର ସ୍ଥିତ ମନ୍ଦିର ରେ ବହୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିବା ପରିଲକ୍ଷିତ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଟାଉନ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ପୋଲିସ ମୁତୟନ କରାଯାଇ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ତା କରାଯାଇଛି। ଟାଉନ ଥାନା ଅଧିକାରୀ ଦିଲିପ କୁମାର ସାହୁ ନିଜେ ମନ୍ଦିର ରେ ଉପସ୍ଥିତ ରହି ଶୃଙ୍ଖଳା ପର୍ଯ୍ୟବେକ୍ଷଣ କରିଥିଲେ।

# ଯନ୍ତ୍ରୀଙ୍କ ଭୁଲ ନକ୍ସା ଯୋଗୁଁ ରାସ୍ତା କାମ ଅଧା

## ହିନସ୍ତା ହେଉଛନ୍ତି ଗ୍ରାମବାସୀ



**ରାଜକନିକା,୩।୧୧(ସଂଚାର ବ୍ୟୁରୋ):** ସରକାରୀ ଅର୍ଥରେ ରାସ୍ତା ତିଆରି ହେଲା, ହେଲେ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଭୁଲ ନକ୍ସା ଯୋଗୁଁ ଏହି ରାସ୍ତା ଏ ଜଣେ ବ୍ୟକ୍ତିଗତ ଲୋକର ଜାଗା ଦେଇ ଯାଉଥିବାରୁ ସେ ବିରୋଧ କରି ରାସ୍ତା କାମ ବନ୍ଦ କଲେ। ଫଳରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତା ଅଧାପନ୍ତରିଆ ହୋଇ ରହିଛି। ଗାଁ କୁ ସଂଯୋଗ କରୁଥିବା ରାସ୍ତା ଦେଇ ଚଳପ୍ରଚଳ ଅଚଳ ହୋଇଯାଇଛି। ଗାଁ ଭିତରକୁ ଆମ୍ବୁଲାନ୍ସ ହେଉ କିମ୍ବା ଅଗ୍ନିଶମ ଗାଡି ପଶି ପାରୁନାହିଁ। ଏଭଳି ସମସ୍ୟାରେ ଛନ୍ଦି ହୋଇ ରହିଥିବା କେଶନଗର ଗାଁ ଲୋକେ ଗାଁ କୁ ସବୁଦିନିଆ ରାସ୍ତା ଟିଏ ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ରାଜକନିକା ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ଅଧୀନ ଆରଡ଼ି ବିଭାଗର ଏହି ରାସ୍ତାଟି ମହେନ୍ଦ୍ର ସାହୁଙ୍କ ଘର ଠାରୁ ମହେଶ୍ୱର ସାହୁ ଘର ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଥିବା ବେଳେ କେଶନଗର ଗାଁ ମୁଣ୍ଡରୁ ୨୦୦ ମିଟର ଲମ୍ବର ରାସ୍ତା ଏହା ଘରୋଇ ଜମିରେ ଯାଉ ଥିବାରୁ ଏହାକୁ ଜମି ମାଲିକ ବିରୋଧ କରିଥିଲେ। ଫଳରେ ଏହି ରାସ୍ତା ନିର୍ମାଣ ପରେ ବି କୌଣସି କାମରେ ଆସୁନାହିଁ। ତେବେ ଦାୟିତ୍ୱରେ ଥିବା ଜେଇ ଙ୍କ ଅପରିଣାମ ଦର୍ଶୀ ନିଷ୍ପତ୍ତି ପାଇଁ ଏହି ରାସ୍ତା ଏବେ ସମସ୍ତଙ୍କ ପାଇଁ ଅପହଞ୍ଚ ହୋଇ ରହିଛି। ଆଗକୁ ବହୁ ଚଉଡା ରାସ୍ତା ଥିବା ବେଳେ ଗାଁ ରୁ ବାହାରିବାକୁ ଥିବା ରାସ୍ତା ଅଣଓସାରିଆ ଜାଗାରେ ଆଗଭଳି ରହିଛି। ତେବେ କେଶନଗର ଗାଁ ର ପଛପଟୁ ଦେଇ ଯାଉଥିବା ଏହି ରାସ୍ତା ପୂର୍ଣ୍ଣାଙ୍ଗରେ ବ୍ୟକ୍ତିଗତ ଜାଗା ବାଧକ ସାଜି ଥିବାରୁ କେଶନଗର, ଝାରକଟା, ମଙ୍ଗଳପୁର ଓ ଦଶଭଗରିଆ ଗାଁ ଲୋକେ ଯିବା ଆସିବାରେ ହଇରାଣ ହେଉଛନ୍ତି। ତେବେ ସରକାର ଅର୍ଥ ଖର୍ଚ୍ଚ କରି ଲୋକଙ୍କ ପାଇଁ କରିଥିବା ରାସ୍ତା ଯଦି କାମରେ ଆସୁନି ତେବେ କଣ ପାଇଁ ବିଭାଗ ଏ ଯାଏ ତାର ନିରାକରଣ କରୁନାହିଁ ବୋଲି ଶରତ ମଲିକ, ଦୁର୍ଯ୍ୟଧନ ଧଳ, ବିଦ୍ୟାଧର ମଲିକ, ଯୁଧିଷ୍ଠିର ବାରିକ, ବିଶ୍ୱନାଥ ପରିଡା, ଉମେଶ ଚନ୍ଦ୍ର ଧଳ, ବିଜୟ କେତନ ସାହୁ, ଅଭୟ ବାରିକ ଓ ଗୋଲେଖ ସ୍ୱାଇଁ ପ୍ରମୁଖ ଦାବୀ କରିଛନ୍ତି। ଏ ସମ୍ପର୍କରେ ଆରଡ଼ି ବିଭାଗର ଜେଇ ଙ୍କ ସହ ଯୋଗାଯୋଗ କରି ଥିଲେ ହେଁ ତାହା ସମ୍ଭବ ହୋଇନାହିଁ। ତେବେ ଧୋୟାଞ୍ଚଳର ଏହି ନିତିଦିନିଆ ରାସ୍ତା ପାଇଁ ଜିଲ୍ଲାପାଳ ମହୋଦୟ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବୀ ହୋଇଛି।

# ଭାରିଗଦା ପଞ୍ଚାୟତ ସାତଘରିଆ ଗାଁର ପାନୀୟ ଜଳ ଓ ରାସ୍ତା ସମସ୍ୟା



**ରାଜକନିକା, ୩।୧୧(ସଂଚାର ବ୍ୟୁରୋ):** ଗାଁ କୁ ଥିବା ରାସ୍ତା ଭାଙ୍ଗିରୁଜି ଗଲାଣି, ୧୧ବର୍ଷ ପୂର୍ବରୁ ପଞ୍ଚାୟତ ସମିତି ଅଧୀନରେ ନିର୍ମିତ ହୋଇଥିବା ରାସ୍ତା ଏବେ ମାଟିରେ ମିଶିଛି, ତା ସହ ଏହି ସାହିରେ ଥିବା ନଳକୂପରୁ ଲୁହା ଗୁଣ୍ଡ ମିଶା ପାଣି ବାହାରି କେବେ ଗୋଳିଆ ଟ କେବେ ପଙ୍କୁଆ ହେଉଛି। ଗାଁ ରାସ୍ତାରେ ଚାଲି ହେଉଛି ନାଁ ପାଣି ମୁନ୍ଦାଏ ପିଇ ହେଉଛି, ଏମିତି ନାହି ନାହିରେ ବଞ୍ଚି ଆସୁଛନ୍ତି ସାତଘରିଆ ସାହି ଲୋକେ। ଭାରିଗଦା ପଞ୍ଚାୟତ ସଦରରେ ଥିବା ଏହି ସାହିକୁ ଯିବା ଆସିବାର ରାସ୍ତା ବେହାଲ। ପିଇବା ପାଣି ପାଇଁ ଲୋକେ ହିନସ୍ତା ହେଉଥିବା ସମ୍ପର୍କରେ ବିଡ଼ିଓ ଙ୍କୁ ପଚାରିବାରୁ ସେଇ ଚିରାଚରିତ ଢଙ୍ଗରେ କଣ ହେଇଛି ଦେଖିବି କହି ବ୍ଲକ ପ୍ରଶାସନ ଚୁପ ରହିଛି। ଏହି ସାହିକୁ ଥିବା ରାସ୍ତା ମରାମତି ଓ ପାନୀୟ ଜଳ ସୁବିଧା ନ ହେଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ସମାଜସେବା ପାଇଁ ଅବିବାହିତ ଦମନ

## ସେବାକୁ କରିଛନ୍ତି ଜୀବନର ବ୍ରତ



**କେନ୍ଦ୍ରାପଡ଼ା,୩।୧୧(ସଂଚାର ବ୍ୟୁରୋ):** ସମାଜସେବା କରିବା ନିଶା ତାଙ୍କୁ ଜୀବନର ଆତ୍ମତୃପ୍ତି ଦେଉଛି। ଦୁଃଖୀ, ଦରିଦ୍ର ଓ ଅସହାୟ ମାନଙ୍କ କଷ୍ଟ ଯନ୍ତ୍ରଣା ଦେଖିଲେ କି ଶୁଣିଲେ ସେ ବିଚଳିତ ହୋଇ ତାହାର ସମାଧାନ ପାଇଁ ସେ ପ୍ରୟାସ ଆରମ୍ଭ କରି ତାହାର ସ୍ଥାୟୀ ବାଟ ବାହାର କରି ଦିଅନ୍ତି। ସେଥିପାଇଁ ସେ ବିବାହ ନକରିବାକୁ ନିଷ୍ପତ୍ତି ନେଇଛନ୍ତି। ଏମିତି ଜଣେ ବିଚିତ୍ର ମଣିଷ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ଦମନ କୁମାର ମହାନ୍ତି। କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତର ଆଳିଜଙ୍ଗା ଗ୍ରାମରେ ପିତା ଶ୍ରୀଧର ମହାନ୍ତି ଓ ମାତା ଜ୍ୟୋତ୍ସ୍ନାରାଣୀ ମହାନ୍ତିଙ୍କ କୋଳରୁ ୧୨ ଏପ୍ରିଲ ୧୯୮୩ ମସିହାରେ ଜନ୍ମଗ୍ରହଣ କରିଥିଲେ ଏହି ମହାନ ନାୟକ। ତୁଳସୀ ଦୁଇ ପତ୍ରରୁ ବାସିବା ପରି ଦମନ ଶିଶୁ ଜୀବନରୁ ସମସ୍ତଙ୍କ ଗହଣରେ ବେଶ୍ ଗ୍ରହଣୀୟ ହେଉଥିଲେ। ଛାତ୍ର ଜୀବନରୁ ସାମାଜିକ କାର୍ଯ୍ୟକ୍ରମ ପ୍ରତି ରୁଚି ରଖି ଆସିଥିବା ଦମନ ବୟସ ବଢ଼ିବା ସଙ୍ଗେ ଆଧାତ୍ମିକ ଚେତନା, ସନାତନ ଧର୍ମ ର ସୁରକ୍ଷା, ପରିବେଶ ସନ୍ତୁଳନତା ରକ୍ଷା, ରକ୍ତଦାନ, ବୃକ୍ଷରୋପଣ, ଅସହାୟ, ଦୁସ୍ଥ ଲୋକଙ୍କ ମୁହଁରେ ହସ ଫୁଟାଇବାକୁ ପ୍ରୟାସ କରି ସେ ଆଜି କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ପ୍ରତିଷ୍ଠିତ ସମାଜସେବୀ ଭାବରେ ପରିଚିତ। ସମାଜସେବାକୁ ବ୍ରତ କରିଥିବା ୪୨ ବର୍ଷୀୟ ଦମନ ସେବା ପାଇଁ ସାରା ଜୀବନ ଅବିବାହିତ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଉଚ୍ଚ ଶିକ୍ଷା ଲାଭ କରିଥିବା ଦମନ ବୃତ୍ତିରେ ଜଣେ ସଫଳ ବ୍ୟବସାୟୀ। ହେଲେ ରୋଜଗାରର ୭୦ ଭାଗ ଅର୍ଥ ସେ ସେବାକାର୍ଯ୍ୟ ପାଇଁ ଖର୍ଚ୍ଚ କରନ୍ତି। କେବଳ ସେ ମଣିଷଙ୍କୁ ନୁହେଁ ବରଂ ପଶୁ ପକ୍ଷୀ ମାନଙ୍କୁ ମଧ ବହୁତ ଭଲ ପାଆନ୍ତି। ସେବାପ୍ରାଣ ଦମନ ସେବା କାର୍ଯ୍ୟକୁ ପରିବ୍ୟାପ୍ତ କରିବା ପାଇଁ ୩୦ ଅକ୍ଟୋବର ୨୦୧୭ ମସିହାରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ନାମକ ଏକ ସାମାଜିକ ସଙ୍ଗଠନ ଗଢ଼ି 'ସେବା ହିଁ ଜୀବନର ଲକ୍ଷ୍ୟ' ଏହି ବାର୍ତ୍ତା ରେ କର୍ମ କରି ଚାଲିଛନ୍ତି।

# ସୁଭଦ୍ରା ଶକ୍ତି ମେଳାରେ ୯ ରାଜ୍ୟର ମହିଳା ଉଦ୍ୟୋଗୀ

- ମନ କିଣୁଛି ରାଜ୍ୟ ବାହାର ଉତ୍ପାଦ
- ତୃତୀୟ ଦିନ ସୁଦ୍ଧା ୧.୦୨ କୋଟିର ବ୍ୟବସାୟ



**ଭୁବନେଶ୍ୱର,୩।୧୧(ସଂଚାର ବ୍ୟୁରୋ):** ଓଡ଼ିଶାର ନାରୀ ଉଦ୍ୟୋଗୀତାର ପରିଚୟ 'ସୁଭଦ୍ରା ଶକ୍ତି ମେଳା ୨୦୨୫' ଏବେ ଜାତୀୟ ସ୍ତରର ରୂପ ନେଇଛି। ଚଳିତ ବର୍ଷ ଏହି ମେଳାରେ ଓଡ଼ିଶା ବ୍ୟତୀତ ୯ଟି ବାହାର ରାଜ୍ୟ ମହିଳା ଉଦ୍ୟୋଗୀମାନେ ଅଂଶଗ୍ରହଣ କରିଛନ୍ତି। ସେମାନେ ଛତିଶଗଡ଼, ଝାଡଖଣ୍ଡ, ମଧ୍ୟପ୍ରଦେଶ, ଗୁଜୁରାଟ, ପଞ୍ଜାବ, ପଶ୍ଚିମବଙ୍ଗ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ଆସାମରୁ ଆସିଥିବା ବେଳେ ମେଳାରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ମଧ୍ୟ ଅସମ୍ଭବ ଚାହିଦା ପରିଲକ୍ଷିତ ହେଉଛି। ଭାରତୀୟ ସଂସ୍କୃତି, କଳା ଓ ହସ୍ତଶିଳ୍ପରେ ସଜେଇ ହୋଇ ପ୍ରଦର୍ଶନୀ ପଡ଼ିଆ ଏକ ମିନି ଇଣ୍ଡିଆର ଅନୁଭୂତି ପ୍ରଦାନ କରୁଛି।

ଓଡ଼ିଶାର ସମୃଦ୍ଧ ହସ୍ତଶିଳ୍ପ ଓ ଉତ୍ପାଦ ପାଇଁ ବିପୁଳ ଜନସମାଗମ ହେଉଥିବା ବେଳେ ରାଜ୍ୟ ବାହାର ଷ୍ଟଲଗୁଡ଼ିକରେ ଦର୍ଶକ ଓ ଗ୍ରାହକମାନଙ୍କ ଅପୂର୍ବ ଭିଡ଼ ଜମୁଛି। ପଞ୍ଜାବର ଫୁଲକାରୀ ବସ୍ତ୍ର, ଝାଡ଼ଖଣ୍ଡର ଟସର ସିଲ୍କ ଶାଢ଼ୀ ଓ ଘର ସାଜସଜ୍ଜା ପାଇଁ ଫୁଲଦାନୀ, ତେଲଙ୍ଗାନାର ଇକତ୍‌, ଆସାମର ବିଶ୍ୱପ୍ରସିଦ୍ଧ ଏରି ରେଶମ, ଛତିଶଗଡ଼ର ମଲବେରୀ ସିଲ୍କ ଓ ଜମଦାରୀ ଶାଢ଼ୀ, ଗୁଜରାଟର ଖଦୀ କଟନ, ମଧ୍ୟପ୍ରଦେଶର ଚନ୍ଦେରୀ କଟନ ଓ ଜରି ୱର୍କ ଶାଢ଼ୀ ଏବଂ ପଶ୍ଚିମ ବଙ୍ଗରର ଡିଜାଇନର ବ୍ଲାଉଜ୍‌, ବାଟିକ ଶାଢ଼ୀ ଓ ଟେରାକୋଟା କାନଫୁଲ ଲୋକଙ୍କୁ ଆକର୍ଷିତ କରୁଛି। ଆଜି ମେଳାର ତୃତୀୟ ଦିନ ଶେଷ ସୁଦ୍ଧା ୧.୦୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଉତ୍ପାଦ ବିକ୍ରି ହୋଇଥିବା ଜଣାପଡ଼ିଛି। ସେହିପରି ଆଜି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ହର ଗୌରୀ ରଣପା ନୃତ୍ୟ ପରିଷଦର ପାରମ୍ପରିକ ରଣପା ନୃତ୍ୟ, ଯୋଡ଼ି ଶଙ୍ଖ ଓ ବିଶିଷ୍ଟ କଣ୍ଠଶିଳ୍ପୀ ଆଶୁତୋଷ ମହାନ୍ତି ଓ ତାଙ୍କ ଟିମ୍‌ ଦ୍ୱାରା ପରିବେଷିତ ସଙ୍ଗୀତ ଦର୍ଶକଙ୍କୁ ମନୋରଞ୍ଜନର ବେଶ୍‌ ଖୋରାକ ଯୋଗାଇଛି।

## ୟୁନିଟ୍‌-୨ କ୍ୟାପିଟାଲ ଗାର୍ଲ୍ସ ହାଇସ୍କୁଲରେ ରାଜ୍ୟପାଳ

# ରକ୍ତହୀନତା ଦୂର ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ଦୁଇ ମାସ ପାଇଁ ଛାତ୍ରୀଙ୍କୁ ମିଳିବ ବିଟ୍‌-ଗାଜର ଜୁସ୍‌ ଓ ବାଦାମ ଚିକ୍କି**



**ଭୁବନେଶ୍ୱର,୩।୧୧(ସଂଚାର ବ୍ୟୁରୋ):** ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସ୍ଥାନୀୟ ୟୁନିଟ୍‌-୨ସ୍ଥିତ କ୍ୟାପିଟାଲ ଗାର୍ଲ୍ସ ହାଇସ୍କୁଲ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସ୍କୁଲର ସୁସ୍ଥ ଖାଦ୍ୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଓ ସ୍କୁଲ ଝିଅମାନଙ୍କ ରକ୍ତହୀନତା ଦୂର କରିବା ପାଇଁ ଛାତ୍ରୀମାନଙ୍କୁ ବିଟ୍‌-ଗାଜର ଜୁସ ଓ ବାଦାମ ଚିକ୍କି ବଣ୍ଟନ କରି ରାଜ୍ୟପାଳ ଏକ ସ୍ୱତନ୍ତ୍ର ଦୁଇମାସିଆ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ଅଧୀନରେ ସ୍କୁଲ ଛାତ୍ରୀମାନେ ଦୁଇ ମାସ ପାଇଁ ବିଟ୍‌-ଗାଜର ଜୁସ୍‌ ଓ ବାଦାମ ଚିକ୍କି ପାଇବେ। ଏହି ଅବସରରେ ରାଜ୍ୟପାଳ ଛାତ୍ରୀମାନଙ୍କ ସହ ଆଲୋଚନା କରି କିଶୋରୀ ଝିଅମାନଙ୍କ ମଧ୍ୟରେ ରକ୍ତହୀନତାର ସମସ୍ୟା ଉପରେ ଚିନ୍ତା ପ୍ରକଟ କରିବା ସହ ସେମାନଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ପୁଷ୍ଟିକର ଖାଦ୍ୟ ସମ୍ପର୍କିତ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟପାଳ କହିଥିଲେ ଯେ ସରଳ ଖାଦ୍ୟ ଅଭ୍ୟାସ ଜଣଙ୍କ ସ୍ୱାସ୍ଥ୍ୟରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରିବ। ଗାଜର-ବିଟ୍‌ ଜୁସ୍‌ ଓ ଚିକ୍କି ଭଳି ଖାଦ୍ୟ ସାମଗ୍ରୀ ହିମୋଗ୍ଲୋବିନ ସ୍ତରକୁ ଉନ୍ନତ କରିଥାଏ। ଦୁଇମାସ ପରେ ଛାତ୍ରୀମାନେ ସେମାନଙ୍କ ହିମୋଗ୍ଲୋବିନ ସ୍ତରରେ ଉନ୍ନତି ଘଟିଥିବା ଜାଣିବା ପରେ ଏନେଇ ଅଭିଭାବକଙ୍କୁ କହି ଏହି ସୁସ୍ଥ ଖାଦ୍ୟାଭ୍ୟାସ ଜାରି ରଖିବା ଉଚିତ ବୋଲି ରାଜ୍ୟପାଳ ପରାମର୍ଶ ଦେଇଥିଲେ।

ଏଥିସହ ରାଜ୍ୟପାଳ ସ୍କୁଲମାନଙ୍କରେ ନିୟମିତ ଦୃଷ୍ଟିଶକ୍ତି ପରୀକ୍ଷାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରି କରିଥିଲେ। ସେ କହିଥିଲେ ଯେ ଅନେକ ପିଲା ସେମାନଙ୍କର ଦୃଷ୍ଟି ଶକ୍ତି ସମସ୍ୟା ବିଷୟରେ ଅଜ୍ଞ ରହିଥାନ୍ତି। ତେଣୁ ଏ ଦିଗରେ ଶିକ୍ଷକଶିକ୍ଷୟିତ୍ରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ କହିଥିଲେ। ସୂଚନାଯୋଗ୍ୟ ଯେ ୧୯୫୮ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ପାଠ ପଢ଼ିଥିବାରୁ ଏହାର ଏକ ଗୌରବମୟ ଐତିହ୍ୟ ରହିଛି।

# ରିଶା ମାଙ୍କଡ଼ିଆଙ୍କ ମୃତ୍ୟୁକୁ ଗୌଣ ଦୃଷ୍ଟିରେ ଦେଖାଯାଉଛି



**ଭୁବନେଶ୍ୱର,୩।୧୧(ସଂଚାର ବ୍ୟୁରୋ):** ଗତ ମାସରେ ସୁକିନ୍ଦା ବ୍ଲକ୍‌ର ମଲାର ସାହିରେ ରିଶା ମାଙ୍କିଡ଼ିଆ ନାମକ ଜଣେ ଆଦିବାସୀ ଅନାହାରରେ ମୃତ୍ୟୁବରଣ କରିଥିଲେ ମଧ୍ୟ ଏହାକୁ କୌଣସି ଗଣମାଧ୍ୟମ ଆଖିଦୃଶିଆ ଭାବେ ପ୍ରଚାର କରିନାହାନ୍ତି କି ରାଜନୈତିକ ସ୍ତରରେ ବି ଏହାକୁ ବିଶେଷ ଗୁରୁତ୍ୱ ଦିଆଯାଇନାହିଁ ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଆଜି ସ୍ଥାନୀୟ କଂଗ୍ରେସ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ ଆଦିବାସୀ ମାଙ୍କଡ଼ିଆ ସମାଜର ଦୁର୍ଦ୍ଦଶା ଉପରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଆଇସିସି ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ଶରତ ରାଉତ, ବରିଷ୍ଠ ମୁଖପାତ୍ର ମନୋରଞ୍ଜନ ଦାଶ ଓ ମୁଖପାତ୍ର ଡଃ ମନୀଷା ଦାସ ପଟ୍ଟନାୟକ ସାମ୍ବାଦିକ ସମ୍ମିଳନୀ ଉପସ୍ଥିତ ରହି ଗଣମାଧ୍ୟମ ପ୍ରତିନିଧିମାନେ ମାଙ୍କିଡ଼ିଆ ଆଦିବାସୀଙ୍କ ଦୁର୍ଦ୍ଦଶା ନେଇ ଜନସାଧାରଣଙ୍କୁ ଅବଗତ କରାଇବା ସକାଶେ ନିବେଦନ କରିଛନ୍ତି।

ସୁକିନ୍ଦାର ପୂର୍ବତନ ବିଧାୟକ ଶ୍ରୀ ରାଉତ କହିଛନ୍ତି ଯେ ୨୦୧୧ ଜନଗଣନା ଅନୁସାରେ ମାଙ୍କିଡ଼ିଆ ଆଦିବାସୀଙ୍କ ସଂଖ୍ୟା ମାତ୍ର ୨୨୦୦। ସୁକିନ୍ଦା ବ୍ଲକ୍‌ର ମଲାର ସାହିରେ ଏବେ ୧୫୦ ପରିବାର ରହୁଛନ୍ତି। ଏମାନେ ଏବେ ବି ପତ୍ର କୁଡ଼ିଆ ଓ ଜରି ପାଲ ଟଣା ଘରେ ରହୁଛନ୍ତି। ସରକାରୀ ବାସଗୃହ ଏମାନଙ୍କ ପାଇଁ ସାତ ସପନ। ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ରହିବାକୁ ସେମାନେ ବାଧ୍ୟ ହେଉଛନ୍ତି। ସେମାନଙ୍କ ପାଇଁ ବିଶୁଦ୍ଧ ପାଣିର ବି ସୁବିଧା ନାହିଁ। ନିକଟରେ ମୃତ୍ୟୁବରଣ କରିଥିବା ରିଶାଙ୍କୁ ଗତ ୩ ମାସ ହେଲା ଅନ୍ତ୍ୟୋଦୟ ଚାଉଳ ମିଳୁନଥିବାରୁ ସେ ଅନାହାରରେ ମୃତ୍ୟୁବରଣ କରିଥିବା ବିଧାୟକ ଅଶୋକ ଦାସଙ୍କ ନେତୃତ୍ୱରେ ପିସିସି ଟିମ୍‌ ଜାଣିବାକୁ ପାଇଥିଲା। ଇ-କେୱାଇସି ହୋଇନଥିବାରୁ ତାଙ୍କୁ ଚାଉଳ ମିଳୁନଥିଲା। ଫଳରେ ସେ ଭିକ୍ଷାବୃତ୍ତି କରିବାକୁ ବାଧ୍ୟ ହୋଇଥିଲେ। ଅନାହାର ମୃତ୍ୟୁ ସତ୍ତ୍ୱେ ଯାଜପୁର ଜିଲ୍ଲାପାଳ ଓ ଅନ୍ୟାନ୍ୟ କୌଣସି ଅଧିକାରୀ ତତ୍ପରତା ପ୍ରକାଶ ନ କରିବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ରାଉତ କହିଛନ୍ତି। ଏ ସଂକ୍ରାନ୍ତରେ ଦଳ ପକ୍ଷରୁ ଗତକାଲି ରାଜ୍ୟପାଳଙ୍କୁ ଅବଗତ କରାଯିବା ପରେ ସେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେଇ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି। ଗତ ୨୦୨୨ ସେପ୍ଟେମ୍ବର ୨୭ରେ ବି ସୁରେନ୍ଦ୍ର ମାଙ୍କଡ଼ିଆଙ୍କ ଅନାହାରଜନିତ ମୃତ୍ୟୁ ହୋଇଥିଲେ ବି ସରକାର କୌଣସି ପଦକ୍ଷେପ ନେଇ ନ ଥିବାରୁ ଶ୍ରୀ ରାଉତ କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି।

# ୬୦୦ ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିଛି ବେଦାନ୍ତର ପ୍ରୋଜେକ୍ଟ ବିଦ୍ୟା



**ଭୁବନେଶ୍ୱର,୩।୧୧(ସଂଚାର ବ୍ୟୁରୋ):** ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ପ୍ରମୁଖ ପଦକ୍ଷେପ ପ୍ରୋଜେକ୍ଟ ବିଦ୍ୟା ମାଧ୍ୟମରେ ଗ୍ରାମୀଣ ଓଡ଼ିଶାରେ ଗୁଣାତ୍ମକ ଶିକ୍ଷାରେ ଉନ୍ନତି ଆଣୁଛି। ଏହି କ୍ରମରେ କମ୍ପାନୀ ଲଖନପୁର ବ୍ଲକର ସରକାରୀ ସ୍କୁଲଗୁଡ଼ିକରେ ୯ମ ଏବଂ ୧୦ମ ଶ୍ରେଣୀର ୬୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ ଦ୍ୱାରା ପ୍ରକାଶିତ ସନ୍ଦର୍ଭ ପୁସ୍ତକ ବଣ୍ଟନ କରି ଶୈକ୍ଷିକ ସହାୟତା ପ୍ରଦାନ କରିଛି। ଏହା ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଆଗାମୀ ବୋର୍ଡ ପରୀକ୍ଷା ପାଇଁ ପ୍ରଭାବଶାଳୀ ଭାବେ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ। ଏହି ପଦକ୍ଷେପ ବଞ୍ଜାରୀ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ବିଦ୍ୟାଳୟ, ପିପଲିମାଲ ଉଚ୍ଚ ବିଦ୍ୟାଳୟ, ଖୈରକୁନି ଉଚ୍ଚ ବିଦ୍ୟାଳୟ, କୁରାଲୋଇ ଏବଂ ଲୁଆବାହାଲ ଉଚ୍ଚ ବିଦ୍ୟାଳୟ, ୟୁଜିଏଚ୍‌ଏସ୍‌ ଝାରପାଲମ ଓ ସରକାରୀ ୟୁଜିଏଚ୍‌ଏସ୍‌ ଛତାବର ଛାତ୍ରଛାତ୍ରୀମାନଙ୍କୁ ଲାଭ ଦେଇଛି, ଯାହା ଶିକ୍ଷା ଓ ସାମଗ୍ରିକ ବିକାଶ ମାଧ୍ୟମରେ ସମ୍ପ୍ରଦାୟକୁ ସଶକ୍ତ କରିବାର ବେଦାନ୍ତର ଦୃଷ୍ଟିକୋଣକୁ ଆଗକୁ ବଢ଼ାଇଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ପ୍ରୋଜେକ୍ଟ ବିଦ୍ୟା ମାଧ୍ୟମରେ ଆମେ ଛାତ୍ରଛାତ୍ରୀମାନଙ୍କୁ ସଠିକ୍‌ ଶିକ୍ଷଣ ଉପକରଣ ଓ ସୁଯୋଗ ସହ ସଜ୍ଜିତ କରିବାକୁ ଲକ୍ଷ୍ୟ ରଖିଛୁ। ଏହା ସେମାନଙ୍କୁ ସଫଳ କରିବା ସହ ସେମାନଙ୍କ ଭବିଷ୍ୟତ ପାଇଁ ଏକ ଦୃଢ଼ ଭିତ୍ତିଭୂମି ନିର୍ମାଣ କରିପାରିବ। ପ୍ରତ୍ୟେକ ପିଲାର ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ସହ ସେମାନଙ୍କୁ ଉନ୍ନତ କରିବା ଓ ସମାଜରେ ଅର୍ଥପୂର୍ଣ୍ଣ ଅବଦାନ ଦେବାରେ ସକ୍ଷମ କରିବା ଏହି ପଦକ୍ଷେପର ପ୍ରମୁଖ ଲକ୍ଷ୍ୟ ବୋଲି ଶ୍ରୀ କୁମାର କହିଛନ୍ତି। ସେହିପରି ଲଖନପୁରର ବ୍ଲକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ କହିଛନ୍ତି ଯେ ପ୍ରୋଜେକ୍ଟ ବିଦ୍ୟା ଅଧୀନରେ ବେଦାନ୍ତର ପଦକ୍ଷେପ ଗ୍ରାମୀଣ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଗତ ଭାବେ ଉତ୍କର୍ଷ ହାସଲ କରିବାରେ ସକ୍ଷମ କରିବ।

**ଶ୍ରୀମନ୍ଦିର ଭିତରୁ ଡାଲଡା ଘିଅ ଜବତ**

# ସେବକଙ୍କୁ କୈଫିୟତ ତଲବ୍‌



**ପୁରୀ,୩।୧୧(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ଭିତରୁ ଜବତ ହୋଇଛି ଡାଲଡା ଘିଅ। ଶ୍ରୀମନ୍ଦିରରେ କେବଳ ଓମଫେଡ୍‌ ଘିଅ ବ୍ୟବହାର ନେଇ ନିର୍ଦ୍ଦେଶ ରହିଥିଲେ ହେଁ ଜନୈକ ମହାସୁଆର ସେବକ ଏହାର ଉଲ୍ଲଂଘନ କରିଥିବାରୁ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୈଫିୟତ ତଲବ୍‌ କରାଯାଇଛି। ଏଥିସହ ଏ କ୍ଷେତ୍ରରେ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବନାହିଁ ବୋଲି ମୁଖ୍ୟ ପ୍ରଶାସକ ସ୍ପଷ୍ଟ କରିଛନ୍ତି।

## ରନ୍‌ ଆଣ୍ଡ ରାଇଡ୍‌ ଗଣଦୌଡ଼ ଓ ସାଇକେଲ୍‌ ମାରାଥନ୍‌



**ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ):** ଭୁବନେଶ୍ୱର ସୁସ୍ଥ ଭାରତ ଗଠନର ବାର୍ତ୍ତା ନେଇ ଶ୍ରୀ ସତ୍ୟ ସାଇ ସେବା ସଂଗଠନ ପକ୍ଷରୁ ରନ୍‌ ଆଣ୍ଡ ରାଇଡ୍‌ ଗଣଦୌଡ଼ ଓ ସାଇକଲ ମାରାଥନ ଅନୁଷ୍ଠିତ ହୋଇଛି। ପ୍ରାତଃ ୫ଟାରେ ୟୁନିଟ-୩ ସାଇ ଜନନୀ ପ୍ରେକ୍ଷାଳୟରୁ ବାହାରି ଶତାଧିକ ଯୁବକଯୁବତୀ ବାଣୀବିହାର ଛକ ଦେଇ ଏଠାକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ସର୍ବଭାରତୀୟ ଶ୍ରୀ ସତ୍ୟସାଇ ସେବା ସଂଗଠନ ଓ ଭାରତ ସରକାରଙ୍କ ମିଳିତ ପ୍ରୟାସରେ ସାରା ଦେଶରେ ସୁସ୍ଥ ଭାରତ ଗଠନ ଲକ୍ଷ୍ୟ ନେଇ ଏହା ଆୟୋଜିତ ହୋଇଛି। ଏହି ଗଣଦୌଡ଼ରେ ପ୍ରାୟ ଏକ ହଜାର ଯୁବକଯୁବତୀ ଅଂଶଗ୍ରହଣ କରିଥିଲେ। ଏଥିରେ ଅନେକ ପ୍ରତିଭାଗୀ ସାଇକେଲ ଚାଳନା ମଧ୍ୟ କରିଥିଲେ। ଏହି ଗଣଦୌଡ଼କୁ ଉଦ୍‌ଘାଟନ କରିଥିଲେ ରାଜ୍ୟ ସଭାପତି ଡାକ୍ତର ସତ୍ୟସ୍ୱରୂପ ପଟ୍ଟନାୟକ, ଯୁବ ବିଭାଗର ସଂଯୋଜକ ତୁଷାରକାନ୍ତ ନାଥ, ନୂତନ ନିଆଲ, ଯୁଗ୍ମ ସଂଯୋଜକ ଅଞ୍ଜନି ପଟ୍ଟନାୟକ ଓ ଅମ୍ରିତା ନାଥ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ଶାଖାତୋରାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଶୋଭାଯାତ୍ରା



**ନୂଆପଡ଼ା/ଭୁବନେଶ୍ୱର, ୩।୧୧ (ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଆଜି ନୂଆପଡ଼ା ନିର୍ବାଚନମଣ୍ଡଳୀର ଶାଖାତୋରାରେ ଏକ ବିଶାଳ ନିର୍ବାଚନୀ ଶୋଭାଯାତ୍ରାରେ ଯାଇ ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଶୋଭାଯାତ୍ରାରେ ଭୋଟରମାନଙ୍କୁ ସମ୍ବୋଧନ କରି ସମସ୍ତଙ୍କ ସହଯୋଗରେ ନୂଆପଡ଼ାରେ ବିକାଶର ପଦ୍ମ ଫୁଟିବ ବୋଲି କହିଛନ୍ତି। ନୂଆପଡ଼ା ନିର୍ବାଚନ ମଣ୍ଡଳୀ ବୁଥ୍‌ ନମ୍ବର ୧୨୯ ଶାଖାତୋରାଠାରେ ଅନୁଷ୍ଠିତ ବିଶାଳ ଶୋଭାଯାତ୍ରାରେ ଦଳୀୟ ନେତୃବୃନ୍ଦ, ସ୍ଥାନୀୟ ଜନସାଧାରଣଙ୍କ ସହ ସାମିଲ ହୋଇଥିଲେ ସ୍ୱାସ୍ଥ୍ୟମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ। ସମସ୍ତେ ଏକ ହୋଇ ବିଜେପି ପାଇଁ ପ୍ରଚାର କରିବା ସହ ଆମ ଦଳର ପ୍ରାର୍ଥୀ ଜୟ ଢୋଲକିଆଙ୍କ ସମର୍ଥନରେ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଭାରତୀୟ ଜନତା ପାର୍ଟି ପ୍ରତି ଲୋକଙ୍କ ଯେଉଁ ବିଶ୍ୱାସ ଏବଂ ଭରସା ରହିଛି ତାହା ଏକ ବୃହତ ବିଜୟର ପଥକୁ ସୁଗମ କରୁଛି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି। ବୁଥ ନଂ.୧୨୫, ୧୨୬, ୧୨୮ ସିର୍ଡୋଲଠାରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ଉପସ୍ଥିତିରେ ଦଳୀୟ ପ୍ରାର୍ଥୀ ଶ୍ରୀ ଢୋଲକିଆଙ୍କ ସମର୍ଥନରେ ଭୋଟ ପ୍ରଚାର କରିଥିଲେ। ଏହି ବୈଠକରେ ସ୍ଥାନୀୟ ଜନସାଧାରଣ ବିପୁଳ ସଂଖ୍ୟାରେ ଯୋଗଦେଇ ସେମାନଙ୍କ ସମର୍ଥନ ଜଣାଇଛନ୍ତି। ସେହିପରି ନୂଆପଡ଼ା ନିର୍ବାଚନମଣ୍ଡଳୀ ବୁଥ ନଂ.୧୮୩, ୱାର୍ଡ ନମ୍ବର ୧୪ ମହୁଆଭଟାଠାରେ ମଧ୍ୟ ମନ୍ତ୍ରୀ ମହାଲିଙ୍ଗ ଦଳୀୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ଦଳୀୟ ପ୍ରାର୍ଥୀ ଶ୍ରୀ ଢୋଲକିଆଙ୍କୁ ଭୋଟ ଦେବାକୁ ସମସ୍ତେ ନିବେଦନ କରିଛନ୍ତି।

**ମିଥ୍ୟା ଶପଥ ପାଠ ଦେଇଛନ୍ତି ବିଜେପି ବିଧାୟକ!**

# ପଦ ରଦ୍ଦ ଦାବି କଲା କଂଗ୍ରେସ



**ଭୁବନେଶ୍ୱର,୩।୧୧(ସଂଚାର ବ୍ୟୁରୋ):** ଗତ ୨୦୨୪ ରାଜ୍ୟ ବିଧାନସଭା ନିର୍ବାଚନରେ ଢେଙ୍କାନାଳ ବିଧାନସଭା ଆସନ ପାଇଁ କୃଷ୍ଣଚନ୍ଦ୍ର ପାତ୍ର ବିଜେପି ପକ୍ଷରୁ ପ୍ରାର୍ଥୀ ହିସାବରେ ନାମାଙ୍କନପତ୍ର ଦାଖଲ କରିଥିଲେ। ପରେ ସେ ଉକ୍ତ ଆସନରୁ ବିଜୟୀ ହେବା ସହ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ବି ହୋଇଛନ୍ତି। ସତ୍ୟପାଠରେ ସେ ଦେଇଥିବା ପାନ୍‌ ନମ୍ବର ସମ୍ପୂର୍ଣ୍ଣ ବେନାମୀ ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯିବା ସହ ତାଙ୍କ ବିଧାୟକ ପଦ ରଦ୍ଦ ପାଇଁ ଦାବି କରାଯାଇଛି। ଦଳ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ଆୟକର ବିଭାଗ କର୍ତ୍ତୃପକ୍ଷ ଶ୍ରୀ ପାତ୍ର ଦେଇଥିବା ପାନ୍‌ କାର୍ଡ ନମ୍ବର କାହାରିକୁ ଦିଆଯାଇନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ତେଣୁ ଫର୍ମ-୨୬ରେ ମିଥ୍ୟା ତଥ୍ୟ ଦେଇଥିବା ସତ୍ତ୍ୱେ ତାଙ୍କ ନାମାଙ୍କନପତ୍ର ଖାରଜ ନ ହୋଇ କିପରି ଯାଞ୍ଚ ପ୍ରକ୍ରିୟାରେ କାଏମ ରହିଲା, ସେନେଇ ଦଳର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ଉକ୍ତ ପାନ୍‌ କାର୍ଡ ନମ୍ବରରେ ଶ୍ରୀ ପାତ୍ର ୫ ବର୍ଷ ଧରି କିପରି ଭାବେ ଆୟକର ପଇଠ କରିଛନ୍ତି, ତା' ମଧ୍ୟ ଏକ ବଡ଼ ପ୍ରଶ୍ନ। ତେଣୁ ଶ୍ରୀ ପାତ୍ର ଦୁଇଟି ପାନ୍‌ କାର୍ଡ ରଖିଥିବା ସନ୍ଦେହ କରାଯାଉଛି, ଯାହାକି ଆଉ ଏକ ଧର୍ତ୍ତବ୍ୟ ଅପରାଧ। ତେଣୁ ଏଥିପ୍ରତି ତତ୍କାଳୀନ ରିଟର୍ଣ୍ଣିଂ ଅଫିସର୍‌ ଶ୍ରୀ ମହାପାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ମହାନ୍ତି ଦାବ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ନଳିନୀକାନ୍ତ ନାୟକ ଓ ଡ. ମନିଷାଦାସ ପଟ୍ଟନାୟକ ଉପସ୍ଥିତ ଥିଲେ।

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ଆକାଉଣ୍ଟାଣ୍ଟ ଓ ପିଅନ



**ଭୁବନେଶ୍ୱର,୩।୧୧(ସଂଚାର ବ୍ୟୁରୋ):** ବକେୟା ଦରମା କରିବା ପାଇଁ ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ବରଗଡ ଜିଲ୍ଲା ବରପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି) ଆକାଉଣ୍ଟାଣ୍ଟ ଓ ପିଅନ। ଫୋନପେ' ମାଧ୍ୟମରେ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍‌ ସେମାନଙ୍କୁ ମାଡ଼ିବସିଥିଲେ। ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଆକାଉଣ୍ଟାଣ୍ଟ ହେଲେ ଶେଖର ଚନ୍ଦ୍ର ସାହୁ ଓ ପିଅନ ତମନ୍ନା ସାହୁ। ବରପାଲି ସିଏଚସି ଅଧୀନରେ କାମ କରୁଥିବା ଜଣେ ସ୍ୱାସ୍ଥ୍ୟ କର୍ମୀଙ୍କ ୩ ମାସର ବକେୟା ଦରମା କରିବା ପାଇଁ ବରପାଲି ସିଏଚସି ଆକାଉଣ୍ଟାଣ୍ଟ ଓ ପିଅନ ୭ ହଜାର ଟଙ୍କା ଦାବି କରିଥିଲେ। ୭ ହଜାର ଟଙ୍କା ନ ଦେଲେ ବକେୟା ଦରମା କରିବେ ନାହିଁ ବୋଲି କହିଥିଲେ। ଏନେଇ ସ୍ୱାସ୍ଥ୍ୟ କର୍ମୀ ଜଣକ ଭିଜିଲାନ୍ସକୁ ସୂଚନା ଦେଇଥିଲେ। ଶେଖର ଓ ତମନ୍ନା ଫୋନପେ' ମାଧ୍ୟମରେ ସ୍ୱାସ୍ଥ୍ୟକର୍ମୀଙ୍କଠାରୁ ଆଜି ୭ ହଜାର ଟଙ୍କା ନେଉଥିବା ସମୟରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍‌ ମାଡ଼ି ବସିଥିଲେ। ଶେଖର ଓ ତମନ୍ନାଙ୍କ ଫୋନ୍‌କୁ ମଧ୍ୟ ଭିଜିଲାନ୍ସ ଟିମ ଜବତ କରିଥିଲା। ଏଥିସହ ଉଭୟ ପୂର୍ବରୁ ଅନ୍ୟ କେତେକ କର୍ମଚାରୀଙ୍କଠାରୁ ସମାନ ଢଙ୍ଗରେ ଲାଞ୍ଚ ନେଇଥିବା ଅଭିଯୋଗ ହେବା ପରେ ଭିଜିଲାନ୍ସ ଏହାର ମଧ୍ୟ ଖୋଳତାଡ଼ କରୁଛି।

# ଡିଏଭି କଳିଙ୍ଗନଗରରେ ଛାୟା ଯୁବ ସଂସଦ ଅନୁଷ୍ଠିତ



**ଭୁବନେଶ୍ୱର,୩।୧୧(ସଂଚାର ବ୍ୟୁରୋ):** ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ତଥା ଏକତା ଦିବସ ଡିଏଭି କଳିଙ୍ଗ ନଗରରେ ପାଳିତ ହୋଇଛି। ଦେଶର ଏକତା ପାଇଁ ଲଢେଇ କରିଥିବା ସର୍ଦ୍ଦାର ପଟେଲଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷ ବଳରାମ ମହାପାତ୍ର, ପର୍ଯ୍ୟବେକ୍ଷକ, ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷ ଏହି ମହାନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ କରିଥିଲେ। ଉତ୍ସବରେ ପଟେଲଙ୍କ ଜୀବନୀ ସମ୍ବନ୍ଧୀୟ କବିତା ଆବୃତ୍ତି, ନୃତ୍ୟ ନାଟିକା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍କାଉଟ, ଗାଇଡ୍‌, ଜେଆରସି ଛାତ୍ରଛାତ୍ରୀମାନେ ଏକ ର୍ୟାଲିରେ ଯୋଗଦେଇ ରାଷ୍ଟ୍ରୀୟ ଏକତାର ବାର୍ତ୍ତା ପ୍ରଚାର କରିଥିଲେ।

# ଉପନିର୍ବାଚନ, ସରଗରମ ନୂଆପଡ଼ା

**ଭୁବନେଶ୍ୱର,୩।୧୧:** ନୂଆପଡ଼ା ଉପନିର୍ବାଚନ ପାଇଁ ଆସନ୍ତା ୯ ତାରିଖରେ ପ୍ରଚାର ଶେଷ ହେବାକୁ ଯାଉଥିବାବେଳେ ଏବେ ସେଠାରେ ୩ ପ୍ରମୁଖ ରାଜନୈତିକ ଦଳର ଶତାଧିକ ନେତା ଡେରା ପକାଇ ନିଜ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଜନମତକୁ ଆକୃଷ୍ଟ କରିବା ପାଇଁ ଲାଗିପଡ଼ିଛନ୍ତି। ସତେ ଯେମିତି ନୂଆପଡ଼ାରେ ବିଜେପି, ବିଜେଡି ଓ କଂଗ୍ରେସ ଦଳର ପ୍ରାର୍ଥୀମାନଙ୍କ ଛଡ଼ା ସେମାନଙ୍କ ଦଳର ମୁଖିଆମାନଙ୍କ ନେତୃତ୍ୱ ଓ ପତିଆରା ବାଜିରେ ଲାଗିଯାଇଛି।

ନୂଆପଡ଼ାରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଡେରା ପକାଇ ରହିଛନ୍ତି। ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ାରେ ପ୍ରାର୍ଥୀପତ୍ର ଦାଖଲ ପୂର୍ବରୁ ଜନସମାବେଶ କରିଛନ୍ତି। ଆଜି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଓ ବିଜେଡିର ସୁପ୍ରିମୋ ନବୀନ ପଟ୍ଟନାୟକ ନୂଆପଡ଼ା ଗସ୍ତ କରି ଏକ ନିର୍ବାଚନ ସଭାରେ ଭାଷଣ ଦେଇଛନ୍ତି। ବିଜେଡି, ବିଜେପି ଓ କଂଗ୍ରେସର ଶତାଧିକ ବିଧାୟକ ଓ ସାଂସଦ ଏବଂ ବହୁ ପୂର୍ବତନ ମନ୍ତ୍ରୀ, ଦଳୀୟ କର୍ମକର୍ତ୍ତା ନିର୍ବାଚନ ମଣ୍ଡଳୀରେ ଗାଁକୁ ଗାଁ ବୁଲୁଥିବା ଦେଖାଯାଉଛି।




ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଖୁବଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ନୂଆପଡ଼ା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ପାଇଁ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ମଧ୍ୟ ନୂଆପଡ଼ାରେ ଧୂଆଁଧାର ପ୍ରଚାର ଚଳାଇବାକୁ ଆସୁଛନ୍ତି। ଏହି କ୍ରମରେ ଛତିଶଗଡ଼ ସମେତ ଅନ୍ୟ କେତେକ ରାଜ୍ୟର ଦଳୀୟ ନେତାମାନେ ମଧ୍ୟ ନୂଆପଡ଼ା ଆସିବାର କାର୍ଯ୍ୟକ୍ରମ ରହିଛି।

ଆଦିବାସୀ ଅଧ୍ୟୁଷିତ ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ ମହିଳା ଭୋଟରଙ୍କ ସଂଖ୍ୟା ୫୦ ପ୍ରତିଶତରୁଅଧିକ ହୋଇଥିବା ପରିପ୍ରେକ୍ଷୀରେ ସବୁ ଦଳଙ୍କ ନଜର ମହିଳା ଓ ଆଦିବାସୀମାନଙ୍କ ଭୋଟ ଉପରେ। ଏଥିଲାଗି ବିଭିନ୍ନ ଦଳର ବହୁ ନେତ୍ରୀ ଏବଂ ଆଦିବାସୀ ବର୍ଗର ନେତାମାନେ ନୂଆପଡ଼ା ଛୁଟୁଛନ୍ତି। ଆସନ୍ତା ୧୧ ତାରିଖରେ ନିର୍ବାଚନ ହେବାକୁ ଥିବାବେଳେ ପ୍ରଚାର ମାହୋଲ ସରଗରମ ହୋଇଛି। ନବୀନ ପଟ୍ଟନାୟକ ମଧ୍ୟ ଆଉଥରେ ନୂଆପଡ଼ା ଆସିବା ସମ୍ଭାବନା ଅଛି। ବିଶେଷକରି କଳାହାଣ୍ଡି ଓ ପାଟଣା ରାଜପରିବାରର ଯେଉଁମାନେ ବିଭିନ୍ନ ରାଜନୈତିକ ଦଳ ସହ ଯୋଡ଼ି ହୋଇରହିଛନ୍ତି ସେମାନେ ଏଠାରେ ଧୂଆଁଧାର ପ୍ରଚାର କରୁଛନ୍ତି। ନିର୍ବାଚନ ତାରିଖ ପାଖେଇ ଆସୁଥିବାବେଳେ ବାହାରର ନେତାମାନେ ଏଠାରେ ସୃଷ୍ଟି କରୁଥିବା ଉଷ୍ମ ବାତାବରଣ ଯୋଗୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଏକ ବଡ଼ ଆହ୍ୱାନ ହୋଇଛି।

ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରିଥିବାବେଳେ ନିର୍ବାଚନମଣ୍ଡଳୀ ବାହାରର ଅନ୍ୟ ଯେଉଁମାନେ ଏଠାରେ ଡେରା ପକାଇଛନ୍ତି ସେମାନଙ୍କୁ ତଡ଼ିବା ଲାଗି ଦଳମତ ନିର୍ବିଶେଷରେ ଦାବି ଉଠୁଛି। ତେବେ ସରକାରୀ ଅଧିକାରୀମାନେ କହୁଛନ୍ତି ଯେ ସମସ୍ତଙ୍କ ଉପରେ ସୁରକ୍ଷା ବଳ ସତର୍କ ନଜର ରଖିଛନ୍ତି ଏବଂ ଆସନ୍ତା ୯ ତାରିଖ ସନ୍ଧ୍ୟା ପୂର୍ବରୁ ନିର୍ବାଚନମଣ୍ଡଳୀର ଭୋଟର ନଥିବା ନେତାମାନେ ଏଠାରୁ ବିଦା ହେବେ। ନିର୍ବାଚତ ତାରିଖ ପାଖେଇ ଆସୁଥିବାରୁ ଏବେ ଚିରାଚରିତ ଭାବେ ଟଙ୍କା, ନିଶା ଓ ଅନ୍ୟ ଉପଢ଼ୌକନ ବଣ୍ଟନ କାମ ମଧ୍ୟ ଆରମ୍ଭ ହୋଇଯାଇଥିବା ଘେନି ବିଭିନ୍ନ ଅଞ୍ଚଳରୁ ଅଭିଯୋଗ ଆସୁଛି। (ତଥ୍ୟ)

# ବୁଧବାରଠାରୁ ବଢ଼ିବ ଶୀତ

## ବିଳମ୍ବରେ ଆସିବ, ଶୀଘ୍ର ଚାଲିଯିବ

**ଭୁବନେଶ୍ୱର,୩।୧୧(ସଂଚାର ବ୍ୟୁରୋ):** ରାଜ୍ୟକୁ ଫେରୁଛି ଶୀତ। ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁଭୂତ ହେବ ଥଣ୍ଡା। ତେଣୁ ଆସନ୍ତା ବୁଧବାରଠାରୁ ତାପମାତ୍ରା କମିବା ଫଳରେ ଶୀତ ମାତ୍ରା ବଢ଼ିବା ନେଇ ଆଜି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଉତ୍ତର-ପଶ୍ଚିମ ଦିଗରୁ ରାଜ୍ୟ ମଧ୍ୟକୁ ପ୍ରବେଶ କରୁଛି ଶୁଷ୍କ-ଥଣ୍ଡା ବାୟୁ। ଏହାର ପ୍ରଭାବରେ ୨ ରୁ ୩ ଡିଗ୍ରୀ ସେଲସିୟସ କମିଛି ରାତି ତାପମାତ୍ରା। କିଛି ସ୍ଥାନରେ ଶୀତ ଅନୁଭୂତ ହେଉଛି। ଆସନ୍ତା ୨ ରୁ ୩ ଦିନ ମଧ୍ୟରେ ୩ ରୁ ୪ ଡିଗ୍ରୀ ସେଲସିୟସ କମିବ ରାତ୍ରି ତାପମାତ୍ରା। ଚଳିତବର୍ଷ ରାଜ୍ୟକୁ ଶୀତ ବିଳମ୍ବରେ ଆସି ଶୀଘ୍ର ଚାଲିଯିବ। ଏଥର ଶୀତର ଅବଧି କମ୍‌ ରହିବ। ଅକ୍ଟୋବରରୁ ନଭେମ୍ବର ବାତ୍ୟାର ମାସ ହୋଇଥିବା ବେଳେ ବିଭିନ୍ନ ପାଣିପାଗ ନିୟାମକକୁ ନେଇ ଆର୍ଦ୍ରତାର ମାତ୍ରା ଅଧିକ ରହୁଛି। ଯେଉଁଥିପାଇଁ ବର୍ତ୍ତମାନ ବି ଗୁଳୁଗୁଳି ଅନୁଭୂତ ହେଉଛି। ସାରା ରାଜ୍ୟରେ ଶୀତ ବିଳମ୍ବରେ ଆସିବ ବୋଲି ପୂର୍ବାନୁମାନ କରିଛି ଆଇଏମ୍‌ଡି।

# ହାତୀ ଆକ୍ରମଣରେ ଯୁବକ ଗୁରୁତର

**ଚମ୍ପୁଆ, ୩।୧୧(ସଂଚାର ବ୍ୟୁରୋ):** ହାତୀ ଦେଖିବାକୁ ଯିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଯୁବକଙ୍କ ହାତରେ ହାତୀ ଦାନ୍ତ ଭୁଷି ଦେବାରୁ ଯୁବକ ଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ଚନ୍ଦ୍ରଶେଖରପୁର ପଂଚାୟତ ବଳଭଦ୍ରପୁର ଗ୍ରାମ ପାତାସାହିର ଗୁରୁଚରଣ ମୁଣ୍ଡାଙ୍କ ପୁଅ ନରେନ୍ଦ୍ର ମୁଣ୍ଡା(୨୭) ଚମ୍ପୁଆ ବନାଂଚଳ ଉଖୁଣ୍ଡା ସେକ୍ସନ ବାଙ୍କିଆ ବିଟ ଅନ୍ତର୍ଗତ କାଟୁଳିକନା ଜଙ୍ଗଲରେ ଗୋଟେ ଗୋଠ ଛଡ଼ା ଦନ୍ତା ହାତୀ ଥିବା ଜାଣି କିଛି ସାଙ୍ଗଙ୍କ ସହ ସେଠାକୁ ହାତୀ ଦେଖିବାକୁ ଯାଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ ନରେନ୍ଦ୍ର ହାତୀଟିର ଅତି ନିକଟକୁ ଚାଲି ଯାଇ ହାତୀକୁ ଚିଡ଼ାଇବାକୁ ପ୍ରୟାସ କରିବାରୁ ହାତୀଟି ହଠାତ ବୁଲିପଡ଼ି ନରେନ୍ଦ୍ରଙ୍କୁ ଶୁଣ୍ଢରେ ଆକ୍ରମଣ କରିଥିଲା। ତାଙ୍କର ଡାହାଣ ହାତରେ ହାତୀଦାନ୍ତ ବାଜି କ୍ଷତ ହୋଇଥିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ସେଠାରୁ ଉଦ୍ଧାର କରାଯାଇ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡ଼ିଛି। ଯୁବକ ଜଣଙ୍କ ବିଦ୍ୟୁତ ବିଭାଗରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ନୀତିଶଙ୍କ ଦୋମୁହାଁ ନୀତି



ବିହାରର ରାଜନୀତିର ମଞ୍ଚରେ ନୀତିଶ କୁମାର ଏକ ଅନିୟମିତ ନୃତ୍ୟକାର ଭଳି। ବିଭିନ୍ନ ସମୟରେ ତାଙ୍କର ପରିବର୍ତ୍ତନର ଇତିହାସ ଏତେ ଲମ୍ବା ଯେ, ଏହାକୁ ଏକ ରାଜନୈତିକ କମେଡି କହିପାରିବେ। ୨୦୦୫ରୁ ଆଜି ପର୍ଯ୍ୟନ୍ତ, ନୀତିଶ ବିଜେପିରୁ ଆରଜେଡିକୁ, ପୁନର୍ବାର ବିଜେପିକୁ ଯାଇ ଆସିଛନ୍ତି। ୨୦୨୪ରେ ମହାଗଠବନ୍ଧନ୍ ଛାଡ଼ି ପୁନର୍ବାର ଏନଡିଏରେ ଯୋଗଦାନ କରି ମୁଖ୍ୟମନ୍ତ୍ରୀ ପଦ ଧରିବାରେ ସଫଳ ହୋଇଥିଲେ। କିନ୍ତୁ ୨୦୨୫ର ବିଧାନସଭା ନିର୍ବାଚନରେ ଏହି ଦ୍ୱିମୁଖୀତା ଆହୁରି ସ୍ପଷ୍ଟ ହୋଇଛି। ନୀତିଶଙ୍କ ଏହି ରାଜନୈତିକ ଅସ୍ଥିରତା କେବଳ ବିହାରର ବିକାଶକୁ ବାଧା ପହଞ୍ଚାଇଛି, ସହ ଜନତାର ବିଶ୍ୱାସକୁ ଧରାଶାୟୀ କରିଛି।

ନୀତିଶଙ୍କ ଦ୍ୱିମୁଖୀ ନୀତିର ସବୁଠାରୁ ବଡ଼ ଉଦାହରଣ ହେଉଛି ତାଙ୍କ ସମ୍ବଳୀତ ପରିବର୍ତ୍ତନ। ୨୦୧୫ରେ ବିଜେପିକୁ ଛାଡ଼ି ଆରଜେଡି ସହ ଗଠବନ୍ଧନ କରି ମହାଦଳିତ ଏବଂ ପୁର୍ବବର୍ତ୍ତୀ ବିରୋଧୀଙ୍କୁ ସଶକ୍ତ କରିଥିଲେ। ସେତେବେଳକି, ବିଜେପିକୁ 'ଅସ୍ଥିର ସମ୍ବଳୀ' କହି ନିନ୍ଦା କରିଥିଲେ। କିନ୍ତୁ ୨୦୨୨ରେ ପୁନର୍ବାର ବିଜେପିକୁ ହାତ ମିଳାଇ ଏନଡିଏରେ ଫେରିଆସିଥିଲେ। ଏହା କେବଳ ସମ୍ବଳୀତ ପରିବର୍ତ୍ତନ ନୁହେଁ, ଏହା ଏକ ପୂର୍ଣ୍ଣ ରାଜନୈତିକ ପ୍ରତାରଣା। ୨୦୨୫ର ନିର୍ବାଚନରେ ଏନଡିଏର ସିଟ ବିତରଣରେ ନୀତିଶଙ୍କ ଜେଡିଉ ପାଇଥିବା ବଡ଼ ହିସ୍ସା ଏବଂ ଚିରଗ୍ ପାସ୍ୱାନଙ୍କ ଲୋକଜନଶକ୍ତି ପାର୍ଟିଙ୍କୁ ଦିଆଯାଉଥିବା ସ୍ଥାନ ଏହାର ପ୍ରମାଣ। ଏକାଧାରରେ ବିଜେପିର ସହଯୋଗୀ ହୋଇ ଦେଶୀୟ ହିନ୍ଦୁତ୍ୱବାଦୀଙ୍କୁ ସମର୍ଥନ କରୁଥିବା ବେଳେ, ଆହୁରି ଏକାଧାରରେ ମହାଦଳିତ ଏବଂ ପୁର୍ବବର୍ତ୍ତୀଙ୍କ ଅଧିକାର ସୁରକ୍ଷାର କଥା କହୁଥାନ୍ତି। ଏହା କେମିତି ନୀତି?

ଆହୁରି ଏକ ଦ୍ୱିମୁଖୀତା ହେଉଛି ଏନଡିଏର 'ବହୁବଳୀ' ପ୍ରତି ଦୁଇମାନଙ୍କ ଆଚରଣ। ଆରଜେଡିକୁ 'ଜଙ୍ଗଲ୍ ରାଜ୍' କହି ନିନ୍ଦା କରିବା ସହ ବହୁବଳୀମାନଙ୍କୁ ନିର୍ବାଚନୀ ମୟଦାନରେ ପ୍ରୋତ୍ସାହିତ କରୁଥାନ୍ତି। ମୋକାମା ହତ୍ୟା ମାମଲାରେ ଜେଡିଉ ନେତା ଆନନ୍ତ ସିଂହଙ୍କ ଗିରଫଦାରୀ ପରେ ମଧ୍ୟ ଏନଡିଏର ନୀତି ଅପରିବର୍ତ୍ତିତ। ପ୍ରତିପକ୍ଷ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଓ ସଚିନ୍ ପାଇଲଟ୍ ଯେମିତି ନେତାମାନେ ନୀତିଶଙ୍କୁ 'କୁଷ୍ଠିଗ୍ରସ୍ତ' ଓ 'ଦେଲ୍ହିଙ୍କ ଦାସ' କହି ଆକ୍ରମଣ କରୁଛନ୍ତି, ଏହା ସତ୍ୟର ଏକ ପ୍ରତିଫଳନ। ନୀତିଶଙ୍କ 'ଡବଲ୍ ଇଞ୍ଜିନ୍' ସରକାର କେବଳ ନାମମାତ୍ର, ବାସ୍ତବରେ ଏହା ଦେଲ୍ହିଙ୍କ ନିୟନ୍ତ୍ରଣରେ ଚାଲୁଛି। ବିକାଶର କଥା କହୁଥିବା ନୀତିଶ ଜାତିଗତ ରାଜନୀତିରେ ଜଡ଼ିତ ହୋଇଛନ୍ତି, ଯେଉଁଥିରେ ବିକାଶ ଏକ ଅମୂର୍ତ୍ତ ପ୍ରତିଶ୍ରୁତି ଭଳି। ପଟନାର ବିମାନବନ୍ଦର ଭଳି ପ୍ରୋଜେକ୍ଟଗୁଡ଼ିକ ଥାଇ ପନ୍ନୁନ୍ଙ୍କ ସୁକ୍ଷ୍ମ ନଳକୁ ଦେଖିଲେ ଏହା ସ୍ପଷ୍ଟ।

ନୀତିଶଙ୍କ ଏହି ଦ୍ୱିମୁଖୀତା ବିହାରର ଯୁବକମାନଙ୍କୁ ବେକାରୀ ଓ ପ୍ରବାସୀ ଜୀବନ ଦେଉଛି। ୨୦୨୫ର ନିର୍ବାଚନରେ ଜନତା ଏହାକୁ ଭୁଲିପାରିବେ ନାହିଁ। ତାଙ୍କ ଭିଡିଓ ସନ୍ଦେଶରେ 'ନିୟମର ରାଜ୍' ଓ 'ପରିବାର ନୁହେଁ ପ୍ରଥମ' କଥା କହୁଥିବା ନୀତିଶ ନିଜ ପରିବାରକୁ ରାଜନୀତିରେ ପ୍ରବେଶ କରାଇଛନ୍ତି। ଏହା କେମିତି ନୀତି? ବିହାରର ଜନତାଙ୍କୁ ଏକ ସ୍ଥିର, ନ୍ୟାୟପରାୟଣ ନେତୃତ୍ୱର ଆବଶ୍ୟକତା। ନୀତିଶଙ୍କ ରାଜନୈତିକ ଖେଳ ଆଉ ଚାଲିବା ଉଚିତ୍ ନୁହେଁ। ୨୦୨୫ର ନିର୍ବାଚନ ଏହାର ପ୍ରତ୍ୟାଖ୍ୟାନର ସୁଯୋଗ। ବିହାର ବିକାଶର ପଥରେ ଅଗ୍ରସର ହେବା ପାଇଁ ଏକ ନୂତନ ଅଧ୍ୟାୟର ଆବଶ୍ୟକତା।

# ସ୍ମୃତିରେ ଆଦର୍ଶ ଶିକ୍ଷକ ଶ୍ରୀଚରଣ ସାର



**ଆଡଭୋକେଟ ଶୁଭେନ୍ଦୁ ମହାନ୍ତି**

କଟକ ଜିଲ୍ଲାର ବେଣୀରାମପୁର ଗ୍ରାମ ଏକ ସଂସ୍କାରସମୃଦ୍ଧ, ଶାନ୍ତ ଓ ନିର୍ମଳ ପରିବେଶର ଗାଁ। ଏହି ଗାଁର ଗୌରବ ଓ ଗରିମା ହେଲେ ଶିକ୍ଷକ ଶ୍ରୀଚରଣ ବେହେରା-ଜଣେ ସାଧୁ, ସରଳ ଓ ନିଷ୍ଠାବାନ ଶିକ୍ଷକ, ଯିଏ ନିଜ ସମଗ୍ର ଜୀବନକୁ ଶିକ୍ଷା ସେବାରେ ଅର୍ପିତ କରିଥିଲେ।

୧୯୬୬ ମସିହାରେ ସେ କଟକ ସହରର ଜୋବ୍ରା ଅଞ୍ଚଳରେ ଥିବା ପୌର ନିଗମ ଅଧୀନସ୍ଥ ଏକ ବିଦ୍ୟାଳୟରେ ଶିକ୍ଷକ ଭାବେ ଚାକିରି ଆରମ୍ଭ କରିଥିଲେ। ସେତେବେଳେ ତାଙ୍କର ମାସିକ ଦରମା ମାତ୍ର ପଚିଶ ଟଙ୍କା ଥିଲା। ସେହି ଅଳ୍ପ ଦରମାରେ ମଧ୍ୟ ସେ ନିଜ ପରିବାର ଓ ଜୀବନକୁ ସମାନ ସ୍ନେହ ଓ ନୀତିରେ ଚଳାଇ ରଖିଥିଲେ। ଶିକ୍ଷା ସେବା, ସେଥିପାଇଁ ଚାକିରି ନୁହେଁ, ତାଙ୍କ ପାଇଁ ଏହା ଏକ ଧର୍ମ ଥିଲା। ସେ ଜଣେ ଶିକ୍ଷକ ମାତ୍ର ନୁହେଁ-ଜଣେ ଜୀବନ ଶିଳ୍ପୀ ଥିଲେ, ଯିଏ ଛାତ୍ରମାନଙ୍କ ମନରେ ଜ୍ଞାନ ଓ ନୀତିର ପ୍ରଦୀପ ଜାଳାଇଥିଲେ। ଶ୍ରୀଚରଣ ବେହେରା ଜୋବ୍ରା ପୌର ବିଦ୍ୟାଳୟରେ ପ୍ରାୟ ଚାଳିଶି ବର୍ଷ ଧରି ସେବା କରିଥିଲେ। ସେତେବେଳେ ସ୍କୁଲ ଚଳାଇବା ଅତ୍ୟନ୍ତ କଷ୍ଟସାଧ୍ୟ ଥିଲା। ପରିଚାଳନା କମିଟି ସଦସ୍ୟମାନେ ଘର ଘର ବୁଲି ମୁଠି ଚାଉଳ ସଂଗ୍ରହ କରି ବିଦ୍ୟାଳୟ ପାଇଁ ଅର୍ଥ ସଂଗ୍ରହ କରୁଥିଲେ। ତଥାପି ସେହି ଅଭାବ ମଧ୍ୟରେ ଶ୍ରୀଚରଣ ବେହେରା ନିଜ କର୍ତ୍ତବ୍ୟ ଓ ଦାୟିତ୍ୱରେ କେବେ ଅବହେଳା କରିନଥିଲେ। ଶ୍ରୀଚରଣ ସାର୍ ଜଣେ ଛାତ୍ରବତ



ଏକାଦଶାହ ଉପଲକ୍ଷେ

ପୁରାତନ ଛାତ୍ର

# ସନାତନ ଧର୍ମ ଓ ଏହାର ସ୍ୱରୂପ



**ଗୋପାଳ ମହାପାତ୍ର**

ସନାତନ ଧର୍ମକୁ ନେଇ ଏବେ ଅନେକ ବିମର୍ଷ ଚାଲିଛି। ପ୍ରକୃତରେ ସନାତନ ସଂସ୍କୃତି ନା ସନାତନ ଧର୍ମ ସେ ବାବଦରେ ତର୍ଜମା କରାଯିବାର ମଧ୍ୟ ଆବଶ୍ୟକତା ରହିଛି। ଏ ପ୍ରସଙ୍ଗରେ ଶ୍ରୀମଦ୍ ଭଗବଦଗୀତା ଏବଂ ମହାଭାରତ ଭଳି ଗ୍ରନ୍ଥ ମାନଙ୍କରେ କ'ଣ ଉଲ୍ଲେଖ ରହିଛି ସେ ବାବଦରେ ଜାଣିବାର ଆବଶ୍ୟକତା ରହିଛି। ଶ୍ରୀମଦ୍ ଭଗବଦ୍‌ଗୀତାର ପ୍ରଥମ ଅଧ୍ୟାୟର ୩୯ତମ ଶ୍ଳୋକରେ ଉଲ୍ଲେଖ କରାଯାଇଛି -"କୂଳ କ୍ଷୟେ ପ୍ରଣଶ୍ୟନ୍ତି କୂଳଧର୍ମାଃ ସନାତନଃ।" ଏହାର ଅର୍ଥର ହେଉଛି କୂଳର ନାଶ ହେଲେ ସନାତନ ବଂଶ ପରମ୍ପରା ନାଶ ହୋଇଯିବ। ଫଳତଃ ସନାତନ ଧର୍ମର ମଧ୍ୟ ବିନାଶ ଘଟିବ। "ଗୀତା"ର ଦ୍ୱିତୀୟ ଅଧ୍ୟାୟରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି -ହେ ଅର୍ଜୁନ "ଅବିନାଶି ତୁ ତଦ୍‌ବିଦ୍ଧି ଯେନ ସର୍ବମିଦଂ ତତମ୍" (ଗୀତାର ୨ୟ ଅଧ୍ୟାୟଶ୍ଳୋକ ୧୭) ଏହାର ଅର୍ଥ ହେଉଛି ଯାହା ସମ୍ପୂର୍ଣ୍ଣ ଶରୀରରେ ବ୍ୟାପ୍ତ ହୋଇ ରହିଛି ତାହା ଅବିନାଶୀ ଅଟେ ଓ ଏହା ଆତ୍ମା ଅଟେ। ସେହି ଦ୍ୱିତୀୟ ଅଧ୍ୟାୟରେ ଶ୍ଳୋକ ୧୬ରେ "ନାଭାବୋ ବିଦ୍ୟତେ ସତଃ ଉଲ୍ଲେଖ ଅଛି। ସେହି ସତ୍‌ର ଅଭାବ କେଉଁଠି ନାହିଁ ଅର୍ଥାତ୍ ସେହି ସତ୍ ସବୁଠି ବିଦ୍ୟମାନ। ତାକୁ ଅଗ୍ନି ଜଳାଇ ପାରିବ ନାହିଁ। ସେହି ୨ୟ ଅଧ୍ୟାୟରେ ୨୪ ତମ ଶ୍ଳୋକରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି "ନିତ୍ୟ ସର୍ବଗତଃ ସ୍ଥାଣୁର୍ ଚଳୋୟଂ ସନାତନଃ।" ସେହି ହିଁ ନିତ୍ୟ ଓ ସର୍ବବ୍ୟାପି ଅଟେ। ତାହା ସ୍ଥିର ଅଟେ ଓ ଏକମାତ୍ର ସନାତନ ଅଟେ।

ଗୀତା ଅନେକ ଲୋକ ପଢ଼ନ୍ତି ବୁଝନ୍ତି କିନ୍ତୁ କିଛି ଲୋକ ଏହାକୁ ବୁଝି ପାରନ୍ତି ନାହିଁ। ଗୀତାରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଆତ୍ମା ହେଉଛି ସନାତନ ଯାହାକୁ ପରମାତ୍ମା ସ୍ୱରପ ବୋଲି କୁହାଯାଇଛି। ଯିଏ ପରମାତ୍ମାଙ୍କ ପ୍ରତି ସଚେତ ସେ ହିଁ ସନାତନ ଧର୍ମର ପାଳନ କରିଥାଏ। ସନାତନ ଧର୍ମର ଲକ୍ଷହେଉଛି ମୋକ୍ଷ। ଏହି ମୋକ୍ଷ ପ୍ରାପ୍ତି ପାଇଁ ହୃଦୟ ରେ ସ୍ଥିତ ସେଇ ସତ୍ୟ ସ୍ୱରପ ପରମାତ୍ମାରେ ଲୀନ ହେବା ଆବଶ୍ୟକ। ଏହାକୁ ଆତ୍ମ ନିୟନ୍ତ୍ରଣ ଦ୍ୱାରା ପ୍ରାପ୍ତ କରିହୁଏ। କୌଣସି ବାହାର ସଂସାରରେ ନୁହେଁ ନିଜ ଭିତରେ ସନାତନ ପରମାତ୍ମାଙ୍କୁ ଖୋଜିବା ଆବଶ୍ୟକ। ସନାତନ ସତ୍ୟ ପାଇଁ ଯେଉଁ ଧର୍ମ ପ୍ରେରିତ କରିଥାଏ ତାହା ହେଉଛି ସନାତନ ଧର୍ମ। ସ୍ପଷ୍ଟ ଭାବରେ କୁହାଯାଇପାରେ ଯେ ସନାତନ ଧର୍ମ ସେଇ ମୂଲ୍ୟକୁ ଇଙ୍ଗିତ କରିଥାଏ ଯାହା ଅପରିବର୍ତ୍ତନୀୟ ଅଟେ ଆତ୍ମା, ବ୍ରହ୍ମ, ପ୍ରକୃତିର ମୂଳତତ୍ୱ ଓ ମୋକ୍ଷ। ଏସବୁ ସଦା ସତ୍ୟ ଅଟେ। ଏସବୁ ତତ୍ୱକୁ ଆପଣେଇ ଏହି ଅନୁସାରେ ଅଚରଣ ବ୍ୟବହାରକୁ ବ୍ୟବସ୍ଥିତ କରିବାକୁ ସନାତନ ଧର୍ମ ଶିକ୍ଷା ଦେଇଥାଏ।

ଏସବୁ ସତ୍ୟର ଜ୍ଞାନ ପାଇଁ ଅନେକ ମହାପୁରୁଷ ଭିନ୍ନ ଭିନ୍ନ ବାଟ ବତାଇଛନ୍ତି। ଋଗ୍‌ବେଦରେ କୁହାଯାଇଛି -"ଏକ୍ ସଦ୍‌ବିପ୍ରାବହୁଧା ବଦନ୍ତି" ଅର୍ଥାତ୍ ଏକ୍ ହିଁ ସତ୍ୟ କୁ ବିଜ୍ଞ ପୁରୁଷ ମାନେ ଭିନ୍ନଭିନ୍ନ ଭାବରେ ବ୍ୟାଖ୍ୟା କରିଛନ୍ତି କିନ୍ତୁ ସତ୍ୟ ସର୍ବଦା ଏକ୍ ରହିଛି। ଏକଥା ମହାଭାରତ ଗ୍ରନ୍ଥରେ ମଧ୍ୟ କୁହାଯାଇଛି। ମହାଭାରତର



ବନପର୍ବ ଆରଣେୟ ପର୍ବରେ ଏ ପ୍ରସଙ୍ଗରେ ବର୍ଣ୍ଣନା କରାଯାଇଛି। ଧର୍ମର ତତ୍ୱ ଗୁଢ଼ ଏଣୁ ମହାପୁରୁଷ ମାନେ ଯେଉଁ ମାର୍ଗ ଦେଖାଇଛନ୍ତି ତାକୁ ଅନୁସରଣ କରିବା ଉଚିତ୍। ମହାପୁରୁଷ ମାନେ ଭିନ୍ନଭିନ୍ନ ବ୍ୟାଖ୍ୟା କରିଥିବା କାରଣରୁ ସନାତନ ଧର୍ମରେ ଅନେକ ମତର ସମାବେଶ ଦେଖିବାକୁ ମିଳିଥାଏ। ମହାଭାରତରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଧର୍ମର ସ୍ୱରପ ବାବଦରେ ବୁଝାଇ କହିଛନ୍ତି ଯେ କେତେକ ଧର୍ମକୁ ତର୍କ ଦ୍ୱାରା ଜାଣିବା ପାଇଁ ପ୍ରୟାସ କରିଥାନ୍ତି ତ ଆଉ କେତେକ ବେଦ ମାନଙ୍କରେ (୪ବେଦ) ଧର୍ମକୁ ଖୋଜିଥାନ୍ତି। କିନ୍ତୁ ବିଜ୍ଞ ମହାପୁରୁଷ ମାନେ ଏକ୍ ବା ଗୋଟିଏ ଧର୍ମର ବାସ୍ତବିକ୍ ସ୍ୱରପ କଥା କହିଥାନ୍ତି।

ମହାଭାରତର କର୍ଣ୍ଣପର୍ବରେ ଉଲ୍ଲେଖ ରହିଛି "ଯତ୍ ସ୍ୟାଦ୍ ହିଁସା ସଂଯୁକ୍ତ ସ ଧର୍ମଇତି ନିଶ୍ଚୟଃ।" (ଯତ୍ ସ୍ୟାତ୍ ଅହିଁସା ଯୁକ୍ତ ସ ଧମ; ଇତି ନିଶ୍ଚୟଃ) ଅର୍ଥାତ୍ ଅହିଁସା ହିଁ ପରମ ଧର୍ମ। ଯେଉଁ ପ୍ରାଣୀର ମନ ବଚନ କର୍ମରେ ହିଂସା ନଥାଏ ସେ ହିଁ ବାସ୍ତବିକ୍ ସନାତନ ଧର୍ମୀ। ଶ୍ରୀମଦ୍ ଭାଗବତ୍ ମହାପୁରାଣରେ ଧର୍ମର କିଛି ଲକ୍ଷଣ ବାବଦରେ ବର୍ଣ୍ଣନା କରାଯାଇଛି। ବର୍ଣ୍ଣନା ଅନୁସାରେ ସତ୍ୟ, ଦୟା, ତପସ୍ୟା, ଶୌଚ, ମନର ସଂଯମ, ଅହିଁସା, ବ୍ରହ୍ମଚର୍ଯ୍ୟ ପାଳନ, ତ୍ୟାଗ, ସ୍ୱାଧ୍ୟାୟ, ସନ୍ତୋଷ, ସେବା, ସମଦର୍ଶୀ, କ୍ଷମା ଉଚିତ୍ ଅନୁଚିତର ଜ୍ଞାନ ହେଉଛି ଧର୍ମର ଲକ୍ଷଣ। ସେଇ ଶ୍ରୀମଦ୍ ଭାଗବଦ୍ ମହାପୁରାଣରେ ଉଲ୍ଲେଖ ଅଛି ଯେ ଏସବୁ ଲକ୍ଷଣକୁ ଆଚରଣରେ ପରିଲକ୍ଷିତ କରିପାରିଲେ ଧର୍ମ ପ୍ରତିଷ୍ଠିତ ହୋଇଥାଏ। ମହାଭାରତର ଶାନ୍ତିପର୍ବରେ ଉଲ୍ଲେଖ ଅଛି :- "ସନ୍ତୋଷ ମୂଳତ୍ୟାଗାତ୍ମା ଜ୍ଞାନାଧିଷ୍ଠା ନ ମୁଚ୍ୟତେ। ଅପବର୍ଗମାତି ର୍ନିତ୍ୟୋ ଯାତିଧର୍ମଃ ସନାତନଃ।" ଯେଉଁଠି ସନ୍ତୋଷ ରହିଛି, ତ୍ୟାଗ ରହିଛି, ଜ୍ଞାନଦାୟୀନୀ ବୁଦ୍ଧି ରହିଛି, ବ୍ରହ୍ମ ସାକ୍ଷାତ୍‌କାର ପାଇଁ ଇଚ୍ଛା ରହିଛି ତାହା ହିଁ ସନାତନ ଧର୍ମ।

ଶ୍ରୀମଦ୍ ଭଗବଦ୍ ମହାପୁରାଣ, ମହାଭାରତ ଆଦି ଗ୍ରନ୍ଥରେ ସନାତନ ଧର୍ମ ବାବଦରେ ଏସବୁ କଥା ଉଲ୍ଲେଖ ରହିଛି। ଏସବୁ ମହାପୁରାଣକୁ ଆମ ହିନ୍ଦୁ ସଂସ୍କୃତି ର ଲୋକମାନେ ଧର୍ମଗ୍ରନ୍ଥ ଭାବେ ଗ୍ରହଣ କରୁଛନ୍ତି। ଧର୍ମଗ୍ରନ୍ଥ, ଗୀତା ଓ ପୁରାଣ ପାଠ କରାଯାଉଛି। ଶ୍ରୋତା କହୁଛନ୍ତି ବକ୍ତା ଶୁଣୁଛନ୍ତି କିନ୍ତୁ ସନାତନୀ ଧର୍ମ ବାବଦରେ ଉଲ୍ଲେଖ ଲକ୍ଷଣ ସବୁକୁ କେତେଜଣ ନିଜ ନିଜ ଆଚରଣରେ ପରିଲକ୍ଷିତ କରାଉଛନ୍ତି? ଯଦି ଆମେ ଧର୍ମଗ୍ରନ୍ଥରେ ଉଲ୍ଲେଖ କଥାକୁ ଆଚରଣରେ ପରିଲକ୍ଷିତ କରାଇ ପାରିବା ନାହିଁ ତେବେ ଆମେ ନିଜକୁ ସନାତନୀ କହିବା କାହିଁକି? ବେଦ ପୁରାଣ କ'ଣ ଖାଲି ଶୁଣିବା ପାଇଁ ନା ବେଦ ପୁରାଣ ପଢୁଥିବା ଲୋକକୁ ସନାତନୀ କହିବା? ନିଜକୁ ସନାତନ ଧର୍ମୀ କହିବା ପୁର୍ବରୁ ବେଦ ପୁରାଣରେ ସନାତନ ଧର୍ମ ବାବଦରେ ଉଲ୍ଲେଖ ଲକ୍ଷଣକୁ ବୁଝିବା ଓ ନିଜେ ଅନୁସରଣ କରିବା ଆବଶ୍ୟକ।

**ରାମଚନ୍ଦ୍ରପୁର, ରଣପୁର, ମୋବାଇଲ୍: ୯୪୩୮୪୮୫୦୯୪**

# କାର୍ତ୍ତିକ ପଞ୍ଚୁକରେ ପଞ୍ଚ ରାସ ଉତ୍ସବ



**ସନ୍ତୋଷ କୁମାର ଦାଶ**

ଧର୍ମ ମାସ କାର୍ତ୍ତିକ ର ଶେଷ ପାଞ୍ଚ ଦିନକୁ ପଞ୍ଚୁକ କୁହାଯାଉ ଥିବାବେଳେ ଏହି ପାଞ୍ଚ ଦିନ ସନ୍ଧ୍ୟାରେ ବିଭିନ୍ନ ମଠ ଓ ମନ୍ଦିର ମାନଙ୍କ ରେ ରାସ ଉତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଥାଏ। ଯାହାକୁ ପଞ୍ଚ ରାସ ଉତ୍ସବ କୁହା ଯାଇଥାଏ। କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ରାସ ଉତ୍ସବ ଅନୁଷ୍ଠିତ ହେଉଥିବାରୁ କାର୍ତ୍ତିକ ପୂର୍ଣ୍ଣିମା କୁ ରାସ ପୂର୍ଣ୍ଣିମା ବୋଲି ମଧ୍ୟ କୁହା ଯାଇଥାଏ। ବିଭିନ୍ନ ମଠ ଓ ମନ୍ଦିର ରେ ରାସ ଉତ୍ସବ ପାଇଁ ସ୍ୱତନ୍ତ୍ର କୁଞ୍ଜ ପ୍ରସ୍ତୁତ କରାଯାଇ ଥାଏ। ସନ୍ଧ୍ୟାରେ ମଠ ଓ ମନ୍ଦିର ରେ ପୂଜା ପାଉଥିବା ଶ୍ରୀ ରାଧାରାଣୀ ଓ ଶ୍ରୀ କୃଷ୍ଣ ଙ୍କ ପ୍ରତିମା ଙ୍କୁ ଶୋଭାଯାତ୍ରା ରେ ଆଣି ପୂର୍ବରୁ ପ୍ରସ୍ତୁତ ସୁସଜ୍ଜିତ କୁଞ୍ଜ ରେ ବିଜେ କରା ଯାଇଥାଏ। କୁଞ୍ଜ ସମ୍ମୁଖ ରେ ଶରତ ରାସ ପୁସ୍ତକ ରୁ ପ୍ରତ୍ୟେକ ଦିନ ଗୋଟିଏ ଅଧ୍ୟାୟ ପାଠ କରା ଯାଇଥାଏ। ଶରତ ରାସ ପୁସ୍ତକ ପାଠ ପରେ ଶ୍ରୀ ରାଧା କୃଷ୍ଣ ଙ୍କୁ ବାଳ ଭୋଗ ଲାଗି ଓ ବନ୍ଦାପନା କରା ଯାଇଥାଏ। ଶେଷରେ ଶୋଭା ଯାତ୍ରାରେ ଶ୍ରୀ ରାଧା କୃଷ୍ଣ ଙ୍କୁ ମନ୍ଦିର ଭିତରକୁ ନିଆଯାଇ ତାଙ୍କ ପୂର୍ବ ଆସ୍ଥାନ ରେ ବିଜେ କରା ଯାଇଥାଏ। କାର୍ତ୍ତିକ ପୂର୍ଣ୍ଣିମା ଦିନ ରାସ ଉତ୍ସବ ଶେଷ ହୋଇଥାଏ। ସାରା ଜଗତ ପ୍ରେମ ର ବଶ। ପ୍ରେମ ରେ ବନ୍ଧା ଶ୍ରୀ ପରମାନନ୍ଦ। ଶ୍ରୀ ରାଧା କୃଷ୍ଣ ହିଁ ପ୍ରେମ ର ସ୍ୱରୂପ। ମାନବ ରୂପରେ ଅବତରୀ ଶ୍ରୀ କୃଷ୍ଣ ଗୋପ ରେ ଗୋପୀ ଓ ଶ୍ରୀ ରାଧା ଙ୍କ ସହିତ ଯେଉଁ ଦିବ୍ୟ ଲୀଳା ରଚିଥିଲେ ତାହା ହିଁ ରାସ ଲୀଳା ବା ଉତ୍ସବ। ମୁନି ଋଷି ଗଣ ଙ୍କ ପ୍ରାର୍ଥନା ଶୁଣି ସେମାନଙ୍କ ଇଚ୍ଛା କୁ ପୁର୍ଣ୍ଣ କରିବାକୁ ଦ୍ୱାପର ଯୁଗ ରେ ଭଗବାନ ଶ୍ରୀ କୃଷ୍ଣ ଏହି ରାସ ଲୀଳା ରଚିଥିଲେ।ଶ୍ରୀ ମଦ ଭାଗବତ ଅନୁସାରେ ଶ୍ରୀ କୃଷ୍ଣ ହିଁ ପରମ ପୁରୁଷ। ଆଉ ସମସ୍ତେ ନାରୀ। ଅର୍ଥାତ ଭଗବାନ ଶ୍ରୀ କୃଷ୍ଣ ହିଁ ପରମାତ୍ମା ଆଉ ସମସ୍ତେ ଆତ୍ମା। ଆତ୍ମା ଚାହେଁ ମୋକ୍ଷ ପ୍ରାପ୍ତ ହୋଇ ପରମାତ୍ମା ଙ୍କ ସହିତ ମିଶି ଯିବା ପାଇଁ। ଏହାହିଁ ରାସ ଲୀଳା ର ଗୁଢ଼ ରହସ୍ୟ ବା ତତ୍ତ୍ୱ। ଭଗବାନ ଶ୍ରୀ କୃଷ୍ଣ ଙ୍କ ଏହି ଲୀଳା କୁ ମନେ ପକାଇ ଓ ତାଙ୍କ ପାଦ ପଦ୍ମ ରେ ବିଲୀନ ହେବା କୁ ଇଚ୍ଛା ପ୍ରକାଶ କରି ବୈଷ୍ଣବ ଭକ୍ତ ମାନେ କାର୍ତ୍ତିକ ମାସ ର ପଞ୍ଚୁକ ରେ ଅନୁଷ୍ଠିତ କରିଥାନ୍ତି ପଞ୍ଚ ରାସ ଉତ୍ସବ। ଯାହା ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରା ରେ ରହି ଆସିଛି କାହିଁ କେତେ କାଳରୁ। ଜୟ ଶ୍ରୀ ରାଧେ କୃଷ୍ଣ।

**ତୁଳସୀପୁର, ପୁରୀ, ମୋବାଇଲ୍: ୯୪୩୯୩୬୧୮୮୮**

# ଆଉ କ'ଣ ଅଖଣ୍ଡ ଭାରତ ସମ୍ଭବ...!



**ଡଃ ଅମୂଲ୍ୟ କୁମାର ପଣ୍ଡା**

ଆୟତନ ଓ ଜନସଂଖ୍ୟା ଦୃଷ୍ଟିରୁ ଭାରତକୁ ସାଧାରଣତଃ ଏକ ଉପମହାଦେଶ ବୋଲି କୁହାଯାଏ। ପୃଥିବୀର ବୃହତ୍ତମ ମହାଦେଶ ଏସିଆର ଦକ୍ଷିଣାଂଶର କେନ୍ଦ୍ରସ୍ଥଳୀରେ ଭାରତବର୍ଷ ଅବସ୍ଥିତ। ଭାରତର ଉତ୍ତରରେ ସୁଦୀର୍ଘ ହିମାଳୟ ପର୍ବତଶ୍ରେଣୀ ଦୁର୍ଭେଦ୍ୟ ପ୍ରାଚୀର ସଦୃଶ ଦଣ୍ଡାୟମାନ। ତାହା ଭାରତବର୍ଷକୁ ଏସିଆ ମହାଦେଶର ଅନ୍ୟ ଅନ୍ୟ ଅଞ୍ଚଳମାନଙ୍କରୁ ପ୍ରାୟ ବିଚ୍ଛିନ୍ନ କରି ରଖିଛି। ଉତ୍ତର-ପଶ୍ଚିମରେ ସୁଲେମାନ ଓ ହିନ୍ଦୁକୁସ ପର୍ବତମାଳା ଅବସ୍ଥିତ। ଏହା ଭରତ ଉପଦେଶକୁ ଋଷିଆ, ଆଫଗାନିସ୍ଥାନ ଓ ଇରାନଠାରୁ ପୃଥକ୍ କରିଅଛି। ଇତିହାସ ସହିତ ଭୂଗୋଳ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଭୌଗଳିକ ଅବସ୍ଥିତି ଓ ପ୍ରାକୃତିକ ଗଠନ ଭାରତର ଇତିହାସର ଗତି ନିର୍ଦ୍ଧାରଣ କରିଅଛି। ହିମାଳୟ ପର୍ବତ ଏକ ପ୍ରାଚୀର ସଦୃଶ। ଏହାର ଦୁର୍ଗମ ଗିରିପଥ ଅତିକ୍ରମ କରିବା କଷ୍ଟସାଧ୍ୟ। ଗିରିପଥଗୁଡ଼ିକ ବର୍ଷର ଅଧିକାଂଶ ସମୟ ତୁଷାରାଚ୍ଛନ୍ନ ରହେ। ତେଣୁ ହିମାଳୟ ପର୍ବତ ଅତିକ୍ରମ କରି ଅତୀତରେ ବୈଦେଶିକ ଶତ୍ରୁମାନେ ଭାରତ ଆକ୍ରମଣ କରିବା ଦୁଃସାଧ୍ୟ ଥିଲା। ଭାରତର ସୈନ୍ଧବ-ଗାଙ୍ଗେୟ ସମତଳ ଭୂମି ସିନ୍ଧୁ,ଗଙ୍ଗା, ବ୍ରହ୍ମପୁତ୍ର ଏବଂ ସେମାନଙ୍କର ଉପନଦୀଗୁଡିକର ଅବବାହିକାଦ୍ୱାରା ଗଠିତ। ଏହି ଅଞ୍ଚଳର ଜଳବାୟୁ ସ୍ୱାସ୍ଥ୍ୟକର ଏବ, ମୃତ୍ତିକା ଉର୍ବର ଓ କୃଷୀ ଉପଯୋଗୀ। ତେଣୁ ଏଠାରେ ପ୍ରଥମେ ଦ୍ରାବିଡ଼ ଓ ଆର୍ଯ୍ୟ ସଭ୍ୟତାର ଅଭ୍ୟୁଦୟ ହୋଇଥିଲା। ପରବର୍ତ୍ତୀ କାଳରେ ଏହି ଅଞ୍ଚଳରେ ନନ୍ଦ, ମୌର୍ଯ୍ୟ, କୁଶାଣ ଗୁପ୍ତ, ଆଫଗାନ୍ ଓ ମୋଗଲ୍ ସାମ୍ରାଜ୍ୟ ବିସ୍ତାର ଲାଭ କରିଥିଲା। ଉତ୍ତର-ପଶ୍ଚିମରେ ଖାଇବର ଓ ବୋଲାନ୍ ଗିରିପଥ ଅତିକ୍ରମକରି ପ୍ରଥମେ ଦ୍ରାବିଡ଼ ଓ ଆର୍ଯ୍ୟମାନେ ଭାରତରେ ପ୍ରବେଶ କରିଥିଲେ। ବଙ୍ଗୋପ ସାଗର, ଆରବ ସାଗର ଏବଂ ଭାରତ ମହାସାଗରରେ ନୌଯାତ୍ରା କରି ଭାରତୀୟମାନେ ଚୀନ, ଜାପାନ ସମେତ ଦକ୍ଷିଣ-ପୂର୍ବ ଏସିଆ ଏବଂ ପଶ୍ଚିମ ଏସିଆ ଅନ୍ତର୍ଗତ ବିଭିନ୍ନ ଦେଶ ଏବଂ ଉଇରୋପର ବିଭିନ୍ନ ଅଞ୍ଚଳ ସହିତ ବାଣିଜ୍ୟ ବେବସାୟ କରିବାକୁ ସମର୍ଥ ହୋଇଥିଲେ। ବିଶେଷତଃ କଳିଙ୍ଗର ଅଧିବାସୀମାନେ ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ ଆଦି ପୂର୍ବ ଭାରତୀୟ ଦୀପପୁଞ୍ଜ ଓ ମାଳୟ ଉପଦ୍ୱୀପରେ ବାଣିଜ୍ୟକେନ୍ଦ୍ର ଓ ବସତିସ୍ଥାପନ କରିଥିଲେ। ସେମାନଙ୍କଦ୍ୱାରା ହିନ୍ଦୁ, ବୌଦ୍ଧ ଧର୍ମ ଆଦି ଧର୍ମ ସଂସ୍କୃତି ସେହି ଦେଶ ଗୁଡ଼ିକରେ ପ୍ରସାର ଲାଭ କରିଥିଲା। ସେହିପରି ଭାରତର ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ୧୪୯୮ ଖ୍ରୀଷ୍ଟାବ୍ଦରୁ ୧୬୯୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ପର୍ତ୍ତୁଗୀଜ, ଓଲନ୍ଦାଜ, ଇଂରେଜ ଓ ଫରାସୀ ପ୍ରଭୃତି ଇଉରୋପୀୟମାନେ ବାଣିଜ୍ୟକୋଠି ତଥା ଉପନିବେଶମାନ ସ୍ଥାପନ କରିଥିଲେ।

ଆମର ଏହି ଭାରତକୁ ଭାରତମାତାର ନାମ କରଣ ତଥା ମାନବୀକରଣ ମା' ଠାକୁରାଣୀ ଆଖ୍ୟା ଦିଆଯାଇଥିବା ଏକ ପବିତ୍ର ନାମକୁ ବୁଝାଯାଏ ଯାହା ହିନ୍ଦୁତ୍ୱର ଏକ ଦୃଢ଼ ପରିଚୟ ନାମ। ସାଧାରଣତଃ ଭାରତ ନାମରୂପୀ ମାଆ ସ୍ୱରୁପକୁ ଏକ ମହିଳା ଭାବରେ ଗେରୁଆ ରଙ୍ଗର ଶାଢ଼ୀ ପିନ୍ଧେଇ ଭାରତର

**ଆମର ଏହି ଭାରତକୁ ଭାରତମାତାର ନାମ କରଣ ତଥା ମାନବୀକରଣ ମା' ଠାକୁରାଣୀ ଆଖ୍ୟା ଦିଆଯାଇଥିବା ଏକ ପବିତ୍ର ନାମକୁ ବୁଝାଯାଏ ଯାହା ହିନ୍ଦୁତ୍ୱର ଏକ ଦୃଢ଼ ପରିଚୟ ନାମ। ସାଧାରଣତଃ ଭାରତ ନାମରୂପୀ ମାଆ ସ୍ୱରୂପକୁ ଏକ ମହିଳା ଭାବରେ ଗେରୁଆ ରଙ୍ଗର ଶାଢ଼ୀ ପିନ୍ଧେଇ ଭାରତର ଜାତୀୟ ପତାକା ଧରିଥିବା ଦେବୀ ସ୍ୱରୁପକୁ ପ୍ରଦର୍ଶନ କରାଯାଏ ଓ ସାଥିରେ ଏକ ସିଂହ ବାହାନ ମଧ୍ୟ ଥାଏ ଯାହା ଖୁବ୍ ସୁନ୍ଦର ଓ ଭକ୍ତିର ପ୍ରତୀକ ଅଟେ। ଉନବିଂଶ ଶତାବ୍ଦୀର ଶେଷ ଭାଗରେ ବ୍ରିଟିଶ ଶାସନ ବିରୁଦ୍ଧରେ ହୋଇଥିବା ସିପାହୀ ବିଦ୍ରୋହ ପରିପ୍ରକ୍ଷୀରେ ଭାରତ ଉପମହାଦେଶକୁ ମାନବୀକରଣ କରାଯାଇଥିଲା।**



ଜାତୀୟ ପତାକା ଧରିଥିବା ଦେବୀ ସ୍ୱରୁପକୁ ପ୍ରଦର୍ଶନ କରାଯାଏ ଓ ସାଥିରେ ଏକ ସିଂହ ବାହାନ ମଧ୍ୟ ଥାଏ ଯାହା ଖୁବ୍ ସୁନ୍ଦର ଓ ଭକ୍ତିର ପ୍ରତୀକ ଅଟେ। ଉନବିଂଶ ଶତାବ୍ଦୀର ଶେଷ ଭାଗରେ ବ୍ରିଟିଶ ଶାସନ ବିରୁଦ୍ଧରେ ହୋଇଥିବା ସିପାହୀ ବିଦ୍ରୋହ ପରିପ୍ରକ୍ଷୀରେ ଭାରତ ଉପମହାଦେଶକୁ ମାନବୀକରଣ କରାଯାଇଥିଲା। ସନ ୧୮୮୨ ରେ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଲିଖିତ ଆନନ୍ଦ ମଠ ପୁସ୍ତକରେ ଭାରତର ପ୍ରତୀକ ଭାବରେ ଭାରତମାତାଙ୍କର ବର୍ଣ୍ଣନା କରାଯାଇଥିଲା। ହିନ୍ଦୁ ମତ ବା କଳ୍ପନାରେ ଜନ୍ମଭୂମିକୁ ସର୍ବଦା ମାତା କୁହାଯାଏ। ରାମାୟଣ ଓ ମହାଭାରତରେ ମଧ୍ୟ ଜନ୍ମଭୂମିକୁ ମାତା ଭାବରେ ସମ୍ବୋଧନ କରାଯାଇଛି। ଲକ୍ଷଣଙ୍କୁ ରାମ କହିଛନ୍ତି, "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରୀୟସୀ"। ଏହି ଚିନ୍ତନକୁ ବଙ୍କିମଚନ୍ଦ୍ର ଅଧିକ ସାକାର କରି ସରଳ କରିଦେଇଛନ୍ତି। ଏହି ଚିନ୍ତନରେ ସମଗ୍ର ଭାରତ ଭୂଖଣ୍ଡରେ ବାସ କରୁଥିବା ହିନ୍ଦୁ, ମୁସଲମାନ, ଶିଖ, ଖ୍ରୀଷ୍ଟିଆନ , ଜୈନ, ବୁଦ୍ଧ ଧର୍ମାବଲମ୍ବୀ, ପାର୍ଶୀ ଓ ଅନ୍ୟାନ୍ୟ ଲଘୁ ସମ୍ପ୍ରଦାୟଙ୍କୁ ଏକାଠି କରି ବ୍ରିଟିଶ ଶାସନ ବିରୁଦ୍ଧରେ ଲଢ଼ିବା ଉଦ୍ଦେଶ୍ୟରେ ଏହା ଲେଖା ଥିଲା ଯାହାକୁ ପରବର୍ତ୍ତୀ ବଦଳେଇ ଏକ ହିନ୍ଦୁ ଠାକୁରାଣୀର ମାନ୍ୟତା ଦିଆ ଯାଇଥିଲା। ଅନ୍ୟ ଜାତି ଓ ଧର୍ମର ଲୋକମାନେ ଏହାକୁ ଏକ ଧର୍ମର ଠାକୁରାଣୀ ଭାବେ ଚିନ୍ତନ କରି ପ୍ରତ୍ୟାଖ୍ୟାନ କରିଥିଲେ। ଭାରତ ମାତାଙ୍କୁ ହିନ୍ଦୁ ଦେବାଦେବୀ ଭାବରେ ଚିତ୍ରଣ କରିବା ଏକ ଦୀର୍ଘକାଳୀନ ଦ୍ୱନ୍ଦ୍ୱାତ୍ମକ ବିଷୟ। ଭାରତୀୟ ରାଜନୀତିରେ ଏହାର ପ୍ରବେଶକୁ ରବୀନ୍ଦ୍ରନାଥ ଠାକୁର ଓ ବି.ଆର. ଆମ୍ବେଦକର ଏହାକୁ କ୍ଷତିକାରକ କହି ବିରୋଧ କରିଥିଲେ ଓ ଅନେକ ସ୍ଥାନରେ ଏହାକୁ କାଢ଼ିଦିଆଯାଇଥିଲା। କିନ୍ତୁ ସେତେବେଳକୁ ଏହା ଏତେ ଆଦୃତ ହୋଇଥିଲା ଯେ ଏହା ଲୋକଙ୍କ ମନର ବହୁତ ଗଭୀରକୁ ଚାଲିଯାଇଥିଲା ଓ ଏହା ଦେଶ ଭକ୍ତିର ପ୍ରତୀକ ହୋଇସାରିଥିଲା।

ବିଂଶ ଶତାବ୍ଦୀ ଶେଷ ଆଡ଼କୁ ଏହା ହିନ୍ଦୁ ରାଷ୍ଟ୍ର ଓ ଅଖଣ୍ଡ ଭାରତର ଧାରଣ ସାଥିରେ ଓତଃପ୍ରୋତ ଭାବରେ ଜଡ଼ିତ ହୋଇଗଲା; ସେତେବେଳ ଅଖଣ୍ଡ ଭାରତରେ ଏବେକାର ପାକିସ୍ଥାନ, ବାଙ୍ଗଲାଦେଶ, ନେପାଳ, ଶ୍ରୀଲଙ୍କା ଓ ଆଫଗାନିସ୍ଥାନର କିଛି ଅଂଶ ସାମିଲ ଥିଲେ। ଭାରତର ସଂବିଧାନରେ ଭାରତ ଏକ ଧର୍ମ ବିରପେକ୍ଷ ଦେଶ ଭାବରେ ଗ୍ରହଣ କରାଯାଇଥିବାରୁ ଏହାକୁ କୌଣସି ମତେ ଗ୍ରହଣ କରାଯାଇପାରୁନି ଯଦିଓ ଏହା ଆରଏସଏସ ସଂସ୍ଥାର ବିଶେଷ ଅଙ୍ଗ ଭାବରେ ବିଶ୍ୱାସ କରାଯାଉଛି। ହିନ୍ଦୁ ଧର୍ମ ହଜାର ହଜାର ବର୍ଷରୁ ଆରମ୍ଭ ହୋଇଥିବା ବେଳେ ଭାରତ ମାତାର ଚିତ୍ରଣ, ଧରିତ୍ରୀ ମାତା ବା ବସୁମାତା ଭଳି ଲୋକଙ୍କ ମନରେ ବସା ବାନ୍ଧି ଯାଇଛି ଯାହା ଆଜି ବି ଅଛି ଓ ଆଗକୁ ପିଢି ପରେ ପିଢି ରହି ଚାଲିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ସମସ୍ତ କଥା ସହିତ ଗୋଟିଏ କଥା ସତ ଯେ ସବୁଠୁ ସୁନ୍ଦର୍ ଏଇ ଆମ ଏହି ପବିତ୍ର ଭାରତ ଭୂଇଁ ମାତୃଭୂମି, ପୁଣ୍ୟ ଭୂମି, ଦେବ ଭୂମି, କର୍ମ ଭୂମି ସବୁଠୁ ପବିତ୍ର ଏହି ଭାରତ ଭୂଇଁ ଏହାରି କୋଳରେ କେତେ ମହାତ୍ମା ଜନମ ନେଇଛନ୍ତି। ଏହି ଭୂମିକୁ କାହିଁ କେଜାଣି ବାହ୍ୟଶତ୍ରୁ ଆକ୍ରମଣ କରିଛନ୍ତି। ତଥାପି ସେମିତି ମୁଣ୍ଡ ଟେକି ଠିଆ ହୋଇଛି ଏହି ମାଟି। କେତେ ଶତ୍ରୁ ଆସି ଏହାର ସୋନ୍ଦର୍ଯ୍ୟକୁ ନଷ୍ଟ କରିବାକୁ ଚାହିଁଛନ୍ତି ହେଲେ ଏହାର ବୀର ସନ୍ତାନ ମାନେ ସେମିତି ଲଢେଇ କରି ଆସିଛନ୍ତି। ଏହି ଭାରତ ଉପରେ ଆଲେକଜାଣ୍ଡାର, ଶକ, ହୂଣ, କୁଶାଣ ପରି ଅନେକ ବାହ୍ୟଶତ୍ରୁ ଆକ୍ରମଣ କରିଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ସମସ୍ତେ ଭାରତୀୟ ସଂସ୍କୃତିରେ ମିଶି ଯାଇଛନ୍ତି। ସେମାନଙ୍କର ଚିହ୍ନ ବର୍ଣ୍ଣ ମଧ୍ୟ ଦେଖିବାକୁ ମିଳି ନାହିଁ। ବଙ୍କିମଚନ୍ଦ୍ରଙ୍କ ଦୃଷ୍ଟିରେ ଏହାର ତିନୋଟି ସ୍ୱରୂପ ଥିଲା, ମା ସରସ୍ୱତୀ, ଲକ୍ଷ୍ମୀ ଓ ମା ଦୁର୍ଗାଙ୍କର। ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟିରେ ସେ ୩୩ କୋଟି ଦେବୀ ଦେବତାଙ୍କ ମା ଥିଲେ। ପରବର୍ତ୍ତୀ ସମୟରେ ମୋଗଲ ଆକ୍ରମଣର ଭାରତର ବୀରପୁତ୍ର ମାନେ ଉପଯୁକ୍ତ ଜବାବ ଦେଇଥିଲେ। ଏହା ପରେ ଇଂରେଜ ମାନଙ୍କର ଶାସନ ଆସିଲା। ମୁସଲମାନ ମାନଙ୍କ ନାମରେ ଭାରତ ମାତାର ବିଭାଜନ ପାଇଁ ଦାବି ହେଲା। ପ୍ରଥମେ ଏହି ଦାବିକୁ ସମସ୍ତେ ଅଗ୍ରାହ୍ୟ କଲେ। ହେଲେ ଶେଷରେ ଏହା ଭାଗ ଭାଗ ହୋଇଗଲା। ୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ଥିଲା ସେହି କଳାଦିନ ଯେଉଁ ଦିନ ଭାରତ ମାତାର ଶରୀରକୁ କାଟି ପାକିସ୍ତାନ ତିଆରି କରାଯାଇଥିଲା। ମାତୃଭୂମିର ବିଭାଜନର ହୋଇଥିଲା। ୧୯୪୭ ଜୁନ ମାସ ଦୁଇ ତାରିଖ ଥିଲା ସେହି କଳା ଦିନ ଯେଉଁ ଦିନ ଦିଲ୍ଲୀରେ ଏକ ବୈଠକରେ ବସି ନିର୍ଦ୍ଧାରଣ ହେଉଥିଲା ଭାରତର ଭବିଷ୍ୟତ ଓ ଦୁଇଖଣ୍ଡ ହୋଇଥିଲା ଅଖଣ୍ଡ ଭାରତ। ଏହି ବୈଠକରୁ ହୋଇଯାଇଥିଲା ସ୍ୱତନ୍ତ୍ର ପାକିସ୍ତାନ ଦେଶ। ଭାରତ ମାତାର ଶରୀରକୁ କାଟି ପାକିସ୍ତାନ ତିଆରି କରାଯାଇଥିଲା। ସିନ୍ଧୁ ନଦୀ ତାର ସନ୍ତାନଙ୍କ ପାଇଁ ପର ହୋଇଗଲା। ଯେଉଁଠାରେ ମୁନି ଋଷି ମାନେ ବସି ବେଦ ରଚନା କରିଥିଲେ, ସେହି ସ୍ଥାନ ଭାରତ ଠାରୁ ଅଲଗା ହୋଇଗଲା। ଆଜି ଖାଲି ଅଖଣ୍ଡ ଭାରତ ବୋଲି ଶୁଣୁଛୁ କିନ୍ତୁ ପ୍ରକୃତରେ ଆମ ଏ ପବିତ୍ର ଭାରତ ବର୍ଷ ଖଣ୍ଡ ଖଣ୍ଡ ଓ ଆମ ଭାରତ ମାତା ଆଖିରେ ବହୁଛି ଲୋତକର ସୁଅ।

**ଅରଙ୍ଗାବାଦ, ବରୀ, ଯାଜପୁର**



# ଶ୍ରୀଲଙ୍କାରେ ୩୫ ଭାରତୀୟ ମତ୍ସ୍ୟଜୀବୀ ଗିରଫ, ୪ ନୌକା ଜବତ



**ଜାଫନା ୩।୧୧:** ଅନ୍ତର୍ଜାତୀୟ ଜଳସୀମା ଉଲ୍ଲଂଘନ ଅଭିଯୋଗରେ ଶ୍ରୀଲଙ୍କା ନୌସେନା ସୋମବାର ୩୫ ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ସେମାନେ ମାଛ ମାରିବାକୁ ଉପଯୋଗ କରୁଥିବା ୪ଟି ନୌକାକୁ ମଧ୍ୟ ଜବତ କରାଯାଇଛି। ଶ୍ରୀଲଙ୍କା ନୌସେନା ମୁଖପାତ୍ର କମାଣ୍ଡର ବୁଦ୍ଧିକା ସମ୍ପତ୍ତ ଏ ନେଇ ସୂଚନା ଦେଇ କହିଛନ୍ତି ଯେ ଉତ୍ତର ଜାଫନା ଜିଲ୍ଲାର କାଙ୍କେସନ୍ଥୁରାଇ କ୍ଷେତ୍ରର ଶ୍ରୀଲଙ୍କା ଜଳ କ୍ଷେତ୍ରରେ ଏହି ଭାରତୀୟ ମତ୍ସ୍ୟଜୀବୀଙ୍କୁ ଧରାଯାଇଛି। ଅବୈଧ ରୂପେ ମାଛ ଧରିବା ପାଇଁ ଗିରଫ ମତ୍ସ୍ୟଜୀବୀ ଓ ସେମାନଙ୍କ ଉପକରଣକୁ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ନିମନ୍ତେ ମତ୍ସ୍ୟ ନିରିକ୍ଷଣାଳୟଙ୍କୁ ଦେଇ ଦିଆଯିବ। ଶ୍ରୀଲଙ୍କା ନୌସେନା ଦ୍ୱାରା ମାସକ ମଧ୍ୟରେ ଏହା ଦ୍ୱିତୀୟ କାର୍ଯ୍ୟାନୁଷ୍ଠାନ। ଏହା ପୂର୍ବରୁ ଶ୍ରୀଲଙ୍କା ନୌସେନା ତଲାଇମନ୍ନାର ଅଞ୍ଚଳରୁ ଶ୍ରୀଲଙ୍କା ଜଳ କ୍ଷେତ୍ରରେ ଅବୈଧ ମାଛ ଧରୁଥିବା ଅଭିଯୋଗରେ ୪୭ ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଗିରଫ କରିଥିଲା।ଅକ୍ଟୋବର ଗିରଫଦାରୀ ବେଳେ ମତ୍ସ୍ୟଜୀବୀଙ୍କ ୫ଟି ନୌକା ଜବତ ହୋଇଥିଲା। ଭାରତ ଓ ଶ୍ରୀଲଙ୍କା ସମ୍ପର୍କରେ ମତ୍ସ୍ୟଜୀବୀଙ୍କ ସମସ୍ୟା ବିବାଦୀୟ ହୋଇ ରହିଛି। ଶ୍ରୀଲଙ୍କା ନୌସେନା ଜବାନ କେବେ କେବେ ପାକ୍ ଷ୍ଟ୍ରିଟ୍ ରେ ଭାରତୀୟ ମତ୍ସ୍ୟଜୀବୀଙ୍କ ଉପରୁ ଗୁଳିଚାଳନା ମଧ୍ୟ କରୁଛନ୍ତି। ଏହା ଛଡା ମତ୍ସ୍ୟଜୀବୀ ଶ୍ରୀଲଙ୍କା ଜଳ ସୀମାକୁ ପ୍ରବେଶ କରୁଥିବାରୁ ସେମାନଙ୍କର ନୌକାକୁ ମଧ୍ୟ ଜବତ କରିନିଆଯାଉଛି।

# ୟୁକ୍ରେନକୁ ମିଳିଲା ପ୍ୟାଟ୍ରିୟଟ ଏୟାର ଡିଫେନ୍ସ ସିଷ୍ଟମ

**ନୂଆଦିଲ୍ଲୀ,୩।୧୧:** ରୁଷ ଓ ୟୁକ୍ରେନ ମଧ୍ୟରେ ଜାରି ରହିଛି ଯୁଦ୍ଧ। ଉଭୟ ପଟୁ ଲଗାତାର ଆକ୍ରମଣ ଚାଲିଛି। ଏହାରି ମଧ୍ୟରେ ୟୁକ୍ରେନକୁ ଆମେରିକା ନିର୍ମିତ ପ୍ୟାଟ୍ରିୟଟ ଏୟାର ଡିଫେନ୍ସ ସିଷ୍ଟମର ପ୍ରଥମ ବ୍ୟାଚ ମିଳିଛି। ରବିବାର ରାତିରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ସୋସିଆଲ ମିଡିଆରେ ଏହି ସୂଚନା ଦେଇଛନ୍ତି।



- ଆମେରିକାର ବଡ଼ ସହଯୋଗ
- ରୁଷ ଆକ୍ରମଣରୁ ଦେବ ସୁରକ୍ଷା

ରାଷ୍ଟ୍ରପତି ଜେଲେନସ୍କି କହିଛନ୍ତି ଏହି ସିଷ୍ଟମ, ରୁଷ ପକ୍ଷରୁ ଲଗାତାର ଭାବରେ ଆକାଶମାର୍ଗରୁ କରାଯାଉଥିବା ଆକ୍ରମଣରୁ ୟୁକ୍ରେନର ନାଗରିକ ଏବଂ ଭିତ୍ତିଭୂମିର ସୁରକ୍ଷା କରିବାରେ ସହାୟକ ହେବ। ଅନ୍ୟପଟେ, ରୁଷର ଡ୍ରୋନ ଆକ୍ରମଣରେ ରବିବାର ଜଣେ ୟୁକ୍ରେନ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଏହି ଆକ୍ରମଣରେ ଉକ୍ତ ବ୍ୟକ୍ତିଙ୍କ ପରିବାରର ଦୁଇ ଶିଶୁଙ୍କ ସମେତ ପାଞ୍ଚ ସଦସ୍ୟ ଆହତ ହୋଇଛନ୍ତି। ପ୍ୟାଟ୍ରିୟଟ ଏୟାର ଡିଫେନ୍ସ ସିଷ୍ଟମ ଆମେରିକାର ଅତ୍ୟାଧୁନିକ ମିସାଇଲ ପ୍ରତିରୋଧୀ ଟେକ୍ନୋଲୋଜି। ଯାହା ରୁଷର ଆତ୍ମଘାତୀ ଆକ୍ରମଣକୁ ବିଫଳ କରିବାରେ ସକ୍ଷମ। ଜେଲେନସ୍କି ଦୀର୍ଘ ଦିନରୁ ଏହି ମିସାଇଲ ଦେବାକୁ ପଶ୍ଚିମ ଦେଶଙ୍କୁ ଦାବି କରୁଥିଲେ। କିନ୍ତୁ ଉତ୍ପାଦନ ସୀମା ଏବଂ ବିଭିନ୍ନ ଦେଶର ନିଜସ୍ୱ ସୈନ୍ୟ ଆବଶ୍ୟକତା ଯୋଗୁ ଯୋଗାଣରେ ବିଳମ୍ବ ହେଉଥିଲା।

ୟୁକ୍ରେନର ବାୟୁସେନା ଅନୁସାରେ, ରୁଷ ରବିବାରଠାରୁ ସୋମବାର ପର୍ଯ୍ୟନ୍ତ ରାତିସାରା ୧୨ ବିଭିନ୍ନ ପ୍ରକାରର ମିସାଇଲ ଏବଂ ଡ୍ରୋନ ୟୁକ୍ରେନ ଉପରେ ମାଡ଼ କରିଥିଲା। ଅଧିକାରୀ କହିଛନ୍ତି ଉତ୍ତର-ପୂର୍ବ ସୁମି କ୍ଷେତ୍ରରେ ରୁଷ ଡ୍ରୋନ ଏକ ଘର ଉପରେ ମାଡ଼ ହୋଇଛି। ଯେଉଁଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି ଆଉ ତାଙ୍କ ପରିବାରର ପାଞ୍ଚ ସଦସ୍ୟ ଆହତ ହୋଇଛନ୍ତି। ସୁମୀରେ ଆଉ ଏକ ଅନ୍ୟ ଘଟଣାରେ ଦୁଇ ମହିଳା ମଧ୍ୟ ଆହତ ହୋଇଛନ୍ତି। ଯାହା ଚିକିତ୍ସା ସ୍ଥାନୀୟ ହସ୍ପିଟାଲରେ ଚାଲିଛି।

# ରାଜନୀତିରେ ପରିବାରବାଦକୁ ନେଇ ବର୍ଷିଲେ ଥରୁର

**ନୂଆଦିଲ୍ଲୀ ୩।୧୧:** କଂଗ୍ରେସ ନେତା ଓ କେରଳ ତିରୁଅନନ୍ତପୁରମ ସାଂସଦ ଶଶି ଥରୁର ଦେଶରେ ପରିବାରବାଦ ଓ ବଂଶବାଦ ରାଜନୀତି ଉପରେ କଡ଼ା ପ୍ରହାର କରିଛନ୍ତି। ସେ କହିଛନ୍ତି ଭାରତୀୟ ରାଜନୀତିକୁ 'ପାରିବାରିକ ବ୍ୟବସାୟ'ରେ ପରିଣତ କରାଯାଇଛି। ଥରୁର 'ଇଣ୍ଡିଆନ ପଲିଟିକ୍ସ ଆର ଏ ଫ୍ୟାମିଲି ବିଜନେସ୍' ଶୀର୍ଷକ ଏକ ଆର୍ଟିକ୍ଲ ଲେଖିଛନ୍ତି। ଏଥିରେ ସେ ସିଧାସଳଖ ଗାନ୍ଧି-ନେହେରୁ ପରିବାରଙ୍କ କଥା ଉଲ୍ଲେଖ କରିଛନ୍ତି। ସେ ଟିଏମସି ମୁଖ୍ୟ ମମତା ବାନାର୍ଜୀ ଓ ବସପା ସୁପ୍ରିମୋ ମାୟାବତୀଙ୍କ ଉଦାହରଣ ଦେଇ କହିଛନ୍ତି ଯେ, ଯେତେବେଳେ ଉତ୍ତରାଧିକାରୀ ନ ମିଳିଲେ ଏହି ନେତାମାନେ ସେମାନଙ୍କ ପୁତୁରାଙ୍କୁ ଉତ୍ତରାଧିକାରୀ କରିଦେଇଛନ୍ତି। ଥରୁର ତାଙ୍କ ନିବନ୍ଧରେ ଲେଖିଛନ୍ତି ଯେ, ବଂଶବାଦ ରାଜନୀତି ଭାରତୀୟ ଗଣତନ୍ତ୍ରକୁ ଦୁର୍ବଳ କରିଛି ଓ ଏହି ବିଚାରକୁ ମଜଭୁତ କରିଛି ଯେ, ନେତୃତ୍ୱ କାହାର ବି ଜନ୍ମସିଦ୍ଧ ଅଧିକାର ହୋଇପାରେ। ସେ ଲେଖିଛନ୍ତି ରାଜନୀତି ପରିବାରର ଲୋକେ ନେତୃତ୍ୱ ନେବାକୁ ଯୋଗ୍ୟ ଏହା ଲୋକଙ୍କ ବିଶ୍ୱାସ ପାଲଟିଯାଇଛି। ଯଦି ନିର୍ବାଚିତ ପଦକୁ ଖାନଦାନୀ ଉତ୍ତରାଧିକାର ମାନି ନିଆଯାଏ ତେବେ ଶାସନର କ୍ୱାଲିଟି ଉପରେ ଖରାପ ପ୍ରଭାବ ପଡିଥାଏ। ଦୀର୍ଘ ଦଶନ୍ଧୀ ଧରି ଗୋଟିଏ ପରିବାର ଭାରତୀୟ ରାଜନୀତି ଉପରେ ପ୍ରଭୁତ୍ୱ ବିସ୍ତାର କରି ରଖିଛି। ନେହେରୁ-ଗାନ୍ଧି ପରିବାର ଯେଉଁଥିରେ ଜାବାହାର ଲାଲ ନେହେରୁ, ଇନ୍ଦିରା ଗାନ୍ଧି, ରାଜୀବ ଗାନ୍ଧି, ରାହୁଲ ଗାନ୍ଧି ଓ ପ୍ରିୟଙ୍କା ୱାଡ୍ରା ଆଦି ଅଛନ୍ତି। ଏମାନଙ୍କ ସମ୍ପର୍କ ସ୍ୱାଧୀନତା ଆନ୍ଦୋଳନ ସହ ନିଶ୍ଚିତ ଥିଲା, ହେଲେ ଏଥିରୁ ଏହି ଧାରଣା ମଧ୍ୟ ଦୃଢ଼ିଭୂତ ହୋଇଛି ଯେ, ରାଜନୈତିକ ନେତୃତ୍ୱ ଜନ୍ମରୁ ନିର୍ଦ୍ଧାରିତ। ଏଥି ପାଇଁ ଥରୁର ପରାମର୍ଶ ଦେଇଛନ୍ତି ଯେ, ନେତାମାନଙ୍କ କାର୍ଯ୍ୟକାଳ ନିର୍ଦ୍ଧାରଣ କରାଯିବା ଦରକାର।

# ଡିଜିଟାଲ୍ ଆରେଷ୍ଟ୍ ସ୍କାମରେ ୩୦୦୦ କୋଟି ଠକେଇ

**ନୂଆଦିଲ୍ଲୀ,୩।୧୧:** ଡିଜିଟାଲ୍ ଆରେଷ୍ଟ୍ ସ୍କାମରେ ୩୦୦୦ କୋଟି ଟଙ୍କା ଆଦାୟ କରାଯାଇଛି। କେବଳ ଭାରତରେ ଡିଜିଟାଲ ଆରେଷ୍ଟ କରି ପ୍ରାୟ ୩ ହଜାର କୋଟି ଟଙ୍କା ଲୁଟ୍ କରିଛନ୍ତି ସାଇବର ଲୁଟେରା। ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଘଟଣା। ଡିଜିଟାଲ୍ ଆରେଷ୍ଟ୍ ସ୍କାମ୍ ଉପରେ ନିଜ ଆଡୁ ହୋଇଥିବା ମାମଲା ଉପରେ ଏପରି କହିଛନ୍ତି ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ। ଏହା ସହ ଆଗକୁ କହିଛନ୍ତି ଯେ, ଯଦି ଆମେ ବର୍ତ୍ତମାନ ଏହାକୁ ଅଣଦେଖା କରିବା ଏବଂ କଠୋର ତଥା କଡ଼ା ନିର୍ଦ୍ଦେଶ ଦେଇପାରିବା ନାହିଁ ତେବେ ସମସ୍ୟା ବଢ଼ିଯିବ। ଗତ ୨୭ ତାରିଖରେ ସବୁ ଡିଜିଟାଲ ଆରେଷ୍ଟ ମାମଲାର ତଦନ୍ତ ଭାର ସିବିଆଇକୁ ଦେବା ପାଇଁ ପ୍ରସ୍ତାବ ଦେଇଥିଲେ ସୁପ୍ରିମକୋର୍ଟ। ଏହାସହ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳକୁ ନୋଟିସ୍ ଜାରି କରିଥିଲେ। ରାଜ୍ୟଗୁଡିରେ ଡିଜିଟାଲ ଆରେଷ୍ଟ ନେଇ ଥିବା ଏଫଆଇଆରର ତଥ୍ୟ ମାଗିଥିଲେ ସୁପ୍ରିମକୋର୍ଟ।

■ ପିଉସୀ ଶାଶୂକୁ ହତ୍ୟା ପରେ ଗଙ୍ଗାରେ ଫିଙ୍ଗିବାକୁ ପ୍ରୟାସ ଘଟଣା

# ମା' ଝିଅକୁ ଆଜୀବନ କାରାଦଣ୍ଡାଦେଶ

**କୋଲକାତା, ୩।୧୧ (ସଂଚାର ବ୍ୟୁରୋ):** ମଧ୍ୟମଗ୍ରାମର ନିର୍ମମ ହତ୍ୟା ଏବଂ ଟ୍ରଲି ବ୍ୟାଗ ମାମଲାରେ କୋର୍ଟ ପୂର୍ବରୁ ମା' ଆରତୀ ଘୋଷ ଏବଂ ଝିଅ ଫାଲଗୁନି ଘୋଷଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସୋମବାର, ସେମାନଙ୍କ ସଜା ଘୋଷଣା କରାଯାଇଛି। ପିଉସୀ ଶାଶୂ ସୁମିତା ଘୋଷ ହତ୍ୟା ମାମଲାରେ ବାରାସାତ ଆଲାଦତ ମା-ଝିଅକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅପରାହ୍ନରେ, ସପ୍ତମ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ କୋର୍ଟ ବିଚାରପତି ପ୍ରଜ୍ଞାଗାର୍ଗି ଭଟ୍ଟାଚାର୍ଯ୍ୟ ଏହି ଦଣ୍ଡ ଘୋଷଣା କରିଛନ୍ତି। ଏହାଛଡା ଏକ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ଚଳିତ ବର୍ଷ ଫେବୃଆରୀରେ, ମା-ଝିଅ କୋଲକାତାର ଗଙ୍ଗା ଘାଟରେ ମହିଳାଙ୍କ ମୃତଦେହକୁ ଏକ ଟ୍ରଲି ବ୍ୟାଗରେ ଆଣି ପକାଇବାକୁ ଚେଷ୍ଟା କରିଥିଲେ। କୋଲକାତାର



ଉତ୍ତର ବନ୍ଦର ଥାନାର ପୁଲିସ ସେମାନଙ୍କୁ ଗିରଫ କରିଥିଲା। ତଦନ୍ତ ସମୟରେ ପୁଲିସ ସମ୍ମୁଖରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଥିଲା। ଜାଣିବାକୁ ମିଳିଥିଲା ଯେ, ଛାଡପତ୍ର ପରେ ସୁମିତା ଆସାମରେ ତାଙ୍କ ଭାଇଙ୍କ ଘରେ ରହୁଥିଲେ। ଫାଲଗୁନି ଘୋଷ ମୃତକଙ୍କ ପୁତୁରାଙ୍କୁ ବିବାହ କରିଥିଲେ। ବିବାହର କିଛି ମାସ ପରେ, ଫାଲଗୁନି ତାଙ୍କ ଶାଶୂ ଘରୁ ବାହାରି ତାଙ୍କ ମା' ଅନିତାଙ୍କ ସହିତ ରହିବାକୁ ଚାଲିଯାଇଥିଲେ। ମା ଏବଂ ଝିଅ ମଧ୍ୟମଗ୍ରାମର ଦକ୍ଷିଣ ବୀରେଶପଲ୍ଲି ଅଞ୍ଚଳରେ ଏକ ଭଡା ଘରେ ରହୁଥିଲେ। କୋର୍ଟରେ ଚାର୍ଜସିଟ୍ ମଧ୍ୟ ଦାଖଲ କରାଯାଇଥିଲା। ବାରାସାତ କୋର୍ଟ ମଧ୍ୟମଗ୍ରାମ ଟ୍ରଲି ମାମଲାରେ ମା' ଆରତୀ ଘୋଷ ଏବଂ ଝିଅ ଫାଲଗୁନି ଘୋଷଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ।

ଏସ୍‌ଆଇଆରକୁ ବିରୋଧ

# ସୁପ୍ରିମକୋର୍ଟ ଯିବେ ତାମିଲନାଡୁ ସରକାର

**ନୂଆଦିଲ୍ଲୀ, ୩।୧୧ :** ନିର୍ବାଚନ କମିଶନଙ୍କ ଦ୍ୱାରା ହେବାକୁ ଥିବା ଭୋଟର ଲିଷ୍ଟର ସ୍ପେଶାଲ ଇନଟେନସିଭ୍ ରିଭିଜନକୁ ଗୋଟିଏ ପରେ ଗୋଟିଏ ରାଜ୍ୟ ବିରୋଧ କରିବାରେ ଲାଗିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କମିଶନଙ୍କ ନିଷ୍ପତ୍ତି ବିରୋଧରେ ରାଜରାସ୍ତାକୁ ଓହ୍ଲାଇବା



ପାଇଁ ଦାବି କରିଥିବା ବେଳେ ଏବେ ତାମିଲନାଡୁ ସରକାର କମିଶନଙ୍କ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ରବିବାର ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସର୍ବଦଳୀୟ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ନିଜ ଏକ୍ସ ପୋଷ୍ଟରେ ଷ୍ଟାଲିନ କହିଛନ୍ତି ଯେ, ଏସଆଇଆର ଦ୍ୱାରା ନିର୍ବାଚନ କମିଶନ ଲୋକଙ୍କ ଭୋଟିଂ ଅଧିକାରକୁ ଛିନ୍ନ କରିବାକୁ ଚାହୁଁଛନ୍ତି। କମିଶନଙ୍କ ନିଷ୍ପତ୍ତି ବିରୋଧରେ ସବୁ ରାଜନୈତିକ ଦଳ ଏକାଠି ହେବା ଜରୁରୀ। ଏହି ସର୍ଭେ ତାମିଲନାଡୁ ଭୋଟରଙ୍କ ହିତକୁ ବିରୋଧ କରୁଛି। ଯାହା ଗଣତନ୍ତ୍ର ପାଇଁ ମଧ୍ୟ ବିପଜ୍ଜନକ ଅଟେ।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭୋଟର ତାଲିକା ସଂଶୋଧନ ଏବଂ ରିଭିଜନରେ ନିର୍ବାଚନ କମିଶନଙ୍କ ଭୂମିକା ସନ୍ଦେହଜନକ। ଏହି ସଂଶୋଧନ ୨୦୨୬ ପରେ କରାଯାଇ ପାରିଥାନ୍ତା। ଯାହା ଫଳରେ ପର୍ଯ୍ୟାପ୍ତ ସମୟ ମିଳିଥାନ୍ତା। କିନ୍ତୁ ଏହା ତରବରିଆ ଭାବେ ଆରମ୍ଭ ହେବାକୁ ଯାଉଛି। ତେଣୁ ରାଜ୍ୟର ୪୯ ଦଳ କମିଶନଙ୍କ ବିରୋଧରେ ବିଧେୟକକୁ ସମର୍ଥନ କରିଛନ୍ତି। ଯେଉଁଥିରେ ରାଜ୍ୟ ସରକାର ସୁପ୍ରିମକୋର୍ଟ ଯିବା ନେଇ ଉଲ୍ଲେଖ ରହିଥିଲା। ଅନ୍ୟ ଦିଗରେ ଡିଏମକେ ନେତା ଆରଏସ ଭାରତୀ ଏସଆଇଆରକୁ ଏନଆରସି ବା ଜାତୀୟ ନାଗରିକତା ସଂଶୋଧନ ଆଇନର ପରୋକ୍ଷ ପ୍ରାବଧାନ ବୋଲି କହିଛନ୍ତି। ଯାହାକୁ ବିନା କୌଣସି ମହତ ଉଦ୍ଦେଶ୍ୟରେ ଆରମ୍ଭ କରାଯାଉଛି। ଅନ୍ୟ ଦିଗରେ ଅଭିନେତା ବିଜୟଙ୍କ ପାର୍ଟି ବୈଠକରେ ସାମିଲ ହୋଇନଥିଲା।

ଆଇସିଏଆଇ ସିଏ ପରୀକ୍ଷାଫଳ ପ୍ରକାଶିତ

# ମୁକୁନ୍ଦ ଅଗ୍ରୱାଲ ଟପ୍ପର

**ନୂଆଦିଲ୍ଲୀ,୩।୧୧ :** ଇନିଷ୍ଟିଚ୍ୟୁଟ ଅଫ ଚାର୍ଟାର୍ଡ ଆକାଉଣ୍ଟସ ଅଫ ଇଣ୍ଡିଆ (ଆଇସିଏଆଇ) ତରଫରୁ ପରୀକ୍ଷାଫଳ ଘୋଷଣା ହୋଇଛି। ୩ ନଭେମ୍ବର ସିଏ ସେପ୍ଟେମ୍ବର ୨୦୨୫ ଫାଉଣ୍ଡେସନ, ଇଣ୍ଟରମିଡିଏଟ ଓ ଫାଇନାଲ ପରୀକ୍ଷା ଫଳାଫଳ ଘୋଷଣା କରିଛି। ଏହି ପରୀକ୍ଷା ଫଳାଫଳ ନିର୍ଦ୍ଧାରିତ ସମୟ ପୂର୍ବରୁ ଘୋଷଣା ହୋଇଛି। ଚଳିତବର୍ଷ ସାରା ଦେଶରେ ୨.୫ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସିଏ ଫାଉଣ୍ଡେସନ, ଇଣ୍ଟରମିଡିଏଟ ଓ ଫାଇନାଲ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୧୧,୪୬୬ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗ୍ରୁପ-୧ରେ ଉତ୍ତୀର୍ଣ୍ଣ ହାର ୨୪.୬୬% ହୋଇଥିବା ବେଳେ ଗ୍ରୁପ-୨ରେ ୨୫.୨୬ ଓ ଉଭୟ ଗ୍ରୁପରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ପ୍ରତିଶତ ୧୬.୨୩% ରହିଛି। ଏଥିରେ ମୁକୁନ୍ଦ ଅଗ୍ରିୱାଲ ଟପ୍ପର ହୋଇଛନ୍ତି। ତେଜସ ମୁନ୍ଦାଦା ଦ୍ୱିତୀୟ ଏବଂ କବୁଲ ଗୁପ୍ତା ୩ୟ ସ୍ଥାନ ଅଧିକାର କରିଛନ୍ତି।

# ପାକିସ୍ତାନକୁ ବୁଡ଼ାଜାହାଜ ଦେବ ଚୀନ୍



**ନୂଆଦିଲ୍ଲୀ,୩।୧୧:** ଭାରତର ଶତ୍ରୁକୁ ସାହାଯ୍ୟ କରୁଛି ଚୀନ। ନିଇତି ପରମାଣୁ ଧମକ ଦେଉଥିବା ଆତଙ୍କୀ ଦେଶକୁ ବଳ ଦେଉଛି ଡ୍ରାଗନ। ଯୁଦ୍ଧ ବିମାନ, ହେଲିକପ୍ଟର ଏବଂ ପ୍ରତିରକ୍ଷା ପ୍ରଣାଳୀ ପରେ ଏବେ ପାକିସ୍ତାନକୁ ବୁଡ଼ାଜାହାଜ ଯୋଗାଇବାକୁ ଯୋଜନା କରୁଛି ଚୀନ୍। ପାକିସ୍ତାନର ନୌସେନା ଆସନ୍ତା ବର୍ଷ ପ୍ରଥମ ଚୀନ୍-ଡିଜାଇନ୍ ହାଙ୍ଗର-କ୍ଲାସ୍ ବୁଡ଼ାଜାହାଜ ପାଇବ। ପାକିସ୍ତାନ ନୌସେନା ମୁଖ୍ୟ ଆଡମିରାଲ ନାଦିଦ୍ ଆଶରଫ୍ କହିଛନ୍ତି ଯେ, ପାକିସ୍ତାନ ୨୦୨୮ ସୁଦ୍ଧା ମୋଟ ୮ଟି ବୁଡ଼ାଜାହାଜ ପାଇବ।

ପ୍ରାୟ ୫ ବିଲିୟନ ଡଲାର ପ୍ରତିରକ୍ଷା ଚୁକ୍ତିନାମା ଅଧୀନରେ ପ୍ରଥମ ଚାରୋଟି ବୁଡ଼ାଜାହାଜ ଚୀନ୍‌ରେ ନିର୍ମାଣ କରାଯାଉଛି। ବାକି ଚାରୋଟି ପାକିସ୍ତାନରେ ହେବ। ଲକ୍ଷ୍ୟ ପାକିସ୍ତାନର ପ୍ରଯୁକ୍ତିବିଦ୍ୟା କ୍ଷମତା ଏବଂ ସ୍ୱଦେଶୀ ପ୍ରତିରକ୍ଷା ଉତ୍ପାଦନ ବୃଦ୍ଧି କରିବା। ରିପୋର୍ଟ ଅନୁଯାୟୀ, ଚୀନ୍‌ର ହୁବେଇ ପ୍ରଦେଶର ୟାଙ୍ଗତ ନଦୀ କୂଳରେ ଅବସ୍ଥିତ ଜାହାଜଘାଟରୁ ଏପର୍ଯ୍ୟନ୍ତ ତିନୋଟି ବୁଡ଼ାଜାହାଜ ଉଡ଼ାଣ କରାଯାଇଛି।

ଆଡମିରାଲ୍ ଅସରଫ୍ କହିଛନ୍ତି, ପାକିସ୍ତାନ ନୌସେନାର ଆବଶ୍ୟକତା ପାଇଁ ଚୀନ୍ ପ୍ରତିରକ୍ଷା ଉପକରଣ ଉପଯୁକ୍ତ, ନିର୍ଭରଯୋଗ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ପ୍ରମାଣିତ ହୋଇଛି। ଆଧୁନିକ ଯୁଦ୍ଧ ଯୁଗରେ, ଏଆଇ, ଡ୍ରୋନ୍ ଏବଂ ଇଲେକ୍ଟ୍ରୋନିକ୍ ଯୁଦ୍ଧ ପ୍ରଣାଳୀର ଗୁରୁତ୍ୱ ବୃଦ୍ଧି ପାଉଛି ଏବଂ ପାକିସ୍ତାନ ନୌସେନା ଏହି ପ୍ରଯୁକ୍ତିବିଦ୍ୟାରେ ଚୀନ୍ ସହିତ ସହଯୋଗ ପାଇଁ କାମ କରୁଛି।

# ଲଞ୍ଚ ହେଲା ୧ ଲକ୍ଷ କୋଟି ଟଙ୍କାର ଆରଡିଆଇ ଫଣ୍ଡ୍

**ନୂଆଦିଲ୍ଲୀ,୩।୧୧:** ଦେଶରେ ରିସର୍ଚ୍ଚ ଆଣ୍ଡ୍ ଡେଭଲପେଣ୍ଟ କରିବାକୁ ଚାହୁଥିବା ଘରୋଇ ସଂସ୍ଥାଙ୍କୁ ମିଳିବ ପ୍ରୋତ୍ସାହନ। ଏଥିପାଇଁ କେନ୍ଦ୍ର

**ଦେଶରେ ରିସର୍ଚ୍ଚ ଆଣ୍ଡ ଡେଭେଲପମେଣ୍ଟ୍‌କୁ ମିଳିବ ନୂଆ ଦିଗ**

ସରକାର ଆଣିଛନ୍ତି ନୂଆ ଯୋଜନା। ଯାହାର ନାଁ ରହିଛି ଡେଭଲପେଣ୍ଟ ଏବଂ ଇନୋଭେସନ ଫଣ୍ଡ୍। ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରଥମ ଇମର୍ଜିଂ ସାଇନ୍ସ ଟେକ୍ନୋଲୋଜି ଆଣ୍ଡ୍ ଇନୋଭେସନ କନକ୍ଲେଭରେ ଏହି ଫଣ୍ଡର ଶୁଭାରମ୍ଭ କରିଛନ୍ତି। ଫଣ୍ଡ୍‌ରେ ସମୁଦାୟ ୧ ଲକ୍ଷ କୋଟି ଟଙ୍କା ରହିଛି। ତେବେ ଆରଡିଆଇ ଫଣ୍ଡ୍ ସିଧାସଳଖ କୌଣସି ଉଦ୍ୟୋଗ କିମ୍ବା ଷ୍ଟାର୍ଟଅପ୍‌ରେ ନିବେଶ କରିବ ନାହିଁ। ଏହାର ପରିଚାଳନା ପାଇଁ ଦୁଇସ୍ତରୀୟ ଫଣ୍ଡିଂ ବ୍ୟବସ୍ଥା କରଯାଇଛି। ଯେପରି ପାରଦର୍ଶିତା ଏବଂ ବିଶେଷଜ୍ଞତା ବଜାୟ ରହିବ। ପ୍ରଥମ ଦୁଇ ସ୍ତରରେ, ରାଷ୍ଟ୍ରୀୟ ଅନୁସନ୍ଧାନ



ପ୍ରତିଷ୍ଠାନ ଅନୁଯାୟୀ ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଫଣ୍ଡ ସ୍ଥାପନ କରାଯିବ। ଏହି ଫଣ୍ଡ୍ ଏକ ଲକ୍ଷ କୋଟି ଟଙ୍କାର କର୍ପସର ସଂରକ୍ଷକ ହେବ। ଏହି ଏସପିଏଫ ଅନ୍ୟ ସ୍ତରର ଫଣ୍ଡ୍ ମ୍ୟାନେଜରଙ୍କୁ ଟଙ୍କା ଉପଲବ୍ଧ କରାଇବ। ଏହାର ଫଣ୍ଡ ମ୍ୟାନେଜର, ବୈକଳ୍ପିକ ନିବେଶ ଫଣ୍ଡ, ବିକାଶ ଫଣ୍ଡ୍ ସଂସ୍ଥାନ, ଅଣ ବ୍ୟାଙ୍କିଂ ଆର୍ଥିକ କମ୍ପାନି ଏବଂ ଏଭଳି ଅନ୍ୟ ଆର୍ଥିକ ସଂସ୍ଥା ହୋଇପାରିବ।

ନିବେଶ ପାଇଁ ସୁପାରିଶ କରିବା ଦାୟିତ୍ୱ ଏହି ଫଣ୍ଡ ମ୍ୟାନେଜରଙ୍କ ପାଖରେ ରହିବ। ସେମାନେ ଏକ ନିବେଶ ସମିତି ଦ୍ୱାରା ସୁପାରିଶ ଦେବେ। ଏହି ସମିତିରେ ଆର୍ଥିକ, ବାଣିଜ୍ୟିକ ଏବଂ ପ୍ରଯୁକ୍ତି କ୍ଷେତ୍ରର ଉଚ୍ଚ-ସ୍ତରୀୟ ବିଶେଷଜ୍ଞ ସାମିଲ ହେବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ଏହି ସମିତି ସ୍ୱତନ୍ତ୍ର ଭାବେ କାମ କରିବ। ଅର୍ଥାତ ବିନା କୌଣସି ରାଜନୈତିକ ତଥା ସରକାରୀ ଚାପରେ। ପ୍ରଯୁକ୍ତି ବିଭାଗକୁ ଏହି ଆରଡିଆଇ ଫଣ୍ଡ୍‌ର ନୋଡାଲ ମନ୍ତ୍ରଣାଳୟ କରାଯାଇଛି। ତେବେ ଯେତେବେଳେ ରିସର୍ଚ୍ଚ ଏବଂ ଡେଭଲପମେଣ୍ଟରେ ବ୍ୟକ୍ତିଗତ ନିବେଶ ବଢ଼ିବ, ସେତେବେଳେ ଏହାର ପ୍ରଭାବ ଦେଶରେ ଉତ୍ପାଦନ ହେଉଥିବା ଉତ୍ପାଦ ଏବଂ ସେବାର ଗୁଣବତ୍ତା ଉପରେ ସିଧାସଳଖ ପଡ଼ିବ। ନୂଆ ଜ୍ଞାନକୌଶଳ ଏବଂ ଶସ୍ତା, ଉତ୍ତମ ଉତ୍ପାଦ ବଜାରକୁ ଆସିବ।

# ତାଲିବାନର ବୃହତ୍ ଆଫଗାନିସ୍ତାନ ମାନଚିତ୍ରରେ ପାକିସ୍ତାନର ୩ଟି ଅଞ୍ଚଳ

**କାବୁଲ,୩।୧୧ :** ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଉତ୍ତେଜନା ପୂର୍ବରୁ ଲାଗି ରହିଛି। ଏହି ସମୟରେ, ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେଉଛି, ଯାହାକି ଏହି ବିବାଦକୁ ବୃଦ୍ଧି କରିବାର ଆଶଙ୍କା ରହିଛି। ଭିଡିଓରେ, ଆଫଗାନିସ୍ତାନର ଉପସ୍ୱରାଷ୍ଟ୍ର ମନ୍ତ୍ରୀ, ମହମ୍ମଦ ନବି ଓମାରି, ଏକ ସରକାରୀ କାର୍ଯ୍ୟକ୍ରମରେ ଗ୍ରେଟର ଆଫଗାନିସ୍ତାନର ମାନଚିତ୍ର ପ୍ରଦର୍ଶନ କରୁଥିବାର ଦେଖାଯାଉଛି। ମାନଚିତ୍ରରେ ପାକିସ୍ତାନର ୩ଟି ରାଜ୍ୟ ରହିଛି। ଏହି କାର୍ଯ୍ୟକ୍ରମ ଅକ୍ଟୋବର ୨୮ ତାରିଖରେ ପାକିସ୍ତାନ ସୀମା ନିକଟରେ ଆଫଗାନିସ୍ତାନର ଖୋଷ୍ଟ ପ୍ରଦେଶରେ ଅନୁଷ୍ଠିତ ହୋଇଥିଲା। ଏହି ଭିଡିଓରେ, ସାମରିକ ପୋଷାକ ପିନ୍ଧିଥିବା ଦୁଇଜଣ ଯୁବକ ମନ୍ତ୍ରୀଙ୍କୁ ଏକ ଢାଲ ପ୍ରଦାନ କରୁଥିବାର ଦେଖାଯାଉଛି। ଢାଲଟି ଆଫଗାନିସ୍ତାନର ଏକ ମାନଚିତ୍ରକୁ ଦର୍ଶାଉଛି, ଯେଉଁଥିରେ ପାକିସ୍ତାନର ଖାଇବର ପଖତୁନଖ୍ୱା, ବେଲୁଚିସ୍ତାନ ଏବଂ ଗିଲଗିଟ-ବାଲ୍ଟିସ୍ତାନର ଅଞ୍ଚଳ ଅନ୍ତର୍ଭୁକ୍ତ। ଏହି କାରଣରୁ ମାନଚିତ୍ରଟି ବିବାଦୀୟ ଏବଂ ଏହାକୁ ଗ୍ରେଟର ଆଫଗାନିସ୍ତାନ ବୋଲି କୁହାଯାଉଛି।

କିଛି ସପ୍ତାହ ପୂର୍ବେ ଦୋହା ଆଲୋଚନା ପରେ ମଧ୍ୟ, ତାଲିବାନ ସ୍ପଷ୍ଟ ଭାବରେ କହିଥିଲା ଯେ, ଏହା ଡୁରାଣ୍ଡ ରେଖାକୁ ଏକ ଅନ୍ତର୍ଜାତୀୟ ସୀମା ଭାବରେ ସ୍ୱୀକାର କରେ ନାହିଁ। ଆଫଗାନିସ୍ତାନ କହିଛି ଯେ, ଦୁଇ ଦେଶ ମଧ୍ୟରେ ସୀମା ବିବାଦ ରହିଛି। ଅନ୍ୟପକ୍ଷରେ ପାକିସ୍ତାନ ଦାବି କରୁଛି ଯେ, ଏହି ସମସ୍ୟାର ସମାଧାନ ବହୁ ପୂର୍ବରୁ ହୋଇସାରିଛି ଏବଂ ଡୁରାଣ୍ଡ ରେଖା ହେଉଛି ପ୍ରକୃତ ସୀମା।

# ବିହାରରେ ପୁଣି ବାଜିମାରିବ ଏନ୍‌ଡିଏ

**ପାଟନା,୩।୧୧:** ବିହାରରେ ଭୋଟିଂ ପୂର୍ବରୁ ଆସିଲା ଚମକାଇ ଦେଲା ଭଳି ସର୍ଭେ ରିପୋର୍ଟ। ଆଗାମୀ ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏ କ୍ଷମତା ବଜାୟ ରଖିବ ବୋଲି ଶନିବାର ଜେଭିସି ସର୍ଭେ ପୂର୍ବାନୁମାନ କରିଛି। ଏହି ସର୍ଭେ ରିପୋର୍ଟ ଅନୁଯାୟୀ, ୨୪୩ ସଦସ୍ୟ ବିଶିଷ୍ଟ ବିହାର ବିଧାନସଭାରେ ଏନ୍‌ଡିଏ ୧୨୦ରୁ ୧୪୦ ଆସନ ପାଇବ ବୋଲି ଆକଳନ କରାଯାଇଥିବା ବେଳେ ମହାମେଣ୍ଟ ୯୩ରୁ ୧୧୨ ଆସନ ଜିତିପାରେ। ଅନ୍ୟପକ୍ଷରେ ବିଜେପି ୭୦ରୁ ୮୧ଟି ଆସନ ସହ ବିଧାନସଭାରେ ସବୁଠାରୁ ବଡ଼ ଦଳ ହେବ ବୋଲି ଆଶା କରାଯାଉଛି। ଜେଡିୟୁ ୪୨ରୁ ୪୮, ଏଲ୍‌ଜେପି ୫ରୁ ୭, ଏଚ୍‌ଏଏମ୍ ୨ ଏବଂ ଆର୍‌ଏଲ୍‌ଏମ୍ ୧ରୁ ୨ଟି ଆସନ ଜିତିପାରେ। ମହାମେଣ୍ଟରେ ଆର୍‌ଜେଡି ୬୯ରୁ ୭୮, କଂଗ୍ରେସ ୯ରୁ ୧୭,

**ସର୍ଭେ ରିପୋର୍ଟ**

**ତେଜସ୍ୱୀ ପସନ୍ଦଦାର ମୁଖ୍ୟମନ୍ତ୍ରୀ**



ସିପିଆଇ ୧୨ରୁ ୧୪, ସିପିଆଇ ୧ ଓ ସିପିଏମ୍ ୧ରୁ ୨ଟି ଆସନ ପାଇପାରେ। ନିର୍ବାଚନ ରଣନୀତିଜ୍ଞରୁ ରାଜନେତା ହୋଇଥିବା ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି କେବଳ ଗୋଟିଏ ଆସନରେ ଖାତା ଖୋଲିପାରେ। ଅନ୍ୟପକ୍ଷରେ ଏଆଇଏମ୍‌ଆଇଏମ୍, ବିଏସ୍‌ପି ଓ ଅନ୍ୟମାନେ ୮ରୁ ୧୦ଟି ଆସନ ପାଇବା ସମ୍ଭାବନା ରହିଛି।

ଜେଭିସି ପୋଲ୍ ସର୍ଭେ ଅନୁଯାୟୀ, ତେଜସ୍ୱୀ ଯାଦବ ୩୩ ପ୍ରତିଶତ ସମର୍ଥନ ସହ ମୁଖ୍ୟମନ୍ତ୍ରୀ ପଦ ପାଇଁ ସବୁଠାରୁ ପସନ୍ଦର ଚେହେରା। ନୀତୀଶ କୁମାର ୨୯ ପ୍ରତିଶତ ସହ ଦ୍ୱିତୀୟ ଏବଂ ଚିରାଗ ପାସୱାନ ଓ ପ୍ରଶାନ୍ତ କିଶୋର ପ୍ରତ୍ୟେକ ୧୦ ପ୍ରତିଶତ ସହ ତୃତୀୟ ସ୍ଥାନରେ ଅଛନ୍ତି। ଏହା ବ୍ୟତୀତ ବିହାର ଉପମୁଖ୍ୟମନ୍ତ୍ରୀ ଆସନ ପାଇଁ ସମ୍ରାଟ ଚୌଧୁରୀ ୯ ପ୍ରତିଶତ ଭୋଟ୍ ପାଇ ପଛରେ ଅଛନ୍ତି ଏବଂ ମାତ୍ର ୪ ପ୍ରତିଶତ ଲୋକ ବିଜେପିର ଅନ୍ୟ ଚେହେରାକୁ ପସନ୍ଦ କରିଛନ୍ତି। ଜନମତ ସର୍ଭେ ଅନୁଯାୟୀ, ଏନ୍‌ଡିଏ ୪୧ ପ୍ରତିଶତରୁ ୪୩ ପ୍ରତିଶତ ଭୋଟ୍ ପାଇବ।

ନକଲି ପାସପୋର୍ଟ ମାମଲା

# ଚକଦାହରୁ ୩ ଗିରଫ

**କୋଲକାତା, ୩।୧୧(ସଂଚାର ବ୍ୟୁରୋ):** ନକଲି ଡକ୍ୟୁମେଣ୍ଟ ବ୍ୟବହାର କରି ପାସପୋର୍ଟ ତିଆରି ମାମଲାରେ ଇଡି ଅଧିକାରୀମାନେ ତଲାସ କରୁଛନ୍ତି। ସୋମବାର ସକାଳେ କେନ୍ଦ୍ରୀୟ ତଦନ୍ତ ସଂସ୍ଥାର ଅଧିକାରୀମାନେ ନଦିଆର ଚକଦାହସ୍ଥିତ ଚୁଆଡଙ୍ଗାପାରାରି ଗାଁର ବାସିନ୍ଦା ବିପ୍ଳବ ସରକାରଙ୍କ ଘରେ ପହଞ୍ଚିଥିଲେ। ଇଡି ତାଙ୍କ ପାସପୋର୍ଟ ଏବଂ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ପ୍ରାୟ ତିନି ଘଣ୍ଟା ଧରି ତଲାସ ଚାଲିଥିଲା। ସୂଚନା ଅନୁଯାୟୀ, ନକଲି ପାସପୋର୍ଟ ମାମଲାରେ ଇନ୍ଦୁଭୂଷଣ ହାଲଦାରଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୩୫୦ ରୁ ଅଧିକ ନକଲି ପାସପୋର୍ଟ ମିଳିଛି। ସେଥିମଧ୍ୟରେ ବିପ୍ଳବ ଏବଂ ତାଙ୍କ ଭାଇ ବିପୁଲ ସରକାରଙ୍କ




ପାସପୋର୍ଟ ମଧ୍ୟ ଥିଲା। ସେହି ସୂଚନା ଆଧାରରେ, ଇଡି ସୋମବାର ସକାଳେ ସେମାନଙ୍କ ଘରକୁ ଯାଇଥିଲା। ଏହି ନକଲି ପାସପୋର୍ଟଗୁଡ଼ିକ କେଉଁ ଡକ୍ୟୁମେଣ୍ଟ ଦେଇ ତିଆରି ହୋଇଥିଲା, ସେମାନେ ଇନ୍ଦୁଭୂଷଣଙ୍କ ସହିତ କିପରି ଯୋଗାଯୋଗ କରିଥିଲେ।

କେନ୍ଦ୍ରୀୟ ତଦନ୍ତ ସଂସ୍ଥା ସମସ୍ତ ଦିଗ ଦେଖି ତଦନ୍ତ କରୁଛନ୍ତି। ବିପ୍ଳବଙ୍କ ବ୍ୟାଙ୍କ ଏବଂ ପାସପୋର୍ଟ ଡକ୍ୟୁମେଣ୍ଟ ଯାଞ୍ଚ କରିବା ଏବଂ ମୋବାଇଲ ଫୋନ୍ ରେକର୍ଡ ଯାଞ୍ଚ କରିବା ପରେ ଇଡି ଅଧିକରୀମାନେ ସନ୍ଦେହଜନକ ହୋଇପଡ଼ିଥିଲେ। ସେମାନଙ୍କ ବୟାନରେ ମଧ୍ୟ ଅସଙ୍ଗତି ମିଳିଥିଲା। ଏହି କାରଣରୁ ଇଡି ଅଧିକାରୀମାନେ ବିପ୍ଳବ, ତାଙ୍କ ଭାଇ ବିପୁଳ ଏବଂ ତାଙ୍କ ବାପା ବିନନ୍ଦ ସରକାରଙ୍କୁ ଗିରଫ କରିଛନ୍ତି। ସେମାନଙ୍କ କାଗଜପତ୍ର ମଧ୍ୟ ଜବତ କରାଯାଇଛି। ବିପ୍ଳବ ପେଶାରେ ଜଣେ କାଠମିସ୍ତ୍ରୀ ଏବଂ ତାଙ୍କ ଭାଇ ଜଣେ ରାଜମିସ୍ତ୍ରୀ। ସକାଳେ ସେମାନଙ୍କ ଘରେ ଇଡି ଚଢାଉ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ବ୍ୟାପିଥିଲା। ଅନ୍ୟପକ୍ଷରେ, କେନ୍ଦ୍ରୀୟ ତଦନ୍ତ ସଂସ୍ଥା ରୁବିରେ ଥିବା ପାସପୋର୍ଟ ଅଫିସରେ ମଧ୍ୟ ତଲାସୀ କରିଛି।

# ଗୁପ୍ତରେ ପରମାଣୁ ପରୀକ୍ଷଣ କରୁଛି ଚୀନ

**ଟ୍ରମ୍ପଙ୍କ ଅଭିଯୋଗକୁ ଡ୍ରାଗନର ଖଣ୍ଡନ**

**ୱାଶିଂଟନ,୩।୧୧ :** ଚୀନ ସୋମବାର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସେହି ଅଭିଯୋଗକୁ ଦୃଢ ଭାବେ ଖଣ୍ଡନ କରିଛି ଯେ, ସେ ଗୁପ୍ତ ଭାବେ ପରମାଣୁ ପରୀକ୍ଷଣ କରୁଛି। ନ୍ୟୁଜ୍ ଏଜେନ୍ସି ଏଏଫପି ମୁତାବକ, ଟ୍ରମ୍ପଙ୍କ ବିବୃତ୍ତି ଉପରେ ପ୍ରତିକ୍ରିୟା ଦେଇ ଚୀନ ବୈଦେଶିକ ମନ୍ତ୍ରଣାଳୟ ଦାବି କରିଛି ଯେ, ସେ ଏକ 'ଦାୟିତ୍ୱପୂର୍ଣ୍ଣ ପରମାଣୁ ଶକ୍ତି ସଂପନ୍ନ ରାଷ୍ଟ୍ର'। ବେଜିଂ ସ୍ପଷ୍ଟ କରିଛି ଯେ, ସେ ସର୍ବଦା ଆତ୍ମରକ୍ଷା ଆଧାରିତ ପରମାଣୁ ନୀତିର ପାଳନ କରିଆସିଛି ଏବଂ ପରମାଣୁ ପରୀକ୍ଷଣ ପ୍ରତିବନ୍ଧକରେ ନିଜର ପ୍ରତିଜ୍ଞାର ସମ୍ମାନ କରି ଆସିଛି।

ଉଲ୍ଲେଖନୀୟ ଯେ, ଟ୍ରମ୍ପ ରବିବାର ଦାବି କରିଥିଲେ ଯେ, ରୁଷ୍ ଓ ଚୀନ ଭଳି ଦେଶ ଭୂମିଗତ ପରମାଣୁ ପରୀକ୍ଷଣ କରୁଛନ୍ତି, କିନ୍ତୁ ସେମାନଙ୍କର ଲୋକେ ଏ ବିଷୟରେ ସଂପୂର୍ଣ୍ଣ ଅଜ୍ଞ। ସେ କହିଛନ୍ତି ଯେ, ଆମେରିକା



ମଧ୍ୟ ଏହିପରି କାର୍ଯ୍ୟାନୁଷ୍ଠାନ କରିବ। ଟ୍ରମ୍ପ ଜୋର ଦେଇ କହିଛନ୍ତି ଯେ, ମୁଁ ଏକା ଏମିତି ଦେଶ ହେବାକୁ ଚାହୁଁ ନାହିଁ , ଯିଏ ପରୀକ୍ଷଣରୁ ନିବୃତ୍ତ ରହିବ। ସିବିଏସର ' ୬୦ ମିନିଟ୍‌ସ' ଶୋ'ରେ ଆମେରିକୀୟ ରାଷ୍ଟ୍ରପତି କହିଛନ୍ତି ଯେ, ରୁଷ୍ ପରୀକ୍ଷଣ କରୁଛି , ଚୀନ ମଧ୍ୟ କରୁଛି , କିନ୍ତୁ ସେ ଏହାକୁ ସାର୍ବଜନିନ କରୁନାହାନ୍ତି। ଏହି କ୍ରମରେ ସେ ଉତ୍ତର କୋରିଆ ଓ ପାକିସ୍ତାନ ଭଳି ଅନ୍ୟ ଦେଶ ଗୁଡ଼ିକର ମଧ୍ୟ ଉଲ୍ଲେଖ କରିଛନ୍ତି। ସିବିଏସକୁ ଦେଇଥିବା ଇଣ୍ଟରଭ୍ୟୁରେ ଟ୍ରମ୍ପ କହିଛନ୍ତି ,ଆମ ପାଖରେ କୌଣସି ଅନ୍ୟ ଦେଶ ଅପେକ୍ଷା ଖୁବ୍ ଅଧିକ ପରମାଣୁ ଅସ୍ତ୍ର ଅଛି। ମୋତେ ଲାଗୁଛି ଯେ, ଆମେ ପରମାଣୁ ନିରସ୍ତ୍ରୀକରଣର ଦିଗରେ ପଦକ୍ଷେପ ଉଠାଇବା ଉଚିତ୍। ମୁଁ ଏହି ମାମଲାରେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଶି ଜିନପିଙ୍ଗ ଉଭୟଙ୍କ ସହ କଥା ହୋଇଛି। ସେ ଆହୁରି କହିଛନ୍ତି ଆମେରିକା ପାଖରେ ପୂରା ଦୁନିଆକୁ ୧୫୦ ଥର ଧ୍ୱଂସ କରିବାର କ୍ଷମତା ସଂପନ୍ନ ପରମାଣୁ ଅସ୍ତ୍ର ରହିଛି। ଟ୍ରମ୍ପ ଦାବି ପୂର୍ବକ କହିଛନ୍ତି , ଆମେରିକା ପରେ ରୁଷ୍ ଦ୍ୱିତୀୟ ନମ୍ବରରେ , ଆଉ ଚୀନ ତୃତୀୟ ନମ୍ବରରେ ଅଛି। ସେ କହିଛନ୍ତି , ଅନ୍ୟ ଦେଶ ଗୁଡ଼ିକର ପରୀକ୍ଷଣ କାର୍ଯ୍ୟକ୍ରମକୁ ଦେଖି ମୁଁ ପ୍ରତିରକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛି ଯେ, ସେ ଆମର ପରମାଣୁ ଅସ୍ତ୍ର ଗୁଡ଼ିକର ମଧ୍ୟ ସମାନ ପରୀକ୍ଷଣ ତୁରନ୍ତ ଆରମ୍ଭ କରନ୍ତୁ।

## ନିର୍ବାଚନ ଏବଂ ଉପ-ନିର୍ବାଚନ

# ୧୦୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ମାଦକଦ୍ରବ୍ୟ ଜବତ

- ଆଚରଣ ବିଧିର ଅନୁପାଳନ ଲାଗି ଇସିଙ୍କ ନିର୍ଦ୍ଦେଶ
- ନୂଆପଡ଼ାରୁ ଜବତ ହେଲାଣି ୯୮ ଲକ୍ଷର ନିଶାଦ୍ରବ୍ୟ

**ଭୁବନେଶ୍ୱର,୩।୧୧(ସଂଚାର ବ୍ୟୁରୋ):** ଭାରତର ନିର୍ବାଚନ ଆୟୋଗ ବିହାର ବିଧାନସଭାର ସାଧାରଣ ନିର୍ବାଚନ, ୨୦୨୫ ଏବଂ ଦେଶର ୮ ନିର୍ବାଚନ ମଣ୍ଡଳୀ ପାଇଁ ଉପ-ନିର୍ବାଚନର କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ଆଦର୍ଶ ଆଚରଣ ବିଧି ନିର୍ଦ୍ଦେଶାବଳୀର କଡ଼ାକଡ଼ି ଅନୁପାଳନ କରିବାକୁ ଆୟୋଗ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ସି-ଭିଜିଲରେ ରିପୋର୍ଟ ହୋଇଥିବା ଅଭିଯୋଗଗୁଡ଼ିକର ୧୦୦ ମିନିଟ୍ ମଧ୍ୟରେ ସମାଧାନ ନିଶ୍ଚିତ କରିବା ପାଇଁ ସମଗ୍ର ବିହାରରେ ୮୨୪ଟି ଫ୍ଲାଇଂ ସ୍କ୍ୱାଡ୍ ନିୟୋଜିତ କରାଯାଇଛି। ସୂଚନା ଯୋଗ୍ୟ ଯେ, ଆଜି ସୁଦ୍ଧା, ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ବିଭିନ୍ନ ଏଜେନ୍ସିମାନଙ୍କ ସମନ୍ୱୟରେ ୯.୬୨ କୋଟି ଟଙ୍କା ନଗଦ, ୪୨.୧୪ କୋଟି ଟଙ୍କାର ମଦ, ୨୪.୬୧ କୋଟି ଟଙ୍କା ମୂଲ୍ୟର ଡ୍ରଗ୍ସ, ୫.୮ କୋଟି ଟଙ୍କା ମୂଲ୍ୟର ମୂଲ୍ୟବାନ ଜିନିଷ ଏବଂ ୨୬ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନ୍ୟାନ୍ୟ ମାଗଣା ସାମଗ୍ରୀ ସମେତ ମୋଟାମୋଟି ୧୦୮.୧୯ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅବୈଧ ପ୍ରଲୋଭନକାରି ଦ୍ରବ୍ୟ ଜବତ କରାଯାଇଛି। ଅଦ୍ୟାବଧି ନୂଆପଡା ଅଞ୍ଚଳରୁ ୬୯ଲିଟର ବିଅର୍, ୩୮ଲିଟର ବିଦେଶୀ ମଦ, ୫୭୯୫ ଲିଟର ହାତ ରନ୍ଧା ମଦ,୧୨୦୭ ଲିଟର ବାହାର ଭାଟି ମଦ, ୬୦ କେଜି ଗଞ୍ଜେଇ ଏବଂ ୧,୩୬,୭୦୦ କେଜି ମହୁଲ ପାଉଚ ଜବତ କରାଯାଇଛି। ଏସବୁର ଆନୁମାନିକ ମୂଲ୍ୟ ୯୮ ଲକ୍ଷ ୬ ହଜାର ୫୯୨ ଟଙ୍କା ହେବ। ଏହା ସହିତ ପାଞ୍ଚ ଗୋଟି ବାଇକ୍ ଏବଂ ଏକ ଚାରିଚକିଆ ଯାନ ମଧ୍ୟ ଅବକାରୀ ବିଭାଗ ଜବତ କରିଛି।

## ଶିକ୍ଷକ ନେତାଙ୍କ ବିୟୋଗରେ ଶୋକ

**ଭଦ୍ରକ, ୩।୧୧ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା ଓଷ୍ଟାର ପ୍ରାକ୍ତନ ସମ୍ପାଦକ ଜଣେ ଆଦର୍ଶ ଶିକ୍ଷକ ସଂଗ୍ରାମୀ ଶିକ୍ଷକ ନେତା ସାଧୁଚରଣ ଷଡ଼ଙ୍ଗୀ ଗତକାଲି ରାତି ୧୦ ଘଂଟା ୨୦ ମିନିଟ୍ ରେ ଭୁବନେଶ୍ୱର ସ୍ଥିତ ସମ୍ ଅଲ୍ଟିମାଟରେ ଚିକିତ୍ସିତ ଅବସ୍ଥାରେ ୭୦ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ସମୟରେ ତାଙ୍କ ନିକଟରେ ତାଙ୍କର ଦୁଇ ପୁଅ ଦୁଇ ବହୁ ଦୁଇ ଝିଅ ତାଙ୍କ ସହଧର୍ମିଣୀ ଓ ଆତ୍ମୀୟ ସ୍ୱୋଜନ ଉପସ୍ଥିତ ଥିଲେ। ତାଙ୍କ ଗ୍ରାମ ଅର୍ଦ୍ଦା ଉଳିଆ ରେ ତାଙ୍କର ଶେଷ କୃତ୍ୟ ସଂପନ୍ନ କରାଯାଇଥିଲା। ଶେଷକୃତ୍ୟ ସମୟରେ କନିଷ୍ଠ ପୁତ୍ର ଦେବ ଦୁର୍ଲଭ ଷଡ଼ଙ୍ଗୀ ମୁଖାଗ୍ନି ଦେଇଛନ୍ତି।

# ନବୀନଙ୍କ ସଭା ଭଣ୍ଡୁର କଲେ ଜଗା, ବାବୁ





**ନୂଆପଡା,୩।୧୧ (ସଂଚାର ବ୍ୟୁରୋ):** ନୂଆପଡା ଉପନିର୍ବାଚନ ପାଇଁ ଆଜି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରଚାରକୁ ଓହ୍ଲାଇଥିଲେ। ନବୀନଙ୍କ କ୍ରେଜକୁ କାଉଣ୍ଟର କରିବାକୁ କୋମନା ବ୍ଲକର କାଣ୍ଡେତରା ଓ ନୂଆଗାଁ ପଞ୍ଚାୟତର ଦାୟିତ୍ୱ ନେଇଛନ୍ତି ବିଜେପି ନେତା ଜଗନ୍ନାଥ ପ୍ରଧାନ ଓ ବିଧାୟକ ବାବୁ ସିଂ। ଦୁଇ ପଂଚାୟତର ଭୋଟରଙ୍କୁ ବିକାଶ ଇଂଜିନ ସହ ଯୋଡି ହୋଇ ନୂଆପଡା ପାଇଁ ନୂଆ ଇତିହାସ ଲେଖିବାକୁ ଭୋଟରଙ୍କ ଅପିଲ କରିଥିଲେ ଏହି ଦୁଇ ନେତା। ବିଜେପିର ଏହି ଦୁଇ ନେତାଙ୍କ ପ୍ରଚାର ଏତେ ପ୍ରଭାବୀ ଥିଲା ଯେ, ନବୀନଙ୍କ ସଭାରେ ବହୁ ଚେୟାର ଖାଲିଥିବା ଦେଖିବାକୁ ମିଳିଥିଲା।

ଉପ ନିର୍ବାଚନକୁ ଦୃଷ୍ଟିରେ ରଖି ଆଜି କୋମନା ବ୍ଲକ୍ କାଣ୍ଡେତରା ପଞ୍ଚାୟତର ବିଭିନ୍ନ ଗାଁରେ ବିଜେପି ବିଧାୟକ ପ୍ରାର୍ଥୀ ଜୟ ଢୋଲକିଆ ଓ ସ୍ଥାନୀୟ କାର୍ଯ୍ୟକର୍ତ୍ତାମାନଙ୍କ ସହ ଜନସଂପର୍କ ଅଭିଯାନରେ ସାମିଲ ହୋଇଥିଲେ ବାବୁ ସିଂ। କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀ ଲୋକଙ୍କ ଉନ୍ନତି ଓ ସଶକ୍ତିକରଣ ପାଇଁ ଅନେକ ଯୋଜନା ମାଧ୍ୟମରେ ନିରନ୍ତର କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ନୂଆପଡ଼ା ଜିଲ୍ଲାର ବିକାଶ ପାଇଁ ବିଗତ ଦିନରେ ୧୪୦୦ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଘୋଷଣା ହୋଇଛି, ଯାହା ଏହି ଅଞ୍ଚଳକୁ ରାଜ୍ୟରେ ଏକ ନମ୍ବର ଜିଲ୍ଲା ଭାବେ ଗଢ଼ି ତୋଳିବ ବୋଲି ବାବୁ ସିଂ କହିଥିଲେ। ଏହି ସମାବେଶରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିପୁଳ ଭୋଟରେ ବିଜୟୀ କରି ନୂଆପଡ଼ାର ଉନ୍ନତି ଯାତ୍ରାକୁ ଆଗେଇ ନେବା ପାଇଁ ସେ ସମସ୍ତଙ୍କୁ ଅପିଲ କରିଥିଲେ।

ସେହିଭଳି ନୂଆଗାଁ ଦାୟିତ୍ୱ ନେଇଥିଲେ ଜଗନ୍ନାଥ ପ୍ରଧାନ। ତାଙ୍କ ନେତୃତ୍ୱରେ ଆଜି ଜୟ ଢୋଲକିଆଙ୍କ ପାଇଁ ପ୍ରଚାରକୁ ଆସିଥିଲେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ତାଙ୍କ ଉପସ୍ଥିତିରେ ନୂଆଗାଁ ପଞ୍ଚାୟତର ୱାର୍ଡମେମ୍ବର ନିତ୍ୟାନନ୍ଦ ଶବର, ଅନନ୍ତରାମ ବିଶ୍ୱାଳ, ରାମକୁମାର ଶବର, ଲକ୍ଷ୍ମଣ ନାୟକ, ନୂଆଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଖରଦାଙ୍ଗ ଶବର, ପୂର୍ବତନ ୱାର୍ଡ ମେମ୍ବର ରାମଦାସ ଶବର, ବିଜେଡିର ସକ୍ରିୟ କର୍ମୀ ଗଜାନନ୍ଦ ଶବର, ସୁଶାନ୍ତ ଶବର ବିଜେଡି ଛାଡି ଆଜି ବିଜେପିରେ ସାମଲ ହୋଇଛନ୍ତି। କୋମନା ବ୍ଲକରେ ବିଜେପିର ସ୍ଥିତି ପୂର୍ବରୁ ଟିକେ କମିଥିବା ବେଳେ ଜଗନ୍ନାଥ ଓ ବାବୁଙ୍କ ରଣନୀତିରେ ଦଳର ଗ୍ରହଣୀୟତା ବୃଦ୍ଧି ପାଉଛି ବୋଲି କୁହାଯାଉଛି।

## କେନ୍ଦୁଝରରେ ଯୁଗ୍ମ ଅଭିଯୋଗ ଶୁଣାଣି

**କେନ୍ଦୁଝର, ୩।୧୧ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୨୦୭ ଅଭିଯୋଗ ଗ୍ରହଣ କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୨୨ ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବା ବେଳେ ୧୮୫ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା। ସେଥିମଧ୍ୟରୁ ୨୯ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୦ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଏହି ଶୁଣାଣିରେ ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଜିଲ୍ଲା ଖଣିଜ ପ୍ରତିଷ୍ଠାନ କେନ୍ଦୁଝରର ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀମତୀ ରୀନା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ବିନୋଦ ବିହାରୀ ମିଶ୍ର, ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ।

## ସୁଦାନରେ ଓଡ଼ିଆ ଯୁବକ ଅପହୃତ



**ଭୁବନେଶ୍ୱର, ୩।୧୧ (ସଂଚାର ବ୍ୟୁରୋ):** ସୁଦାନରେ ଓଡ଼ିଶାର ଜଣେ ଯୁବକ ଅପହୃତ ହୋଇଛନ୍ତି। ଜଗତସିଂହପୁର ଜିଲା କୋଟକଣା ଗାଁର ଆଦର୍ଶ ବେହେରା (୩୬) ବିଦ୍ରୋହୀ ଗୋଷ୍ଠୀ ଆରଏସଏଫ ଦ୍ୱାରା ଅପହୃତ ହୋଇଛନ୍ତି ବୋଲି ଅଭିଯୋଗ ହୋଇଛି।

ଆଦର୍ଶ ୨୦୨୨ ଠାରୁ ସୁଦାନର ସୁକାରତି ପ୍ଲାଷ୍ଟିକ ଫ୍ୟାକ୍ଟ୍ରିରେ କାମ କରୁଥିଲେ। ଅଲ ଫାଶିର ସହରରୁ ତାଙ୍କୁ ଅପହରଣ କରାଯାଇଛି। ଏକ ଭିଡିଓରେ ସେ ଦୁଇ ସଶସ୍ତ୍ର ସୈନିକ ମଝିରେ ବସି କହୁଛନ୍ତି, 'ଶାହରୁଖ ଖାନଙ୍କୁ ଜାଣନ୍ତି କି?' ଓ 'ଡାଗାଲୋ ଭଲ' ବୋଲି କହିବାକୁ ବାଧ୍ୟ କରାଯାଇଛି। ଡାଗାଲୋ ହେଉଛନ୍ତି ଆରଏସଏଫର ନେତା। ଅନ୍ୟ ଏକ ଭିଡିଓରେ ସେ ଓଡ଼ିଶା ସରକାରଙ୍କୁ ଉଦ୍ଧାର ପାଇଁ ଅନୁରୋଧ କରିଛନ୍ତି।

ସୁଦାନର ଗୃହଯୁଦ୍ଧରେ ଲକ୍ଷାଧିକ ଲୋକ ବିସ୍ଥାପିତ ହୋଇଛନ୍ତି। ଆଦର୍ଶଙ୍କ ସ୍ତ୍ରୀ ସୁସ୍ମିତା ଓ ଦୁଇ ପୁଅ (୮ ଓ ୩ ବର୍ଷ) ଚିନ୍ତାରେ ଅଛନ୍ତି। ପରିବାର ଉଦ୍ଧାର ପାଇଁ ସରକାରଙ୍କ ଠାରେ ନିବେଦନ କରିଛନ୍ତି। ସୁଦାନ ରାଷ୍ଟ୍ରଦୂତ କହିଛନ୍ତି, ଅଞ୍ଚଳରେ ଯୋଗାଯୋଗ ବନ୍ଦ ରହିଛି, ଶୀଘ୍ର ସୁରକ୍ଷିତ ଉଦ୍ଧାର ଆଶା।

## ଭୋଜିକୁ ଆସି ଡ୍ୟାମରେ ଭାସିଗଲେ ଯୁବକ

**ବଲାଙ୍ଗିର, ୩।୧୧ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲା ଲୋୟର ସୁକତେଲ ଡ୍ୟାମରେ ରବିବାର ଏକ ଅଘଟଣ ଘଟିଛି। ଯୁବକ ଜଣକ ଡ୍ୟାମରେ ଗାଧୋଇବା ବେଳେ ଭାସି ଯାଇ ନିଖୋଜ ଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଡ୍ୟାମକୁ ଭୋଜି କରିବାକୁ ବର୍ତ୍ତମାନ ଲୋକଙ୍କ ଭିଡ଼ ଜମୁଛି। ଏହି ପରିପ୍ରେକ୍ଷୀରେ କିଛି ଯୁବକ ଡ୍ୟାମକୁ ଭୋଜି କରିବାକୁ ଆସିଥିଲେ। ସେତିକିବେଳେ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଡ୍ୟାମ ତଳ ପଟେ ଥିବା ପୋଲ ନିକଟରେ ଗାଧୋଉଥିଲେ। ଏହି ସମୟରେ ଯୁବକ ଜଣକ ଭାସିଯାଇଥିବା ଯୁବକମାନେ କହିଛନ୍ତି। ଖବର ପାଇ ଅଗ୍ନିଶମ ବିଭାଗର ଏକ ଟିମ ମାଗୁରବେଡାରେ ପହଞ୍ଚି ସୁକତେଲ ଡ୍ୟାମରେ ଖୋଜାଖୋଜି ଆରମ୍ଭ କରିଥିଲେ। ଯୁବକଙ୍କ କୌଣସି ପତ୍ତା ମିଳିପାରି ନାହିଁ। ଯୁବକ ଜଣକ ଜଗତସିଂହପୁରର ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷରେ ଗତକାଲି ରାତି ହୋଇଯିବାରୁ ଅଗ୍ନିଶମ ବାହିନୀ ଖୋଜିବା ବନ୍ଦ ରଖିଥିଲା। ସୋମବାର ସକାଳୁ ପୁଣି ଖୋଜାଚାଲିଛି ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଉଛି।

## କାର୍ ଧକ୍କାରେ ବାଇକ୍ ଚାଳକ ମୃତ

**ବଲାଙ୍ଗିର, ୩।୧୧ (ସଂଚାର ବ୍ୟୁରୋ):** ବାଇକ୍ ଓ କାର୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ଏଭଳି ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ଜୁରିଆ ଗାଁ ନିକଟସ୍ଥ ଭୁଲିଆ ବନ୍ଧରେ ଆଜି ସକାଳେ ଏକ ଦୁର୍ଘଟଣା ଘଟିଥିଲା, ଯେଉଁଥିରେ ଡୁଲାମଣି ମେହେର (୫୨) ନାମକ ଜଣେ ବ୍ୟକ୍ତି ପ୍ରାଣ ହାରାଇଛନ୍ତି।

ପ୍ରାଥମିକ ତଥ୍ୟ ଅନୁସାରେ, ଡୁଲାମଣି ମେହେର ତାଙ୍କ ମୋଟରସାଇକେଲ ଓଡ଼ି-୦୩-୨୪୮୯ରେ ଯାଉଥିବା ବେଳେ ପଦ୍ମପୁର ଦିଗରୁ ଏକ କାର୍ ଓଡ଼ି-୦୩-ଏକ୍ସ- ୩୪୮୫ ତାଙ୍କୁ ଜୋର୍ ରେ ଧକ୍କାଦେଇ କିଛି ଦୂର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ଘଟଣାସ୍ଥଳରେ ହିଁ ଡୁଲାମଣିଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା। ଲରମ୍ଭା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିଥିବା ବେଳେ ଜରୁରୀ ତଥ୍ୟ ସହ ସାକ୍ଷୀମାନଙ୍କର ବୟାନ ସଂଗ୍ରହ କରୁଥିବା ସୂଚନା ରହିଛି। ପୁଲିସ କହିଛନ୍ତି ଯେ, ଦୁର୍ଘଟଣାର ସଠିକ କାରଣ ନିଶ୍ଚିତ କରିବା ପାଇଁ ତଦନ୍ତ ଚାଲିଛି।

## ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଜୟପୁର,୩।୧୧ (ସଂଚାର ବ୍ୟୁରୋ):** ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'-୨୦୨୫ ଜଗଦୀଶ ଚନ୍ଦ୍ର ନାୟକ ପୌର ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଜୟପୁର ବ୍ଲକ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର ପଟ୍ଟନାୟକ ଏବଂ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କେ ଗୋପାଳ, ସୋମନାଥ ଗାଦବା,ଜଗଦୀଶ ଚନ୍ଦ୍ର ପୌର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ଦୀପ୍, ବିଶିଷ୍ଟ ସାହିତ୍ୟିକ ଏବଂ ଅବସରର ପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀକାନ୍ତ ପାଢ଼ୀ, ଗଡ଼ପଦର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ ପଣ୍ଡା, ଅବସର ପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ମହାପାତ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୟପୁର ବ୍ଲକର ୧୫ ଟି କ୍ଲଷ୍ଟର ର ୨୩୧ ଟି ବିଦ୍ୟାଳୟରୁ ୩୯୮ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟ୍ୟରେ ଚିତ୍ରାଙ୍କନ,ବକ୍ତୃତା,କୁଇଜ, ବିତର୍କ, ସୁନ୍ଦର ହସ୍ତାକ୍ଷର, ସୃଜନଶୀଳ ଲିଖନ,ଗଣିତ ଦୌଡ଼, ଗଳ୍ପ କଥନ,ସଂଗୀତ,ଦଳଗତ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା।

## ବାତ୍ୟାଜନିତ କ୍ଷତିପୂରଣ ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଭଦ୍ରକ, ୩।୧୧ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲାର ସମସ୍ତ ଚାଷୀ ଓ ଭାଗଚାଷୀଙ୍କୁ ବାତ୍ୟା ମନ୍ଥା ଜନିତ କ୍ଷୟକ୍ଷତିର କ୍ଷତିପୂରଣ, ସମସ୍ତ ଚାଷୀ ଓ ଭାଗଚାଷୀ ମାନଙ୍କ କୃଷିଋଣ ଓ ମହାଜନୀ ଋଣ ଛାଡକରିବା, ଚାଷୀ ଓ ଭାଗଚାଷୀ ଆତ୍ମହତ୍ୟା ରୋକିବା, କୃଷିବୀମାରେ ବିଭିନ୍ନ ଘରୋଇ କଂପାନି ଗୁଡିକର ପ୍ରବେଶ ନିଷେଧ କରିବା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସମସ୍ତ ଚାଷୀ ଓ ଭାଗଚାଷୀ ମାନଙ୍କୁ କ୍ଷତିପୂରଣ ମିଳିବା, ଜାତୀୟ ବିପର୍ଯ୍ୟସ୍ତ ପରିଚାଳନା ପାଣ୍ଠି ଓ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିର ପରିମାଣ ବୃଦ୍ଧି କରିବା, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ମନ୍ଥା ଜନିତ କ୍ଷୟକ୍ଷତିର କ୍ଷତିପୂରଣ ଚାଷୀମାନଙ୍କୁ ତୁରନ୍ତ ମିଳିବା, ବନ୍ୟା, ବାତ୍ୟା ଓ ମରୁଡିର ସ୍ଥାୟୀ ପ୍ରତିକାର ଆଦି ଦାବି ନେଇ ଓଡିଶା କୃଷକ ସଭା ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଏକ ବିକ୍ଷୋଭ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

# ସ୍ୱଚ୍ଛ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ମାନବାଧିକାରର ଅଂଶ ବିଶେଷ

**ଭୁବନେଶ୍ୱର, ୩।୧୧ (ସଂଚାର ବ୍ୟୁରୋ):** ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ମୁଖ୍ୟ କାରଣ ହେଉଛି ଅସୁରକ୍ଷିତ ପାନୀୟ ଜଳ ଓ ଦୁର୍ବଳ ପରିମଳ ବ୍ୟବସ୍ଥା। ଦୂଷିତ ପାଣି ଓ ପରିମଳ ଜ୍ଞାନ ଅଭାବ ଯୋଗୁ ବ୍ୟାପୁଥିବା ରୋଗ ପରୋକ୍ଷ ଭାବେ ଦାରିଦ୍ର୍ୟକୁ ଡାକିଆଣେ। ତେଣୁ ନାଗରିକମାନଙ୍କ ଏଥିପ୍ରତି ସଚେତନ ହେବା ସହିତ ତୃଣମୂଳ ସ୍ତରରେ ସ୍ୱଚ୍ଛତାର ଗୁରୁତ୍ୱକୁ ପହଞ୍ଚାଇବା ଆବଶ୍ୟକ। ସାମାଜିକ 'ଫ୍ରେସ୍‌ୱାଟର ଆକ୍ସନ ନେଟ୍‌ୱର୍କ ସାଉଥ୍ ଏସିଆ' (ଫାନ୍‌ସା), 'ବିଶ୍ୱ ଯୁବକ କେନ୍ଦ୍ର', ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୟୁଥ୍ ଡେଭଲପ୍‌ମେଣ୍ଟ ଓ ଏଣ୍ଡ ୱାଟର ପଭର୍ଟିର ମିଳିତ ଆନୁକୂଲ୍ୟରେ ରେଡ୍‌କ୍ରସ୍‌ଭବନରେ ଆୟୋଜିତ ଜଳ, ପରିମଳ ଓ ସ୍ୱଚ୍ଛତା ପାଇଁ ନାଗରିକ ସମାଜକୁ ସଶକ୍ତୀକରଣ ଶୀର୍ଷକ କର୍ମଶାଳାରେ ଯୋଗଦେଇ ଅତିଥିମାନେ ଏଭଳି ମତବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମ୍ୟ ରଂଜନ ପଟ୍ଟନାୟକ ଯୋଗଦେଇ କହିଥିଲେ ଯେ, ପ୍ରକୃତି ମାତାର ପ୍ରତ୍ୟେକ ସୃଷ୍ଟିରେ ସମସ୍ତଙ୍କର ଅଧିକାର ରହିଛି। ଏହାର ସଂରକ୍ଷଣ ବ୍ୟକ୍ତିକେନ୍ଦ୍ରିକ ହେବା ଉଚିତ ନୁହେଁ। ସ୍ୱଚ୍ଛ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ମାନବାଧିକାରର ଅଂଶ ବିଶେଷ ଏବଂ ସ୍ଥାୟୀ ବିକାଶର ମୂଳଦୁଆ। ତେଣୁ ଏହାର ସୁରକ୍ଷା ପାଇଁ ସମସ୍ତ ନାଗରିକ ସମାଜ ଏକାଠି ହୋଇ ସମାଜର ତୃଣମୂଳ ପର୍ଯ୍ୟନ୍ତ ସଚେତନତା ବାର୍ତ୍ତା ପହଞ୍ଚାଇବା ଆବଶ୍ୟକ ବୋଲି କହିଥିଲେ।

ସମ୍ମାନିତ ଅତିଥି ଭାବେ ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ଶାଖାର ସମ୍ପାଦକ ଗଣେଶ ଚନ୍ଦ୍ର ପାତ୍ର ଯୋଗଦେଇ ସରକାରଙ୍କ ତରଫରୁ ସ୍ୱଚ୍ଛ ଜଳ ଓ ପରିମଳ ବ୍ୟବସ୍ଥା ପାଇଁ 'ସ୍ୱଚ୍ଛ ଭାରତ ମିସନ୍', 'ଜଳ ଜୀବନ ମିସନ୍' ପରି ବହୁ ଯୋଜନା ହୋଇଛି। ହେଲେ ଲୋକଙ୍କ ଇଚ୍ଛା ଓ ସଚେତନତା ଅଭାବରୁ ଏହି ସମସ୍ୟା ଆଜି ବି ରହିଛି। ସମସ୍ତେ ଏକାଠି ହେଲେ ହିଁ ଏହି ସମସ୍ୟା ଦୂର ହୋଇପାରିବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ 'ଫାନ୍‌ସା' ଆଞ୍ଚଳିକ ପରିଷଦ ଅଧ୍ୟକ୍ଷ ମୁରଲୀ ରାମସେଟ୍ଟୀ ଯୋଗଦେଇ ବିଭିନନ ରାଷ୍ଟ୍ର ଓ ରାଜ୍ୟର ଉଦାହରଣ ଦେଇ ସ୍ୱଚ୍ଛ ଜଳ ଓ ପରିମଳ ବ୍ୟବସ୍ଥା କିଭଳି ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥି ଭାବେ 'ଫାନ୍‌ସା' ଜାତୀୟ ଆବାହକ ଉଦୟ ଶଙ୍କର ସିଂହ, ସଦସ୍ୟ ପି.ସି. ମିଶ୍ର ଯୋଗଦେଇ କର୍ମଶାଳା ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିବା ସହିତ ପ୍ରତ୍ୟେକ ରାଜ୍ୟରୁ ଆସିଥିବା ନାଗରିକ ସମାଜ ଗୋଷ୍ଠୀଙ୍କୁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମରେ 'ଫାନ୍‌ସା- ଓଡ଼ିଶା' ଓ 'ବିଶ୍ୱ ଯୁବକ କେନ୍ଦ୍ର'ର ବାର୍ଷିକ ରିପୋର୍ଟ, ଋତୁସ୍ରାବ ସ୍ୱଚ୍ଛତା ଉପରେ 'ବିଶ୍ୱ ଯୁବକ କେନ୍ଦ୍ର'ର ରିପୋର୍ଟ ଓ 'ଏଣ୍ଡ ୱାଟର ପଭର୍ଟି' ଅଭିଯାନର ପୋଷ୍ଟର ଉନ୍ମୋଚିତ ହୋଇଥିଲା। ଅନ୍ୟାନ୍ୟ ଅଧିବେଶନରେ ସ୍ୱଚ୍ଛତା ଉପରେ କାର୍ଯ୍ୟ କରୁଥିବା ବହୁ ଅନୁଷ୍ଠାନର ବ୍ୟକ୍ତିବିଶେଷ ଆଲୋଚନା କରିଥିଲେ।

ସାମାଜିକ ସଙ୍ଗଠନ ଫ୍ରେସ୍‌ୱାଟର ଆକ୍ସନ ନେଟ୍‌ୱାର୍କ ସାଉଥ ଏସିଆ(ଫାନ୍‌ସା), ବିଶ୍ୱଯୁବକ କେନ୍ଦ୍ର, ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ ୟୁଥ୍ ଡେଭଲପମେଣ୍ଟ ଓ ଏଣ୍ଡ ୱାଟର ପଭର୍ଟିର ମିଳିତ ସହଯୋଗରେ ରେଡକ୍ରସଭବନରେ 'ଜଳ, ପରିମଳ, ସ୍ୱଚ୍ଛତା ପାଇଁ ନାଗରିକ ସମାଜକୁ ସଶକ୍ତୀକରଣ' ଶୀର୍ଷକ କର୍ମଶାଳା ହୋଇଯାଇଛି। କର୍ମଶାଳାର ପ୍ରଥମଦିନରେ ପୂର୍ବତନ ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ, ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ଶାଖାର ସମ୍ପାଦକ ଗଣେଶ ଚନ୍ଦ୍ର ପାତ୍ର, ଫାନ୍‌ସାର ଆଞ୍ଚଳିକ ପରିଷଦ ଅଧ୍ୟକ୍ଷ ମୁରଲୀ ରାମସେଟ୍ଟୀ ଓ ଜାତୀୟ ଆବାହକ ଉଦୟ ଶଙ୍କର ସିଂ ପ୍ରମୁଖ ଅତିଥିଭାବରେ ଯୋଗଦେଇ ପରିବେଶର ସୁରକ୍ଷା, ପାନୀୟ ଜଳର ସଦୁପଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ଦୂଷିତ ପାଣି ପିଇଲେ ଶରୀରର କଣ କ୍ଷତି ହୁଏ ସେ ଉପରେ ମତ ରଖିଥିଲେ। ସଦସ୍ୟ ପିସି ମିଶ୍ର କର୍ମଶାଳାର ଆଭିମୁଖ୍ୟ ଉପରେ ବର୍ଣ୍ଣନା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଢ଼ିଲା...

ସବସିଡି ରାସନ ଅତିରିକ୍ତ ନୁହେଁ ବରଂ ଏନଏଫଏସଏ ରେ ମିଳୁଥିବା ଖାଦ୍ୟ ଶସ୍ୟକୁ ପିଏମଜିକେଏୱାଇ ରେ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମାଗଣା କରିଦିଆଯାଇଛି।

୨୦୨୦ ମସିହାରେ ଯେତେବେଳେ ଏହି ଯୋଜନା ଦେଶରେ ଆରମ୍ଭ ହୋଇଥିଲା ସେତେବେଳେ ଏଥିରେ ଡାଇରେକ୍ଟ କ୍ୟାସ ଟ୍ରାନ୍ସଫର ଭଳି ଲାଭ ମଧ୍ୟ ସାମିଲ ଥିଲା। ଯୋଜନାରେ ଗରିବ ମହିଳାମାନଙ୍କୁ ଜନଧନ ଯୋଜନା ଖାତାରେ ସିଧା କ୍ୟାସ୍ ଟ୍ରାନ୍ସଫର କରାଯାଇଥିଲା। ବୟସ୍କ, ବିଧବା ଓ ଦିବ୍ୟାଙ୍ଗଙ୍କୁ ମଧ୍ୟ ଅତିରିକ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ଏହାଛଡ଼ା ଚାଷୀମାନଙ୍କୁ ପିଏମ କିଷାନ ଯୋଜନାରେ ଅଗ୍ରୀମ କିସ୍ତି ଦିଆଯାଇଥିଲା ଏବଂ ମନରେଗା ଶ୍ରମିକଙ୍କ ପାରିଶ୍ରମିକ ବଢା ଯାଇଥିଲା।

### ଓଡ଼ିଶାକୁ...

କରିବା ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନ ଓ ଗ୍ରାମୀଣ ସ୍ଥାନୀୟ ସଂସ୍ଥା ଏହି ଅନଟାଏଡ୍ ଗ୍ରାଣ୍ଟ ବା ମୁକ୍ତ ଅନୁଦାନକୁ ଖର୍ଚ୍ଚ କରିପାରିବେ। ଅନ୍ୟପକ୍ଷରେ ଟାଏଡ୍ ଗ୍ରାଣ୍ଟ ବା ବନ୍ଧିତ ଅନୁଦାନକୁ ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା ଓ ଓଡିଏଫ୍ ସ୍ଥିତିର ରକ୍ଷଣାବେକ୍ଷଣ ଭଳି ଅତ୍ୟାବଶ୍ୟକ ସେବା ସହ ପାନୀୟ ଜଳ ଯୋଗାଣ, ବର୍ଷାଜଳ ଅମଳ ଓ ଜଳ ପୁନଃଚକ୍ରଣ ପାଇଁ ବ୍ୟବହାର କରାଯାଇଥାଏ।

### ବିଜେଡିରେ...

ଓଡ଼ିଶାର ସ୍ୱାର୍ଥ ପାଇଁ ଅନେକ ପ୍ରସଙ୍ଗ ଉଠାଇ ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ। କିନ୍ତୁ ବିଜେଡିରେ ବାକ୍ ସ୍ୱାଧୀନତା ନ ଥିବାରୁ ସାଂସଦଠାରୁ ବିଧାୟକ ପର୍ଯ୍ୟନ୍ତ ସମସ୍ତେ ଅଣନିଃଶ୍ୱାସୀ ହୋଇପଡୁଥିବାରୁ ଶେଷରେ ଅମର ଏକ ଜାତୀୟ ଦଳରେ ସାମିଲ୍ ହୋଇଛନ୍ତି। କାରଣ ବିଜେପିରେ ସମସ୍ତେ ସ୍ୱାଧୀନ ଚିନ୍ତନ ସହ କାମ କରୁଛନ୍ତି। ଏବେ ଅମରଙ୍କୁ ବାକ୍ ସ୍ୱାଧୀନତା ମିଳିଛି। ସରକାରୀ ଅଧିକାରୀ ଭାବେ ରାଜ୍ୟ ସରକାରଙ୍କ କାର୍ଯ୍ୟକୁ ନିଖୁଣ ଭାବେ ସମୀକ୍ଷା କରୁଥିବା ଅମର ସମବାୟ ଆନ୍ଦୋଳନରେ ବି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।ରହିଛି। ଏବେ ସେ ବିଜେପିକୁ ଆହୁରି ଆଗକୁ ନେବାରେ ସହାୟକ ହେବେ। ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ସେ ତାଙ୍କର ଭୂମିକା ନିର୍ବାହ କରିବେ ବୋଲି ଶ୍ରୀ ମାଝୀ ଆଶା କରିଛନ୍ତି। ସେହିପରି ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ଗତ ୧୬ ମାସରେ ରାଜ୍ୟର ଡବଲ ବିକାଶ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ଶ୍ରୀ ସାମଲ କହିଛନ୍ତି ଯେ ନିଜର ଜ୍ଞାନ ଓ ଅଭିଜ୍ଞତାକୁ ସମାଜ ସେବାରେ ଲଗାଇବା ପାଇଁ ଚାକିରିର ୧୦ ବର୍ଷ ପୂର୍ବରୁ ଅବସର ନେଇ ଅମର ରାଜନୀତିରେ ପ୍ରବେଶ କରିଛନ୍ତି। ଆଜି ସେ ବିଶ୍ୱର ସବୁଠାର ବଡ଼ ରାଜନୈତିକ ଦଳରେ ଯୋଗଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ପୂରଣ କରିବା ସହ ଲୋକପ୍ରିୟ ମୁଖମନ୍ତ୍ରୀଙ୍କ ବିକାଶମୂଳକ କାର୍ଯ୍ୟକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟନେଇ ଅମର ଆଜି ବିଜେପିରେ ଯୋଗଦେଇଛନ୍ତି ଓ ତାଙ୍କ ଯୋଗଦାନ ଦ୍ୱାରା ଦଳୀୟ ସଂଗଠନ ଅଧିକ ସୁଦୃଢ଼ ହୋଇଛି ବୋଲି ଶ୍ରୀ ସାମଲ କହିଛନ୍ତି। ଏହାଛଡ଼ା ଶ୍ରୀ ତୋମାର ଅମରଙ୍କ ଦୀର୍ଘ ଅନୁଭବର ଲାଭ ବିଜେପିକୁ ମିଳିବ ବୋଲି ଆଶା କରିଛନ୍ତି।

ବିଜେପିରେ ସାମିଲ୍ ନେଇ ତାଙ୍କ ଆଭିମୁଖ୍ୟ ସମ୍ପର୍କରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ୮ ବର୍ଷର ରାଜନୈତିକ କ୍ୟାରିୟରରେ ଆଜି ପ୍ରଥମ ଥର ପାଇଁ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ସୁଯୋଗ ମିଳିବ। ତେଣୁ ଏହା ତାଙ୍କ ପାଇଁ ଏକ ବିଶେଷ ମୁହୂର୍ତ୍ତ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ବିଶ୍ୱ ମାନଚିତ୍ରରେ ଆଜି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଓଡ଼ିଶା ଏଥିରେ ଭାଗନେଇ ୨୦୪୭ ବେଳକୁ ନୂଆ ଭାରତ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏନେଇ ଯେଉଁ ଭିଜନ ପ୍ରସ୍ତୁତ କରିଛନ୍ତି, ତାହା ତାଙ୍କୁ ନିଶ୍ଚୟ ସଫଳ କରାଇବ। ଏନେଇ ଦଳ ତାଙ୍କୁ ଯେଉଁ ଭୂମିକା ଦେବ, ତାକୁ ସେ ସୂଚାରୁ ରୂପେ ସମ୍ପାଦନ କରି ରାଷ୍ଟ୍ର ଓ ନୂତନ ଓଡ଼ିଶା ନିର୍ମାଣରେ ନିଜର ଯୋଗଦାନ ଦେଇପାରିବେ ବୋଲି ଅମର କହିଛନ୍ତି। ରାଜ୍ୟ ଉପ ସଭାପତି ଡ. ଯତୀନ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସମ୍ପାଦିକା ପିଙ୍କି ପ୍ରଧାନ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରାଜେନ୍ଦ୍ର ପଣ୍ଡା, ଲିଗାଲ ସେଲ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଫୁସ...

ପଟ୍ଟନାୟକ ସେ ସମୟରେ ଏହାର ନେତୃତ୍ୱ ନେଇ ବିସ୍ତୃତ ତଥ୍ୟ ରଖିଥିଲେ। ନିର୍ବାନଚନମଣ୍ଡଳୱାରି ତଥ୍ୟ ସହ ନିର୍ବାଚନ କମିଶନଙ୍କ ନିକଟରେ ସେ ଏକ ପିଟିସନ ଦାଖଲ କରିଥିଲେ। ଆଉ ନିଜେ ଏଥିରେ ପିଟିସନର୍ ସାଜିଥିଲେ। ତାଙ୍କ ସହ ଦଳର ଅନ୍ୟ ସାଂସଦମାନେ ନିର୍ବାଚନ କମିଶନଙ୍କୁ ଭେଟି ଫର୍ମ ୧୭-ସି ପ୍ରାର୍ଥୀଙ୍କୁ ଦେବାକୁ ଦାବି କରୁଥିଲେ। କିନ୍ତୁ ଏବେ ସେ ବିଜେପିରେ ମିଶିଯିବା ପରେ ବିଜେଡି ପକ୍ଷରୁ ଏହି ପିଟିସନ ବାବଦରେ ନିର୍ବାଚନ କମିଶନରେ ଯୁକ୍ତି ବାଢ଼ିବାକୁ କାହା ପାଖରେ ଆବଶ୍ୟକ ତଥ୍ୟ ନାହିଁ କି ଜ୍ଞାନ ବି ନାହିଁ। ତେଣୁ ବିଜେଡିର ସେହି ପିଟିସନ ଏକପ୍ରକାର ଫୁସ୍‌କିଗଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

### ୨୦ ଜୀବନ...

ପାଖାପାଖି ୩୦ ସେକେଣ୍ଡ୍ ପର୍ଯ୍ୟନ୍ତ ସହରଗୁଡ଼ିକ ଦୋହଲିଉଠିଥିଲା। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୩୧ରେ ପାକିସ୍ତାନ ସୀମା ନିକଟସ୍ଥ ପୂର୍ବ ଆଫଗାନିସ୍ତାନରେ ୬.୦ ତୀବ୍ରତାବିଶିଷ୍ଟ ଏକ ଭୂମିକମ୍ପ ହୋଇଥିବା ବେଳେ ଏଥିରେ ୨,୨୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା। ଏହାଛଡ଼ା ଗତ ୨୨ ତାରିଖରେ ମଧ୍ୟ ଦେଶର ହିନ୍ଦୁକୁଶ ଅଞ୍ଚଳରେ ୫.୧ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଥିଲା।

### ଭୋଟ୍...

ପ୍ରାର୍ଥୀ କରାଯାଇଥିଲା। ଏଥିସହିତ ବିଶ୍ୱରଂଜନ କାନୁନଗୋ ମଧ୍ୟ ସାଲେପୁର ପାଇଁ ଆଶାୟୀ ଅଛନ୍ତି। ସେ ମଧ୍ୟ ସାଲେପୁରରେ ନିଜସ୍ୱ ବ୍ୟାନର ପୋଷ୍ଟର ମାରି ୨୦୨୯ ପାଇଁ ପ୍ରସ୍ତୁତ ହେଉଛନ୍ତି। ଅରିନ୍ଦମ ଏବେ ନୂଆପଡ଼ା ଉପନିର୍ବାଚନ ପ୍ରଚାରରେ ବ୍ୟସ୍ତ ଥିବାରୁ ନେତୃତ୍ୱ ତାଙ୍କ ସହ ପ୍ରକାଶ ବେହେରାଙ୍କ ସମ୍ପର୍କରେ ଆଲୋଚନା କରିପାରିନାହାଁନ୍ତି। ତେଣୁ ଅରିନ୍ଦମ ଦାୟିତ୍ୱମୁକ୍ତ ହେବା ଯାଏଁ ପ୍ରକାଶ ମିଶ୍ରଙ୍କ ଯୋଗଦାନକୁ ଘୁଞ୍ଚାଇଦିଆଯାଇଛି। ସେହିଭଳି ଶ୍ରୀମୟୀ ମିଶ୍ର ଜଣେ ଫାୟାରବ୍ରାଣ୍ଡ ନେତ୍ରୀ ହୋଇଥିବା ବେଳେ ଜଣେ କ୍ରାଉଡପୁଲର ମଧ୍ୟ। ଅମର ପଟ୍ଟନାୟକଙ୍କ ସହ ମିଶ୍ରଣରେ ସାମିଲ ହୋଇଥିଲେ ସେ ନିଜର ଗୁରୁତ୍ୱ ହରାଇଥାନ୍ତେ। ଆଗାମୀ ଦିନରେ ଶ୍ରୀମୟୀ ବିଜେଡି ବିରୋଧରେ ବିଜେପି ପାଇଁ ବଡ ଅସ୍ତ୍ର ହେବାକୁ ଯାଉଛନ୍ତି। ତେଣୁ ଦଳ ମଧ୍ୟ ତାଙ୍କ ଯୋଗଦାନକୁ ଗୌଣ କରିବାକୁ ଚାହୁଁନାହିଁ। ଅମର ପଟ୍ଟନାୟକ ବିଜେପିରେ ଯୋଗଦେବା ନେଇ ଗଣମାଧ୍ୟମରେ ଯେଉଁ କ୍ରେଜ ଥିଲା, ଶ୍ରୀମୟୀଙ୍କ ସମୟରେ ମଧ୍ୟ ସେଇ କ୍ରେଜ ବଜାୟ ରଖିବାକୁ ବିଜେପି ଯୋଜନା କରିଛି। ଯେଉଁଥିପାଇଁ ଶ୍ରୀମୟୀଙ୍କ ଯୋଗଦାନକୁ ମଧ୍ୟ ନୂଆପଡ଼ା ନିର୍ବାଚନ ସରିବା ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛି ଦଳ।

### ଫଲୋ...

କୌଣସି ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଦିଆଯାଇନି। ତେଣୁ ସେ ଭାବୁଛନ୍ତି ଶ୍ରୀମୟୀଙ୍କ ପରି ନେତୃତ୍ୱକୁ ଚ୍ୟାଲେଞ୍ଜ କଲେ ଅନ୍ୟ ଦଳକୁ ଯିବାକୁ ବାଟ ଫିଟିଯିବ। ଯଦିଓ ସାମାଜିକ ଗଣମାଧ୍ୟମରେ ଏଲିନା ନୂଆ ନୁହଁନ୍ତି, ହେଲେ ସେ ପ୍ରଥମ ଥର ପାଇଁ ଦଳୀୟ ନେତୃତ୍ୱକୁ ଚ୍ୟାଲେଞ୍ଜ କରୁଛନ୍ତି।

### ଡମ୍ପର...

ଫେଲ୍ ହେବାରୁ ଏପରି ଅଭାବନୀୟ କାଣ୍ଡ ଘଟିଛି। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିବା ବେଳେ ଖବର ପାଇ ସ୍ଥାନୀୟ ପ୍ରଶାସନ ଓ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ଜଣାପଡ଼ିଛି। ସେହିପରି ଯେଉଁସବୁ ଗାଡ଼ି ଉପରେ ଡମ୍ପର ମାଡ଼ିଯାଇଛି, ସେଥିରେ ଅନେକ ଯାତ୍ରୀ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି।

ସେହିପରି ଆଜି ସକାଳେ ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲ୍ଲାରେ ଏକ ପଥର ବୋଝେଇ ଡମ୍ପର ଏକ ରୋଡ୍‌ୱେଜ୍ ବସ୍ ସହ ମୁହାଁମୁହିଁ ଭାବେ ଧକ୍କା ହୋଇଥିଲା। ତେବେ ମୃତକଙ୍କ ମଧ୍ୟରେ ଅଧିକାଂଶ ଶିଶୁ ଅଛନ୍ତି। ଏହି ଦୁର୍ଘଟଣାରେ ୧୮ ଜଣ ଆହତ ହୋଇଥିବା ବେଳେ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ବସ୍‌ଟି ତେଲଙ୍ଗାନା ସଡ଼କ ପରିବହନ ନିଗମର ହୋଇଥିବା ବେଳେ ଏଥିସହ ପଥର ବୋଝେଇ ଡମ୍ପର ଧକ୍କା ହେବା ଫଳରେ ଯାତ୍ରୀଙ୍କ ଉପରେ ପଥର ପଡ଼ିଯାଇଥିଲା।

### ଶାର୍ପ ଶୁଟର୍...

୧୦ଟା ସମୟରେ ପୀତବାସ ତାଙ୍କ ଘର ପାଖାପାଖି ପହଞ୍ଚିଥିବା ସମୟରେ କୁରୁପତି ତାଙ୍କୁ ଅଟକାଇବା ସହ ଅଚାନକ ତାଙ୍କ ଉପରୁ ଗୁଳି କରିଥିଲେ। ଏହାପରେ ସେମାନେ ଉକ୍ତ ମୋଟର ସାଇକେଲ୍‌ରେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ ବୋଲି ହତ୍ୟାକାଣ୍ଡ ଉପରୁ ପରଦା ହଟାଇବା ଦିନ ବ୍ରହ୍ମପୁର ଏସ୍‌ପି ସୂଚନା ଦେଇଥିଲେ। ତେବେ ଉଭୟ ପୁଲିସ୍‌କୁ ବେଶ୍ କିଛିଦିନ ଚକ୍‌ମା ଦେଇ ଫେରାର୍ ରହିଥିବା ବେଳେ ସେମାନଙ୍କୁ ଗିରଫ କରିବା ସକାଶେ ବ୍ରହ୍ମପୁର ପୁଲିସ ଦୁଇଟି ଟିମ୍ ଗଠନ କରି ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା।

### ଚାଲିଗଲା...

୩ ଜଣଯାକ ଏହା ଭିତରେ ପଡ଼ିଯାଇଥିଲେ। ନିକଟରେ ଥିବା ଲୋକେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ବଡ଼ମ୍ବା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ରିପୋର୍ଟ ଲେଖାଯିବା ବେଳକୁ ତିନି ଜଣଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଏପରି ଏକ ଅଘଟଣରେ ସ୍ଥାନୀୟ ଅଞ୍ଚଳ କାନ୍ଦବୋବାଳିରେ ଫାଟିପଡୁଛି। ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ୭ରୁ ୨୫ ସମ୍ବଲପୁର ଲୋକସଭା କ୍ଷେତ୍ରରେ ହେବ ସାଂସଦ ଖେଳ ମହୋତ୍ସବ

**ଭୁବନେଶ୍ୱର, ୩।୧୧ (ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲାରେ ଥିବା ଗାଁ ଓ ସହରାଞ୍ଚଳରୁ ଲୁକ୍କାୟିତ କ୍ରୀଡ଼ାବିତ୍‌ଙ୍କୁ ଚିହ୍ନଟ କରିବା ଲକ୍ଷ୍ୟରେ ଆସନ୍ତା ନଭେମ୍ବର ୭ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଲୋକସଭା କ୍ଷେତ୍ରରେ "ସାଂସଦ ଖେଳ ମହୋତ୍ସବ - ୨୦୨୫" ଆୟୋଜନ ହେବାକୁ ଯାଉଛି । ଚଳିତବର୍ଷ "ବିକଶିତ ଭାରତ ପାଇଁ ସୁସ୍ଥ ରହିବେ ଯୁବବର୍ଗ" ଥିମରେ ଆୟୋଜିତ ଏହି ମହୋତ୍ସବ ଦେଶର ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ଭାବନାକୁ ଉଜ୍ଜୀବିତ କରିବାର ଏକ ଅନନ୍ୟ ପ୍ରୟାସ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଫିଟ୍ ଇଣ୍ଡିଆ' ଏବଂ 'ଖେଲୋ ଇଣ୍ଡିଆ' ଅଭିଯାନକୁ ଆଗକୁ ବଢ଼ାଇବା ପାଇଁ ଏହି ସାଂସଦ ଖେଳ ମହୋତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ଶିକ୍ଷା ନୀତିରେ କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା ଉପରେ ଦିଆଯାଇଥିବା ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହି ମହୋତ୍ସବ ଛାତ୍ରଛାତ୍ରୀ ତଥା ଯୁବକମାନଙ୍କୁ ଶାରୀରିକ ଏବଂ ମାନସିକ ସ୍ତରରେ ସୁଦୃଢ଼ କରିବାରେ ସହାୟକ ହେବ । ନଭେମ୍ବର ୭ ତାରିଖରେ ସମ୍ବଲପୁର ସଂସଦୀୟ କ୍ଷେତ୍ର ପାଇଁ ଦେବଗଡ଼ ଜିଲ୍ଲାର ତିଳେଇବଣି ସ୍ଥିତ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଏହି ମହୋତ୍ସବର ଶୁଭ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ । ଏହାବ୍ୟତୀତ ଢେଙ୍କାନାଳ ସଂସଦୀୟ କ୍ଷେତ୍ର ପାଇଁ ନଭେମ୍ବର ୧୧ ତାରିଖରେ ଢେଙ୍କାନାଳ ଷ୍ଟାଡିୟମରେ ଉଦ୍‌ଘାଟନୀ ସମାରୋହ ଆୟୋଜନ କରାଯିବ । ମୋଟ ୧୯ ଦିନ ଧରି ଚାଲିବାକୁ ଏହି ସାଂସଦ ଖେଳ ମହୋତ୍ସବ ସମ୍ବଲପୁର ଓ ଢେଙ୍କାନାଳ ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଥିବା ଅନୁଗୋଳ, ଢେଙ୍କାନାଳ ଏବଂ ଦେବଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରେ ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି ।

# ରାଣୀ ବନିବେ ଡାକ୍ତରାଣୀ

### ଦିନରେ ମୂଲ ଲାଗୁଥିଲେ, ରାତିରେ ପଢୁଥିଲେ



**କେନ୍ଦୁଝର, ୩।୧୧(ସଂଚାର ବ୍ୟୁରୋ):** ଦିନେ ପାଠ ପଢ଼ିବା ଯାହାଙ୍କ ପାଇଁ ସ୍ୱପ୍ନ ଥିଲା, ପରିବାର ଚଳାଇବା ପାଇଁ ଯିଏ ପର ଘରେ ମୂଲ ଲାଗୁଥିଲେ, ଆଜି ସେଇ ରାଣୀ ପଢ଼ିବେ ଡାକ୍ତରୀ ପାଠ। ଆଉ ଆଦିବାସୀ ଇଲାକାରୁ ବନିବେ ଡାକ୍ତରାଣୀ। କେନ୍ଦୁଝର ହାଟଡିହି ଢେଙ୍କା ପଞ୍ଚାୟତର ବୀଣାପାଟିଆ ଗାଁରେ ଏବେ ଖୁସିର ମାହୋଲ୍। ଆଦିବାସୀ ଛାତ୍ରୀ ଭାବେ ଖଣ୍ଡମଣ୍ଡଳରେ ପ୍ରଥମ ଥର ପାଇଁ ଡାକ୍ତରୀ ପଢ଼ିବା ପାଇଁ କୃତିତ୍ୱ ହାସଲ କରିଛନ୍ତି ରାଣୀ। ରାଣୀଙ୍କ ଏ ଯାତ୍ରା ଅତ୍ୟନ୍ତ ସଂଘର୍ଷମୟ। ମ୍ୟାଟ୍ରିକ୍ ପରୀକ୍ଷାରେ ଭଲ ମାର୍କ ରଖି ପାସ୍ କରିବା ପରେ ବାପାଙ୍କ ମୃତ୍ୟୁ ହୋଇଗଲା। ଡାକ୍ତର ହେବା ଆଶା ରଖିଥିବା ରାଣୀ, ପରିବାରର ପେଟକୁ ଦୁଇ ମୁଠା ଦାନା ଦେବାକୁ ପର ଘରେ ମୂଲ ଲାଗିଲେ। ଦିନରେ ମୂଲ ଲାଗି, ରାତିରେ ପାଠ ପଢୁଥିଲେ ସେ। ଏହାପରେ କିଛି ସ୍ୱେଚ୍ଛାସେବୀଙ୍କ ସହାୟତାରେ ଭୁବନେଶ୍ୱରରେ ଯୁକ୍ତ ୨ କଲେଜରେ ପଢ଼ିବା ସହିତ, ମେଡିକାଲ୍ ପାଇଁ କୋଚିଂ ମଧ୍ୟ ନେଲେ। ପ୍ରଥମ ଥର ନିଟ୍ ପରୀକ୍ଷାରେ ଅସଫଳ ହୋଇଥିଲେ। ଏଥର ସେ ନିଟ୍ ପରୀକ୍ଷାରେ ୪୩୮୧ ରାଙ୍କ ରଖି ଫୁଲବାଣୀ ମେଡ଼ିକାଲ୍ କଲେଜରେ ଏମବିବିଏସ୍ ପଢ଼ିବା ପାଇଁ ବିବେଚିତ ହୋଇଛନ୍ତି।

### ପୁଲିସ ଏସଆଇ ପରୀକ୍ଷା ଜାଲିଆତି ମାମଲା

# ସିଲିକନ୍ ମାଲିକ ଗିରଫ, ଶଙ୍କର ସହ ଗଲେ ବ୍ରହ୍ମପୁର ଜେଲ



**ବ୍ରହ୍ମପୁର,୩।୧୧(ସଂଚାର ବ୍ୟୁରୋ):** ଓଡ଼ିଶା ପୁଲିସ ଏସ୍ଆଇ ଲିଖିତ ପରୀକ୍ଷା ଜାଲିଆତି ମାମଲା ରାକେଟ୍‌ର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶଙ୍କର ପୃଷ୍ଟିକୁ କ୍ରାଇମବ୍ରାଞ୍ଚ ନେପାଳ ସୀମା ଉତ୍ତରଖଣ୍ଡରୁ ଗିରଫ କରିବା ପରେ ସୋମବାର କୋର୍ଟ ଚାଲାଣ କରିଛି। ଏଥିସହ ସିଲିକନ୍ ଟେକଲାବ୍ ସଂସ୍ଥାର ମୁଖ୍ୟ ସୁରେଶ ଚନ୍ଦ୍ର ନାୟକଙ୍କୁ ସୋମବାର ବ୍ରହ୍ମପୁର ଜେଏମ୍ଏଫସି (ଗ୍ରାମାଞ୍ଚଳ)ରେ ହାଜର କରାଯାଇଥିଲା। ଶଙ୍କରଙ୍କ ଓକିଲ ଅନୀଲ କୁମାର ପଣ୍ଡା ତାଙ୍କ ପାଇଁ ଜାମିନ୍ ଆବେଦନ କରିଥିଲେ ହେଁ କୋର୍ଟ ଏହା ନାମଞ୍ଜୁର କରିବା ସହ ବ୍ରହ୍ମପୁର ଜେଲକୁ ପଠାଇଦେଇଛନ୍ତି। ଆଇନଜୀବୀ ଅନୀଲ କୁମାର ପଣ୍ଡା ଦେଇଥିବା ସୂଚନାନୁସାରେ, ଉତ୍ତରଖଣ୍ଡରୁ ଶଙ୍କରକୁ ଗିରଫ କରିବା ପରେ କ୍ରାଇମବ୍ରାଞ୍ଚ ସ୍ଥାନୀୟ କୋର୍ଟରୁ ଟ୍ରାନ୍‌ଜିଟ୍ ରିମାଣ୍ଡରେ ଆଣିଥିଲା। ଉତ୍ତରାଖଣ୍ଡ କୋର୍ଟ ୪ ତାରିଖ ପୂର୍ବରୁ ତାଙ୍କୁ ବ୍ରହ୍ମପୁର ଜେଏମ୍ଏଫସିରେ ହାଜର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। କ୍ରାଇମବ୍ରାଞ୍ଚ ଅଧିକ ପଚରାଉଚରା କରିବା ସକାଶେ ଶଙ୍କରକୁ ୭ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରିଥିଲେ। କୋର୍ଟ ଉକ୍ତ ଆବେଦନକୁ ଗ୍ରହଣ କରିବା ସହ ଆସନ୍ତାକାଲି ଏହାର ଶୁଣାଣି ପାଇଁ ଧାର୍ଯ୍ୟ କରିଥିବା ଆଇନଜୀବୀ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଗତକାଲି ତାଙ୍କୁ ଭୁବନେଶ୍ୱର ପରେ କଟକ ନେଇ କ୍ରାଇମବ୍ରାଞ୍ଚ ଜେରା କରିଥିଲା। ସେଠାରୁ ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି। ଶଙ୍କର ଓ ସୁରେଶଙ୍କୁ ଦୁଇଟି ଗାଡ଼ିରେ ନେଇ ଅପରାହ୍ନ ୫ଟା ସମୟରେ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର କୋର୍ଟରେ ପହଞ୍ଚିଥିଲା। ଆଜି କୋର୍ଟ ଛୁଟି ଥିବାରୁ ସବୁ ଅଫିସ ବନ୍ଦ ରହିଥିଲା। କ୍ରାଇମବ୍ରାଞ୍ଚ ସୂଚନା ଦେବା ପରେ କୋର୍ଟ ଏସ୍‌ଇ ଆସିଥିଲେ। ରାତି ୮ଟା ପର୍ଯ୍ୟନ୍ତ ଶଙ୍କର ଓ ସୁରେଶଙ୍କୁ ଗାଡ଼ିରୁ ବାହାରକୁ ଅଣାଯାଇନଥିଲା। ଚାରିପାର୍ଶ୍ୱରେ ପୁଲିସ ଜଗି ରହିଥିବା ବେଳେ ଶଙ୍କର ଗାଡ଼ି ଭିତରୁ ଗଣମାଧ୍ୟମକୁ କିଛି ସୂଚନା ଦେବାକୁ ଚାହୁଁଥିଲେ। ସେ ଖୁବ୍ ଜୋର୍‌ରେ ପାଟି କରି କିଛି କହୁଥିଲା। କିନ୍ତୁ କ୍ରାଇମବ୍ରାଞ୍ଚ ଗାଡ଼ି ଡୋର୍ ଲକ୍ କରିଥିବାରୁ ବାହାରକୁ କିଛି ବି ଶୁଣାଯାଇନଥିଲା। ପରବର୍ତ୍ତୀ ସମୟରେ ଗୋଳନ୍ଥରା ଥାନା ଆଇଆଇସି ଓ ଅନ୍ୟ ଅଧିକାରୀମାନେ ଆସି ଶଙ୍କର ବସିଥିବା ଗାଡ଼ିରେ ବସି କିଛି ଆଲୋଚନା କରିଥିଲେ। ରାତି ପ୍ରାୟ ୮ଟା ସମୟରେ ଶଙ୍କରକୁ ତୁରନ୍ତ ଗାଡ଼ିରୁ ଓହ୍ଲାଇ ତ୍ୱରିତ ବେଗରେ ମାଜିଷ୍ଟ୍ରେଟଙ୍କ ପାଖକୁ ନିଆଯାଇଥିଲା। ସେତେବେଳେ ଶଙ୍କର ପାଟି ବନ୍ଦ ହୋଇଯାଇଥିଲା।

### ସୋସିଆଲ ମିଡିଆରୁ ପ୍ରେମ ପରେ ପ୍ରତାରଣା

# ଜେଲରୁ ଆସିବା ପରେ ପଡ଼ିଲା ହାତଗଣ୍ଠି




**କଣ୍ଟାବାଞ୍ଜି,୩।୧୧(ସଂଚାର ବ୍ୟୁରୋ):** ନା ଥିଲା ବରଯାତ୍ରୀ ନା ଥିଲା ରୋଶଣୀ କି ବେଦୀ। କିନ୍ତୁ ବାହା ହେଲେ ପ୍ରେମୀଯୁଗଳ। କାହିଁକି ନାଁ ପ୍ରେମିକାକୁ ଧୋକାଦେଇ ଖସି ପଳାଇଥିଲା ଧୋକେବାଜ ପ୍ରେମିକ। ପ୍ରେମିକ ନାଁରେ ଥାନାରେ ଅଭିଯୋଗ କରିଥିଲା ପ୍ରେମିକା। ଆଉ ପ୍ରେମିକା ପାଇଁ ଜେଲ ଯାଇଥିଲେ ପ୍ରେମିକ ଜଣକ। ଶେଷରେ ଆଜି ଦୁହିଁଙ୍କର ବିବାହ ହୋଇଛି। ଆମ୍ବେଦକର ପ୍ରତିମୂର୍ତ୍ତି ସମ୍ମୁଖରେ ଆଜି ଏକ ନିଆରା ବାହାଘର ଦେଖିବାକୁ ମିଳିଥିଲା। ଶପଥ କରିବା ସହ କୋର୍ଟରେ ହୋଇଥିଲା ବିବାହ। ଏହି ପ୍ରେମୀ ଯୁଗଳ ଦୁହେଁ ଦୁହିଁଙ୍କୁ ଭଲ ପାଉଥିଲେ। ବିବାହର ପ୍ରତିଶ୍ରୁତି ଦେଇ ଅଗଷ୍ଟ ୪ ତାରିଖରେ ପ୍ରେମୀଯୁଗଳ ଫେରାର ମାରିଥିଲେ। କିନ୍ତୁ ଅଗଷ୍ଟ ୫ ତାରିଖ ଦିନ ପ୍ରେମିକାକୁ ଛାଡି ଫେରାର ମାରିଥିଲା ପ୍ରେମିକ। ସାରା ଜୀବନ ସାଥୀ ହୋଇ ସ୍ୱପ୍ନ ଦେଖୁଥିବା ଯୁବତୀ ଜଣକ କଣ୍ଟାବାଞ୍ଜି ଥାନାର ଦ୍ୱାରସ୍ଥ ହୋଇଥିଲେ। କଣ୍ଟାବାଞ୍ଜି ପୁଲିସ ସିନ୍ଧେକେଲା ପୁଲିସକୁ ଖବର ଜଣାଇଥିଲା। ପରେ ସିନ୍ଧେକେଲା ଥାନାରେ ପ୍ରେମିକ ନାଁରେ ଅଭିଯୋଗ କରିଥିଲେ ପ୍ରେମିକା। ସିନ୍ଧେକେଲା ପୁଲିସ ତଦନ୍ତ କରି ଅଭିଯୁକ୍ତ ପ୍ରେମିକକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ଯିବାକୁ ପଡିଥିଲା। ଜେଲରୁ ୨ ମାସ ପରେ ଜାମିନରେ ଆସିଥିଲେ ଧୋକେବାଜ ପ୍ରେମିକ। ବେଲପଡା ଥାନା ବାଗଦୋର ଗାଁର ସୁରୁ କାଣ୍ଡ ସିନ୍ଧେକେଲା ଥାନା ପୁଟୁଲାତଲାଇ ଗାଁର ସଙ୍ଗୀତା ପୁଞ୍ଜିକୁ ଭଲ ପାଉଥିଲେ। ସୋସିଆଲ ମିଡିଆରୁ ଦୁହିଁଙ୍କର ସମ୍ପର୍କ ଗଢି ଉଠିଥିଲା। ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଧୋକା ଦେବା ପରେ ପ୍ରେମିକକୁ ଜେଲକୁ ଯିବାକୁ ପଡ଼ିଥିଲା। ଏବେ ଦୁହେଁ ଜୀବନ ସାଥୀ ହୋଇ ହାତ ଧରାଧରି ହୋଇ ଆଗକୁ ଚାଲିବାର ନିଷ୍ପତ୍ତି ନେଇଛନ୍ତି।

# ବିନ୍ଦୁସାଗରରେ ଆକର୍ଷଣ ସାଜିବ ମୟୂର ଡଙ୍ଗା

**ଭୁବନେଶ୍ୱର,୩।୧୧(ସଂଚାର ବ୍ୟୁରୋ):** ଦିନ କେଇଟା ପରେ ରାଜଧାନୀର ବିଭିନ୍ନ ପୁଷ୍କରିଣୀ ଓ ନଦୀକୂଳରେ ଦେଖିବାକୁ ମିଳିବ ସୁସଜ୍ଜିତ ଡଙ୍ଗା। ବୋଇତ ଭସାଇ ଅତୀତକୁ ମନେ ପକାଇବା ସହିତ ଧର୍ମ

### ଖର୍ଚ୍ଚ ହୋଇଛି ୨୦୦୦୦ରୁ ଊର୍ଦ୍ଧ୍ୱ

ଅର୍ଜନ କରିବା ପାଇଁ ଭିଡ଼ ଜମେଇବେ ସହରବାସୀ। ପୂର୍ଣ୍ଣିମାର ଏହି ବିଶେଷ ମୁହୂର୍ତ୍ତକୁ ଓଡ଼ିଆମାନେ ଚାହିଁ ରହିଥିବା ବେଳେ ବୋଇତ ବନ୍ଦାଣ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଛି ୧୫ ଫୁଟ ଲମ୍ବ ଓ ସାଢେ ୭ ଫୁଟ୍ ଉଚ୍ଚତାର ସୁସଜ୍ଜିତ ମୟୂର ଡଙ୍ଗା। ଯାହା ବିନ୍ଦୁସାଗରରେ ଆକର୍ଷଣ ସାଜିବ। ନଳା ମୁହଁ ସାହିର ହୃଷୀକେଶ



ବେହେରା ଏହି ଡଙ୍ଗା ତିଆରି କରୁଛନ୍ତି। ତାଙ୍କୁ ସହଯୋଗ କରୁଛନ୍ତି ସୌଦାମିନୀ ସାମଲ। ଅନ୍ୟପଟେ ଏହି ୧୫ ଫୁଟିଆ ବୋଇତ ତିଆରି କରିବାକୁ ତାଙ୍କୁ ପାଖାପାଖି ୧୫ ଦିନ ସମୟ ଲାଗିଥିବା ବେଳେ ମୟୂର ବୋଇତ ଚାରିପଟେ ରହିବ ସାତଭାଇଙ୍କ ପ୍ରତିମା। ୨୦୦୫ ମସିହାରୁ ହୃଷୀକେଶ ବେହେରା ଏହି ବିଶାଳ ଡଙ୍ଗା ତିଆରି କରୁଛନ୍ତି। ପ୍ରତି ବର୍ଷ ଭିନ୍ନ ଭିନ୍ନ ଆକୃତିର ଡଙ୍ଗା ତିଆରି କରିଥାନ୍ତି ହୃଷୀକେଶ। ପୂର୍ବରୁ ହଂସ ଏବଂ ଚିଲ ଆକୃତିର ଡଙ୍ଗା ତିଆରି କରିଥିବା ବେଳେ ଚଳିତବର୍ଷ ସେ ମୟୂର ଆକୃତିର ବୋଇତ ତିଆରି କରିଛନ୍ତି। ବାଉଁଶ ଓ ସୋଲରେ ତିଆରି ହେଉଥିବା ଏହି ଡଙ୍ଗାରେ କଣ୍ଟା, କାଗଜ, ଝୁଡ଼ି, ପାଲ ଆଦି ବ୍ୟବହାର କରାଯାଇଛି। ୨୦ ଦିନ ଆଗରୁ ତାଙ୍କୁ ଡଙ୍ଗା ପାଇଁ ବରାଦ ଆସିଥାଏ। ବରାଦ ଆସିବା ମାତ୍ରେ ସେ କାମ ଆରମ୍ଭ କରି ଦିଅନ୍ତି। ବର୍ତ୍ତମାନ ବୋଇତ ତିଆରି କାମ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ଏହି ବୋଇତର ଦାମ୍ ରହିଛି ୨୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ।

### କୋମନାରେ ନବୀନଙ୍କ ପ୍ରଚାର

# ସ୍ନେହାଙ୍ଗିନୀଙ୍କ ସପକ୍ଷରେ ଭୋଟ ମାଗିଲେ

**ଭୁବନେଶ୍ୱର, ୩।୧୧(ସଂଚାର ବ୍ୟୁରୋ):** ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଆଜି ନିର୍ବାଚନ ପ୍ରଚାର ପାଇଁ ନୂଆପଡାରେ ପହଞ୍ଚିଛନ୍ତି। କୋମନା ବ୍ଲକର ତାରାବୋଡ଼, ଧାନମଣ୍ଡି ପଡିଆରେ ଆୟୋଜିତ ବିରାଟ ନିର୍ବାଚନୀ ସଭାରେ ଯୋଗ ଦେଇଥିବା ହଜାର ହଜାର ଲୋକଙ୍କୁ ଉଦବୋଧନ ଦେଇ ନୂଆପଡା ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଥିଲେ। ଶ୍ରୀ ପଟ୍ଟନାୟକ ତାଙ୍କ ଉଦବୋଧନରେ ପ୍ରଥମେ ପୂର୍ବତନ ବିଧାୟକ ରାଜେନ୍ଦ୍ର



ଢୋଲକିଆଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନୂଆପଡା ଜିଲ୍ଲା ଗଠନରେ ବିଜୁବାବୁଙ୍କ ଅବଦାନ ବିଷୟରେ ସ୍ମରଣ କରିଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଜୁ ଜନତା ଦଳ ସରକାର ସମୟରେ ନୂଆପଡା ଜିଲ୍ଲାର ଅନେକ ବିକାଶ ହୋଇଥିଲା, କିନ୍ତୁ ବିଜେପି ସରକାର ଆସିବା ପରେ ପରିସ୍ଥିତି ବଦଳି ଯାଇଛି। ସେ କହିଥିଲେ ଯେ, ସାରା ରାଜ୍ୟରେ ଏବେ ବିକାଶ କାମ ବନ୍ଦ ହୋଇଯାଇଛି। ଆଇନ ଶୃଙ୍ଖଳା ଭୁଶୁଡ଼ି ଯାଇଛି। ନାରୀ ଅତ୍ୟାଚାର ସବୁ ସୀମା ଟପିଲାଣି। ଏ ସଭାରେ ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ମନୋଜ ମିଶ୍ର, ସାଂସଦ ନିରଞ୍ଜନ ବିଶି, ଟୁକୁନି ସାହୁ, ଅବନୀ ଯୋଶୀ, ବିଧାୟକ ଅଧୀରାଜ ପାଣିଗ୍ରାହୀ, ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ପ୍ରମୁଖ ଭାଷଣ ଦେଇ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ।

# ବାଘ ଛାଲ ବିକ୍ରି ରାକେଟରେ ବିଟେକ୍ ଛାତ୍ର

### ୩୦ ଲକ୍ଷର ଡିଲ ବେଳେ ୩ ଗିରଫ



**ଭୁବନେଶ୍ୱର,୩।୧୧(ସଂଚାର ବ୍ୟୁରୋ):** ବାଘ ଛାଲ ବିକ୍ରି ରାକେଟରେ ବିଟେକ ଛାତ୍ର। ୩୦ ଲକ୍ଷର ଡିଲ ବେଳେ ଧରିଲା ସ୍ପେଶାଲ କ୍ରାଇମ୍ ୟୁନିଟ। ଗୋଟିଏ ବାଘ ଛାଲ ଜବତ ହୋଇଛି। ଏହି ଘଟଣାରେ ତିନିଜଣଙ୍କୁ ଗିରଫ କରିଛି ପୁଲିସ। ଭୁବନେଶ୍ୱରର ଏକ ତାରକା ହୋଟେଲ କଡ଼ରେ ଡିଲ ବେଳେ ଧରାପଡ଼ିଛି ଏହି ରାକେଟ। ରୋହିତ ମହାପାତ୍ର ନାମକ ଜଣେ କଣ୍ଟ୍ରାକ୍ଟର ଜରିଆରେ ଡିଲ ବେଳେ ଦୁଇ ବିଟେକ ଛାତ୍ରଙ୍କ ସହ ମୋଟ ତିନି ଜଣ ଧରାପଡିଛନ୍ତି। ଟ୍ୱିନିସିଟିରେ ବାଘ ଛାଲ ରାକେଟ ପଛରେ ଏକ ବଡ଼ ରାକେଟ କାମ କରୁଥିବା ସଂଦେହ କରୁଛି କମିଶନରେଟ ପୁଲିସ। ରାଉରକେଲା ଯାଏ ଏହାର ଚେର ଲମ୍ବିଥିବା ପୁଲିସ କମିସନର ସୂଚନା ଦେଇଛନ୍ତି। ଏନେଇ ରିମାଣ୍ଡରେ ନେଇ ପଚରାଉଚରା ପରେ ରାକେଟର ଖୁଲାସା ହେବ ବୋଲି ପୁଲିସ କମିଶନର ସୂଚନା ଦେଇଛନ୍ତି।

# ୨ଭାଇଙ୍କୁ ଦଳିଦେଲା ଦନ୍ତା, ଜଣେ ମୃତ



**ଲାଞ୍ଜିଗଡ଼,୩।୧୧(ସଂଚାର ବ୍ୟୋରୋ):** ଲାଞ୍ଜିଗଡ଼ ବ୍ଲକ ଦକ୍ଷିଣ ବନଖଣ୍ଡ ଲାଞ୍ଜିଗଡ଼ ବନାଞ୍ଚଳ ତ୍ରିଲୋଚନପୁର ପଞ୍ଚାୟତର ହରଡାପଦର ଗ୍ରାମରେ ହାତୀ ଆକ୍ରମଣରେ ବଡ଼ଭାଇ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ବେଳେ ସାନଭାଇର ମୃତ୍ୟୁ ଘଟିଛି। ମୃତ ନାବାଳକ ଜଣକ ହରଡାପଦର ଗାଁର କାଣୁ ମାଝୀର ସାନପୁଅ ରବି ମାଝୀ(୫) ହୋଇଥିବା ବେଳେ ଗୁରୁତର ଜଣକ ବଡପୁଅ ସାମ୍ବରୁ ମାଝୀ (୮) ବୋଲି ସୂଚନା ମିଳିଛି। ସୂଚନାନୁସାରେ ତ୍ରିଲୋଚନପୁର ପଞ୍ଚାୟତ ଅନ୍ତର୍ଗତ କୁନାକାଡୁ ଗାଁର କାଣୁ ମାଝୀ କିଛିବର୍ଷ ପୂର୍ବରୁ ହରଡାଗୁଡ଼ାରେ ସ୍ତ୍ରୀ ଓ ତିନିପୁଅ ପରିବାର ସହିତ ରହି ପୋଡୁଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ସୋମବାର ସକାଳ ପ୍ରାୟ ୭ ଘଣ୍ଟା ସମୟରେ କାଣୁ ମାଝୀ ଓ ତାଙ୍କ ସ୍ତ୍ରୀ ଚାଷଜମିକୁ ଯାଉଥିବା ବେଳେ ଦୁଇପୁଅ ମଧ୍ୟ କିଛି ସମୟ ପରେ ଯାଉଥିଲେ। ଏହି ସମୟରେ ଜଙ୍ଗଲରୁ ଏକ ଦନ୍ତା ହାତୀ ଆସି ଦୁଇଭାଇଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ସାନଭାଇର ମୃତ୍ୟୁ ହୋଇଥିବା ବେଳେ ବଡ଼ଭାଇ ଗୁରୁତର ହୋଇପଡ଼ିଥିଲେ। ଘଟଣାସ୍ଥଳରେ ପରିବାର ଓ ଗାଁ ଲୋକେ ପହଞ୍ଚିଥିଲେ ଓ ହାତୀକୁ ଘଉଡ଼ାଇ ଦେଇଥିଲେ ଏବଂ ବନ ବିଭାଗକୁ ଖବର ଦେଇଥିଲେ। ବିଶ୍ୱନାଥପୁର ଏସିଏଫ ନରୋତ୍ତମ ମାଝୀ, ଲାଞ୍ଜିଗଡ ବ୍ଲକ ବିଡ଼ିଓ ଦାୟିତ୍ୱ ଥିବା ଆଇଏଏସ ଅନିମେଶ ପ୍ରଧାନ,ଲାଞ୍ଜିଗଡ଼ ବନପାଳ ଧରଣୀଧର ପଣ୍ଡା ସମେତ ବନ ବିଭାଗ ଟିମ ଘଟଣା ସ୍ଥଳରେ ପହଞ୍ଚିଥିବା ବେଳେ ବିଜେପୁର ଥାନାଧିକାରୀ ନୀଳାମ୍ବର ଜାନୀଙ୍କ ନେତୃତ୍ୱରେ ଏସଆଇ ଶ୍ୟାମ କୁଲସୀକାଙ୍କ ସମେତ ପୋଲିସ ଦଳ ମଧ୍ୟ ପହଞ୍ଚି ତଦନ୍ତ କରିଥିଲେ।

# ଗଣଦୁଷ୍କର୍ମ ମାମଲାରେ ୨ ଅଭିଯୁକ୍ତ ଗିରଫ

**ସୁବର୍ଣ୍ଣପୁର,୩।୧୧(ସଂଚାର ବ୍ୟୁରୋ):** ଗତ ୩୧ ତାରିଖ ସନ୍ଧ୍ୟାରେ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅନ୍ତର୍ଗତ ହିକୁଡ଼ି ଆଇଟିଆଇ ପଛପଟେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା। ଏନେଇ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ବୀରମହାରାଜପୁର ପୁଲିସ। ତେବେ ଯୁବତୀଙ୍କ ସହ ଗଣଦୁଷ୍କର୍ମ ହୋଇ ନଥିବା ସ୍ପଷ୍ଟ କରିଛି ପୁଲିସ। ଜଣେ ଦୁଷ୍କର୍ମ କରିଥିବା ବେଳେ ଜଣେ ସହଯୋଗ କରିଥିଲା। ଏ ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ। ପୁଲିସର ସୂଚନା ଅନୁସାରେ, ଗତ ୩୧ ତାରିଖ ସନ୍ଧ୍ୟା ସମୟରେ ହିକୁଡ଼ି ନିକଟରେ ଥିବା ଜେଆରପି ଟାଟା ମୋଟର ସର୍ଭିସ ସେଣ୍ଟରରୁ କାମ ସାରି ଘରକୁ ଫେରିବା ବେଳେ ତିନିଜଣ ଯୁବକ ଆସି ଯୁବତୀଙ୍କ ମୁହଁରେ ସ୍ପ୍ରେ ମାରି ଆଇଟିଆଇ ପଛକୁ ଟେକି ନେବା ସହ ଗଣଦୁଷ୍କର୍ମ କରିଥିବା ନେଇ ବୀରମହାରାଜପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏନେଇ ଯୁବତୀଙ୍କ ଲିଖିତ ଅଭିଯୋଗ ଅନୁସାରେ ତଦନ୍ତ କରି ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ତଦନ୍ତ ସମୟରେ ଦୁଇଜଣ ଯୁବକଙ୍କ ସଂପୃକ୍ତ ଥିବା ପୁଲିସ ସ୍ପଷ୍ଟ କରିଛି। ଅଭିଯୁକ୍ତମାନଙ୍କ ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯିବା ନେଇ ସୂଚନା ଦେଇଛନ୍ତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ।

# ଦୁଷ୍କର୍ମରେ ବିଫଳ ହେବାରୁ ମାରଣାସ୍ତ୍ରରେ ଆକ୍ରମଣ

**ଆଗରପଡ଼ା,୩।୧୧(ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲାରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରି ବିଫଳ ହେବା ପରେ ଧାରୁଆ ଅସ୍ତ୍ରରେ ଅଭିଯୁକ୍ତ ଯୁବକ ଆକ୍ରମଣ କରିଥିବା ନେଇ ଆଗରପଡ଼ା ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ, ଆଗରପଡ଼ା ଥାନା ଅନ୍ତର୍ଗତ ଘଣ୍ଟଗଡ଼ିଆ ସ୍ଥିତ ସାହାଡ଼ଗଡ଼ିଆ ଠାରେ ନାବାଳିକା(୧୩) ତାଙ୍କ ପରିବାର ସହ ରହିଆସୁଥିଲେ। ତାଙ୍କ ମୂଳ ଘର ମହୁଲଡିହା ଥାନା ଅନ୍ତର୍ଗତ ବାଲିଡିହା ଗ୍ରାମରେ। ସୋମବାର ସକାଳ ସମୟରେ ନାବାଳିକା ଘର ନିକଟସ୍ଥ କେନାଲକୁ ଶୌଚ ହେବାକୁ ଯାଇଥିଲେ। ସୋସୋ ଥାନା ଅଞ୍ଚଳର ଦୁଇ ଭାଇ କେନାଲରେ ମାଛ ଧରୁଥିଲେ। ନାବାଳିକାଙ୍କୁ ଏକୁଟିଆ ଦେଖି ସାନଭାଇ ନାବାଳିକାଙ୍କୁ ଏକ ନିଛାଟିଆ ଜାଗାକୁ ଜୋର ଜବରଦସ୍ତ ଉଠାଇ ନେଇ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ଏଥିରେ ନାବାଳିକା ଅରାଜି ହୋଇ ଜୋର୍‌ରେ ଚିତ୍କାର କରିଥିଲେ।ଯୁବକ ଧରାପଡ଼ି ଯିବା ଭୟରେ ପାଖରେ ରଖିଥିବା ଏକ ଧାରୁଆ ଅସ୍ତ୍ରରେ ଆଘାତ କରି ନାବାଳିକାଙ୍କୁ ଧାନକ୍ଷେତ ମଧ୍ୟରେ ପକାଇ ଦେଇ ଫେରାର ହେବାକୁ ଉଦ୍ୟମ କରିଥିଲେ। କୌଣସି ସୂତ୍ରରୁ ଖବର ପାଇ ଥାନାଧିକାରୀ ଦେବରାଜ ଜେନା ତତକ୍ଷଣାତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଭିଯୁକ୍ତଙ୍କୁ ଧାନକ୍ଷେତ ମଧ୍ୟରେ ପ୍ରାୟ ୨ କି.ମି ଗୋଡ଼ାଇ ଗୋଡ଼ାଇ କାବୁ କରି ଥାନାକୁ ଆଣିଥିଲେ। ଏସଂପର୍କରେ ପୁଲିସ ଏକ ମାମଲା ରୁଜୁ କରି ଥାନାଧିକାରୀ ଅଧିକ ତଦନ୍ତ ଜାରି ରଖିବା ସହ ପୀଡିତାଙ୍କୁ ଡାକ୍ତର ମାଇନା ପାଇଁ ପଠାଇଛନ୍ତି।

# ଗୋରୁବୋଝେଇ ଗାଡ଼ି ଜବତ

**କେନ୍ଦୁଝର,୩।୧୧(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ସାହାରପଡା ଫାଣ୍ଡି ହଳଦିବଟା ଛକ ନିକଟରେ ପିକଅପ୍ ଗାଡ଼ିରେ ୭ ଟି ଗୋରୁ ବୋଝେଇ ହେଉଥିଲା ବେଳେ ଏହି ଗୋରୁ ଗାଡି ଢେକିକୋଟ ପଟୁ ଆସୁଥିବା ବେଳେ ସ୍ଥାନୀୟ ଲୋକମାନେ ଖବର ପାଇ ଗାଡ଼ିକୁ ପିଛା କରିଥିଲେ। ଗୋରୁ ଗାଡ଼ିକୁ ସ୍ଥାନୀୟ ଲୋକେ ଅଟକ ରଖି ସାହାରପଡା ଫାଣ୍ଡି ଅଧିକାରୀଙ୍କୁ ଖବର ଦେଇଥିଲେ। ଖବର ପାଇ ଫାଣ୍ଡି ଅଧିକାରୀ ପାର୍ଭୋ ଓରାମ ପହଂଚି ଗୋରୁ ବୋଝେଇ ଗାଡ଼ିକୁ ଜବତ କରି ଫାଣ୍ଡିକୁ ଆଣିଥିଲେ। ଘଟଣା ସ୍ଥଳରୁ ବ୍ୟବହୃତ ଗାଡ଼ିର ଚାଳକ ଓ ହେଲପର ଫେରାର ହୋଇ ଯାଇଛନ୍ତି। ଗାଡିଟି କେଉଁଠାରୁ କେଉଁଠାକୁ ଯାଉଥିଲା, ସେ ନେଇ ସାହାରପଡା ଫାଣ୍ଡିରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଛି ବୋଲି କହିଛନ୍ତି ଲକ୍ଷ୍ମଣ ମାଝୀ। ଜବତ ଗୋରୁ ଗୁଡ଼ିକୁ ଶ୍ରୀରାମ ଗୋଶାଳାକୁ ସ୍ଥାନାନ୍ତରିତ କରାଯାଇଛି।

# ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

**ଚମ୍ପୁଆ, , ୩।୧୧(ସଂଚାର ବ୍ୟୁରୋ):** ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ଜାଲି ଗ୍ରାମରେ ବିଷ ପିଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମୃତକ ଜାଲି ଗ୍ରାମ ନାଏକ ସାହିର ନରେଶ ହେମ୍ବ୍ରମଙ୍କ ସ୍ତ୍ରୀ ମମି ହେମ୍ବ୍ରମ। ମିଳିଥିବା ସୂଚନା ଅନୁସାରେ ଗତ ରାତି ଖାଇପିଇ ଶୋଇବା ପରେ ମମି ଘରେ ଥିବା କୀଟନାଶକ ଖାଇ ଦେଇଥିଲେ। କୀଟନାଶକ ପ୍ରଭାବରେ ବିଷଜ୍ୱାଳାରେ ଛଟପଟ ହେବାରୁ ଏ ସମ୍ପର୍କରେ ନରେଶ ଜାଣିପାରି ରାତି ପ୍ରାୟ ୧୨ ଟା ବେଳେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଚମ୍ପୁଆ ସ୍ଥାନାନ୍ତର କରିଥିଲେ। ତେବେ ଆଜି ଭୋର ବେଳେ ଚମ୍ପୁଆ ଆଣୁଥିବା ବେଳେ ମମିଙ୍କର ମୃତ୍ୟୁ ଘଟିଛି। ମହିଳା ଜଣଙ୍କର ବର୍ଷକର ଦୁଇଟି ଜାଆଁଳା ଶିଶୁ ଥିବା ବେଳେ ଆତ୍ମହତ୍ୟାର ସଠିକ କାରଣ ଜଣାପଡ଼ିନାହିଁ ।

# ଭିକ୍ଷା ମାଗିବାକୁ ଆସି ନାବାଳିକାକୁ ଅସଦାଚରଣ

### ନିର୍ଧୁମ ଛେଚି ଥାନାଜିମା ଦେଲେ ସ୍ଥାନୀୟ ଲୋକ



**କଟକ,୩।୧୧(ସଂଚାର ବ୍ୟୁରୋ) :** କଟକର ମଧୁପାଟଣା ଅଞ୍ଚଳରେ ଘଟିଛି ଏକ ଅଭାବନୀୟ ଘଟଣା। ଭିକ୍ଷା ମାଗିବାକୁ ଆସି ନାବାଳିକାକୁ ଅସଦାଚରଣ କରିଛନ୍ତି ଜଣେ ବାବା। ସ୍ଥାନୀୟ ଲୋକେ କାବୁ କରି ପୁଲିସର ଜିମା ଦେଇଛନ୍ତି। ସୂଚନାନୁସାରେ, କଟକ ମଧୁପାଟଣା ଥାନା ଅନ୍ତର୍ଗତ କାଜିଦିଅ ଅଞ୍ଚଳରେ ଆଜି ଦିନ ୧୦ ଟା ସମୟରେ ଜଣେ ବାବା ଭିକ୍ଷା ବୃତ୍ତି ପାଇଁ ଜଣେ ବ୍ୟକ୍ତିଙ୍କ ଘରକୁ ଆସିଥିଲେ। ବାବା ଜଣକ ବାହାରେ ଛିଡ଼ାହୋଇ ଭିକ୍ଷା ମାଗିବାରୁ ଘରର ମାଲିକ ତାଙ୍କ ୭ବର୍ଷର ଝିଅକୁ କହିଥିଲେ ବାବାଙ୍କୁ ନେଇ ପଇସା ଦେବା ପାଇଁ। ଏହା କହି ଝିଅଟିର ମା’ ଯେତେବେଳେ ବାଥରୁମ ଯାଇଛନ୍ତି ଏହାର ସୁଯୋଗ ନେଇ ସେହି ବାବା ଜଣଙ୍କ ଉକ୍ତ ନାବାଳିକାକୁ ଅସଦାଚରଣ କରିଥିଲେ। ପରେ ନାବାଳିକା ଭୟଭୀତ ହୋଇ ପରିବାର ଲୋକଙ୍କୁ ଡାକିବା ଫଳରେ ବାବା ଜଣକ ସେଠାରୁ ଖସି ପଳାଇଥିଲେ। କିନ୍ତୁ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିନେଇ ନିର୍ଧୁମ୍ ଛେଚିବା ପରେ ମଧୁପାଟଣା ଥାନାକୁ ଯୋଗାଯୋଗ କରିଥିଲେ। ମଧୁପାଟଣା ଥାନା ପୁଲିସ ଆସି ବାବାଙ୍କୁ ଥାନାକୁ ନେଇ ଅଟକ ରଖି ପଚରାଉଚରା କରୁଛି।


### ବନ୍ଧୁକ ଦେଖାଇ ହତ୍ୟା ଧମକ ମାମଲା

# ଜେଲଗଲା ଅଭିଯୁକ୍ତ ଯୁବକ

**କୋରାଇ, ୩।୧୧(ସଂଚାର ବ୍ୟୁରୋ):** ବନ୍ଧୁକ ଦେଖାଇ ହତ୍ୟା ଉଦ୍ୟମ ମାମଲାରେ ପୂର୍ବରୁ ଜଣେ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଆଜି ପାଣିକୋଇଲି ପୁଲିସ ଅନ୍ୟ ଜଣେ ଅଭିଯୁକ୍ତକୁ ଗିରଫ କରି ଅଦାଲତ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ବାଲେଶ୍ୱର ଜିଲ୍ଲା ସୋରୋ ଥାନା ଅନ୍ତର୍ଗତ ସାନ୍ତାପଡ଼ା ଗ୍ରାମର କୃଷ୍ଣ ଚନ୍ଦ୍ର ହୋତାଙ୍କ ପୁଅ ଅମୂଲ୍ୟ ହୋତା(୫୮)। ପ୍ରକାଶ ଯେ ବାଲେଶ୍ୱର ଜିଲ୍ଲା ସୋର ସୁଜନପୁରର ଗୟାଧର ମହାକୁଡଙ୍କ ପୁଅ ବିଜୟ ମହାକୁଡଙ୍କ ଠାରୁ ତାଙ୍କ ଗ୍ରାମ ନିକଟସ୍ଥ ଅଙ୍କ ବରହମପୁର(ସାନ୍ତାପଡା) ଗ୍ରାମର ଅମୂଲ୍ୟ ହୋତାଙ୍କ ପୁଅ ଖଗେନ୍ଦ୍ର ୨୫ ଲକ୍ଷ ଟଙ୍କା ନେଇଥିଲେ। ଟଙ୍କା ନେଣଦେଣ ନେଇ ପରେ ଏକ ଚୁକ୍ତିନାମା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ଏନେଇ ବିଜୟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୁକ୍ତକୁ ପୁଲିସ କୋର୍ଟ ଚାଲାଣ କରିଥିଲା।

### ମଡର୍ଣ୍ଣ ପାଇଥିଆନ ଗେମ୍ସ ୨୦୨୫

# ଓଡ଼ିଶା ଦଳର ଜର୍ସି ଉନ୍ମୋଚିତ




**ଭୁବନେଶ୍ୱର,୩।୧୧(ସଂଚାର ବ୍ୟୁରୋ):** ଆସନ୍ତା ୭ରୁ ୯ ତାରିଖ ପର୍ଯ୍ୟନ୍ତ ବେଙ୍ଗାଲୁରୁରେ ଆୟୋଜିତ ହେବ ମଡର୍ଣ୍ଣ ପାଇଥିଆନ ଗେମ୍ସ ୨୦୨୫। ଓଡିଶା ପିଣ୍ଟୁ ସଂଘ ପକ୍ଷରୁ ଏଥିପାଇଁ ରାଜ୍ୟ ବାଳକ ଓ ବାଳିକା ଦଳ ଘୋଷଣା ହେବା ସହ ଦଳର ଜର୍ସି ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂଘର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ଉପଦେଷ୍ଟା ନୀଳକଣ୍ଠ ସାମଲ, ସଭାପତି ଶକ୍ତି ପ୍ରକାଶ ପତି, ସାଧାରଣ ସମ୍ପାଦକ ସତୀଶ ଶର୍ମା ଓ ଉପସଭାପତି ମହେଶ କୁମାର ମିଶ୍ରଙ୍କ ସହ ଅତିଥି ଭାବେ ପ୍ରଶାନ୍ତ କୁମାର ରାଉତ, ସୂର୍ଯ୍ୟପ୍ରକାଶ ପତି, ଜି ରାମ କିଶୋର ଓ କୁଶ ନାୟକ ଯୋଗଦେଇଥିଲେ। ଆସନ୍ତା ୫ ତାରିଖରେ ଖେଳାଳିମାନେ ବେଙ୍ଗାଲୁରୁ ଯାତ୍ରା କରିବେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ, କ୍ଷୀରୋଦ କୁମାର ପଟ୍ଟନାୟକ, ସୌରଭ ମହାନ୍ତି, ବିକାଶ କୁମାର ମହାପାତ୍ର ଓ ଯଯାତି ଜେନା ଉପସ୍ଥିତ ଥିଲେ।

**ଘୋଷିତ ବାଳକ ଦଳ :** ସ୍ୱାଧୀନ ସାମଲ (ଅଧିନାୟକ), ପ୍ରଶାନ୍ତ ସାହୁ, ତେଜସ୍ୱ ମହାରଣା, ଚନ୍ଦନ ଆଚାର୍ଯ୍ୟ, ଏମ. ସାହିଲ, ନକବୁଲ ଅମିନ, ଶିବ ବିରୁଆ, ଭାସ୍କର ପାତ୍ର, ବିନୋଦ ମୁଦୁଲି, ବାଦଲ ଜେନା, ଶିନସୁ ଶେଖର ଦାସ, ରାହୁଲ ନାଥ। **କୋଚ:** ସତୀଶ ଶର୍ମା ଓ ମ୍ୟାନେଜର ସୁରେଶ କୁମାର ଭଞ୍ଜ। ଘୋଷିତ **ବାଳିକା ଦଳ:** ମୋନାଲିଶା କାଣ୍ଡି, ଏମ. ଅମ୍ରିତା, ଆଞ୍ଜେଲ ମଲ୍ଲିକ, ଏସ. ରୋଜା, ଉର୍ବଶୀ ବେହେରା, ରେଖା ବେହେରା, ଶୁଭଶ୍ରୀ ଭଞ୍ଜ, ଶ୍ରାବଣୀ ପାଇକରାୟ, ରୁପାଲି ଭଞ୍ଜ, ପ୍ରତୀକ୍ଷା ବଳ। **କୋଚ:** ଜିତେନ୍ଦ୍ର କୁମାର ରାଉତ ଓ ମ୍ୟାନେଜର ବିଷ୍ଣୁପ୍ରିୟା ଦାସ।

### ବିଦ୍ୟୁତ ବିଭାଗ ଅଧିକାରୀଙ୍କ ଦବଙ୍ଗଗିରି

# ମହିଳାଙ୍କୁ ଆକ୍ରମଣ କରି ମିଟର ଭାଙ୍ଗିଲେ

**କୋରାଇ,୩।୧୧(ସଂଚାର ବ୍ୟୁରୋ):** ପାଣିକୋଇଲି ବିଦ୍ୟୁତ ବିଭାଗର ଅଧିକାରୀ ଓ କର୍ମଚାରୀ ପୁଲିସ ଉପସ୍ଥିତରେ ବିଦ୍ୟୁତ କାଟ କରିବା ସହ ଘରର ମିଟର ଭାଂଗିଦେବାକୁ ନେଇ ଉତେଜନା ଦେଖାଦେଇଥିଲା। ଫଳରେ ବିଦ୍ୟୁତ ଅଧିକାରୀ ବିଲ ଭିତରେ ଦୌଡି ପଳାଇଥିଲେ। ଏମିତିକି ବିଦ୍ୟୁତ କର୍ମଚାରୀ ମହିଳାମାନଙ୍କୁ ଧକ୍କା ମାରିବାକୁ କେନ୍ଦ୍ର କରି ତୁମୁଳକାଣ୍ଡ ସୃଷ୍ଟି ହୋଇଥିଲା। ଘଟଣାସ୍ଥଳେ ପାଣିକୋଇଲି ଥାନା ଅଧିକାରୀ ରଂଜିତ କୁମାର ମହାନ୍ତି ଓ ବିଦ୍ୟୁତ ବିଭାଗ ଏସଡିଓ ଅସୀମ ଅଭିତାଭ ଧଳ ପହଂଚି ଲୋକମାନଙ୍କୁ ବୁଝାଇଥିଲେ। ଏନେଇ ଏସଡିଓ ଶ୍ରୀ ଧଳଙ୍କ ଗ୍ରାମବାସୀଙ୍କ ସହ ଆଲୋଚନା ଫଳପ୍ରଦ ନହୋବରୁ ଥାନାକୁ ଅଭିଯୋଗ କରାଯାଇଛି। ପ୍ରକାଶଥାଉକି, ପାଣିକୋଇଲି ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମରେ ଗତ ୩୧ ତାରିଖ ବିଳମ୍ବିତ ରାତ୍ରୀରେ ଏକ ଅଭାବନୀୟ ଘଟଣା ଘଟିଥିଲା। ୩ଜଣ ବିଦ୍ୟୁତ କର୍ମଚାରୀଙ୍କୁ ଚୋର ବୋଲି ଭାବି ମାଡ ମାରି ପୁଲିସ ଜିମା ଦିଆଯାଇଥିଲା। ଏନେଇ ଥାନାରେ ଦୁଇଟି ଅଭିଯୋଗରେ ମାମଲା ମଧ୍ୟ କରାଯାଇଛି। ଚାନ୍ଦପୁର ଗ୍ରାମର ପ୍ରଦୀପ ପଣ୍ଡାଙ୍କ ଘରେ ରାତି ୩ଟା ସମୟରେ ଘରର କବାଟ ଖୋଲାଥିବା ସମୟରେ ଜଣେ ଅଣଓଡିଆ ବ୍ୟକ୍ତି ତାଙ୍କ ଘରେ ପଶିଥିଲା। ଏହା ଦେଖି ସେମାନେ ଚୋର ଚୋର ପାଟି କରିବାରୁ ପରିବାରର ସମସ୍ତେ ଓ ଗ୍ରାମବାସୀ ଉଠିଆସିଥିଲେ। ସେମାନଙ୍କୁ ଉତ୍ତମ ମଧ୍ୟମ ଦେଇ ପୁଲିସକୁ ଫୋନ କରିଥିଲେ। ଉକ୍ତ ଯୁବକ ମହିଳାମାନଙ୍କୁ ଧକ୍କା ମାରିବା ସହ ସୁନା ଅଳଙ୍କାର ଛଡାଇଥିବାର ଅଭିଯୋଗରେ ମଧ୍ୟ ଦର୍ଶାଇଛନ୍ତି। ଖବରପାଇ ପାଣିକୋଇଲି ପୁଲିସ ସେମାନଙ୍କୁ ଉଦ୍ଧାର କରି ଥାନାକୁ ଆଣି ଚିକିତ୍ସା ପାଇଁ ପଠାଇଥିଲା। ଅପରପକ୍ଷେ ବିଦ୍ୟୁତ ବିଭାଗ କର୍ମଚାରୀ ଥାନାରେ ମଧ୍ୟ ପାଲଟା ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ମୁତାବକ ଉକ୍ତ ପରିବାର ପ୍ରତିଦିନ ରାତିରେ ହୁକ ପକାଇ ବିଦ୍ୟୁତ ବ୍ରବହାର କରନ୍ତି। ଖବର ପାଇ ଗୁରୁବାର ଏକ ଟିମ ବିଦ୍ୟୁତ ତାରରୁ ହୁକ କେଉଁଆଡେ ଯାଇଛି ବୋଲି ଟର୍ଚ୍ଚ ମାରି ଚେକିଂ କରିଥିଲେ। ତାରଟି କୁଆଡେ ଯାଇଛି ଖୋଜିବା ବେଳକୁ ଉକ୍ତ ଘରକୁ ଯାଇଥିଲା। ସେ ଏହା ଦେଖିବା ପରେ ସେମାନେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ଶଶିଶେଖର ଶର୍ମା ନାମକ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଦୁଇଟି ଯାକ ଅଭିଯୋଗକୁ ପୁଲିସ ଗ୍ରହଣ କରି ତଦନ୍ତ ଜାରି ରଖିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଏଏମ୍ଏନ୍ଏସ୍ ଆନ୍ଧ୍ର ପ୍ରକଳ୍ପକୁ ପରିବେଶ ମଞ୍ଜୁରି

## ଅଧିକାଂଶ ଚାକିରି ଖାଇଲା ଏଆଇ

ନୂଆଦିଲ୍ଲୀ, ୩।୧୧: ଚଳିତ ବର୍ଷ ପ୍ରଯୁକ୍ତି ଜଗତରେ ଏକ ଲକ୍ଷରୁ ଅଧିକ କର୍ମଚାରୀ ଚାକିରି ହରାଇଛନ୍ତି। ଏବର୍ଷ ସାରା ବିଶ୍ୱରେ ଛଟେଇର ପ୍ରଭାବ ଥିଲା। ଲେଅଫ୍ସ ଡଟ୍ ଏଫ୍ୱାଇଆଇ ତଥ୍ୟ ଅନୁସାରେ ୨୦୨୫ରେ ବର୍ତ୍ତମାନ ସୁଦ୍ଧା ୨୧୮ଟି ପ୍ରଯୁକ୍ତି କମ୍ପାନି ୧,୧୨,୭୩୨ କର୍ମଚାରୀଙ୍କୁ ଛଟେଇ କରିଛନ୍ତି। ଅଧିକାଂଶ କମ୍ପାନି ବ୍ୟବସାୟ ପରିବେଶରେ ପରିବର୍ତ୍ତନ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ପ୍ରଭାବ ପାଇଁ କର୍ମଚାରୀ ସଂଖ୍ୟା କମ୍ କରିଥିବା କହିଛନ୍ତି। ଆମାଜନ, ଇଣ୍ଟେଲ୍ ଓ ଟିସିଏସ୍ ଭଳି କମ୍ପାନି କର୍ମଚାରୀ ହ୍ରାସ କରିଛନ୍ତି।

ଆମାଜନ ଏହାର ୧୪ ହଜାର କର୍ପୋରେଟ୍ କର୍ମଚାରୀଙ୍କୁ ଛଟେଇ କରିଛି। କ୍ଲାଉଡ୍, ପରିଚାଳନା ଓ ମାନବ ସମ୍ବଳ କ୍ଷେତ୍ରରେ କାମ କରୁଥିବା କର୍ମଚାରୀମାନେ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ଚିପ୍ ନିର୍ମାତା ଇଣ୍ଟେଲ୍ ଚଳିତ ବର୍ଷ ୨୪ ହଜାର ପାଖାପାଖି କର୍ମଚାରୀଙ୍କୁ ଛଟେଇ କରିଛି। ଏହାପରେ କମ୍ପାନିର କର୍ମଚାରୀ ସଂଖ୍ୟା ୭୫ ହଜାରକୁ ହ୍ରାସ ପାଇଛି। କେବଳ ଆମେରିକା ଏହି କମ୍ପାନି ୫୦୦୦ କର୍ମଚାରୀଙ୍କୁ ବିଦା କରିଥିଲା। ଭାରତୀୟ ଆଇଟି କମ୍ପାନି ଟାଟା କନ୍ସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ୧୨ ହଜାର କର୍ମଚାରୀଙ୍କୁ ବିଦା କରିଛି। ଫଳ ସ୍ୱରୂପ, ୨୦୨୨ ପରେ ପ୍ରଥମ ଥର ପାଇଁ ଟିସିଏସ୍‌ର କର୍ମଚାରୀ ସଂଖ୍ୟା ୬୦ ହଜାର ତଳକୁ ହ୍ରାସ ପାଇଛି। ଅନ୍ୟତମ ଆଇଟି ଓ କନ୍ସଲଟିଂ କମ୍ପାନି ଆକ୍ସେଞ୍ଚର ଏହାର ୧୨ ହଜାର କର୍ମଚାରୀଙ୍କୁ ଛଟେଇ କରିଛି। ଫଳରେ କମ୍ପାନିର ମୋଟ୍ କର୍ମଚାରୀ ସଂଖ୍ୟା ୭୯୧,୦୦୦ରୁ ହ୍ରାସ ପାଇ ୭୭୯,୦୦୦ ରହିଯାଇଛି। ବିଶ୍ୱସ୍ତରୀୟ ସଫ୍ଟୱେର୍ କମ୍ପାନି ମାଇକ୍ରୋସଫ୍ଟ ଏହାର ୯୦୦୦ କର୍ମଚାରୀଙ୍କୁ ବିଦା କରିବା ପରେ ସାରା ବିଶ୍ୱରେ ଏହାର କର୍ମଚାରୀ ସଂଖ୍ୟା ୨,୨୦,୦୦୦କୁ ହ୍ରାସ ପାଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ କ୍ଲାଉଡ୍ କମ୍ପ୍ୟୁଟିଂରେ ନିବେଶ ବଢ଼ାଇବା ପାଇଁ ପାଣ୍ଠି ଜରୁରି ଥିବାରୁ କମ୍ପାନି ଏହାର କର୍ମଚାରୀ କମ୍ କରୁଛି। ସେହିପରି, ଏଆଇ ପ୍ରଭାବରେ 'ସେଲ୍ସଫୋର୍ସ' ପକ୍ଷରୁ ୪୦୦୦ କର୍ମଚାରୀଙ୍କୁ ଛଟେଇ କରାଯାଇଛି। ଏଥି ସହିତ କମ୍ପାନିର ମୋଟ୍ କର୍ମଚାରୀ ସଂଖ୍ୟା ୯୦୦୦କୁ ଖସିଆସିଛି। ସମ୍ପୂର୍ଣ୍ଣ ରୂପେ ଏଆଇ ପ୍ରଭାବ ପାଇଁ କମ୍ପାନିରେ କର୍ମଚାରୀ କମିଛନ୍ତି। ଏହାର ଅଧିକାଂଶ 'ଗ୍ରାହକ ସହାୟତା' କାର୍ଯ୍ୟ ଏବେ ଏଆଇ ଜରିଆରେ ହେଉଛି। 'ସିସ୍କୋ'ରେ ମଧ୍ୟ ୪୨୫୦ କର୍ମଚାରୀଙ୍କୁ ଛଟେଇ ହୋଇଛନ୍ତି। ଗୁଗଲ୍‌ରେ ମଧ୍ୟ ବ୍ୟାପକ ଛଟେଇ ହୋଇଛି। ଫେସ୍‌ବୁକ୍, ହ୍ୱାଟ୍ସଆପ୍ ଓ ଇନ୍‌ଷ୍ଟାଗ୍ରାମ ଭଳି ଆପ୍ ପରିଚାଳନା କରୁଥିବା ସଂସ୍ଥା 'ମେଟା'ରେ ମଧ୍ୟ ୬୦୦ କର୍ମଚାରୀଙ୍କୁ ଛଟେଇ କରାଯାଇଛି। ଓରାକଲ୍‌ରେ ୧୦୧ ଛଟେଇ ହୋଇଛି। ୟୁନାଇଟେଡ୍ ପାର୍ସଲ୍ ସର୍ଭିସ୍ ୪୮ ହଜାର କର୍ମଚାରୀଙ୍କୁ ଛଟେଇ କରିଛି। କାର୍ ନିର୍ମାତା ଫୋର୍ଡ ୧୩୦୦୦ କର୍ମଚାରୀଙ୍କୁ ଛଟେଇ କରିବାକୁ ଯୋଜନା ରଖିଛି। ପିଡବ୍ଲ୍ୟୁସି ବିଶ୍ୱବ୍ୟାପୀ ୫୬୦୦ ଓ ପାରାମାଉଣ୍ଟ ଗ୍ଲୋବାଲ୍ ୨୦୦୦ କର୍ମଚାରୀଙ୍କୁ ଛଟେଇ କରିଛି।




## ବିଦେଶୀ ନିବେଶକଙ୍କ ବିଶ୍ୱାସ ଫେରିଲା

# ଅକ୍ଟୋବରରେ ନିବେଶ କଲେ ୧୪,୬୧୦ କୋଟି




ମୁମ୍ବାଇ, ୨/୧୧: ନିୟମିତ ବ୍ୟବଧାନରେ ଷ୍ଟକ୍ ବଜାରରୁ ପୁଞ୍ଜି ପ୍ରତ୍ୟାହାର କରୁଥିବା ବିଦେଶୀ ନିବେଶକମାନେ ଗତ ଅକ୍ଟୋବର ମାସରେ ସେମାନଙ୍କ ରଣନୀତି ବଦଳାଇଥିଲେ। ଭାରତୀୟ ଅର୍ଥନୀତିର ଦ୍ରୁତ ଗତିକୁ ସ୍ୱୀକାର କରି ସେମାନେ ଏଠାରେ ବିପୁଳ ନିବେଶ କରିଥିଲେ। ଷ୍ଟକ୍ ବଜାର ତଥ୍ୟ ଅନୁଯାୟୀ ବିଦେଶୀ ନିବେଶକମାନେ ଅକ୍ଟୋବରରେ ୧୪,୬୧୦ କୋଟି ଟଙ୍କା ନିବେଶ କରିଛନ୍ତି। ଗତ ତିନି ମାସରେ ସେମାନେ ୭୬,୫୭୫ କୋଟି ଟଙ୍କା ବଜାରରୁ ପ୍ରତ୍ୟାହାର କରିଥିଲେ। ବୈଦେଶିକ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନେ ସେପ୍ଟେମ୍ବରରେ ୨୩,୮୫୫ କୋଟି ଟଙ୍କା, ଅଗଷ୍ଟରେ ୩୪,୯୯୦ କୋଟି ଟଙ୍କା ଓ ଜୁଲାଇରେ ୧୭,୭୦୦ କୋଟି ଟଙ୍କାର ସେୟାର ବିକ୍ରି କରିଥିଲେ। ଅର୍ଥାତ୍ ବିଗତ ତିନି ମାସରେ ସେମାନେ ମୋଟ ୭୬,୫୭୫ କୋଟି ଟଙ୍କା ପ୍ରତ୍ୟାହାର କରିଥିଲେ। କିନ୍ତୁ ଅକ୍ଟୋବରରେ ସେମାନଙ୍କ ମନୋଦଶାରେ ପରିବର୍ତ୍ତନ ହୋଇଥିଲା। ଡିପୋଜିଟୋରି ତଥ୍ୟରୁ ସ୍ପଷ୍ଟ ହୋଇଛି ଯେ ଭାରତୀୟ ବଜାର ଉପରେ ବିଶ୍ୱସ୍ତରୀୟ ନିବେଶକମାନଙ୍କ ବିଶ୍ୱାସ ପୁଣି ଥରେ ବଢ଼ୁଛି। ଗତ ଶୁକ୍ରବାର ଏଫ୍‌ପିଆଇମାନେ ୬୭୨୮ କୋଟି ଟଙ୍କାର ସେୟାର ବିକିଥିଲେ। ସେହି ସମୟରେ କିନ୍ତୁ ଘରୋଇ ସଂସ୍ଥାଗତ ନିବେଶକ (ଡିଆଇଆଇ)ମାନେ ୬୮୮୯ କୋଟି ଟଙ୍କାର ସେୟାର କିଣିଥିଲେ। ଟ୍ରେଡିଂ ସମୟରେ ଘରୋଇ ସଂସ୍ଥାଗତ ନିବେଶକମାନେ ୧୭,୬୫୯ କୋଟି ଟଙ୍କାର ସେୟାର କିଣିଥିଲେ ଏବଂ ୧୦,୭୬୯ କୋଟି ଟଙ୍କାର ସେୟାର ବିକ୍ରି କରିଥିଲେ। ଅନ୍ୟପକ୍ଷରେ ବିଦେଶୀ ନିବେଶକମାନେ ୧୧,୦୯୬ କୋଟି ଟଙ୍କାର ସେୟାର କିଣିଥିଲେ ଏବଂ ୧୭୮୨୪ କୋଟି ଟଙ୍କାର ସେୟାର ବିକ୍ରି କରିଥିଲେ।

## ଆଜିର ସୁନା ଦର



ଆଜି ବଢ଼ିଲା ସୁନା ଓ ରୁପା ଦର। ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୩,୧୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୨,୯୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୩,୧୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୨,୯୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୩,୧୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୨,୯୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୩,୩୨୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୩,୦୩୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୩,୮୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୩,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୩,୧୭୦ ଓ ୧,୧୨,୯୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୫୪,୦୦୦ ଟଙ୍କା ହୋଇଛି।

# ମିଡ୍-ଡେ ମିଲ୍‌ରେ ସୁସ୍ୱାଦୁ ତାଜା ମାଛ

## ପ୍ରାଥମିକ ବିଦ୍ୟାଳୟ ଉଦ୍ୟୋଗରେ ପୁରୁଲିଆରେ ମତ୍ସ୍ୟ ପ୍ରକଳ୍ପ

କୋଲକାତା, ୩।୧୧ (ସଂଚାର ବ୍ୟୁରୋ): ମିଡ୍-ଡେ ମିଲରେ ଅଧିକ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ, ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟ ଏକ ଘରୋଇ ସଂଗଠନ ସହିତ ମିଶି ମାଛ ଚାଷ ଭଳି ଏକ ସାମାଜିକ ପଦକ୍ଷେପ ଗ୍ରହଣ କରିଛି। ଶିକ୍ଷାନୁଷ୍ଠାନ, ଉତ୍ତର ୨୪ ପ୍ରଗଣାର ବାରାକପୁରର ଆଇସିଏଆର୍ କେନ୍ଦ୍ରୀୟ ଅନ୍ତର୍ଦେଶୀୟ ମତ୍ସ୍ୟ ଗବେଷଣା ପ୍ରତିଷ୍ଠାନ ସହିତ ମିଳିତ ଭାବରେ, ଜଙ୍ଗଲମହଲ ପୁରୁଲିଆର ମାନବଜାରର ପୁଷ୍ଟା ବ୍ଲକରେ ଏକ ମାଛ ଚାଷ ପ୍ରକଳ୍ପ ହାତକୁ ନେଇଛି। ତେବେ, ଏହାର ଗୋଟିଏ ଲକ୍ଷ୍ୟ ହେଉଛି କେବଳ ଛାତ୍ରଛାତ୍ରୀମାନଙ୍କୁ ପୁଷ୍ଟିକର ଖାଦ୍ୟ ଭାବରେ ତାଜା ମାଛ ଯୋଗାଇବା ନୁହେଁ, ବରଂ ଏହି କାର୍ଯ୍ୟ ମାଧ୍ୟମରେ ଅଞ୍ଚଳର ଆଦିବାସୀ ମହିଳାମାନଙ୍କ ପାଇଁ ଏକ ଆୟର ପଥ ଖୋଲିବା। ଛୋଟ ନାଗପୁର ମାଳଭୂମିର ଏହି ଅଞ୍ଚଳରେ ଆଦିବାସୀଙ୍କ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସତ୍ତ୍ୱେ, ସେମାନେ ବିଭିନ୍ନ କାରଣରୁ ପଛୁଆ। ସେମାନେ ଦାରିଦ୍ର୍ୟ, ଲିଙ୍ଗଗତ ଅସମାନତା, ବାଲ୍ୟବିବାହ, ଶିକ୍ଷା ଏବଂ ସ୍ୱାସ୍ଥ୍ୟର ଅଭାବ ସମେତ ବିଭିନ୍ନ ସାମାଜିକ-ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଏହି ପରିସ୍ଥିତିକୁ ଆଖି ଆଗରେ ରଖି, ମାନବଜାରର ୧ ନମ୍ବର ବ୍ଲକରେ ଥିବା ଶିକ୍ଷାନୁଷ୍ଠାନ ବହୁ ବର୍ଷ ଧରି ବିଭିନ୍ନ ସାମାଜିକ କାର୍ଯ୍ୟ କରିଆସୁଛି। ସ୍ଥାୟୀ ବିକାଶ ଉଦ୍ଦେଶ୍ୟରେ ସ୍କୁଲ କର୍ତ୍ତୃପକ୍ଷ 'ମହିଳା ଏବଂ ବାଳିକାଙ୍କ ସଶକ୍ତିକରଣ ଏବଂ ଲିଙ୍ଗଗତ ସମାନତା ପ୍ରତିଷ୍ଠା' କାର୍ଯ୍ୟକାରୀ କରିବାକୁ ଚାହୁଁଛନ୍ତି। ସେଥିପାଇଁ ଆଇସିଏଆର୍-କେନ୍ଦ୍ରୀୟ ଅନ୍ତର୍ଦେଶୀୟ ମତ୍ସ୍ୟ ଗବେଷଣା ପ୍ରତିଷ୍ଠାନ (ଆଇସିଏଆର୍-ସିଫ୍ରି), ବାରାକପୁର ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଛି। ତେଣୁ, ସେହି ମହିଳାମାନଙ୍କ ସହାୟତାରେ ବୈଜ୍ଞାନିକ ପଦ୍ଧତି ବ୍ୟବହାର କରି ସ୍ଥାନୀୟ ବର୍ଷା ଜଳାଶୟରେ ମାଛ ଚାଷ ଆରମ୍ଭ କରାଯାଇଛି। ମୋଟ ୪୮ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରାୟ ୧୪୦ ଏକର ଜଳାଶୟ ପରିବ୍ୟାପ୍ତ ୧୬ଟି ବନ୍ଧରେ ଅଂଶଗ୍ରହଣ କରିଛନ୍ତି। ସେହି ପ୍ରାଥମିକ ବିଦ୍ୟାଳୟର ପରିଚାଳନାରେ, ଆଇସିଏଆର୍-ସିଫ୍ରି ୧ ହଜାର ୬୦୦ କିଲୋଗ୍ରାମ ମାଛ ଯାଆଁଳା ଏବଂ ୧୬ ଟନ୍ ମାଛ ଖାଦ୍ୟ, ଡଙ୍ଗା, ଜାଲ ଏବଂ ବିଭିନ୍ନ ମାଛ ଚାଷ ଉପକରଣ ଯୋଗାଇଛି। ଏହା ସହିତ, ହିତାଧିକାରୀ ମହିଳାମାନଙ୍କୁ ପୋଖରୀରେ ମାଛ ଚାଷ ଏବଂ ମାଛକୁ ଖାଇବାକୁ ଦେବାର ପଦ୍ଧତି ବିଷୟରେ ଅବଗତ କରାଯାଉଛି, ଏହା ସହିତ ଜଳ ଗୁଣବତ୍ତା ରକ୍ଷଣାବେକ୍ଷଣ ଉପରେ ହାତପାଆନ୍ତା ତାଲିମ ମଧ୍ୟ ପ୍ରଦାନ କରାଯାଉଛି। ମହିଳାଙ୍କ ଆତ୍ମନିର୍ଭରଶୀଳତା ବୃଦ୍ଧି ପାଇଁ ସଚେତନତା ଶିବିର ମଧ୍ୟ ଅନୁଷ୍ଠିତ ହେଉଛି।



ଇତିମଧ୍ୟରେ ରାଜ୍ୟ ପଶ୍ଚିମ ବିକାଶ ସ୍ୱାଧୀନ ଦାୟିତ୍ୱପ୍ରାପ୍ତ ସନ୍ଧ୍ୟାରାଣୀ ଟୁଡୁ, ଏହି କାର୍ଯ୍ୟ ପରିଦର୍ଶନ କରିସାରିଛନ୍ତି। ସେ କହିଛନ୍ତି, 'ଏହି କାର୍ଯ୍ୟ ମାଧ୍ୟମରେ, ସ୍କୁଲ ଛାତ୍ରଛାତ୍ରୀମାନେ ଉପଯୁକ୍ତ ପୁଷ୍ଟିକର ଲାଭ ପାଇବେ, ଏବଂ ଆଦିବାସୀ ମହିଳାମାନଙ୍କର ସାମାଜିକ-ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ।' ସିଫ୍ରିର ନିର୍ଦ୍ଦେଶକ ଡକ୍ଟର ବସନ୍ତ କୁମାର ଦାସ କହିଛନ୍ତି, 'ଏହି ପ୍ରକଳ୍ପ ମାଧ୍ୟମରେ ଦୁଇଟି କାର୍ଯ୍ୟ କରାଯାଉଛି। ଏହା ଏହି ପ୍ରକଳ୍ପର ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ। ସିଫ୍ରିର ନିର୍ଦ୍ଦେଶକ ଆହୁରି କହିଛନ୍ତି, 'ମହିଳାମାନଙ୍କୁ ମାଛ ଚାଷରେ ସାମିଲ କରିବା ଦ୍ୱାରା କେବଳ ସେମାନଙ୍କର ଆୟ ବୃଦ୍ଧି ହେବ ନାହିଁ। ପ୍ରାୟ ୫୩୧ ଆର୍ଥିକ ଦୁର୍ବଳ ଆଦିବାସୀ ପରିବାର ଏହି ପ୍ରକଳ୍ପରୁ ସିଧାସଳଖ ଉପକୃତ ହେବେ। ଯାହା ପୁରୁଲିଆରେ ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ ଗ୍ରାମୀଣ ପରିବର୍ତ୍ତନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।'

## ମ୍ୟାକ୍‌ଡୋନାଲ୍ଡସ୍‌ରେ ମିଲେଟ୍ ବନ୍ ବର୍ଗର




ନୂଆଦିଲ୍ଲୀ, ୩।୧୧: ବିଦେଶୀ ସଂସ୍ଥା ଦ୍ୱାରା ପରିଚାଳିତ ମ୍ୟାକ୍‌ଡୋନାଲ୍ଡରେ ପ୍ରବେଶ କରିଛି ଭାରତୀୟ ପ୍ରାଚୀନ ଶସ୍ୟ ବା ସୁପରଫୁଡ୍ ଭାବେ ପରିଚିତ ମିଲେଟ୍ (ମାଣ୍ଡିଆ)। କମ୍ପାନି ନିଜ ଖାଦ୍ୟ ତାଲିକାରେ ମିଲେଟ୍ ବନ୍ ବର୍ଗରକୁ ସାମିଲ କରିଛି। ମହୀଶୂରର ସେଣ୍ଟ୍ରାଲ୍ ଫୁଡ୍ ଟେକ୍ନୋଲଜିକାଲ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ସିଏଫ୍‌ଟିଆର୍‌ଆଇ) ବିକାଶ କରିଥିବା ସ୍ୱଦେଶୀ ପ୍ରଯୁକ୍ତି ବ୍ୟବହାର କରି ଏହି ବର୍ଗର ପ୍ରସ୍ତୁତ କରାଯାଇଛି। ଏହି ସଫଳତାରେ ଉତ୍ସାହିତ ହୋଇ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି

### ବିଦେଶୀ ସଂସ୍ଥା ମେନୁରେ ଭାରତୀୟ ସୁପରଫୁଡ୍

ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଏହାକୁ 'ବିଦେଶୀ ହେଲା ସ୍ୱଦେଶୀ' ବୋଲି ସୋସିଆଲ ମିଡିଆ 'ଏକ୍ସ'ରେ ଲେଖିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସ୍ୱଦେଶୀ ଆନ୍ଦୋଳନ'ର ଏହା ପ୍ରମାଣ ବୋଲି କେନ୍ଦ୍ର ସରକାର କହିଛନ୍ତି। ଚାଷୀ ଓ ବଜାର ଭିତରେ ଥିବା ଅନ୍ତର ଦୂର କରିବା ଲାଗି ସରକାରଙ୍କ ଲକ୍ଷ୍ୟରେ ଏହା ଏକ ଗର୍ବ କରିବାର ମାଇଲଖୁଣ୍ଟ ବୋଲି କୁହାଯାଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଫଳରେ ୨୦୨୩କୁ ଜାତିସଂଘ ପକ୍ଷରୁ ଅନ୍ତର୍ଜାତୀୟ ମିଲେଟ୍ ଦିବସ ଘୋଷଣା କରାଯାଇଥିଲା। ଭାରତରେ ମିଲେଟ୍‌କୁ ନେଇ ଦେଖାଦେଇଥିବା ଆନ୍ଦୋଳନର ତାହା ଏକ ଭବ୍ୟ ପ୍ରମାଣ ବୋଲି ଶ୍ରୀ ସିଂହ କହିଛନ୍ତି। ଭାରତୀୟ ନବସୃଜନ ଓ ପାରମ୍ପରିକ ପୁଷ୍ଟିକର ଆହାର କିଭଳି ବିଶ୍ୱସ୍ତରରେ ଖାଦ୍ୟ ଧାରାକୁ ବଦଳାଉଛି ତାହାକୁ ଏହି ଗର୍ବିତ ମୁହୂର୍ତ୍ତ ଦର୍ଶାଉଥିବା ସେ କହିଛନ୍ତି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ଗୋଟେ ଦୁଇଟି ସହରକୁ ଛାଡିବା ପରେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇନି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୬ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



# ଜାନୁଆରୀ ୨୨ରୁ ଆରମ୍ଭ କୋଲକାତା ଆନ୍ତର୍ଜାତିକ ବହିମେଳା

କୋଲକାତା, ୩।୧୧(ସଂଚାର ବ୍ୟୁରୋ): ଶରଦ ଉତ୍ସବ ପରେ, ରାଜ୍ୟର ସବୁଠାରୁ ବଡ଼ ଉତ୍ସବ ହେଉଛି ଆନ୍ତର୍ଜାତୀୟ କୋଲକାତା ପୁସ୍ତକ ମେଳା। ୪୯ତମ ଆନ୍ତର୍ଜାତିକ କୋଲକାତା ପୁସ୍ତକ ମେଳା ୨୨ ଜାନୁଆରୀରେ ଉଦ୍‌ଘାଟିତ ହେବ ଏବଂ ୩ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ। ଏହି ମେଳାକୁ ପଶ୍ଚିମବଙ୍ଗର ମାନ୍ୟବର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉଦଘାଟନ କରିବେ। ଦେଶ ଏବଂ ବିଦେଶର ପ୍ରଖ୍ୟାତ କବି, ଲେଖକ ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ରହିବେ। ବହୁ ବର୍ଷ ଧରି, ଆନ୍ତର୍ଜାତିକ କୋଲକାତା ପୁସ୍ତକ ମେଳା ବିଶ୍ୱର ସବୁଠାରୁ ବଡ଼ ପୁସ୍ତକ ମହୋତ୍ସବ ହୋଇଆସିଛି। ୨୦୨୫ ମସିହା ପୁସ୍ତକ ମେଳାରେ ୨୭ ଲକ୍ଷ ପୁସ୍ତକ ପ୍ରେମୀ ଆସିଥିଲେ ଏବଂ ପୁସ୍ତକ ବିକ୍ରୟର ପରିମାଣ ୨୩ କୋଟି ଟଙ୍କା ଥିଲା। ମେଳାର ଏହି ଅବିଶ୍ୱସନୀୟ ସଫଳତା ପାଇଁ ପ୍ରକାଶକ ଖୁସି ଏବଂ ଚିନ୍ତିତ। କାରଣ, ଅନେକ ନୂତନ ପ୍ରକାଶକ ପରବର୍ତ୍ତୀ ପୁସ୍ତକ ମେଳାରେ ଅଂଶଗ୍ରହଣ କରିବା ପାଇଁ ଆବେଦନ କରିଛନ୍ତି। ତେବେ, ପୁସ୍ତକ ମେଳା ପରିସରର ସ୍ଥାନ ଏତେ ବିସ୍ତାର କରାଯାଇପାରିଲା ନାହିଁ। ଏହା ସତ୍ତ୍ୱେ, ଗତ ଥର କିଛି ନୂତନ ଷ୍ଟଲ୍ ଯୋଗାଇ ଦିଆଯାଇଥିଲା। ଜାଣିବାକୁ ମିଳିଛି ଯେ ପରବର୍ତ୍ତୀ ପୁସ୍ତକ ମେଳାରେ ଷ୍ଟଲ୍ ସଂଖ୍ୟା ବୃଦ୍ଧି କରିବା ସମ୍ଭବ ନୁହେଁ। ଆର୍ଜେଣ୍ଟିନା, ଯାହା ସହିତ ଭାରତ ଏବଂ ବଙ୍ଗଳାର ଅତ୍ୟନ୍ତ ଘନିଷ୍ଠ ସମ୍ପର୍କ ରହିଛି, ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ କୋଲକାତା ପୁସ୍ତକ ମେଳାରେ କେନ୍ଦ୍ର ଥିମ୍ ଦେଶ ଭାବରେ ଅଂଶଗ୍ରହଣ କରୁଛି। ବିଶ୍ୱାସ ଯେ ଏହି ଅଂଶଗ୍ରହଣ ଦୁଇ ଦେଶ ମଧ୍ୟରେ ପାରସ୍ପରିକ ସମ୍ପର୍କକୁ ଆହୁରି ମଜବୁତ କରିବ। ଭାରତରେ ଆର୍ଜେଣ୍ଟିନା ଦୂତାବାସର ଦୁଇଜଣ ପ୍ରତିନିଧି ଅଛନ୍ତି। ପୁସ୍ତକ ମେଳାରେ କେନ୍ଦ୍ର ଥିମ୍ ଦେଶ ଭାବରେ ଅଂଶଗ୍ରହଣ କରିବା ବିଷୟରେ ସେମାନଙ୍କଠାରୁ ଶିଖିବାକୁ ମିଳିବ।

### ଏଥର ବହି ମେଳାରେ ଓଡ଼ିଆ ପ୍ରକାଶକ




ଆଗାମୀ ୨୦୨୭ ମସିହା ହେଉଛି ଅନ୍ତର୍ଜାତୀୟ କୋଲକାତା ପୁସ୍ତକ ମେଳାର ସୁବର୍ଣ୍ଣ ଜୟନ୍ତୀ। ଏହି ଅବସରରେ, ମଇଦାନରେ ଆୟୋଜିତ ପୁସ୍ତକ ମେଳାର ପ୍ରଥମ ୨୦ ବର୍ଷ ଅର୍ଥାତ୍ ୧୯୭୬ ରୁ ୧୯୯୬ ମସିହା ପର୍ଯ୍ୟନ୍ତ ଦୁର୍ଲଭ ଫଟୋଗ୍ରାଫରଙ୍କ ଫଟୋଗ୍ରାଫର ଏକ ପ୍ରତିଯୋଗିତା ଏବଂ ପ୍ରଦର୍ଶନୀ ଆୟୋଜନ କରାଯିବ। ଏହି ଦୁର୍ଲଭ ଏବଂ ସ୍ମରଣୀୟ ଫଟୋଗ୍ରାଫରଙ୍କ ମଧ୍ୟରୁ ଶ୍ରେଷ୍ଠ ୧୦ ଜଣଙ୍କୁ ପୁରସ୍କୃତ କରାଯିବ। ସେମାନଙ୍କ ଦ୍ୱାରା ପଠାଯାଇଥିବା ସମସ୍ତ ଫଟୋଗ୍ରାଫ ୨୦୨୬ ମସିହା ପୁସ୍ତକ ମେଳାର ପ୍ରେସ୍ କର୍ଣ୍ଣରରେ ପ୍ରଦର୍ଶିତ ହେବ, ମନୋନୟନ ଉପରେ ନିର୍ଭର କରେ। ଆଗାମୀ ସୁବର୍ଣ୍ଣ ଜୟନ୍ତୀ ବର୍ଷରେ ପୁସ୍ତକ ମେଳା ସ୍ମାରକୀରେ ଏହି ଫଟୋଗ୍ରାଫଗୁଡ଼ିକୁ ପ୍ରକାଶ କରାଯିବ। ସଂଗ୍ରହରୁ ଯେକୌଣସି ପୁସ୍ତକ ମେଳା ଫଟୋଗ୍ରାଫକୁ ସହଜରେ ଇ-ମେଲ୍ ମାଧ୍ୟମରେ ପଠାଇପାରିବେ। ଫଟୋଗ୍ରାଫ ପଠାଇବାର ଶେଷ ତାରିଖ ହେଉଛି ୧୦ ଡିସେମ୍ବର ୨୦୨୫।

ପ୍ରତିବର୍ଷ ପରି, ଗ୍ରେଟ୍ ବ୍ରିଟେନ, ଆମେରିକା, ଜର୍ମାନୀ, ଅଷ୍ଟ୍ରେଲିଆ, ଫ୍ରାନ୍ସ, ସ୍ପେନ, ପେରୁ, କଲମ୍ବିଆ, ଜାପାନ, ଥାଇଲ୍ୟାଣ୍ଡ ଏବଂ ଲାଟିନ୍ ଆମେରିକାର ଅନ୍ୟାନ୍ୟ ଦେଶ ୨୦୨୬ ମସିହା ପୁସ୍ତକ ମେଳାରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଆହୁରି କିଛି ଦେଶ ସହିତ ଆଲୋଚନା ଚାଲିଛି। ଆଶା କରାଯାଉଛି ଯେ ୨୦୨୬ ମସିହାରେ ଅନ୍ୟ ବର୍ଷ ତୁଳନାରେ ଅଧିକ ଦେଶ ଉପସ୍ଥିତ ରହିବେ। ଏହା ସହିତ, ଭାରତର ଅନ୍ୟ ରାଜ୍ୟ, ଯେପରିକି ଦିଲ୍ଲୀ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ହରିୟାଣା, ପଞ୍ଜାବ, ତାମିଲନାଡୁ, ଗୁଜୁରାଟ, ମହାରାଷ୍ଟ୍ର, ବିହାର, ଆସାମ, ଝାଡ଼ଖଣ୍ଡ, କର୍ଣ୍ଣାଟକ, ଓଡ଼ିଶା, ତ୍ରିପୁରାରୁ ପ୍ରକାଶନ ରହିବେ। ସବୁଦିନ ପରି, ଏକ ଲିଟିଲ ମାଗାଜିନ୍ ମଣ୍ଡପ, ଶିଶୁ ମଣ୍ଡପ ଏବଂ ଅନ୍ୟାନ୍ୟ ଆକର୍ଷଣ ରହିବ।

## ବ୍ୟାଙ୍କ ଅଫ୍ ବରୋଦାର ସଚେତନତା ପଦଯାତ୍ରା




ଭୁବନେଶ୍ୱର, ୩।୧୧: ସତର୍କତା ସଚେତନତା ସପ୍ତାହ ୨୦୨୫-ସତର୍କତା ଆମର ସହଭାଗୀ ଦାୟିତ୍ୱ ଅବସରରେ ବ୍ୟାଙ୍କ ଅଫ୍ ବରୋଦା ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଏକ ପଦଯାତ୍ରା ଆୟୋଜିତ ହୋଇଯାଇଛି। ମହାପ୍ରବନ୍ଧକ ଏବଂ ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟଙ୍କ ଉପସ୍ଥିତିରେ ଏହି ପଦଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମରେ ଉପ ମହାପ୍ରବନ୍ଧକ(ସିଆଣ୍ଡ୍ଏ) ଭିଏମ୍ଏନ୍ଏସ୍ ସାଇବାବୁ, ଉପମହାପ୍ରବନ୍ଧକ(ବିଡି) ଶିବପଦ ନାୟକ, ଜେଡ୍ଆଇଏଡି ମୁଖ୍ୟ ଜଗଜୀବନ ମହାପାତ୍ର, ଭୁବନେଶ୍ୱର କ୍ଷେତ୍ରୀୟ ମୁଖ୍ୟ ସତ୍ୟରଞ୍ଜନ ମହାପାତ୍ର, ଭୁବନେଶ୍ୱର ଅଞ୍ଚଳ ଏବଂ କ୍ଷେତ୍ରୀୟ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଯୋଗ ଦେଇଥିଲେ।

## ଲୁଇସିଙ୍ଗ୍ ସେବାଶ୍ରମରେ ଅଭାବ ନିୟ ଘଟଣା



**କନ୍ଧମାଳ,୩।୧୧(ସଂଚାର ବ୍ୟୁରୋ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ ବରଗାଁ ପଞ୍ଚାୟତ ଅନ୍ତର୍ଗତ ଲୁଇସିଙ୍ଗ୍ ଠାରେ ଥିବା ସେବାଶ୍ରମ ଏହା ରାଜ୍ୟ ଓ କେନ୍ଦ୍ରସରକାରଙ୍କ ତରଫରୁ ଆଦିବାସିଙ୍କ ପାଇଁ ମାଗଣା ଛାତ୍ର ଛାତ୍ରୀପାଠ ପଢିବା ପାଇଁ ଆଦିବାସି ସେବାଶ୍ରମ ଖୋଲିଛନ୍ତି । କିନ୍ତୁ ଏହି ସ୍କୁଲରେ ଥିବା କିଛି କର୍ମଚାରି ମନ ମୁଖି କାମ କରୁଥିବା ଅଭିଯୋଗ ହେଉଛି। ବହୁ ଦୁର ଦୁରାନ୍ତରୁ ଆସି ଛାତ୍ରଛାତ୍ରୀ ମାନେ ନିଜ ବ୍ୟକ୍ତିଗତ ଉପରେ କିଛି ଶିକ୍ଷା ବୃଦ୍ଧି ପାଇବା ପାଇଁ ଏହି ଲୁଇସିଙ୍ଗ ସେବା ଶ୍ରେମରେ ନିଜର ମାଁ ବାପାଙ୍କୁ ଛାଡିପାଠପଢୁଛନ୍ତି। କିନ୍ତୁ ଆଶ୍ରମରେ ଥିବା କର୍ମଚାରୀ ମାନଙ୍କର ଦୁର୍ବ୍ୟବହାର କରୁଥିବା ଦେଖିବାକୁ ମିଳିଛି ଲୋକଙ୍କ କହିବା ଅନୁସାରେ ନିଜ ସମ୍ପର୍କିୟ ଲୋକ ଦେଖିବା ପାଇଁ ଗଲେ ଦେଖେଇ ଦେଉ ନ ଥିବା ଅଭିଯୋଗ ହେଉଛି। କାରଣ ବିଗତ ଦିନରେ କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡା ଗ୍ରାମର ମୁନା ଦିଗାଲ ତାଙ୍କର ସମ୍ପର୍କିୟ ଛାତ୍ରକୁ ଦେଖିବା ପାଇଁ ଲୁଇସିଙ୍ଗ ଶେବା ଶ୍ରମକୁ ଆସିଥିଲେ କିନ୍ତୁ ସେଠାରେ ଥିବାଆଶ୍ରମର କର୍ମଚାରୀ ତାଙ୍କୁ ଗାଳିଗୁଲଜ୍ କରୁଥିବା ଅଭିଯୋଗ କରୁଛନ୍ତି'କାହିଁକି ଏମିତି ଅପବ୍ୟବହାର କରୁଛନ୍ତି ଜିଲ୍ଲା ପ୍ରଶାସନ୍ଏହାର ଉପରେ କେବେ ଦୃଷ୍ଟି ଦେବେ ତାହା ଦେଖିବାକୁ ବାକି ରହିଲା।

## ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି



**ବରଗଡ଼,୩।୧୧(ସଂଚାର ବ୍ୟୁରୋ):** ବରଗଡ଼ ଅତାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲ ଏବଂ ଅରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଲଲାଟ କୁମାର ଲୁହା, ବରଗଡ଼ ଉପଜିଲ୍ଲାପାଳ ଶ୍ରୀ ପ୍ରସନ୍ନ କୁମାର ପାଣ୍ଡେ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କୁବେର ମହନ୍ତ ଏବଂ ଅତାବିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ରିପୁନାଥ ସୁନା ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସୂଚନାଯୋଗ୍ୟ କି, ଉକ୍ତ ଶିବିରରେ ଜଳସେ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୭୦ ଗୋଟି ଅଭିଯୋଗ ମଧ୍ୟରୁ ୪୦ ଗୋଟି ବ୍ୟକ୍ତିଗତ ଏବଂ ୩୦ ଗୋଟି ସାମୁହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଆରକ୍ଷୀ ଅଧୀକ୍ଷକ ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ମହିଳା ସରପଞ୍ଚ

## ମିଡିଆ ସାମ୍ବାଦିକଙ୍କ ଉପରେ ଆଣିଲେ ସଙ୍ଗୀନ ଅଭିଯୋଗ



### କାର୍ଯ୍ୟାନୁଷ୍ଠାନ ନହେଲେ ଆତ୍ମହତ୍ୟା ଧମକ

**ଭବାନିପାଟଣା,୩।୧୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅନ୍ତର୍ଗତ ବଡକାର୍ଲାକୋଟ ଗ୍ରାମପଞ୍ଚାୟତର ସରପଞ୍ଚ ଚଞ୍ଚଳା ନାଏକଙ୍କ ଉପରେ ଗ୍ରାମରେ ଥିବା ଜଣେ ସ୍ଥାନୀୟ ସୋସିଆଲ ମିଡିଆ ସାମ୍ବାଦିକ ରାଜୁ ପାହାଡ଼ ବାରମ୍ବାର ମାନସିକ ନିର୍ଯ୍ୟାତନା ଏବଂ ପ୍ରତେକ କାମରେ ୧୦ ପ୍ରତିଶତ ପିସି ମାଗୁଥିବା ସଙ୍ଗୀନ ଅଭିଯୋଗ ଆଣିଛନ୍ତି ସରପଞ୍ଚ। ସରପଞ୍ଚ ଚଞ୍ଚଳା ନାଏକଙ୍କ ଲିଖିତ ଅଭିଯୋଗ ଅନୁସାରେ ସେ ସରପଞ୍ଚ ହେବା ସମୟରୁ ଉକ୍ତ ସାମ୍ବାଦିକ ତାଙ୍କୁ ବିବିନ୍ନ ପ୍ରକାର ଧମକ ଦେବା ସହ ହଇରାଣ କରିଆସୁଛି ଏବଂ ପ୍ରତେକ କାମରେ ୧୦ ପ୍ରତିଶତ ପିସି ମାଗୁଛି, ଟଙ୍କା ନଦେଲେ ମିଛ ଖବର ବାରମ୍ବାର ପ୍ରସାରଣ କରି ବଦନାମ କରିଦେବା ଧାମକ ମଧ୍ୟ ଦେଉଛି। ଗତ ତା. ୨୮ ଅକ୍ଟୋବର ୨୦୨୫ ଦିନ ୧୨ଟା ସମୟରେ ଗ୍ରାମରେ ନିର୍ମାଣାଧୀନ ଖେଳପଡ଼ିଆ ଦେଖିବାକୁ ଯାଇଥିବାବେଳେ ରାଜୁ ପାହାଡ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରି, ଶାଢ଼ିକୁ ଟଣାଓଟରା କରିଥିଲା ବୋଲି ଚଞ୍ଚଳା ନାଏକ ଅଭିଯୋଗ କରିଛନ୍ତି। ସେହି ସମୟରେ ତାଙ୍କ ହାତରେ ଥିବା ବୁମ ଉଠାଇ ଭୟ ଦେଇଥିଲେ ଏବଂ ଗୋଟିଏ ନାଲି ରଙ୍ଗର କାରରୁ ପିସ୍ତଲ ବାହାର କରି 'ସ୍ୱାମୀ ସ୍ତ୍ରୀ କୁ ସୁଟ୍ କରିଦେବି' ବୋଲି ଧମକ ଦେଇଥିଲେ। ଘଟଣା ପରେ ସରପଞ୍ଚ ଜୟପାଟଣା ଥାନାରେ ସେହି ଦିନ ସନ୍ଧ୍ୟାରେ ଲିଖିତ ଅଭିଯୋଗ ଦେଇଥିଲେ। ପରବର୍ତ୍ତୀ ଦିନ ମାମଲା ରୁଜୁ ହୋଇଥିଲେ ମଧ୍ୟ, ଏବେ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ଅଭିଯୋଗ କରିଛନ୍ତି । ଆଜି ମହିଳା ସରପଞ୍ଚ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ଏବଂ ଏହାର ତଦନ୍ତ କରି ଯଥାଶୀଘ୍ର ପଦକ୍ଷେପ ଗ୍ରହଣ ନକଲେ ଜିଲ୍ଲାପାଳ କାର୍ଯ୍ଯାଳୟ ସମ୍ମୁଖରେ ଆତ୍ମହତ୍ଯା କରିବା ନେଇ ଧମକ ଦେଇଛନ୍ତି ।

### ପ୍ରେମ ପାଇଁ ଆତ୍ମହତ୍ୟା

## ବେକରେ ରଶିଲଗାଇ କଲେଜ ଛାତ୍ର ମୃତ



**ବୈଶିଙ୍ଗା,୩।୧୧(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ଗ୍ରାମରେ ସୋମବାର ଦିବା ୧୧ ଘଟିକା ସମୟରେ ଜଣେ କଲେଜ ଛାତ୍ର ନିଜ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଗଣ୍ଡର୍ଦ୍ଦା ଗ୍ରାମର ଜୟନ୍ତ ଗାଆଣ (୧୭) କେନ୍ଦୁଆ ଗ୍ରାମରେ ଏକ ଭଡା ଘରେ ରହୁଥିଲେ।ତାଙ୍କ ପୁଅ ଗଣେଶ ଗାଆଣ ବୈଶିଙ୍ଗା ମହାତ୍ମାଗାନ୍ଧି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ପ୍ରଥମ ବର୍ଷର ଛାତ୍ର ଭାବେ ଅଧ୍ୟୟନରତ। ଆଜି ସୋମବାର ସକାଳେ ଗଣେଶ ର ବାପା ଓ ମାଆ ବାରିପଦା ଡାକ୍ତରଖାନା ଯାଇଥିବା ବେଳେ ପୁଅ ଗଣେଶ ପାଠ ପଢିବାକୁ ଯାଇ ପୁଣି ଘରକୁ ଫେରି ଆସିଥିଲା।କିଛି ସମୟ ପରେ ଗଣେଶ ର ସାଙ୍ଗ ମାନେ ତାକୁ ଫୋନ କରିଥିଲେ ମଧ୍ୟ ସେ ଉଠାଇ ନଥିଲା। ସାଙ୍ଗ ମାନଙ୍କର ସନ୍ଦେହ ହେବାରୁ ସେମାନେ ତାଙ୍କ ଘରେ ପହଞ୍ଚି ଦେଖିବାକୁ ପାଇଲେ କବାଟ ବନ୍ଦ ରହିଛି। ସଙ୍ଗେ ସଙ୍ଗେ କବାଟ ଭାଙ୍ଗି ଦେଖିବାକୁ ପାଇଲେ ଯେ ଗଣେଶ ଏକ ଶାଢ଼ୀ କୁ ବେକରେ ବାନ୍ଧି ଶିଡି ରାଲିଂରେ ଝୁଲୁଛି। କୌଣସି ଉପାୟ ନ ପାଇ ଶାଢ଼ୀ କୁ କାଟି ଗଣେଶ କୁ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିଥିଲେ।ସେଠାରେ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। ଆତ୍ମହତ୍ୟା ର କାରଣ ଖୋଜିବାରୁ ଜଣା ପଡ଼ିଥିଲା କି କଲେଜ ର ଜଣେ ସହପାଠିନୀ ସହିତ ପ୍ରେମ ସମ୍ପର୍କ ଗଢି ଉଠି ଥିଲା। ସେଥିରେ ବାଧା ଆସିବାରୁ ଏପରି ଅଘଟଣ ଘଟିଥିବାର ସନ୍ଦେହ କରାଯାଇଛି।ଖବର ପାଇ ବୈଶିଙ୍ଗା ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ ରଖି ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ପାଳିତ



**ବେତନଟୀ,୩।୧୧ (ସଂଚାର ବ୍ୟୁରୋ):** ବେତନଟୀର ଶିବାଜୀ କ୍ଲବ ତରଫରୁ କଙ୍କାକାଳିଆ ଛକ ଦମୟନ୍ତୀ ମଣ୍ଡପରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପାଳନ ଉତ୍ସବ ପ୍ରାରମ୍ଭରେ ଶିବାଜୀ କ୍ଲବର ପ୍ରତିଷ୍ଠାତା ଦିବଂଗତ ଗୌରମୋହନ ମହାନ୍ତ, ଦିବଂଗତ ପୂର୍ବତନ ସଭାପତି ଦେବାନନ୍ଦ ମହାନ୍ତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସେମାନଙ୍କର ସ୍ମୃତିଚାରଣ କରାଯାଇଥିଲା ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ, ଧୂପ ଦୀପ ପ୍ରଦାନ କରି ଜୟନ୍ତୀ ପାଳନ ଆରମ୍ଭ କରାଯାଇଥିଲା। ପଦ୍ମମାଳୀ ମହିଳା ସଙ୍ଗଠନର ସମ୍ପାଦିକା ପ୍ରଭାତୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ପାଳନ ଉତ୍ସବରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସଭାପତି ତଥା ଶିବାଜୀ କ୍ଲବର ଉପସଭାପତି ସର୍ବେଶ୍ୱର ମହାନ୍ତ, ଶିକ୍ଷାବିତ ଗଙ୍ଗାଧର ମହାନ୍ତ, କବୟିତ୍ରୀ ସୁମତି ମହାନ୍ତ, ପଦ୍ମମାଳୀ ମହିଳା ସଂଗଠନର ଗୀତାଞ୍ଜଳୀ ଭୂୟାଁ, ଅନିନ୍ଦିତା ସାହୁ, ସୋନା ଖାତୁନ, ପିଙ୍କି ସ୍ୱାଇଁ, ହରିପ୍ରିୟା ଦାସ, ରୋଜାଲିନ ସାହୁ, ମିନତୀ ସାହୁ, କୁମୁଦିନୀ ମହାନ୍ତ ପ୍ରମୁଖ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ କାହାଣୀ ବିଷୟରେ ନିଜ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ।

### ଛଅ ମାସ ପରେ ମଧ୍ୟ ରାସ୍ତାର ପାର୍ଶ୍ୱରେ ପଡ଼ିପାରିଲାନି ମୋରମ

## ଉଠିଗଲାଣି ପିଚୁ, ବାଲିବସ୍ତା ପକାଇ ଲୁଚାଇବାକୁ ଉଦ୍ୟମ



**ବାଲିଆପାଳ,୩।୧୧ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ଠାରୁ କାଳରହି ପର୍ଯ୍ୟନ୍ତ ୫କି. ମି ରାସ୍ତାରୁ ୨ କି.ମି ରାସ୍ତା ଜଳସେଚନ ବିଭାଗ ପକ୍ଷରୁ ଛଅ ମାସ ତଳୁ କାମସରିଛି। ମାତ୍ର ଏଯାବତ ଦୁଇ ପାର୍ଶ୍ୱର୍ରେ ମୋରମ ପଡ଼ି ପାରିନାହିଁ। ଦୁଇ ପାର୍ଶ୍ୱରେ ଖାଲଖମାର ଭର୍ତ୍ତି।ଜାମକୁଣ୍ଡା ପଞ୍ଚାୟତର ପ୍ରାୟ ଦଶହଜାର ଲୋକ ଏବଂ ପନ୍ତେଇ ଘାଟରୁ ନଦୀ ପାର ହୋଇ ବାଲିଆପାଳକୁ ଭୋଗରାଇ ବ୍ଲକରୁ ଶହଶହ ଲୋକଙ୍କ ଯିବା ଆସିବା କରିବାର ଏହି ରାସ୍ତା ଏକ ମାତ୍ର ମାଧ୍ୟମ। ସ୍କୁଲ, ଏବଂ କଲେଜ ପିଲାମାନେ ମଧ୍ୟ ଏହି ରାସ୍ତାରେ ଯାବାଆସିବା କରନ୍ତି। ପାର୍ଶ୍ୱର୍ରେ ମୋରମ ନପଡ଼ିବା ଯୋଗୁଁ ରାସ୍ତା ସଂକୀର୍ଣ୍ଣ ହୋଇଥିବାରୁ ବହୁ ଦୁର୍ଘଟଣା ର ଶିକାର ହେଉଥିବାର ଅଭିଯୋଗ ହୋଇଆସୁଥିଲା। ଏପରିକି ଏହି ରାସ୍ତା ବନ୍ଧ ଉପର ହୋଇଥିବାରୁ ଦୁର୍ଘଟଣା ଘଟିଲେ ୯/୧୦ ଫୁଟ ତଳକୁ ପଡ଼ିଥିବାର ସମ୍ଭାବନା ରହିଛି। ଏତେ ନିମ୍ନମାନର କାର୍ଯ୍ୟ ହୋଇଛି ଯାହାକି ପିଚ ଉଠି ଗଲାଣି। ଅଧିକା ପିଚ ଉଠିବା ସମ୍ଭାବନା ଥିବାରୁ ବିଭାଗ ଏବଂ ଠିକାଦାରଙ୍କ ସଲାସୁତୁରାରେ ରାତି ଅଧରେ ବାଲି ବସ୍ତା ପକାଯାଇ ଲୁଚାଇବାକୁ ଉଦ୍ୟମ କରାଯାଇଛି ବୋଲି ଅସିତ୍ ସାମଲ, ହରି ନାରାୟଣ ସାହୁ, ଅଜୟ ସାମଲ, ଅସିତ ସାମଲ, ରାଧାଶ୍ୟାମ ବେହେରା, ପ୍ରଶାନ୍ତ ସାହୁ, ତାପସ ଜେନା ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ହଜାରିବାଗରେ କୁଡୁମୀ ଅଧିକାର ମହାରାଲିରେ ସେନାର ଯୋଗଦାନ



**ବେତନଟୀ,୩।୧୧(ସଂଚାର ବ୍ୟୁରୋ):** କୁଡୁମୀ ଜାତି ପ୍ରତି ହୋଇଥିବା ଐତିହାସିକ ଅନ୍ୟାୟ ବିରୁଦ୍ଧ ରେ ଝାଡ଼ଖଣ୍ଡ ରାଜ୍ୟର କୁଡୁମୀ ବିକାଶ ମୋର୍ଚ୍ଚା ତରଫରୁ ହଜାରିବାଗସ୍ଥିତ ସେଣ୍ଟ୍ କଲମ୍ବସ୍ କଲେଜ୍ ଗ୍ରାଉଣ୍ଡ ଠାରେ କୁଡୁମୀ ଅଧିକାର ମହାରାଲି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆସାମ ଏବଂ ଓଡ଼ିଶା ରାଜ୍ୟ ର ବରିଷ୍ଠ କୁଡୁମୀ ନେତୃବୃନ୍ଦ ଯୋଗ ଦେଇଥିଲେ। କୁଡୁମୀ ସେନାର ପ୍ରତିଷ୍ଠାତା ସଭାପତି ଶ୍ରୀ ଜୈମୁନୀ କୁମାର ମହାନ୍ତ ଅନ୍ୟତମ ଅତିଥି ଭାବେ ଏହି ମହାରାଲି ରେ ଯୋଗଦେଇ କୁଡୁମୀ ବହୁଳ ପାଞ୍ଚ ଗୋଟି ରାଜ୍ୟର ନେତୃବୃନ୍ଦ ନିଜ ନିଜ ଭିତରେ ସମନ୍ୱୟ ରଖି ଆନ୍ଦୋଳନକୁ ଅଧିକ ତୀବ୍ର କରିବାକୁ ଆହ୍ୱାନ ଦେଇଛନ୍ତି। କୁଡୁମୀ ଜାତି ପ୍ରତି କରାଯାଇଥିବା ଅନ୍ୟାୟକୁ ଇତିମଧ୍ୟରେ ପଞ୍ଚସ୍ତରୀ ବର୍ଷ ବିତି ଯାଇଥିବା ବେଳେ ସରକାର କ୍ରମାଗତ ଭାବେ ଆମ ଜାତି ପ୍ରତି ଅଣଦେଖା କରି ଆସିଛନ୍ତି। ତେଣୁ ଏହି ଆନ୍ଦୋଳନକୁ ଏକ ନିର୍ଣ୍ଣାୟକ ମୋଡ ଦେବାର ସମୟ ଆସି ଯାଇଛି ବୋଲି ଶ୍ରୀ ମହାନ୍ତ ଉଦବୋଧନ ଦେଇ କହିଛନ୍ତି।

## କେନାଲରୁ ମିଳିଲା ଯୁବକଙ୍କ ମୃତଦେହ




**ଦିଗପହଣ୍ଡି,୩।୧୧(ସଂଚାର ବ୍ୟୋରୋ):** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ରାଧାଦେଇପୁର ପଞ୍ଚାୟତ ଉସ୍ତା ଗ୍ରାମ ନିକଟ ଋଷିକୂଲ୍ୟା କେନାଲରୁ ସୋମବାର ସକାଳେ ପ୍ରାୟ ୪୦ ବର୍ଷ ବୟସର ଜଣେ ଯୁବକଙ୍କ ମୃତଦେହକୁ ପାଟପୁର ପୋଲିସ ଜବତ କରିଛନ୍ତି। ଥାନା ଅପମୃତ୍ୟୁ ମାମଲା ୨୫/୨୫ ଅନୁଯାୟୀ ଜବତ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଟିମ ମୃତଦେହ ଚିହ୍ନଟ ପାଇଁ କେନାଲ ସଂଲଗ୍ନ ବିଭିନ୍ନ ଗ୍ରାମରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସନ୍ଧ୍ୟା ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରି ନ ଥିବା ଆଇଆଇସି ଦୀପ୍ତି ରଞ୍ଜନ ବେହେରା କହିଛନ୍ତି।

## ସତରଞ୍ଜ ପ୍ରତିଯୋଗିତାରେ ପଞ୍ଚମ ସ୍ଥାନରେ ବବିତା



**ଲାଞ୍ଜିଗଡ଼,୩।୧୧(ସଂଚାର ବ୍ୟୋରୋ):** ଖୋର୍ଦ୍ଧା ସ୍ଥିତ ବିଜେବି ସରକାରୀ ଉଚ୍ଚ ବିଦ୍ୟାଳୟରେ ୬୯ତମ ରାଜ୍ୟ ସ୍ତରୀୟ ସତରଞ୍ଜ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି।ଉକ୍ତ ପ୍ରତିଯୋଗିତାରେ ଓଡିଶାର ସମସ୍ତ ଆଦର୍ଶ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଏଥିରେ କଳାହାଣ୍ଡି ଜିଲ୍ଲା ପକ୍ଷରୁ ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ଧଅରାଭଟା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାଳକ ବିଭାଗରୁ ୯ନବମ ଶ୍ରେଣୀ ଗୌତମ ହରିଜନ ଓ ବାଳିକ ବିଭାଗରୁ ବବିତା ଦୋରା ଅଂଶ ଗ୍ରହଣ କରିଥିଲେ।ସେଥି ମଧ୍ୟରୁ ବାଳିକା ବିଭାଗ ପକ୍ଷରୁ ଭୂବନଶ୍ୱରର ନିର୍ମଳା କୁଳେଇ ପ୍ରଥମ, ଗଞ୍ଜାମ ଜିଲ୍ଲାର ପ୍ରତ୍ୟୁଷା କର ଦିତୀୟ, କଟକ ଜିଲ୍ଲାର ଜୟିତା ବେହେରା ତୃତୀୟ, ସୁନ୍ଦରଗଡ଼ ଜିଲ୍ଲାର ଭାଗ୍ୟ ଶ୍ରୀସିଂ ଚତୁର୍ଥ ଏବଂ କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଲାଞ୍ଜିଗଡ଼ ବ୍ଲକର ବବିତା ଦୋରା ପଞ୍ଚମ ସ୍ଥାନ ଅଧିକାର କରିଥିବା ବେଳେ ଜିଲ୍ଲା ପକ୍ଷରୁ ଓ ଲାଞ୍ଜିଗଡ଼ ଶିକ୍ଷା ବିଭାଗ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଶାଙ୍କ ପାତ୍ର ସମେତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ଶୁଭଶ୍ରୀ ସାମନ୍ତରାୟ, ଶାରିରୀକ ଶିକ୍ଷକ ଅଜୟ କୁମାର ପଲେଇ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ର ଛାତ୍ରୀ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନାର ସୁଅ ଛୁଟୁଥିବା ଥିବା ବେଳେ ବିଦ୍ୟାଳୟରେ ଖୁସିର ଲହରୀ ଖେଳିଯାଇଛି।

## ସୁଆମ ଶାସନରେ ରାହାସ ପୂଜା ପାଇଁ ଉତ୍ସବ ମୁଖର

**ପାଟଣା,୩।୧୧(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ ପାଟଣା ପଞ୍ଚାୟତ ସୁଆମ ଶାସନରେ କାର୍ତ୍ତିକ ମାସ ଏକାଦଶୀ ଠାରୁ ରାଧା କୃଷ୍ଣଙ୍କ ଯୁଗଳ ମୂର୍ତ୍ତୀ ପୂଜା ଅନୁଷ୍ଠିତ ହୋଇଛି। କର୍ତ୍ତାଭାବେ ଦୁର୍ଗାମାଧବ ପତି ଶସ୍ତ୍ରିକ ପୂଜା ଅର୍ଚ୍ଚନା କରିଥିବା ବେଳେ ପଣ୍ଡିତ ପ୍ରମୋଦ କୁମାର ଦାଶ, ସୁଶାନ୍ତ ଶେଖର ଦାଶ, ମନରଞ୍ଜନଦାଶ ନୀତି କାନ୍ତିରେ ଦେବ ନୀତି ସମ୍ପାଦନ କରିଛନ୍ତି। ଧର୍ମମାସ କାର୍ତ୍ତିକ ଏକାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ରବିବାରଠାରୁ ବୁଧବାର ପର୍ଯ୍ୟନ୍ତ ଭଜନ, କଣ୍ଢେଇ ନାଚ,ଭଜନ ସମାରୋହ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ସଭାପତି ଚିରଞ୍ଜିବି ଦାଶ ପ୍ରକାଶ କରିଛନ୍ତି।

## କାର୍ତ୍ତିକ ପୂର୍ଣ୍ଣିମାରେ ଅଷ୍ଟ ପ୍ରହରୀ ନାମଯଜ୍ଞ

**ସୁବର୍ଣ୍ଣପୁର,୩।୧୧(ସଂଚାର ବ୍ୟୁରୋ):** ସୋନପୁର ସହର ସ୍ଥିତ ପଟାଭାଡ଼ି କମିଟିର ସଭାପତି ନକୁଳ ମେହେର ଙ୍କ ନେତୃତ୍ୱରେ ସୋମବାର ୨୨ ତମ ଅଷ୍ଟ ପ୍ରହରୀର ନାମଯଜ୍ଞ ର କଳସ ଯାତ୍ରା ଶୁଭାରମ୍ଭ ହୋଇଯାଇଛି। ସହରର ଲୋକନାଥ ମନ୍ଦିର ପୋଖରୀରୁ କଳସରେ ଜଳ ଅଭିଷେକ କରି ଶତାଧିକ ମହିଳା ସହର ପରିକ୍ରମା କରି ପ୍ରହରୀ ମଣ୍ଡଳୀ ରେ କଳସ ସ୍ଥାପନ କରିଥିଲେ। ଚଳିତ ବର୍ଷ ଆଶିଷ ମେହେର ସହ ଧର୍ମିଣୀ କୁମାରୀ ମେହେର କର୍ତ୍ତା ଭାବେ ଦାୟିତ୍ୱ ତୁଲାଉ ଥିବା ବେଳେ ତୁଗୁ ମିଶ୍ର ପୁଜକ ଭାବରେ ଦାୟିତ୍ୱ ତୁଲାଉଛନ୍ତି। ଚଳିତ ବର୍ଷ ଜିଲ୍ଲା ତଥା ଜିଲ୍ଲା ବାହାରୁ ମଧ ଅନେକ ସଂକୀର୍ତନ ମଣ୍ଡଳୀ ମାନେ ଯୋଗ ଦେବେ। ମଙ୍ଗଳବାର ନାମ ଆରମ୍ଭ ହେବ ଏବଂ ବୁଧବାର ପୂର୍ଣ୍ଣାହୂତି ହେବ ବୋଲି କମିଟି ସଭାପତି ଶ୍ରୀ ନକୁଳ ମେହେର ସୂଚନା ଦେଇଛନ୍ତି। ସମ୍ପାଦକ ରାମାଶଙ୍କର ମେହେର, ତୁଳସୀ ମେହେର, ହିମାଂଶୁ ମେହେର, ରାଧାମୋହନ ମେହେର ସମେତ ଅଞ୍ଚଳ ସମସ୍ତ ପରିବାର ସାମିଲ ହୋଇଥିଲା। ଚଳିତ ବର୍ଷ ଏହି ନାମଯଜ୍ଞକୁ ଆସି ଉପସ୍ଥିତ ରହି ଭଗବାନଙ୍କ ଆଶୀର୍ବାଦ ପାଇବା ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

## ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କଲେ ଓସେପାର ଯୁଗ୍ମ ନିର୍ଦ୍ଦେଶକ



**ବୈଶିଙ୍ଗା,୩।୧୧(ସଂଚାର ବ୍ୟୋରୋ):** ବେତନଟୀ ବ୍ଲକ ଅନ୍ତର୍ଗତ ଖଇରବଣି ଆଶ୍ରମକୁ ଆଜି ୩ ତାରିଖ ଓସେପା ର ଶିକ୍ଷା ବିଭାଗ ର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ଜିତେନ୍ଦ୍ର ନାୟକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ରାଜ୍ୟ ସ୍ତରୀୟ ଚୟନ ପାଇଁ ସ୍ଥିତି ଅନୁଧ୍ୟାନ ଓ ଯାଞ୍ଚ ପାଇଁ ପରିଦର୍ଶନ ରେ ଆସିଥିଲେ। ଏହି ଅବସରରେ ତାଙ୍କୁ ଜିଲ୍ଲାର ବିଜ୍ଞାନ ପରିଦର୍ଶକ ଶ୍ରୀ ଜ୍ଞାନରଞ୍ଜନ ଆଚାର୍ଯ୍ୟ ସହଯୋଗ କରିଥିଲେ। ବିଦ୍ୟାଳୟ ର ଶୈକ୍ଷିକ ବାତାବରଣ, ଶ୍ରେଣୀଗୃହ ଶିକ୍ଷାଦାନ, ପରିବେଶ ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ର ସଦସ୍ୟ, ପୁରାତନ ଛାତ୍ର ସଂସଦ ର ସଭ୍ୟ ସଭ୍ୟା ତଥା ଅଭିଭାବକ ମାନଙ୍କ ସହ ବିଭିନ୍ନ ଦିଗ ଉପରେ ଆଲୋଚନା କରି ବୁଝିଥିଲେ। ପିଲାମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ଦିଗରେ ସୃଜନାତ୍ମକ କାର୍ଯ୍ୟ କରିବା ପାଇଁ ଶିକ୍ଷକ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ବିନତା ଦାଶ ଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଣ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ ।

## ଉପ- ନିର୍ବାଚନ ପ୍ରଚାରରେ ବଡ଼ସାହି ବିଧାୟକ



**ବେତନଟୀ,୩।୧୧(ସଂଚାର ବ୍ୟୋରୋ):** ନୂଆପଡା ଉପନିର୍ବାଚନ ରାଜ୍ୟରାଜନୀତିକୁ ସରଗରମ କରିଥିବା ବେଳେ ସମସ୍ତଙ୍କର କେନ୍ଦ୍ରବିନ୍ଦୁ ପାଲଟିଥିବା ନୂଆପଡା ଉପ- ନିର୍ବାଚନର ପ୍ରଚାର ମଇଦାନରେ ସାମିଲ ହୋଇଛନ୍ତି ବଡସାହି ନିର୍ବାଚନମଣ୍ଡଳୀର ମାନ୍ୟବର ବିଧାୟକ ସନାତନ ବିଜୁଳି। ବଡ଼ସାହି ନିର୍ବାଚନ ମଣ୍ଡଳୀରୁ ଦୁଇଦୁଇଥର ବିଧାୟକ ସନାତନ ବିଜୁଳି ଉପନିର୍ବାଚନ ପ୍ରଚାର ମଇଦାନରେ ସାମିଲ ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନ ନୂଆପଡା ଉପନିର୍ବାଚନକୁ ନେଇ ସମସ୍ତ ରାଜନୈତିକ ଦଳ ଜୋରଦାର ଅଙ୍କ କଷୁଥିବା ବେଳେ ବିଧାୟକ ସନାତନ ବିଜୁଳିଙ୍କ ଯୋଗଦାନପରେ ସେଠାରେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି। ଦଳପକ୍ଷରୁ ବିଧାୟକ ସନାତନ ବିଜୁଳିଙ୍କୁ ସେଠାରେ ଭବ୍ୟ ସ୍ୱାଗତ ଜଣାଯାଇଛି। ବିଧାୟକ ଶ୍ରୀଯୁକ୍ତବିଜୁଳିଙ୍କୁ ନୂଆପଡା ଜିଲ୍ଲା ତଥା ବ୍ଲକ ଅଧୀନ ୯ନମ୍ବର ଜୋନ ଯୋଗେଶ୍ୱର ମଣ୍ଡଳ ତଥା ସାଇପଲା ଗ୍ରାମପଞ୍ଚାୟତର ଦାୟୀତ୍ୱ ପ୍ରଦାନ କରିଛନ୍ତି। ସେଠାରେ ବିଧାୟକ ସନାତନ ବିଜୁଳି ଘରକୁ ଘର ଯାଇ ଭୋଟରଙ୍କୁ ସାକ୍ଷାତ କରିବା ସହିତ ଦେଳୀୟ ପ୍ରାର୍ଥ ଜୟ ଡୋଲକିଆଙ୍କ ପାଇଁ ଭୋଟ ସଂଗ୍ରହ କରୁଛନ୍ତି। ନିଜର ଦୁଇ ଦୁଇ ଥର ବିଧାୟକ ହେବାର ଅଭିଜ୍ଞତା ଏବଂ ଦୀର୍ଘଦିନର ରାଜନୈତିକ ଅନୁଭୂତି ତଥା ଡବଲ ଇଞ୍ଜିନ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଐତିହାସିକ ନିଷ୍ପତ୍ତିକୁ ନେଇ ଭୋଟରଙ୍କୁ ସଚେତନ କରିବା ସହିତ ଦଳୀୟ ପ୍ରାର୍ଥ ଡୋଲକିଆଙ୍କ ପାଇଁ ଭୋଟର ମାନଙ୍କ ସମର୍ଥନ ଲୋଡୁଛନ୍ତି।

## କିଆକଚ୍ଛାର ଗ୍ରାମରେ କାର୍ତ୍ତିକ ପୂଜା



**ସୁନ୍ଦରଗଡ଼,୩।୧୧(ସଂଚାର ବ୍ୟୁରୋ):** ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ କିଆକଚ୍ଛାର ଗ୍ରାମରେ ପ୍ରତିବର୍ଷ ପରି ଚଳିତ ବର୍ଷ ବି କାର୍ତ୍ତୀକ ପଞ୍ଚୁକରେ କାର୍ତ୍ତୀକ ପୁଜା ଆରମ୍ଭ ହୋଇଯାଇଛି। ପ୍ରାୟ ବାଇଶ ବର୍ଷ ତଳୁ ଆରମ୍ଭ ହୋଇଥିବା ଏହି କାର୍ତ୍ତୀକ ପୁଜା ସ୍ଥାନୀୟ ଅଞ୍ଚଳରେ ମହା ଆଡମ୍ବର ସହକାରେ ପାଳିତ ହୋଇଥାଏ। ଚଳିତ ବର୍ଷ ପୂଜାରେ ସିତାକାନ୍ତ ପଶାୟତ ଓ ଆରତି ପଶାୟତ କର୍ତ୍ତା ରୁପେ ଦାୟୀତ୍ୱ ନିର୍ବାହ କରିଥିବା ବେଳେ କିଆକଚ୍ଛାର କାର୍ତ୍ତୀକ ପୂଜା କମୀଟି ସଦସ୍ୟ ଗୁଗୁଲ ନାଏକ, ବିଭୁ ନାଏକ, ପ୍ରତିକ ସେଠ୍, ସ୍ୱସ୍ତୀକ ସେଠ୍, ପ୍ରିଥିବି ଭୋଲ, ସାଗର କୁମାର, ଭବ୍ୟ ନାଏକ, ଆକାଶ ପସାୟତ, ଏକାଂଶ ବେହେରା ଓ ସ୍ୱରଜ ସହଯୋଗ କରିଥିଲେ। କାର୍ତ୍ତୀକ ମାସ ପଞ୍ଚୁକ ପାଞ୍ଚ ଦିନ ଧରି ଏହି ପୂଜା ପାଳନ ହେଉଥିବା ବେଳେ ଶେଶ ଦିନ ଗ୍ରାମରେ ଅନ୍ନ ଭୋଗର ବ୍ୟବସ୍ଥା ମଧ୍ୟ କରାଯାଇ ଥାଏ ବୋଲି ପୂଜା କମିଟି ତରଫରୁ ସୂଚନା ମିଳିଛି।

## ପୁଣି ଦୁର୍ଗମ ଅଞ୍ଚଳରୁ ଆସିଲା ଦାଦନ ଦୁଃଖ



**ଥୁଆମୂଳ ରାମପୁର,୩।୧୧(ସଂଚାର ବ୍ୟୋରୋ):** ରାଜ୍ୟ ତଥା କଳାହାଣ୍ଡି ଜିଲାରେ ଦାଦନ ଶ୍ରମିକ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ସେଠାରେ ମୃତ୍ୟୁ ନଚେତ୍ ନିଖୋଜ ଘଟଣା ମଧ୍ୟ ଥମିବାର ନାଁ ନେଉନାହିଁ। ଗାଁରେ କାମଧନ୍ଦା ଅଭାବ ଯୋଗୁ ପରିବାର ପ୍ରତିପୋଷଣ ଉପାୟ ନପାଇ ବାଧ୍ୟ ହୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଗତ କିଛି ଦିନ ତଳେ ପୋଡ଼ାପଦର ଗ୍ରାମ ପଞ୍ଚାୟତ ଅଧିନରେ ଥିବା କାରବାଡ଼ି ଗ୍ରାମର ଜନୈକଙ୍କ ପୁଅ ଆନ୍ଦାର ମାଝୀ (୨୫) ଦାଦନ ଖଟିବା ପାଇଁ ଘରୁ ବାହାରି ଆନ୍ଧ୍ରପ୍ରଦେଶ ଯାଇଥିଲେ । କିଛି ଦିନ କାମ କରିବା ପରେ ଟ୍ରେନ ଲାଇନ୍‌ରେ କଟି ମତ୍ୟୁ ବରଣ କରିଥିଲେ। ତେବେ ଆଉ ଏକ ଦାଦନ ଶ୍ରମିକ ମୃତ୍ୟୁବରଣ କରିଥିବା ଘଟଣା ଏବେ ସମ୍ମାନକୁ ଆସିଛି। ବ୍ଲକର କାଣିଗୁମା ଗ୍ରାମପଞ୍ଚାୟତରୁ ସୂଚନାଯୋଗ୍ୟ, ଗତ ୧୫ ଦିନ ତଳେ କାଣିଗୁମା ଗ୍ରାମ ପଞ୍ଚାୟତ ଅଧିନରେ ଥିବା ଜବାଙ୍ଗ ଗ୍ରାମର ଜନୈକ ବ୍ୟକ୍ତି ଶୁକ୍ରୁ ମାଝୀଙ୍କ ପୁଅ ଉଦୟ ମାଝୀ (୩୬) ଗାଁରେ କାମଧନ୍ଦା ଅଭାବରୁ ଝିଅର ଉଚ୍ଚ ଶିକ୍ଷା ପାଇଁ କେରଳ ରାଜ୍ୟର କୋଝିକୋଡେ ଜିଲା ଏଲାଥୁର ଥାନା ଅନ୍ତର୍ଗତ କାକ୍କୁର ଗ୍ରାମଠାରେ ଏକ ଠିକ ସଂସ୍ଥାଙ୍କ ପାଖରେ କାମ କରିବାକୁ ଯାଇଥିଲେ । ହେଲେ ଗତ ୧ ତାରିଖରେ ସେଠାରେ କାମ କରୁଥିବା ସମୟରେ ଘର ସୁରକ୍ଷା ପାଚେରୀ କାନ୍ଥ ଭୁଷୁଡ଼ି ତାଙ୍କ ଉପରେ ପଡିବାରୁ କାନ୍ଥ ତଳେ ଚାପି ହୋଇ ଗୁରୁତର ହୋଇ ଥିଲେ। ପରେ ସ୍ଥାନୀୟ କିଛି ସାମ୍ବାଦିକ ଓ ପୋଲିସ ପ୍ରଶାସନ ମିଳିତ ଉଦ୍ୟମରେ ସେଠାରୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ହେଲେ ତାଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ।




# ରାତିରେ ମୁଣ୍ଡ ପାଖରେ ମୋବାଇଲ୍ ଫୋନ୍ ରଖି ଶୋଉଥିଲେ ସାବଧାନ



ଅନେକ ଲୋକ ସକାଳେ ମୁଣ୍ଡବିନ୍ଧା ଏବଂ ଆଖି ଯନ୍ତ୍ରଣା ଅନୁଭବ କରନ୍ତି। ଲୋକମାନେ ପ୍ରାୟତଃ ଭାବନ୍ତି ଯେ ଏହା ବିଳମ୍ବରେ ଶୋଇବା ଯୋଗୁଁ ହେଉଛି, କିନ୍ତୁ ଏଥିପାଇଁ ଆପଣଙ୍କ ମୋବାଇଲ୍ ଫୋନ୍ ଦାୟୀ ହୋଇପାରେ। ପ୍ରକୃତରେ, ଅଧିକାଂଶ ଲୋକ ମୋବାଇଲ୍ ଫୋନ୍ ନିଜ ତକିଆ ତଳେ କିମ୍ବା ମୁଣ୍ଡ ପାଖରେ ରଖି ଶୋଇପାରନ୍ତି। ମୋବାଇଲ୍ ଫୋନ୍‌ରେ କ୍ଷତିକାରକ ରେଡ଼ିଏସନ୍ ଥାଏ ଯାହା ନିରନ୍ତର ନିର୍ଗତ ହୁଏ। ଏହା ମସ୍ତିଷ୍କ ଉପରେ କ୍ଷତିକାରକ ପ୍ରଭାବ ପକାଏ। ତେବେ ଆସନ୍ତୁ ଫୋନ୍ ରେଡ଼ିଏସନର ସମ୍ଭାବ୍ୟ କ୍ଷତି ବିଷୟରେ ଜାଣିବା। ମୋବାଇଲ୍ ଫୋନ୍ ଦ୍ୱାରା ନିର୍ଗତ ନୀଳ ଆଲୋକ ନିଦ ଆଣିବା ହରମୋନ୍ ମେଲାଟୋନିନକୁ ବାଧା ଦେଇପାରେ। ମୋବାଇଲ୍ ଫୋନରୁ ବାହାରୁଥିବା ରେଡ଼ିଏସନ୍ ନିଦ ଗୁଣବତ୍ତା ଉପରେ ପ୍ରଭାବ ପକାଇପାରେ ଏବଂ ମୁଣ୍ଡବିନ୍ଧା ଏବଂ ଆଖିରେ ପ୍ରେସର ପକାଇଥାଏ। ଆପଣଙ୍କ ମୋବାଇଲ୍ ଫୋନ୍‌କୁ ଆପଣଙ୍କ ବିଛଣାଠାରୁ ଅତି କମରେ ତିନି ଫୁଟ ଦୂରରେ ରଖିବା ଉଚିତ। ଏହା ଦ୍ୱାରା ଆପଣ ନିଜକୁ କ୍ଷତିକାରକ ରେଡ଼ିଏସନରୁ ରକ୍ଷା କରିପାରିବେ। ମୋବାଇଲ୍ ଫୋନ୍ ସହିତ ଜଡିତ ରେଡିଓ ଫ୍ରିକ୍ୱେନ୍ସି ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ କ୍ଷେତ୍ରର ଶକ୍ତି ବହୁତ ଅଧିକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅର୍ଥାତ 'ହୁ' କହିଛି ଯେ ଫୋନ୍‌ରୁ ବାହାରୁଥିବା ଆରଏଫ ରେଡ଼ିଏସନ୍ ମସ୍ତିଷ୍କ କ୍ୟାନ୍ସର ରୋଗର ଆଶଙ୍କା ବଢ଼ାଇପାରେ। ଯଦି ଆପଣ ଆପଣଙ୍କର ମୋବାଇଲ୍ ଫୋନ୍ ନିଶାକୁ ଦୂର କରିବାକୁ ଚାହାଁନ୍ତି, ତେବେ ରାତିରେ ଆପଣଙ୍କ ଫୋନ୍ ସାଇଲେଣ୍ଟ କରନ୍ତୁ। ଆଲାର୍ମ ପାଇଁ ଘଣ୍ଟା ବ୍ୟବହାର କରନ୍ତୁ। ଏହା ସହିତ, ଆପଣଙ୍କ ଫୋନ୍ ବ୍ୟବହାର କରିବା ପରିବର୍ତ୍ତେ ବହି ପଢ଼ିବା ଆରମ୍ଭ କରନ୍ତୁ। ବହି ପଢ଼ିବା ଏକ ଭଲ ଅଭ୍ୟାସ ଏବଂ ଏହା ଆପଣଙ୍କୁ ଠିକ୍ ସମୟରେ ଶୋଇବାରେ ସାହାଯ୍ୟ କରେ।



# ଶୀତଦିନେ ମୁହଁରେ ଲଗାନ୍ତୁ ଆଲମଣ୍ଡ ଫେସ୍ ପ୍ୟାକ୍

ଶୀତଦିନ ଆସିବା ମାତ୍ରେ ସ୍କିନ ବହୁତ ଡ୍ରାଏ ହୋଇଯାଏ। ଥଣ୍ଡା ପବନ ଯୋଗୁଁ ଏହି ସମୟରେ ମୁହଁ ଶୁଷ୍କ ହୋଇଯାଏ। ଯଦି ଆପଣ ମଧ୍ୟ ଏପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ଆପଣ ଏଥିପାଇଁ ଆଲମଣ୍ଡ ବ୍ୟବହାର କରିପାରିବେ। ଡ୍ରାଏ ଫ୍ରୁଟସ୍ ମଧ୍ୟରେ ଆଲମଣ୍ଡକୁ ସବୁଠାରୁ ସ୍ୱାସ୍ଥ୍ୟକର ବୋଲି ବିବେଚନା କରାଯାଏ। କିନ୍ତୁ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଆଲମଣ୍ଡ ତ୍ୱଚା ପାଇଁ ଯେତିକି ଲାଭଦାୟକ, ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେତିକି ଲାଭଦାୟକ। ଆଲମଣ୍ଡରେ ଭିଟାମିନ୍ 'ଇ' ଥାଏ, ଯାହା ତ୍ୱଚାକୁ ନରମ ଏବଂ ଚମକଦାର କରିଥାଏ। ତେଣୁ ଆପଣ ଆଲମଣ୍ଡକୁ କ୍ଷୀର ସହିତ ମିଶାଇ ମୁହଁରେ ଲଗାଯାଇପାରିବ। ଆଲମଣ୍ଡ ଏବଂ କ୍ଷୀରର ମିଶ୍ରଣ ମୁହଁରେ ଲଗାଇବା ଦ୍ୱାରା ବାର୍ଦ୍ଧକ୍ୟ, କୁଞ୍ଚନ ଏବଂ ଫାଇନ୍ ଲାଇନ୍ ହ୍ରାସ ପାଇଥାଏ। ଏହା କଳାଦାଗ ଏବଂ ହ୍ୱାଇଟ୍ ହେଡ୍ସକୁ ମଧ୍ୟ ହ୍ରାସ କରିପାରିବ। ତେବେ ଆସନ୍ତୁ ଜାଣିବା ଆଲମଣ୍ଡ ଏବଂ କ୍ଷୀରର ମିଶ୍ରଣ କେବେ ଏବଂ କେତେ ସମୟ ପାଇଁ ଲଗାଇବା ଉଚିତ?

**କିପରି ତିଆରି କରିବେ ଆଲମଣ୍ଡ ଫେସ୍ ପ୍ୟାକ୍?**

ମୁହଁରେ ଆଲମଣ୍ଡ ପ୍ୟାକ୍ ଲଗାଇବା ପାଇଁ, ପ୍ରଥମେ କିଛି ଆଲମଣ୍ଡକୁ ରାତିସାରା ପାଣିରେ ବୁଡ଼ାଇ ରଖନ୍ତୁ। ଯଦି ଆପଣ ଚାହାଁନ୍ତି, ତେବେ ଆଲମଣ୍ଡକୁ କିଛି ସମୟ ପାଇଁ ମଧ୍ୟ ଭିଜାଇପାରିବେ। ଏହାପରେ ଆଲମଣ୍ଡରେ କଞ୍ଚା କ୍ଷୀର ମିଶାନ୍ତୁ ଏବଂ ଉଭୟ ଜିନିଷକୁ ଏକ ରୋଲିଂ ବୋର୍ଡ କିମ୍ବା ଅନ୍ୟ କୌଣସି ସ୍ଥାନରେ ପେଶି ଏକ ଭଲ ପେଷ୍ଟ ତିଆରି କରନ୍ତୁ। ଏଥିରେ ୧ ଚାମଚ କ୍ଷୀର ମିଶାନ୍ତୁ। ଏବେ ଏହାକୁ ମୁହଁରେ ଲଗାନ୍ତୁ ଏବଂ ପ୍ରାୟ ଅଧ ଘଣ୍ଟା ପାଇଁ ଏପରି ଛାଡି ଦିଅନ୍ତୁ। ଯେତେବେଳେ ଏହା ସମ୍ପୂର୍ଣ୍ଣ ଶୁଖିଯିବ ପାଣିରେ ମୁହଁ ଧୋଇ ଦିଅନ୍ତୁ।

**ଆଲମଣ୍ଡ ଫେସ୍ ପ୍ୟାକର ଲାଭ**

- ଡ୍ରାଏ ସ୍କିନ୍ ଥିବା ଲୋକମାନେ ନିଶ୍ଚିତ ଭାବରେ ଏହି ଆଲମଣ୍ଡ ଏବଂ କ୍ଷୀର ପ୍ୟାକ୍ ଲଗାଇବା ଉଚିତ। ଏହା ତ୍ୱଚାକୁ ନରମ କରିଥାଏ ଏବଂ ମୁହଁରେ ଚମକ ଆଣିଥାଏ।
- ଏହି ଆଲମଣ୍ଡ ଏବଂ କ୍ଷୀର ପ୍ୟାକ୍ ଦାଗ, କଳା ଦାଗ ଏବଂ କୁଞ୍ଚନକୁ କମ କରିବାରେ ସାହାଯ୍ୟ କରିବ।
- କଞ୍ଚା କ୍ଷୀର ଏବଂ ଆଲମଣ୍ଡର ମିଶ୍ରଣ ଲଗାଇବା ଦ୍ୱାରା ଆପଣଙ୍କ ତ୍ୱଚା ଉଜ୍ଜ୍ୱଳ ହେବା ସହ ବାର୍ଦ୍ଧକ୍ୟ ଲକ୍ଷଣକୁ ହ୍ରାସ କରିଥାଏ। ଯାହାଦ୍ୱାରା ଆପଣ ଅଧିକ ସମୟ ପାଇଁ ଯୁବା ଦେଖାଯିବେ।
- ତ୍ୱଚାରୁ କଳାଦାଗ କମାଇବା ପାଇଁ ଆଲମଣ୍ଡ ଏବଂ କଞ୍ଚା କ୍ଷୀର ଖୁବ ପ୍ରଭାବଶାଳୀ ହୋଇଥାଏ।


# ବ୍ରଣ ପାଇଁ ଚିନ୍ତିତ କି?



ବର୍ତ୍ତମାନ ପିଢିର ଲୋକମାନେ ସେମାନଙ୍କ ତ୍ୱଚାକୁ ନେଇ ବେଶୀ ସଚେତନ ରହୁଛନ୍ତି। ବିଶେଷ କରି ଝିଅମାନେ ଏଥିପ୍ରତି ବେଶୀ ଧ୍ୟାନ ଦେଉଛନ୍ତି। ସୁନ୍ଦର ତ୍ୱଚା ପାଇଁ ଅନେକ କିଛି ଉପାୟ ଆପଣାଉଛନ୍ତି। ଏଥିସହ ସୁନ୍ଦର ଚେହେରା ପାଇଁ ଅନେକ ଟଙ୍କା ମଧ୍ୟ ଖର୍ଚ୍ଚ କରୁଛନ୍ତି। ଆଜିକାଲି ପ୍ରାୟତଃ ଲୋକଙ୍କ ତ୍ୱଚାରେ ବ୍ରଣ ହେବା ଖୁବ୍ ସାଧାରଣ କଥା ହୋଇଗଲାଣି। ବ୍ରଣ ଜନିତ ସମ୍ୟାରୁ ମୁକ୍ତି ପାଇବା ପାଇଁ ମଧ୍ୟ ଅଧିକାଂଶ ଲୋକେ ବହୁତ କିଛି ଦାମିକିଆ କ୍ରିମ୍ର ବ୍ୟବହାର କରୁଛନ୍ତି। ଯାହା କିନ୍ତୁ ପରବର୍ତ୍ତୀ ସମୟରେ ତ୍ୱଚା ଉପରେ ଖରାପ ପ୍ରଭାବ ପକାଇଥାଏ। ସ୍କିନ କେୟାର ସହି ଏକ ସନ୍ତୁଳିତ ଖାଦ୍ୟର ଆବଶ୍ୟକତା ରହିଛି। ଯାହା ତ୍ୱଚାକୁ ସୁନ୍ଦର କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ। ଏମିତି କିଛି ଜିନିଷ ଅଛି ଯାହା କମ୍ ମୂଲ୍ୟରେ ଆପଣଙ୍କ ତ୍ୱଚାରେ ହୋଇଥିବା ବ୍ରଣ ସମସ୍ୟାକୁ ଦୂର କରିବ। ତେବେ ଆସନ୍ତୁ ସେମିତି କିଛି ଜିନିଷ ସମ୍ପର୍କରେ ଜାଣିବା। ଅଲିଭ୍ ଅଏଲ୍ ତ୍ୱଚା ପାଇଁ ଲାଭଦାୟକ ହୋଇଥାଏ। ଯାହା ବ୍ରଣ ଜନିତ ସମସ୍ୟାରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ। ଲେମ୍ବୁ ରସ ଏସିଡିଟିକୁ ବାହାର କରିବା ସହ ସାଇଟ୍ରିକ୍ ଏସିଡ ଦ୍ୱାରା ଲିଭରକୁ ସଫା ରଖିଥାଏ। ଏଥିସହ ରକ୍ତକୁ ମଧ୍ୟ ସଫା ରଖିଥାଏ। ଯାହା ଦ୍ୱାରା ସହଜରେ ଆମ ଚେହେରାରେ ଚମକ ଆସିଥାଏ। ଆମ ତ୍ୱଚାରୁ ବ୍ରଣକୁ ଦୂର କରିବା ପାଇଁ ତରଭୁଜ ବେଶ୍ ଲାଭଦାୟକ ହୋଇଥାଏ। ଏଥିରେ ଭିଟାମିନ୍ ଏ, ବି ଏବଂ ସି ଭରପୁର ମାତ୍ରାରେ ରହିଥାଏ। ଯାହା ବ୍ରଣରୁ ବ୍ଯାକ୍ଟେରିଆକୁ ନଷ୍ଟ କରିବା ସହ ଦାଗ ଦୂର କରିଥାଏ। କ୍ଷୀରରେ ଭିଟାମିନ୍ ଏ ରହିଛି। ଯାହା ଉଜ୍ଜ୍ୱଳ ତ୍ୱଚା ପାଇଁ ବିଶେଷ ଲାଭଦାୟକ ବୋଲି ପ୍ରମାଣିତ ହୋଇଛି।

ଷ୍ଟ୍ରବେରୀରେ ଭିଟାମିନ୍ ବି, ଆଣ୍ଟିଅକ୍ସିଡେଣ୍ଟ ଏବଂ ଫାଇବର ଭରପୂର ମାତ୍ରାରେ ରହିଛି। ଏହାର ସେବନ ତ୍ୱଚାକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିଥାଏ। ଦହିରେ ଆଣ୍ଟିଫଙ୍ଗଲ ଗୁଣ ଥିବାରୁ ତ୍ୱଚାକୁ ସଫା କରିବା ସହ ବ୍ରଣରୁ ରକ୍ଷା କରିଥାଏ ଏବଂ ଦାଗ ଦୂର କରିଥାଏ। ନିୟମିତ ଭାବେ ଅଖରୋଟ ଖାଇବା ଦ୍ୱାରା ତ୍ୱଚା ନରମ ହୋଇଥାଏ। ଅଖରୋଟର ତେଲରେ ମଧ୍ଯ ଲେନୋଲେଇକ ଏସିଡି ରହିଥାଏ। ଯାହା ତ୍ୱଚାରେ କୁଞ୍ଚନ ପଡିବାରୁ ରୋକିଥାଏ। ସେଓରେ ଅନେକ ପ୍ରୋଟିନ୍ ରହିଛି। ଯାହାକୁ ବ୍ରଣର ଶତ୍ରୁ ବୋଲି ବିବେଚନା କରାଯାଏ। ଆମ ଶରୀରରେ ପାଣିର ଆବଶ୍ୟକତା ଖୁବ୍ ଅଧିକ ରହିଛି। ପାଣି ପିଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦୂର ହୋଇଥାଏ। କିନ୍ତୁ ଭଲ ତ୍ୱଚା ପାଇଁ ମଧ୍ୟ ଲାଭକାରୀ ହୋଇଥାଏ ପାଣି। ଠିକ୍ ପରିମାଣର ପାଣି ପିଇବା ଦ୍ୱାରା ତ୍ୱଚା ଜନିତ ସମସ୍ତ ସମସ୍ୟାରୁ ରକ୍ଷା କରିଥାଏ।

# ରାତିରେ ଭାତ ଖାଇବା ଦ୍ୱାରା ଓଜନ ବଢ଼ିଥାଏ କି?



ସୁସ୍ୱାସ୍ଥ୍ୟ ପାଇଁ ସୁସ୍ଥ ଖାଦ୍ୟ ଅତ୍ୟନ୍ତ ଜରୁରୀ। ଲୋକେ ରୁଟି, ପନିପରିବା, ଡାଲି ଏବଂ ଭାତ ଖାଇଥାନ୍ତି। ଭାତ ଅଧିକ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ସେହିପରି ରାତିରେ ଭାତ କାହିଁକି ଖାଇବା ଉଚିତ୍ ନୁହେଁ? ଏହା ଆୟୁର୍ବେଦରେ ଉଲ୍ଲେଖ କରାଯାଇଛି। ଆୟୁର୍ବେଦରେ ଭାତ ବିଷୟରେ ବିସ୍ତୃତ ବର୍ଣ୍ଣନା କରାଯାଇଛି। ଭାତକୁ ଥଣ୍ଡା ଏବଂ ନରମ ଭାବରେ ବିବେଚନା କରାଯାଇଛି। ପୁରୁଣା ଚାଉଳକୁ ହାଲୁକା ବୋଲି ବିବେଚନା କରାଯାଇଥାଏ। ଅପରପକ୍ଷରେ ନୂଆ ଚାଉଳରୁ ପ୍ରସ୍ତୁତ ଭାତ ଭାରୀ ଏବଂ ହଜମ କରିବା କଷ୍ଟକର ହୋଇଥାଏ। ରାତିରେ ଶରୀରର ହଜମ ଶକ୍ତି ଦୁର୍ବଳ ହୋଇଯାଏ। କାରଣ ରାତିରେ ସୂର୍ଯ୍ୟ ନଥାନ୍ତି। ଦିନ ବେଳେ ସୂର୍ଯ୍ୟ ଥିବାରୁ ଗରିଷ୍ଠ ଖାଦ୍ୟ ଖାଇଲେ ସହଜରେ ହଜମ ହୋଇଯାଇଥାଏ। ମାତ୍ର ରାତିରେ ଏହା ସମ୍ଭବ ହୋଇ ପାରି ନଥାଏ। ତେଣୁ ରାତିରେ ଭାତ ଖାଇବା ଦ୍ୱାରା ଏହା ହଜମ କରିବା କଷ୍ଟକର ହୋଇଥାଏ। ଯାହା ଫଳରେ ଗ୍ୟାସ, ବଦହଜମୀ ଏବଂ ଭାରୀପଣ ଅନୁଭବ ହୁଏ। ଭାତର ପୁଷ୍ଟିକର ମୂଲ୍ୟ ବିଷୟରେ କହିବାକୁ ଗଲେ, ଏଥିରେ କାର୍ବୋହାଇଡ୍ରେଟ୍ ଅଧିକ ଥାଏ। ଯଦିଓ ଏହା ଶକ୍ତି ପ୍ରଦାନ କରେ, କିନ୍ତୁ ରାତିରେ ମେଟାବୋଲିଜିମ୍ ଧୀର ହେବା ଯୋଗୁ ଶରୀର ଏହାକୁ ସମ୍ପୂର୍ଣ୍ଣ ଭାବରେ ହଜମ କରିପାରେ ନାହିଁ, ଯାହା ଫଳରେ ଗ୍ୟାସ୍, ପେଟ ଫୁଲିବା ଏବଂ ଏସିଡିଟି ଭଳି ସମସ୍ୟା ହୋଇଥାଏ। ଯଦି ରାତିରେ ଭାତ ଖାଇବା ପରେ ତୁରନ୍ତ ଶୋଇଗଲେ, ଉତ୍ପନ୍ନ ଶକ୍ତି ବ୍ୟବହାର ହୁଏ ନାହିଁ ଏବଂ ଏହା ଚର୍ବି ଭାବରେ ଶରୀରରେ ସଞ୍ଚିତ ହୋଇଥାଏ । ତେଣୁ, ଏହା ଦ୍ୱାରା ଶରୀରର ଓଜନ ବୃଦ୍ଧି ହୋଇଥାଏ। ତେଣୁ ରାତ୍ରୀ ଭୋଜନରୁ ଭାତକୁ ସମ୍ପୂର୍ଣ୍ଣ ଭାବରେ ବାଦ ଦେବା ଅନୁଚିତ। ରାତିରେ ହାଲୁକା ଖାଦ୍ୟ ଖାଇଲେ ଭଲ। ଉଦାହରଣ ସ୍ୱରୂପ, ମୁଗ ଡାଲି ଖିଚଡି, ଜିରା ଭାତ, କିମ୍ବା ପନିପରିବା ସହିତ ଭାତ ହଜମ କରିବା ସହଜ ଏବଂ ଏହା ଦ୍ୱାରା ଶରୀର ଭାରାକ୍ରାନ୍ତ ହୁଏ ନାହିଁ। ଯଦି ରାତିରେ ଭାତ ଖାଇବାକୁ ପଡୁଛି ତେବେ ଖାଇବା ପୂର୍ବରୁ ଉଷୁମ ପାଣି କିମ୍ବା ସୁପ୍ ପିଇଲେ; ଏହା ପାଚନ ଶକ୍ତିକୁ ସକ୍ରିୟ କରିଥାଏ। ରାତିରେ ଭାତ ପାଇଁ ବ୍ରାଉନ ରାଇସ୍ କିମ୍ବା ପୁରୁଣା ଚାଉଳ ବ୍ୟବହାର କରନ୍ତୁ। ଯେଉଁଥିରେ ଫାଇବର ଅଧିକ ଏବଂ ଷ୍ଟାର୍ଚ କମ୍ ଥାଏ। ଏହା ସହିତ ଖାଦ୍ୟରେ ଅଳ୍ପ ଗୁଆଘିଅ ମିଶାନ୍ତୁ। ଏହା ହଜମ କରିବାରେ ସାହାଯ୍ୟ କରେ ଏବଂ ଗ୍ୟାସକୁ ରୋକିଥାଏ। ଭାରି ଲାଗିବା ଏବଂ ଗ୍ୟାସକୁ ରୋକିବା ପାଇଁ ଖାଇବା ପରେ ୫-୧୦ ମିନିଟ୍ ଚାଲିବା ଉଚିତ୍। ଶରୀରକୁ ଭାତ ହଜମ କରିବା ପାଇଁ ସମୟ ଦେବା ଲାଗି ଶୋଇବା ପୂର୍ବରୁ ଅତି କମ୍‌ରେ ଦୁଇ ଘଣ୍ଟା ଖାଇବା ଆବଶ୍ୟକ।



# କଖାରୁ ମଞ୍ଜି ସ୍ୱାସ୍ଥ୍ୟ ପାଇଁ ସୁପରଫୁଡ୍

ଅନେକ ପନିପରିବା ଅଛି କିନ୍ତୁ କଖାରୁ ସେଥି ମଧ୍ୟରୁ ଭିନ୍ନ। ଲୋକେ କଖାରୁ ଖାଇବା ସହିତ ଏହାର ମଞ୍ଜି ଫିଙ୍ଗି ଦେଇଥାନ୍ତି। ଅନେକ ଲୋକ ଜାଣନ୍ତି ନାହିଁ ଯେ କଖାରୁ ମଞ୍ଜି ସ୍ୱାସ୍ଥ୍ୟ ପାଇଁ କିପରି ଲାଭଦାୟକ। କଖାରୁ ମଞ୍ଜି ଖାଇବା ଦ୍ୱାରା ପାଚନ ଶକ୍ତି ବୃଦ୍ଧି ହେବା ସହିତ ଶାରୀରିକ ଦୁର୍ବଳତା ଦୂର ହୋଇଥାଏ। କଖାରୁ ମଞ୍ଜିରେ ପ୍ରଚୁର ପରିମାଣରେ ପ୍ରୋଟିନ୍, ଫାଇବର, ମ୍ୟାଗ୍ନେସିୟମ୍, ଜିଙ୍କ୍, ଆଇରନ୍ ଏବଂ ହେଲ୍‌ଦି ଫ୍ୟାଟ୍ ଥାଏ। ଏହାକୁ ଖାଇବା ଦ୍ୱାରା ଶରୀରକୁ ଆବଶ୍ୟକୀୟ ପୋଷକ ତତ୍ତ୍ୱ ମିଳିଥାଏ।

**କଖାରୁ ମଞ୍ଜି ଖାଇବାର ଲାଭ**

- କଖାରୁ ମଞ୍ଜି ହୃଦୟ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। କଖାରୁ ମଞ୍ଜି ଖାଇବା ଦ୍ୱାରା କୋଲେଷ୍ଟ୍ରଲ୍ ସ୍ତର ନିୟନ୍ତ୍ରଣରେ ରହିଥାଏ।
- କଖାରୁ ମଞ୍ଜି ଖାଇବା ଦ୍ୱାରା ପାଚନ ଶକ୍ତି ବୃଦ୍ଧି ହୁଏ। ଏହା ଶରୀରକୁ ପ୍ରଚୁର ପରିମାଣର ଫାଇବର ମଧ୍ୟ ଯୋଗାଇଥାଏ ଏବଂ ପେଟକୁ ଅଧିକ ସମୟ ପାଇଁ ପୂର୍ଣ୍ଣ ଅନୁଭବ କରାଏ।
- କଖାରୁ ମଞ୍ଜିରେ ଟ୍ରିପ୍ଟୋଫାନ ନାମକ ଏକ ଆମିନୋ ଏସିଡ୍ ଥାଏ, ଯାହା ଭଲ ନିଦ ଆଣିଥାଏ। ଅନିଦ୍ରା ପୀଡିତ ଲୋକମାନେ କଖାରୁ ବିହନ ଖାଇପାରିବେ।
- ଟେଷ୍ଟୋଷ୍ଟେରନ୍ ସ୍ତରକୁ ସନ୍ତୁଳିତ କରେ କଖାରୁ ମଞ୍ଜି
- କଖାରୁ ମଞ୍ଜିରେ ଥିବା ଅଧିକ ପରିମାଣର ଜିଙ୍କ୍ ଟେଷ୍ଟୋଷ୍ଟେରନ୍ ସ୍ତରକୁ ସନ୍ତୁଳିତ କରେ ଏବଂ ପ୍ରୋଷ୍ଟେଟ୍ ସମସ୍ୟା ଦୂର କରେ।
- କଖାରୁ ମଞ୍ଜି ମଧୁମେହ ରୋଗୀଙ୍କ ପାଇଁ ଉପକାରୀ । ଏଥିରେ ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ ଥାଏ। ଯାହା ମଧୁମେହ ରୋଗୀଙ୍କ ଉପକାର କରିଥାଏ।
- ଫାଇବର ଏବଂ ପ୍ରୋଟିନରେ ଭରପୂର କଖାରୁ ମଞ୍ଜି ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ।

**କଖାରୁ ମଞ୍ଜି କିପରି ଖାଇବେ**

- ପ୍ରତିଦିନ ୧ ରୁ ୨ ଚାମଚ କଖାରୁ ମଞ୍ଜି ଖାଇବା ଆବଶ୍ୟକ।
- କଖାରୁ ମଞ୍ଜିକୁ ଭଜା, କଞ୍ଚା, ପାଉଡର କିମ୍ବା ସାଲାଡରେ ମିଶାଇ ଖାଇପାରିବେ।
- ଜଳଖିଆରେ କଖାରୁ ମଞ୍ଜି ସାମିଲ କରିପାରିବେ।
- କଖାରୁ ମଞ୍ଜି ଛୋଟ କିନ୍ତୁ ସ୍ୱାଦରେ ସର୍ବୋତ୍ତମ ବୋଲି ବିବେଚନା କରାଯାଏ।

## ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ୫୯ ଅଭିଯୋଗ ଦରଖାସ୍ତ ଗ୍ରହଣ



**ସୁବର୍ଣ୍ଣପୁର,୩।୧୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସଦର ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୫୯ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୫୧ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୮ ଗୋଟି ସାମୁହିକ ଦରଖାସ୍ତ ଓ ୦୧ ଗୋଟି ଚିକିତ୍ସା ପାଇଁ ଆର୍ଥିକ ସହାୟତା ନିମନ୍ତେ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ, ସୋନପୁର, ସଞ୍ଜୀବ କୁମାର ସାହୁଙ୍କ ତତ୍ୱାବଧାନରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଭାରପ୍ରାପ୍ତ ଉପ- ଜିଲ୍ଲାପାଳ, ସୋନପୁର ତଥା ଡେପୁଟି କଲେକ୍ଟର, ସତ୍ୟ ସୁନ୍ଦର ରାଉତଙ୍କ ସମେତ ତହସିଲଦାର, ସୋନପୁର, ଜି. ରସ୍ମିରେଖା ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦ ଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ।

# ଦୟାନଦୀ ବନ୍ଧ ପୁଣି ୧୫୦ ମିଟରରୁ ଉର୍ଦ୍ଧ୍ୱ ଧସିଲା



**କଣାସ,୩।୧୧(ସଂଚାର ବ୍ୟୁରୋ):** ଦୟାନଦୀର ବାମ ପାର୍ଶ୍ୱ ନଦୀବନ୍ଧ ବସନ୍ତପୁର ନିକଟରେ ୧୫୦ ମିଟରରୁ ଉର୍ଦ୍ଧ୍ୱ ଧସିଯାଇଥିବା ଦେଖିବାକୁ ମିଳିଛି। ଜଳସେଚନ ବିଭାଗ ପକ୍ଷରୁ ଉକ୍ତ ରାସ୍ତାରେ ନଯିବା ପାଇଁ ଏକ ବୋର୍ଡ ମରାଯାଇଥିବା ଲେଖାଯାଇଛି। ଗତ ବର୍ଷ ଉକ୍ତ ସ୍ଥାନରେ ନଦୀବନ୍ଧ ଧସି ଯିବାରୁ ଜଳସେଚନ ବିଭାଗ ଉଚ୍ଚ ଅଧିକାରୀମାନେ ବାରମ୍ବାର ଉକ୍ତ ସ୍ଥାନ ପରିଦର୍ଶନ କରିବା ସହିତ ନଦୀ ଗର୍ଭରେ ପଥର ପ୍ୟାକିଙ୍ଗ କରିଥିଲେ। ନଦୀ ବନ୍ଧର ଅପର ପାର୍ଶ୍ୱରେ ଗାର୍ଡୱାଲ କରିଥିବାବେଳେ ନଦୀ ବନ୍ଧକୁ ମଧ୍ୟ ଚଉଡା କରିବା ସହିତ ରାସ୍ତା ଢଳାଇ କରିଥିଲେ। ସ୍ଥାନୀୟ ଲୋକମାନଙ୍କ ଠାରୁ ପ୍ରକାଶ ନଦୀ ଡ୍ରେଜର ସାହାର୍ଯ୍ୟରେ ନଦୀ ଗର୍ଭ ଖନନ କରାଯାଇଥିବାରୁ ନଦୀ ବନ୍ଧରୁ ମାଟି ନଦୀ ଗର୍ଭକୁ ବାରମ୍ବାର ଧସି ଯାଉଥିବା ବୁଦ୍ଧିଜୀବ ମାନଙ୍କ ଠାରୁ ପ୍ରକାଶ। ବନ୍ଧର ଢଳାଇ ରାସ୍ତାରୁ ପ୍ରାୟ ୫ ଫୁଟ ତଳକୁ ବନ୍ଧ ଧସି ଯାଇଥିବା ଜଣାପଡ଼ିଛି। ଆଜି ଜଳସେଚନ ବିଭାଗର ଉଚ୍ଚ ଅଧିକାରୀମାନେ ଉକ୍ତ ସ୍ଥାନକୁ ଆସି ବାରମ୍ବାର ନଦୀ ବନ୍ଧ ଧସୁ ଥିବା ସମ୍ପର୍କରେ ଅନୁଧ୍ୟାନ କରି ଫେରିଯାଇଛନ୍ତି। ଜଗନ୍ନାଥ ସଡକ ଜଙ୍କିଆଠାରୁ ଗଡ଼ିଶାଗୋଦା ଦେଇ କରମଳା ଏବଂ ବ୍ରହ୍ମଗିରୀକୁ ଯିବା ରାସ୍ତା ହୋଇଥିବାରୁ ଉକ୍ତ ବନ୍ଧରେ କଣାସ ବ୍ଲକର ଗଡ଼ସାହି, ଖଣ୍ଡହତା, ଗଡ଼ିଶାଗୋଦା, ଯାମଳଗୋଦା, ଆଳିବାଡ, ଗୋପୀନାଥପୁର ଏବଂ ବ୍ରହ୍ମଗିରୀ ବ୍ଲକର ତିନି ଚାରୋଟି ପଞ୍ଚାୟତର ଜନସାଧାରଣ ଦୈନନ୍ଦିନ ଉକ୍ତ ରାସ୍ତା ଉପରେ ଯାତାୟତ କରିଥାନ୍ତି। ଏ ସମ୍ପର୍କରେ କଣାସ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି ଉଚ୍ଚ ଅଧିକାରୀମାନେ ବୁଲି ଦେଖି ଯାଇଛନ୍ତି। ନଦୀରୁ ଜଳ କମିବା ପରେ ଯାହା ସ୍ଥାୟୀ ବ୍ୟବସ୍ଥା କରାଯିବ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଜନଶୁଣାଣି



**ବୋରିଗୁମ୍ମା,୩।୧୧(ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକ ସଭାଗୃହ ଠାରେ ଜିଲ୍ଲାପାଳ ଙ୍କ ମିଳିତ ଅଭିଯୋଗ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା।ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୋରାପୁଟ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ଯୋଗ ଦେଇଥିଲେ।ଆଜି ଜିଲ୍ଲାପାଳ ମିଳିତ ଅଭିଯୋଗ ଜନଶୁଣାଣୀ ରେ ମୋଟ ୪୨ ଗୋଟି ଅଭିଯୋଗ ଆସିଥିଲା।ସେଥି ମଧ୍ୟରୁ ୨୭ ଗୋଟି ବ୍ୟକ୍ତିଗତ ହୋଇଥିବା ବେଳେ ୧୫ ଗୋଟି ସାମୁହିକ ଅଭିଯୋଗ ରହିଥିଲା।ମୁରାମ ଡେମ ରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ମାନେ ସାତ ମାସର ଦରମା ପାଇ ନ ଥିବା ନେଇ ଜିଲ୍ଲାପାଳ ନିକଟରେ ଅଭିଯୋଗ କରିଥିଲେ। ବୋରିଗୁମ୍ମା ବସଷ୍ଟାଣ୍ଡ ରେ ଶୌଚାଳୟ ନାହିଁ।ଯାହାଫଳରେ ବସ ର ଯାତ୍ରୀ ମାନେ ନାହିଁ ନ ଥିବା ହଇରାଣ ହେଉଥିବା ଦେଖାଦେଇଛି। ଏଣୁ ବୋରିଗୁମ୍ମା ଛକ ନିକଟରେ ଏକ ଶୌଚାଳୟ ନିର୍ମାଣ ପାଇଁ ବୋରିଗୁମ୍ମା ଯୁବଗୋଷ୍ଠୀ ଜିଲ୍ଲାପାଳ ଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ମହାଜନ ଅଭିଯୋଗ ଶୁଣାଣୀ ପରେ ଦୁଇ ଦିବ୍ୟାଙ୍ଗ ଙ୍କୁ ହ୍ୱିଲ ଚେୟାର ପ୍ରଦାନ କରିବା ସହ ୨୯ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ଏକ କୋଟି ୫୯ ଲକ୍ଷ ଟଙ୍କା ଋଣ ଆକାରରେ ପ୍ରଦାନ କରିଥିଲେ।

## ଭାଙ୍ଗିଗଲାଣି ଯାତ୍ରୀ ପ୍ରତୀକ୍ଷାଳୟ

# ମରାମତି ଦିଗରେ ନଜର ଦେଉନି ପ୍ରଶାସନ



**କୋରାପୁଟ,୩।୧୧(ସଂଚାର ବ୍ୟୁରୋ):** ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧା ପାଇଁ ରହିଛି ପ୍ରତୀକ୍ଷାଳୟ। କୋରାପୁଟ ଜିଲ୍ଲାରେ ଜାତୀୟ ରାଜପଥ କଡ଼ରେ ଥିବା ପ୍ରତିକ୍ଷାଳୟ ଯାତ୍ରୀଙ୍କୁ ସୁବିଧା ଯୋଗାଇବ କଣ ନିଜ ସୁରକ୍ଷା ଖୋଜୁଛି। ବର୍ଷା, ପବନରେ ଭାଙ୍ଗିରୁଜା ଯାଇଛି ମିଶିଙ୍ଗିଗୁଡ଼ା ପ୍ରତିକ୍ଷାଳୟ । ପାଞ୍ଚ ମାସରୁ ଅଧିକ ସମୟ ହେଲାଣି ଏହାର ମରାମତି ଦିଗରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି । ସେହିପରି ଜାତୀୟ ରାଜପଥ ଉପରେ ଥିବା ଅନ୍ୟ ୩ଟି ପ୍ରତୀକ୍ଷାଳୟ ବରଗୁଡ଼ା, ଡୁମୁରିପୁଟ ଓ ମୋହନପଡ଼ାର ଅବସ୍ଥା ଅତି କଦର୍ଯ୍ୟ । କେଉଁଠି ଚେୟାର ଭାଙ୍ଗି ଗଲାଣି, ଆଉ କେଉଁଠି ପାନ ଗୁଟଖା ଛେପରେ ବସିବା ସମ୍ଭବପର ହେଉନି । ଫଳରେ ଯାତ୍ରୀ ଓ ପଥଚାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେପଟେ ଜିଲ୍ଲା ଉନ୍ନୟନ ଅଧିକାରୀ ବେଣୁଧର ଶବର କହିଛନ୍ତି, ରକ୍ଷଣାବେକ୍ଷଣ ପାଇଁ ଟଙ୍କା ନଥିଲା । ତୁରନ୍ତ ବିଶ୍ରାମଗାର ସଜାଡିବା ସହ ଅନ୍ୟ ଗୁଡିକ ସଫା ସୁତୁରା କରାଯିବ । ପ୍ରତିଦିନ ଏହି ରାସ୍ତା ଦେଇ ବହୁ ପ୍ରାଶାସନିକ ଅଧିକାରୀ ଯାଆଆସ କରୁଥିଲେ ମଧ୍ୟ କାହାରି ନଜରରେ ପଡୁନଥିବା ପରିତାପର ବିଷୟ ପାଲଟିଛି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

**କଣାସ,୩।୧୧(ସଂଚାର ବ୍ୟୁରୋ):** ଆଜି କଣାସ ବ୍ଲକ ଚୁପୁରିଙ୍ଗି ଗ୍ରାମପଞ୍ଚାୟତର ସୁପୁରିଙ୍ଗି ଗ୍ରାମରେ ପ୍ରତିଷ୍ଠିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ରାଜେନ୍ଦ୍ର କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଜ୍ଞାନ ମେଳା ସଭାରେ ମୁଖ୍ୟ ଅତିଥି ଭାବେ କଣାସ ବ୍ଲକ ଉପଶିକ୍ଷାଧିକାରୀ ଗୋବର୍ଦ୍ଧନ ବେହେରା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଓଷ୍ଟାର ସମ୍ପାଦକ ପିତବାସ ପ୍ରଧାନ ଯୋଗଦେଇ ଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରିୟରଞ୍ଜନ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ବିଦ୍ୟାମନ୍ଦିର ମାନଙ୍କରେ ଶିକ୍ଷା ଦାନ କରୁଥିବା ଗୁରୁଜି, ଗୁରୁମା ମାନେ ସ୍ୱଳ୍ପ ଦରମା ପାଉଥିଲେ ମଧ୍ୟ କୋମଳମତି ଶିଶୁମାନଙ୍କର ମନତତ୍ୱକୁ ଉପଲବ୍ଧ କରି ଶିକ୍ଷାଦାନ କରୁଥିବାରୁ ସରକାରୀ ବିଦ୍ୟାଳୟ ଅପେକ୍ଷା ଶିକ୍ଷା ମନ୍ଦିରମାନଙ୍କରେ ଛାତ୍ରଛାତ୍ରୀମାନେ ଅଧିକ କୃତିତ୍ୱହାସଲ କରୁଛନ୍ତି।

# ପ୍ରତିଭା ଅନ୍ୱେଷଣରେ ଅଙ୍କିତାଙ୍କ ରାଜ୍ୟସ୍ତରୀୟ ସଫଳତା



**ଧାମନଗର,୩।୧୧ (ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ଝିଅ ଅଙ୍କିତା ସେଠୀ ଧାମନଗର ମାଟିର ଗୌରବ ଆଣିଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ ରାଜ୍ୟସ୍ତରୀୟ ପ୍ରତିଭା ଅନେଶ୍ୱଣ କାର୍ଯ୍ୟକ୍ରମରେ ଧାମନଗର ଶିଶୁ ବିକାଶ ପ୍ରକଳ୍ପ ଅଧିନରେ ଥିବା ଗୋବିନ୍ଦପୁର ଝିଅ ଅଙ୍କିତା ସେଠୀଙ୍କ ଦ୍ୱିତୀୟ ସ୍ଥାନ ଅଧିକାର ଭଦ୍ରକ ଜିଲ୍ଲା ସହ ଧାମନଗର ମାଟିର ନାମ ଉଜ୍ଜ୍ୱଳ କରିଛନ୍ତି। ସେ ପ୍ରଥମେ ଧାମନଗର ଶିଶୁ ବିକାଶ ପ୍ରକଳ୍ପ ଅଧିନରେ ପରେ ଭଦ୍ରକ ଜିଲ୍ଲାସ୍ତରରେ ପ୍ରଥମ ହୋଇଥିଲେ। ଗତ ଗୁରୁବାର ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଙ୍ଗୀତରେ ଅଂଶ ଗ୍ରହଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅଙ୍କିତାଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ପ୍ରତିଯୋଗିତାରେ ୧୦ରୁ ୧୯ ବର୍ଷ ବୟସର କିଶୋର କିଶୋରୀ-କିଶୋର ସମାବେଶରେ ଯୋଗ ଦେଇ ନୃତ୍ୟ, ସଙ୍ଗୀତ, ରଚନା ଲେଖନ, ଚିତ୍ରାଙ୍କନ ଓ ଅଭିନୟ ଭଳି ବିଭିନ୍ନ ବିଭାଗରେ ଭାଗ ନେଇ ନିଜ ପାଖରେ ଲୁଚିଥିବା ପ୍ରତିଭାକୁ ପ୍ରଦର୍ଶନ କରିଥିଲେ।

## ଶୈବପୀଠରେ ପ୍ରବଳ ଭିଡ଼

**ଜି.ଉଦୟଗିରି,୩।୧୧(ସଂଚାର ବ୍ୟୁରୋ):** ପବିତ୍ର କାର୍ତ୍ତିକ ପଞ୍ଚୁକ ବ୍ରତ ପାଳନ ଚାଲିଥିବା ବେଳେ ଶେଷ ସୋମବାର ସ୍ଥାନୀୟ ଶୈବ ପୀଠ ଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ପଞ୍ଚୁକ ବ୍ରତ ପାଳନ କରୁଥିବା ଶ୍ରଦ୍ଧାଳୁମାନେ ପ୍ରତିଦିନ ଭୋର ସକାଳୁ ଯାଇ ଶୈବ ପୀଠରେ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି। କାର୍ତ୍ତିକ ମାସର ସୋମବାର ଦିନଟି ଶ୍ରଦ୍ଧାଳୁଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ରହିଛି। ଆଜି ସ୍ଥାନୀୟ ଧବଳେଶର ମନ୍ଦିର ପ୍ରାଙ୍ଗଣରେ ଶତାଧିକ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି ଲାଗିଥିଲା। ଭୋର୍ ସକାଳୁ ଠାକୁରଙ୍କ ସମସ୍ତ ନୀତିକାନ୍ତି ସରିବା ପରେ ମନ୍ଦିର ଦ୍ୱାର ଠାରୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ଦେଖିବା ସହ ଶ୍ରଦ୍ଧାଳୁଙ୍କ ନିମନ୍ତେ ପୂଜା କରାଯାଉଥିବା ବେଳେ ଆସନ୍ତା ବୁଧବାର ଦିନ ପୂର୍ଣ୍ଣମୀ ତିଥିରେ କାର୍ତ୍ତିକ ବ୍ରତ ସରିବା ନେଇ କହିଛନ୍ତି ମନ୍ଦିର ପୂଜକ ସନ୍ତୋଷ କୁମାର ମୁନି ।

# କମାଲ କରୁଛି ଟ୍ରାକିଂ କ୍ୟାମେରା: ଯିଏ ପଶୁଛି ସେ ଫସୁଛି



**ନୀଳଗିରି,୩।୧୧(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ କୁଳଡିହା ଅଭୟାରଣ୍ୟରୁ ପୁଣି ଶିକାରୀଙ୍କୁ ଧରାଇ ଦେଲା ଟ୍ରାପ କ୍ୟାମେରା। ଅହିରାଜବାଙ୍କ, ପୁରୁଣାପାଣି ବିଟ୍ ଅଞ୍ଚଳରେ ବନବିଭାଗ ଦ୍ୱାରା ଖଞ୍ଜା ଯାଇଥିବା ଗୋଟିଏ ଟ୍ରାପ କ୍ୟାମେରା ରେ କଏଦ ହୋଇଥିବା ଚିତ୍ର ଅନୁଯାୟୀ ଗତ ଅକ୍ଟୋବର ୩୧ ତାରିଖ ଅପରାହ୍ନ ୩.୨୬ରେ ମୟୂରଭଞ୍ଜର ଜିଲା କପ୍ତିପଦା ଥାନା ଅଧିନସ୍ଥ ମାଙ୍କଡପଡା ପଦାଘାଟ ଚେମଚଟା ଲଧାସାହି ର ଅଭିଯୁକ୍ତ ରାବଣ କଟୁଆଳ (ବୟସ ୧୯), ମହାଦେବ କଟୁଆଳ (ବୟସ ୨୦), ଶଙ୍କର ନାୟକ (ବୟସ ୧୯) ପକୋ କାଟୁଆଳ (ବୟସ ୨୦) କୁଳଡିହା ରେଞ୍ଜ ରେ ପଶୁ ଶିକାର ଉଦ୍ଦେଶ୍ୟରେ ପଶିଥିଲେ। କାଳେ ଟ୍ରାକିଂ କ୍ୟାମେରାରେ ଶିକାରୀଙ୍କ ଫଟୋ ରହିଯିବ, କାଳେ ଧରାପଡ଼ିଯିବେ ଭାବି ଚାରୋଟି ଟ୍ରାକିଂ କ୍ୟାମେରାକୁ ଭାଙ୍ଗି ନେଇ ଆସିଥିଲେ। ସେଥିରୁ ଦୁଇଟିକୁ ପୋଖରୀକୁ ଫିଙ୍ଗି ଦେଇଥିବାବେଳେ ଦୁଇଟି ଭଗ୍ନ କ୍ୟାମେରା କୁ ମାଟିତଳେ ପୋତି ଲୁଚାଇ ରଖିଥିଲେ। ବନବିଭାଗର ରୁଟିନ ଚେକ ସମୟରେ ଘଟଣା ଜଣାପଡ଼ିବା ପରେ ସେମାନଙ୍କ ସନ୍ଧାନରେ ଲାଗିଥିଲା। ସୋମବାର ଭୋର ୫ଟା ସମୟରେ କୁଲଡ଼ିହା ବନବିଭାଗ ଓ ବରହମପୁର ପୋଲିସ ସହଯୋଗରେ ଏହି ଚାରିଜଣ ଶିକାରୀଙ୍କୁ ତାଙ୍କ ଘରୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଗୁଳି ଭର୍ତ୍ତି ୩ ଦେଶୀ ବନ୍ଧୁକ ସମେତ ଦୁଇଟି ଭଗ୍ନ ଏ.ଆଇ କ୍ୟାମେରା କୁ ଜବତ କରି ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁଯାୟୀ କୋର୍ଟ ଚାଲାଣ କରିଛି। ଏନେଇ ଉପଧାରା (୪୯) ବି ଅନୁଯାୟୀ କୁଲଡିହା ବନ୍ୟପ୍ରାଣୀ ରେଞ୍ଜ ଓ.ଆର. ମାମଲା ନଂ. ୧୧କେ ୨୦୨୫-୨୬ ର ଅଧିକ ତଦନ୍ତ ଚାଲିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ ପାଇଛି।

# ରାସ୍ତା ଦୁର୍ଘଟଣାରେ ସ୍ୱାମୀ, ସ୍ତ୍ରୀ ଓ ଝିଅ ଗୁରୁତର

**ବାରିପଦା,୩।୧୧ (ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁର- ଯଶିପୁର ଜାତୀୟ ରାଜପଥ ୨୨୦ ନମ୍ବର ରାସ୍ତା ଭାଲୁବସା- ନାଉଯୋଡା ମଝିରେ ବିଶୋଇ ବ୍ଲକ ର ବରିଷ୍ଠ ସାମ୍ବାଦିକ ଅନୱାର ହୁସେନ(୫୮) ବାଇକରେ ତାଙ୍କ ପତ୍ନୀ ପ୍ରିୟା ବିବି(୪୫)ଓ ଝିଅ ସାଫିନା ପରବିନ୍ ସହିତ ହାଟବାଦଡାରୁ ବିଶୋଇ ଫେରୁଥିବାବେଳେ ହଠାତ୍ ଏକ ବାଛୁରୀ ଦୃତ ଗତିରେ ରାସ୍ତା ପାରୋଉଥିବାବେଳେ ଦୁର୍ଘଟଣା ଗ୍ରସ୍ତ ହୋଇ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ହସ୍ପିଟାଲକୁ ଅଣା ଯାଇଥିଲା। ସେଠାରେ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ଖବର ପାଇ ସମ୍ବିଦିକମାନେ ତାଙ୍କୁ ସାକ୍ଷାତ କରିବା ସହ ପରିବାରବର୍ଗ ଙ୍କ ଶିଘ୍ର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଜିଲ୍ଲା କନିଷ୍ଠ ବାଳିକା ସିପକଟାକ୍ରୋ ଦଳ ଉପବିଜେତା



**ସୁନ୍ଦରଗଡ଼,୩।୧୧(ସଂଚାର ବ୍ୟୁରୋ):** ନଭେମ୍ବର ୧ ଓ ୨ ତାରିଖ ଦୁଇ ଦିନ ୨୪ ତମ ଆନ୍ତଃ ଜିଲ୍ଲା କନିଷ୍ଠ ସିପକଟାକ୍ରୋ ପ୍ରତିଯୋଗିତା ହୋଇ ଯାଇଛି। ଯୋଗୀମାଲ ନିକଟସ୍ଥ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଦୁଇ ଦିନ ଧରି ଆଡ଼ମ୍ବର ସହକାରେ ପ୍ରତିଯୋଗିତା ସଫଳ ହୋଇଥିଲା। ରାଜ୍ୟର ବିଭିନ୍ନ ୨୦ ଟି ଜିଲ୍ଲାରୁ ବାଳକ ଓ ବାଳିକା ଖେଳାଳି ଅଂଶ ଗ୍ରହଣ କରି ନିଜ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ଫାଇନାଲ ମ୍ୟାଚ ବାଳିକା ବିଭାଗରେ କିଟ୍ ଚାମ୍ପିଅନ ହୋଇଥିବା ବେଳେ ସୁନ୍ଦରଗଡ଼ ଉପ ବିଜେତା ହୋଇ ଥିଲେ। ବାଳକ ବିଭାଗରେ କିସ୍ ଏବଂ କିଟ ଚାମ୍ପିଅନ ଓ ଉପ ବିଜେତା ହୋଇ ଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ମ୍ୟୁନିସିପାଲଟି ଚେୟାରମେନ ଶ୍ରୀମତୀ ତନୟା ମିଶ୍ର ଯୋଗଦାନ କରି ଆୟୋଜକ ଅନୁଷ୍ଠାନର ଭୂୟସୀ ପ୍ରଶଂସା କରିଥିଲେ। ସିପକଟାକ୍ରୋ ଖେଳ ପାଇଁ ଯାହା ସବୁ ଦରକାର ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭସ୍ମା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡ଼ା, ହକି ସଂଘ ସଭାପତି ରାମେଶ୍ୱର ଟପ୍ପୋ ଉପସ୍ଥିତ ଥିଲେ।

## ରକ୍ତଚାପ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

**ଗଞ୍ଜାମ, ୩।୧୧ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ରକ୍ତଚାପ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆରୋଗ୍ୟ ଭାରତୀ ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି ରକ୍ତଚାପ ରୋଗର କାରଣ ନିରାକରଣ ସମ୍ବନ୍ଧରେ ବୁଝାଇଥିଲେ। ଆମିଷ, ପନିର, ଅଶୁଦ୍ଧ କ୍ଷୀର, ଘିଅ, ପୋଡ଼ାତେଲ ଛଣାଖାଦ୍ୟ, ଧୂମପାନ, ମଦ୍ୟପାନ, ମେଦବୃଦ୍ଧି, ଚିନ୍ତା, କ୍ରୋଧ ଦ୍ୱାରା ରକ୍ତଚାପ ହୁଏ। ଏହି ସବୁ ତ୍ୟାଗ କରି ସାତ ଘଣ୍ଟା ଶୋଇବେ, ସକାଳ ସନ୍ଧ୍ୟା ଅଧା ଘଣ୍ଟା ଲେଖାଏଁ ଧ୍ୟାନ କରିବେ, ଉଚ୍ଚ ରକ୍ତଚାପରେ ସର୍ପଗନ୍ଧା ମୂଳ, ଅର୍ଜୁନ ଛାଲି କ୍ୱାଥ, ପଦ୍ମମଞ୍ଜି ସେବନ କଲେ ରକ୍ତଚାପ ସହ ହୃଦ୍ରୋଗ ମଧ୍ୟ ଭଲ ହୋଇଯାଏ। ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତଶର୍କରା, ଗଣ୍ଠିବାତ, ଅମ୍ଳପିତ, ସ୍ତ୍ରୀ ରୋଗ, ଚର୍ମରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ।

## ପ୍ରଧାନଶିକ୍ଷକଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର ଦାବି

# ରାଜରାସ୍ତାରେ ବସିଲେ ଛାତ୍ରଛାତ୍ରୀ



**ନୟାଗଡ଼, ୩।୧୧ (ସଂଚାର ବ୍ୟୁରୋ):** ପ୍ରଧାନ ଶିକ୍ଷକଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବି ନେଇ ରାଜରାସ୍ତାକୁ ଓହ୍ଲାଇଛନ୍ତି ବିଦ୍ୟାଳୟର ଛାତ୍ର ଛାତ୍ରୀ। ଓଡ଼ଗାଁ ମଶାବାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭାବଗ୍ରାହୀ ମହାପାତ୍ରଙ୍କ ନିଲମ୍ବନକୁ ବିରୋଧ କରିବା ସହ ପ୍ରତ୍ୟାହାର ଦାବିରେ ରାଜରାସ୍ତାରେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମିଳିତ ବିକ୍ଷୋଭ। ସୂଚନାନୁସାରେ, ଗତ ଦୀପାବଳୀ ଅବସରରେ ବିଦ୍ୟାଳୟ ଛୁଟି ଥିବା ସମୟରେ ପ୍ରଧାନଶିକ୍ଷକ ସନ୍ଧ୍ୟା ସମୟରେ କିଛି ଛାତ୍ରଛାତ୍ରୀଙ୍କୁ ନେଇ ଦୀପାବଳି ପାଳନ କରିଥିଲେ। ଯାହାର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପରେ ଏହାକୁ ନେଇ ତୁମ୍ବିତୋଫାନ ହେବା ସହ ବିଇଓ ପିଣ୍ଟୁ ପ୍ରଧାନ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ପ୍ରଧାନଶିକ୍ଷକଙ୍କୁ ସସପେଣ୍ଡ କରିଥିଲେ। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପଚାରିବାରେ, ଛାତ୍ର ଛାତ୍ରୀ ମାନେ ଧାରଣା ବସିଛନ୍ତି ମୋ ପାଖରେ ଖବର ନାହିଁ। ବ୍ଲକ୍ ଶିକ୍ଷାଅଧିକାରୀ ଜାଣିଥିବେ କହି କଥାକୁ ଏଡ଼ାଇ ଦେଇଥିଲେ। ତେବେ ଜଣେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପାଖରେ ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ଆସି ରାସ୍ତା କଡ଼ରେ ବସିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପାଖରେ ଖବର ନଥିବା ଏକ ବିଡମ୍ବନାର ବିଷୟ। ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ଆନ୍ଦୋଳନ ପରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଆନ୍ଦୋଳନ ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଏବଂ ନିଲମ୍ବନ ଆଦେଶ ପତ୍ର ୭ଦିନ ଭିତରେ ପ୍ରତ୍ୟାହର କରାଯିବାର ପ୍ରତିଶ୍ରୁତି ମିଳିଥିବା ବିଶେଷ ସୂଚନା ମିଳିଛି।

## କଇଁଛଙ୍କ ଗଣଅଣ୍ଡାଦାନ ଲାଗି ପ୍ରସ୍ତୁତି ଆରମ୍ଭ



**ଗଞ୍ଜାମ,୩।୧୧(ସଂଚାର ବ୍ୟୁରୋ):** ଅଲିଭରିଡ଼ଲେ କଇଁଛଙ୍କ ସୁରକ୍ଷିତ ଗଣ ଅଣ୍ଡାଦାନ ଓ ପରିବେଶ ସୁରକ୍ଷା ନେଇ ଋଷିକୂଲ୍ୟା ମୁହାଣ ସମୁଦ୍ର ବେଳାଭୂମିରେ ଦି ଇକୋ ୱାରିଅର ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମୁଦ୍ରରୁ ଉଚ୍ଚ ଲହଡି ଦ୍ୱାରା ଭାସି ଆସି କୂଳରେ ଲାଗିଥିବା ଛିଣ୍ଡା ଚପଲ, ପଲିଥିନ, ଛିଣ୍ଡା ଜାଲ, ବିଭିନ୍ନ ଖାଦ୍ୟ ଖୋଳ, ଆଇସକ୍ରିମ କାଗଜ ଆଦି ୩ କି.ମି. ପର୍ଯ୍ୟନ୍ତ ସଫେଇ କରିଥିଲେ ସ୍ୱେଚ୍ଛାସେବୀ ସଦସ୍ୟମାନେ । ଗଞ୍ଜାମ ବ୍ଲକ ଅନ୍ତର୍ଗତ ଅଳେଶ୍ୱର ଶୈବପୀଠ ନିକଟସ୍ଥ ବେଳାଭୂମିଠାରୁ ପୋଡମ ପେଟା ଗଙ୍ଗାଦେବୀ ସ୍ଥିତ ସମୁଦ୍ର ବେଲଭୂମି ପର୍ଯ୍ୟନ୍ତ ସଫେଇ କରାଯାଇଥିଲା । ଦି ଇକୋ ୱାରିଆର ପକ୍ଷରୁ ସମସ୍ତ ସଦସ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ। ସମୁଦ୍ର ମଧ୍ୟକୁ ମାଛ ମାରିବାକୁ ଯାଉଥିବା ମତ୍ସ୍ୟଜୀବୀ ଖାଦ୍ୟ ଖାଇ ସାରିବା ପରେ ଖାଦ୍ୟ ଖୋଳ ଏବଂ ପଲିଥିନ ସମୁଦ୍ରରେ ନ ଫୋପାଡିବାକୁ ଇକୋ ୱାରିଆର ସଦସ୍ୟମାନେ ଆହ୍ୱାନ ଦେଇଛନ୍ତି ।

## କାର୍ତ୍ତିକ ଶେଷ ସୋମବାର: ବଟେଶ୍ୱର ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼



**ଗଞ୍ଜାମ,୩।୧୧(ସଂଚାର ବ୍ୟୁରୋ):** ଗଞ୍ଜାମ ବ୍ଲକ ଅଧୀନ କଣ୍ଟିଆ ଗଡ଼ ନିକଟସ୍ଥ ବଟେଶ୍ୱର ମନ୍ଦିରରେ ଶେଷ ସୋମବାରରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ପୂର୍ବରୁ କାର୍ତ୍ତିକ ମାସର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସୋମବାରରେ ବର୍ଷା ପାଇଁ ଦର୍ଶନ ବାଧକ ସାଜିଥିବା ବେଳେ ଆଜି ଶେଷ ସୋମବାରରେ ବଟେଶ୍ୱର ମନ୍ଦିରରେ ୫୦ ହଜାର ଭକ୍ତଙ୍କ ଭିଡ଼ ଜମିଥିଲା। ପ୍ରଥମ ଥର ପାଇଁ ଚଳିତ ବର୍ଷ ୬ ଗ୍ରାମବାସୀଙ୍କ ଦ୍ୱାରା ମନ୍ଦିର ପରିଚାଳନା କମିଟି ଓ ପ୍ରଶାସନର ସହଯୋଗରେ ନୂତନ ରାସ୍ତା ନିର୍ମାଣ କରାଯାଇଥିବାରୁ ଭକ୍ତମାନେ ଯାତାୟାତରେ ବହୁତ ସୁବିଧା ହୋଇଥିଲା । ହେଲେ ଟ୍ରାଫିକ ବ୍ୟବସ୍ଥା ସହ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆବଶ୍ୟକ ସମସ୍ତ ସୁବିଧା ଓ ସହଯୋଗ କରାଯାଇଥିଲା । ସକାଳୁ ସକାଳୁ ଭକ୍ତଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ଏପରୀକି ପୀଠ ନିକଟସ୍ଥ ସମୁଦ୍ର ବେଳାଭୂମିରେ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା।

## ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ

# ମୋଟ ୨୯୩ ଅଭିଯୋଗର ହେଲା ଶୁଣାଣି



**ବାରିପଦା,୩।୧୧(ସଂଚାର ବ୍ୟୋରୋ):** ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ହେମକାନ୍ତ ସୟ ଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଆରମ୍ଭ ହୋଇଯାଇଛି . ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡ ର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୯୩ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା। ଉକ୍ତ ୨୯୩ଗୋଟି ଅଭିଯୋଗ ମଧ୍ୟରୁ ୨୬୧ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ, ୩୨ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ୭ଟି ଆପତ୍ତିର ତତ୍କାଳ ସମାଧାନ ହୋଇଥିଲା।

## ପାଜିଖମନରେ ଜଙ୍ଗଲୀ ହାତୀ ଘର ଭାଙ୍ଗିଦେବା ଘଟଣା

# ତିନି ଭାଇଭଉଣୀଙ୍କୁ ସହାୟତାର ହାତ ବଢ଼ାଇଲେ ଯୁବ ସମାଜସେବୀ



**ଲାଞ୍ଜିଗଡ଼,୩।୧୧(ସଂଚାର ବ୍ୟୋରୋ):** ଗତ ସପ୍ତାହେ ତଳେ ଲାଞ୍ଜିଗଡ଼ ବ୍ଲକ କାନକୁଟୁ ପଞ୍ଚାୟତ ତଥା ବିଶ୍ୱନାଥପୁର ବନାଞ୍ଚଳ ଅନ୍ତର୍ଗତ ପାଜିଖମନ ଗାଁରେ ରହୁଥିବା ତିନି ଅନାଥ ଭାଇଭଉଣୀଙ୍କ ମାଟିଘରକୁ ଭାଙ୍ଗିରୁଜି ଦେବା ସହିତ ନଷ୍ଟବିନଷ୍ଟ କରିଦେଇଥିଲେ ଜଙ୍ଗଲୀ ହାତୀପଲ। ବନବିଭାଗ ଏହି ଘଟଣାର ତଦନ୍ତ କରି ରିପୋର୍ଟ ଦେଇଥିବା ଜଣାପଡିଛି। ତେବେ ଗଣମାଧ୍ୟମ ଜରିଆରେ ଏହି ଖବର ପାଇବା ପରେ ବେଘର ହୋଇ ପଡ଼ିଥିବା ତିନି ଅନାଥ ଭାଇ ଭଉଣୀଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଧର୍ମଗଡ଼ ଅଞ୍ଚଳର ଯୁବ ସାମ୍ବାଦିକ ତଥା ସମାଜସେବୀ ରୁକଚନ ମାଝୀ। ନିଜସ୍ୱ ଉପାର୍ଜନରୁ ଉକ୍ତ ତିନି ଭାଇଭଉଣୀଙ୍କ ରହିବା,ଖାଇବା ଓ କିଛି ଦିନ ଚଳିବା ପାଇଁ ଆର୍ଥିକ ସାହାଯ୍ୟ ପ୍ରଦାନ କରିଛନ୍ତି। ଶ୍ରୀ ମାଝୀଙ୍କ ତରଫରୁ ଲାଞ୍ଜିଗଡ଼ ଯୁବ ସାମ୍ବାଦିକ ମଳୟ ବେନୁଆଁ ଓ ଆଦିବାସୀ ନେତା ମୁଲୁ ମାଝୀ ପାଜିଖମନ ଗାଁକୁ ଯାଇ ସେ ଦେଇଥିବା ଅର୍ଥରାଶି ସମ୍ପୃକ୍ତ ଭାଇଭଉଣୀଙ୍କୁ ହସ୍ତାନ୍ତର କରିଛନ୍ତି। ରୁକଚନନର ଏହି ଉଦ୍ୟମକୁ ଏବେ ସାଧାରଣରେ ବେଶ ପ୍ରଶଂସା କରାଯାଉଛି। ସୂଚନାଯୋଗ୍ୟ ଦେଶ ଓ ରାଜ୍ୟର ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ନେଇ ବିଶେଷ କରି ପରିବେଶ ସୁରକ୍ଷା,ବୃକ୍ଷରୋପଣ ଓ ସାମାଜିକ ସଚେତନତାକୁ ନେଇ ବର୍ଷ ତମାମ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଥିବାବେଳେ ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ ବିଭିନ୍ନ ପ୍ରସଙ୍ଗରେ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ସମାଜସେବାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ରୁକଚନ ଆଜିର ଯୁବପିଢ଼ିଙ୍କ ପାଇଁ ଏକ ଅନନ୍ୟ ଉଦାହରଣ ବୋଲି କୁହାଯାଉଛି।